ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୧୪/୨୦୨୫ (୧୪ ପୃଷ୍ଠା) Bhubaneswar, Tuesday, January 14/2025 Page 14 ₹ 7.00 | SAMBALPUR
www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul
୫୧ଶ ଭାଗ ୫୨ ସଂଖ୍ୟା VOLUME 51 ISSUE 52 ମୂଲ୍ୟ ₹୭/-

# ଓଡ଼ିଶାରେ 'ଆୟୁଷ୍ମାନ' ପାଇଁ ଏମ୍‌ଓୟୁ

ରାଜ୍ୟର ଆର୍ଥିକ ଅନଗ୍ରସର ପରିବାରକୁ ମାଗଣା ଚିକିତ୍ସା ଯୋଗାଇଦେବା ପାଇଁ ୨୦୧୮ ଅଗଷ୍ଟ ୧୫ରେ ଲାଗୁ ହୋଇଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବା 'ବିଏସ୍‌କେୱାଇ' (ନୂଆ ନାଁ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା) ଅତୀତ ହେବାକୁ ଯାଉଛି। ଏହା ପରିବର୍ତ୍ତେ ଆସନ୍ତା ଫେବୃଆରୀରୁ ଓଡ଼ିଶାରେ କାର୍ଯ୍ୟକାରୀ ହେବ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା। ଏଥିପାଇଁ ସୋମବାର ନୂଆଦିଲ୍ଲୀର ବିଜ୍ଞାନ ଭବନରେ କେନ୍ଦ୍ର ସରକାରଙ୍କ ନ୍ୟାଶନାଲ୍ ହେଲ୍‌ଥ ଅଥରିଟି (ଏନ୍‌ଏଚ୍‌ଏ) ସହିତ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏହାଦ୍ୱାରା ରାଜ୍ୟର ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ସହିତ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଯୋଡ଼ି ହୋଇଯାଇଛି। ଏଥିରେ ରାଜ୍ୟର ୧.୦୩ କୋଟି ପରିବାରର ପ୍ରାୟ ସାଢ଼େ ୩ କୋଟି ଲୋକ ଉପକୃତ ହେବେ। ଏହାସହିତ ରାଜ୍ୟର ୭୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ଆୟ ବର୍ଗ(ଗରିବଠୁ ଧନୀ)ର ବରିଷ୍ଠ ନାଗରିକମାନେ ମଧ୍ୟ ଚିକିତ୍ସା ସୁବିଧା ପାଇପାରିବେ। ବର୍ତ୍ତମାନ ରାଜ୍ୟରେ ୨୩,୧୨,୯୭୯ଜଣ ୭୦ ବର୍ଷରୁ ଅଧିକ ବରିଷ୍ଠ ନାଗରିକ ଥିବା ଜଣାପଡ଼ିଛି।




ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଲାଗୁ ନେଇ ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ସୋମବାର କେନ୍ଦ୍ର ସରକାରଙ୍କ ନ୍ୟାଶନାଲ୍ ହେଲଥ ଅଥରିଟି ସହିତ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ଏକ ବୁଝାମଣା ପତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡା ଓ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଛି।

**ଭୁବନେଶ୍ୱର,୧୩।୧(ଅନିଲ ଦାସ)**

ରାଜ୍ୟ ସରକାର ଆସନ୍ତା ଫେବୃଆରୀରୁ ଆୟୁଷ୍ମାନ ଭାରତ ଲାଗୁ କରିବା ସହ ଏପ୍ରିଲରୁ ପୂର୍ଣ୍ଣାଙ୍ଗ ଭାବେ କାର୍ଯ୍ୟକ୍ଷମ କରିବେ ବୋଲି ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଆୟୁଷ୍ମାନ ଭାରତ ଯୋଜନା ଓଡ଼ିଶାର ଲୋକ, ବିଶେଷକରି ଗ୍ରାମାଞ୍ଚଳର ଲୋକଙ୍କ ଚିକିତ୍ସା କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବ। ରାଜ୍ୟର ସ୍ୱାସ୍ଥ୍ୟକ୍ଷେତ୍ରରେ କାୟାକଳ୍ପ ପରିବର୍ତ୍ତନ ପାଇଁ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। ସ୍ୱାସ୍ଥ୍ୟକ୍ଷେତ୍ରରେ ଯେଉଁ ଯୁଗାନ୍ତକାରୀ ପଦକ୍ଷେପ ନିଆଯାଉଛି, ତାହା ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ☞ପୃଷ୍ଠା-୫

### ଆୟୁଷ୍ମାନ ଯୋଜନାର ଫାଇଦା

- ଉପକୃତ ହେବେ ସାଢ଼େ ୩ କୋଟି
- ୭୦ ବର୍ଷରୁ ଊର୍ଦ୍ଧ୍ୱ ଧନୀ, ଗରିବ ପାଇବେ ମାଗଣା ଚିକିତ୍ସା
- ଦେଶର ପ୍ରାୟ ୩୦ ହଜାର ହସ୍ପିଟାଲରେ ମିଳିବ ଚିକିତ୍ସା ସୁବିଧା
- ମିଳିବ ୧,୯୪୯ ପ୍ରକାର ମେଡିକାଲ ସେବା
- ଡିସ୍‌ଚାର୍ଜ ହେବାପରେ ୧୫ ଦିନ ଯାଏ ମିଳିବ ମେଡିସିନ
- ପ୍ରତ୍ୟେକ ପଞ୍ଚାୟତରେ ହେବ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର
- ନିଯୁକ୍ତ ହେବେ ଯୋଗ ଶିକ୍ଷକ, ସ୍ୱାସ୍ଥ୍ୟକର୍ମୀ

ଆପଣଙ୍କ ସ୍ମାର୍ଟ ମୁଭ୍
ଆପଣଙ୍କ ସୁଖମୟ ଭବିଷ୍ୟକୁ ସୁରକ୍ଷିତ କରିପାରେ



ଅନ୍‌ଲାଇନ୍ ରେ ବି ମିଳୁଛି
ଏଲଆଇସି'ର ନିବେଶ ପ୍ଲସ୍
UIN: 512L317V02 | Plan No: 749
ଆଜି ହିଁ ଥରଟିଏ ପେମେଣ୍ଟ କରି ବିନିଯୋଗ କରନ୍ତୁ ଏଲଆଇସି'ର ନିବେଶ ପ୍ଲସ୍ ରେ, ଯାହା ଏକ ୟୁନିଟ ଲିଙ୍କଡ ବୀମା ଯୋଜନା ଅଟେ ।
✔ 4ଟି ଚଏସ୍ ଫଣ୍ଡରେ ବିନିଯୋଜିତ କର୍ପସ୍ ବୃଦ୍ଧିରୁ ଲାଇଫ୍ ରିସ୍କ କଭର୍ ଆଣ୍ଡ ବେନିଫିଟ୍ – ଗ୍ରୋଥ୍ ଫଣ୍ଡ | ବାଲାନ୍ସଡ ଫଣ୍ଡ | ସିକ୍ୟୋରଡ ଫଣ୍ଡ | ବଣ୍ଡ ଫଣ୍ଡ
✔ ବୀମାକୃତ ରାଶି ଓ ଇନ୍‌ଭେଷ୍ଟମେଣ୍ଟ ଫଣ୍ଡ ର ପ୍ରକାର ବାଛିବାରେ ନମନୀୟତା ✔ ଗ୍ୟାରଣ୍ଟିଡ୍ ଆଡିଶନ୍‌ସ ଅଛି
✔ ଡିସ୍‌କଣ୍ଟିନୁଆନ୍‌ସ ଚାର୍ଜେସ୍ ବିନା 5 ବର୍ଷ ପରେ ପଲିସୀ ସରେଣ୍ଡର୍ କରିହେବ
ଏକ ନନ୍-ପାର୍, ଲିଙ୍କଡ, ଲାଇଫ୍, ଇଣ୍ଡିଭିଜୁଆଲ୍ ସେଭିଙ୍ଗ୍‌ସ ପ୍ଲାନ
ଆମର ହ୍ୱାଟ୍‌ସଆପ୍ ନ.: 8976862090 'Hi' କୁହନ୍ତୁ
ବିଶଦ ବିବରଣୀ ପାଇଁ, ଆପଣଙ୍କ ଏଜେଣ୍ଟ/ପାଖ ଏଲଆଇସି ଶାଖାକୁ ସମ୍ପର୍କ କରନ୍ତୁ ବା ନିଜ ସହର ନାମ ଏସ୍‌ଏମ୍‌ଏସ୍ କରନ୍ତୁ 56767474 କୁ
ଡାଉନ୍‌ଲୋଡ୍ କରନ୍ତୁ ଏଲଆଇସି ମୋବାଇଲ ଆପ LIC digital
ଦେଖନ୍ତୁ: licindia.in
କଲ୍ ମେସେଞ୍ଜର ସର୍ଭିସ (022) 6827 6827
ଆମକୁ ଦେଖନ୍ତୁ ଏଠାରେ: LIC India Forever | IRDAI Regn No.: 512
LIC
ଲାଇଫ ଇନ୍‌ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ
LIFE INSURANCE CORPORATION OF INDIA
ପ୍ରତି କ୍ଷଣ ଆପଣଙ୍କ ସାଥିରେ
LIC/P1/2024-25/41/Ori
ନକଲି ଫୋନ କଲ୍ ତଥା ଅବାସ୍ତବ/ପ୍ରତାରଣାପୂର୍ଣ୍ଣ ଅଫର୍ ପ୍ରତି ସାବଧାନ । ଆଇଆରଡିଏଆଇ କିମ୍ବା ଏହାର ଅଧିକାରୀଗଣ ବୀମା ପଲିସୀ ବିକ୍ରି କରିବା, ବୋନସ ଘୋଷଣା କରିବା କିମ୍ବା ପ୍ରିମିଅମ ବିନିଯୋଗ କରିବା, ରାଶି ଫେରସ୍ତ କରିବା ପରି ବୀମା ବ୍ୟବସାୟର କୌଣସି କାର୍ଯ୍ୟକଳାପରେ ଭାଗ ନିଅନ୍ତି ନାହିଁ । ଏଭଳି ଫୋନ କଲ୍ ପାଇବା ପଲିସୀଧାରକ ବା ପ୍ରସ୍ପେକ୍ଟମାନେ ଏକ ପୁଲିସ ଅଭିଯୋଗ କରିବାକୁ ଅନୁରୋଧ । ଆପଦ ତଥ୍ୟାବଳୀ, ସର୍ତ୍ତ ଓ ନିୟମାବଳୀ ସମ୍ପର୍କରେ ଅଧିକ ବିବରଣୀ ପାଇଁ ବିକ୍ରୟ ସମ୍ପନ୍ନ କରିବା ଆଗରୁ ବିକ୍ରୟ ପୁସ୍ତିକା ମନଦେଇ ପଢ଼ିବାକୁ ଅନୁରୋଧ ।
ଲିଙ୍କଡ ଇନ୍‌ସ୍ୟୋରାନ୍‌ସ ଉତ୍ପାଦସବୁ ପାରମ୍ପରିକ ବୀମା ଉତ୍ପାଦଙ୍କ ଅପେକ୍ଷା ଭିନ୍ନ ହୋଇଥାଆନ୍ତି ଏବଂ ଆପଦ ତଥ୍ୟାବଳୀ ଉପରେ ନିର୍ଭର କରନ୍ତି ।
ଲିଙ୍କଡ ଇନ୍‌ସ୍ୟୋରାନ୍‌ସ ପଲିସୀମାନଙ୍କରେ ଭରାଯାଇଥିବା ପ୍ରିମିଅମରେ ପୁଞ୍ଜି ବଜାର ଓ ସର୍ବସାଧାରଣରେ ଉପଲବ୍ଧ ଇଣ୍ଡେକ୍ସ ସମ୍ପୃକ୍ତ ବିନିଯୋଗ ଆପଦ ଥାଏ। ଫଣ୍ଡ ଓ ପୁଞ୍ଜିବଜାର/ସର୍ବସାଧାରଣରେ ଉପଲବ୍ଧ ଇଣ୍ଡେକ୍ସ କୁ ପ୍ରଭାବିତ କରୁଥିବା ତଥ୍ୟାବଳୀଙ୍କ କାର୍ଯ୍ୟକାରିତା ଉପରେ ନିର୍ଭର କରି ୟୁନିଟଙ୍କ ନେ.ପ. ମୂଲ୍ୟ ବଢ଼ିପାରେ ବା କମିପାରେ ଏବଂ ବୀମାକାରୀ ତାଙ୍କ ନିର୍ଣ୍ଣୟ ଲାଗି ଦାୟୀ ।
ଭାରତୀୟ ଜୀବନ ବୀମା ନିଗମ ହେଉଛି ଜୀବନ ବୀମା କମ୍ପାନୀର ନାମ ଏବଂ ନିବେଶ ପ୍ଲସ୍ ହେଉଛି କେବଳ ଲିଙ୍କଡ ଇନ୍‌ସ୍ୟୋରାନ୍‌ସ କଣ୍ଟ୍ରାକ୍ଟ'ର ନାମ ଓ କୌଣସି ରୂପେ କଣ୍ଟ୍ରାକ୍ଟ'ର ଗୁଣ-ମାନ, ଏହାର ଭାବି ସମ୍ଭାବନା କି ଅର୍ଜନ ଦର୍ଶାଉ ନାହିଁ । ସମ୍ପୃକ୍ତ ଆପଦ ଆଉ ପ୍ରଯୁଜ୍ୟ ଚାର୍ଜସବୁ ନିଜ ବୀମା ଏଜେଣ୍ଟ ବା ମଧ୍ୟସ୍ଥିଙ୍କ ଠାରୁ କିମ୍ବା ବୀମା କମ୍ପାନୀ ଜାରି କରିଥିବା ପଲିସୀ ଡକୁମେଣ୍ଟ ରୁ ଜାଣନ୍ତୁ ।
ଏହି କଣ୍ଟ୍ରାକ୍ଟ ଅନ୍ତର୍ଗତ ଅଫର୍ କରାଯାଉଥିବା ବିବିଧ ଫଣ୍ଡ ହେଉଛି ଫଣ୍ଡଗୁଡ଼ିକର ନାମ ଏବଂ କୌଣସି ରୂପେ ଏସବୁ ପ୍ଲାନ'ର ଗୁଣ-ମାନ, ଏଗୁଡ଼ିକର ଭାବି ସମ୍ଭାବନା ଓ ଅର୍ଜନ ଦର୍ଶାଉ ନାହିଁ ।

mi
HAPPY MAKAR SANKRANTI
ନୂତନ ବର୍ଷ ଆରମ୍ଭ କରନ୍ତୁ 2025G ସ୍ମାର୍ଟଫୋନ୍ ସହିତ ।
FIRST TIME IN INDIA
Redmi 14C 5G
Segment's No.1 5G Entertainer*
Segment's* Most Power efficient 4nm Processor
Segment's* Biggest 120Hz Display
Segment's* Most Eye-Safe Display
Starting at ₹9,999




Redmi Buds 6
Available on: mi.com | Xiaomi Retail | Flipkart | amazon.in
*T&C APPLY

## ସଂକ୍ଷେପରେ

### ଆଇଆଇଟି ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

କୋଲ୍‌କାତା, ୧୩।୧

ଆଇଆଇଟି ଖଡ଼ଗପୁରର ଏକ ହଷ୍ଟେଲ ମଧ୍ୟରୁ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗର ତୃତୀୟ ବର୍ଷର ଛାତ୍ର ସାଓନ ମଲ୍ଲିକଙ୍କର ଝୁଲନ୍ତା ମୃତଦେହ ଜବତ ହୋଇଛି। ରବିବାର ସାଓନଙ୍କୁ ଭେଟିବା ପାଇଁ ତାଙ୍କ ଅଭିଭାବକ ହଷ୍ଟେଲକୁ ଆସିଥିଲେ ମଧ୍ୟ ସେ କବାଟ ଖୋଲି ନ ଥିଲେ। ହଷ୍ଟେଲ କର୍ତ୍ତୃପକ୍ଷଙ୍କଠାରୁ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ସାଓନଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ତେବେ ସେ ଆତ୍ମହତ୍ୟା କରିବାର କାରଣ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ।

### ତିରୁପତି ମନ୍ଦିରର ଲଡୁ ବିତରଣ କେନ୍ଦ୍ରରେ ଅଗ୍ନିକାଣ୍ଡ

ତିରୁମାଲା, ୧୩।୧

ଆନ୍ଧ୍ରପ୍ରଦେଶର ତିରୁମାଲା ତିରୁପତି ମନ୍ଦିରରେ ପୁଣି ଏକ ଦୁର୍ଘଟଣା ଘଟିଛି। ମନ୍ଦିରରେ ଥିବା ଲଡୁ ବିତରଣ କେନ୍ଦ୍ରରେ ନିଆଁ ଲାଗିଯାଇଛି। ନିଆଁ ଲାଗିବା ପରେ ଉକ୍ତ କେନ୍ଦ୍ରରେ ଥିବା ଭକ୍ତ ଏବଂ ମନ୍ଦିରର କର୍ମଚାରୀମାନେ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ। ଘଟଣା ସମ୍ପର୍କରେ ସୂଚନା ଦେଇ ତିରୁପତି ଦେବସ୍ଥାନମ ବୋର୍ଡର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ(ଜେଇଓ) କହିଛନ୍ତି, ମନ୍ଦିରରେ ଥିବା ଲଡୁ ବିତରଣ କେନ୍ଦ୍ରର କାଉଣ୍ଟର ନମ୍ବର ୪୭ରେ କମ୍ପ୍ୟୁଟର ସହ ଜଡ଼ିତ ଏକ ୟୁପିଏସ୍ ସିଷ୍ଟମରେ ଶର୍ଟସର୍କିଟ ଘଟି ନିଆଁ ଲାଗିଥିଲା। ସୂଚନା ପାଇ ଅଗ୍ନିଶମ ବାହିନୀ ତୁରନ୍ତ ମନ୍ଦିରରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ପ୍ରୟାସ ଜାରି ରଖିଛନ୍ତି।

### ନାଇଜେରିଆରେ ୪୦ କୃଷକଙ୍କୁ ହତ୍ୟା

ଡାକାର(ସେନେଗଲ୍), ୧୩।୧

ନାଇଜେରିଆର ବର୍ନୋ ପ୍ରଦେଶରେ ଇସ୍‌ଲାମୀୟ ଆତଙ୍କବାଦୀମାନେ ଅନ୍ୟୂନ ୪୦ କୃଷକଙ୍କୁ ହତ୍ୟା କରିଛନ୍ତି। ବୋକୋ ହାରାମ୍ ସଂଗଠନ ଏବଂ ଇସ୍‌ଲାମିକ୍ ଷ୍ଟେଟ୍ ଗ୍ରୁପ୍ ସହ ଜଡିତ ଏକ ଗୋଷ୍ଠୀର ଆତଙ୍କବାଦୀମାନେ ରବିବାର ଏହି ଆକ୍ରମଣ କରିଥିଲେ ବୋଲି ବର୍ନୋ ଗଭର୍ନର କହିଛନ୍ତି। ଲୋକମାନଙ୍କୁ ସୁରକ୍ଷିତ ଜୋନ୍‌ରେ ରହିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ସଶସ୍ତ୍ର ବଳ ଆକ୍ରମଣ ଘଟଣାର ତଦନ୍ତ କରୁଛି।

### ଏଚ୍‌ଏମ୍‌ପିଭି ଆକ୍ରାନ୍ତଙ୍କ ସଂଖ୍ୟା ୧୮ ହେଲା

ଚେନ୍ନାଇ, ୧୩।୧


ପଣ୍ଡିଚେରୀରେ ଆଉ ଜଣେ ଶିଶୁ ହ୍ୟୁମାନ ମେଟାନ୍ୟୁମୋଭାଇରସ(ଏଚ୍‌ଏମ୍‌ପିଭି)ରେ ଆକ୍ରାନ୍ତ ଥିବା ଚିହ୍ନଟ ହୋଇଛନ୍ତି। ପଣ୍ଡିଚେରୀର ଜେଆଇପିଏମ୍‌ଇଆର୍‌ରେ ସେ ଏବେ ଚିକିତ୍ସିତ ହେଉଛନ୍ତି। ଏହି ମାମଲା ସହ ଭାରତରେ ଏଚ୍‌ଏମ୍‌ପିଭି ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୧୮ରେ ପହଞ୍ଚିଛି। ସେଥିମଧ୍ୟରୁ ଗୁଜରାଟରେ ସର୍ବାଧିକ ୫ ମାମଲା ଚିହ୍ନଟ ହୋଇଛି।

# ୟୁକ୍ରେନ୍ ଯୁଦ୍ଧରେ ଭାରତୀୟଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୧୩।୧



ବିନିଲ ଟି.ବି.



ୟୁକ୍ରେନ୍ ବିରୋଧରେ ରୁଷିଆ ପାଖାପାଖି ୩ ବର୍ଷ ହେଲା ଯୁଦ୍ଧ ଚଳାଇଛି। ରୁଷିଆ ସେନାରେ ନିୟୋଜିତ ହୋଇ ଯୁଦ୍ଧ କରୁଥିବା କେତେଜଣ ଭାରତୀୟ ଯୁବକ ଇତିମଧ୍ୟରେ ପ୍ରାଣ ହରାଇଲେଣି। ଭାରତୀୟମାନଙ୍କୁ ଫେରାଇ ଆଣିବା ପାଇଁ ସମ୍ପର୍କୀୟମାନଙ୍କ ଆକୁଳ ନିବେଦନ ସତ୍ତ୍ୱେ ବିଶେଷ ସୁଫଳ ମିଳିନାହିଁ। ଅଧିକ ବେତନ ଓ ଅନ୍ୟାନ୍ୟ ସୁବିଧା ପାଇବା ପ୍ରଲୋଭନରେ ଯାଇଥିବା ଭାରତୀୟମାନଙ୍କୁ ସେଠାରେ ଜବରଦସ୍ତ ସୈନ୍ୟବାହିନୀରେ ଭର୍ତ୍ତି କରାଯାଇ ଯୁଦ୍ଧ କରିବା ପାଇଁ ବାଧ୍ୟ କରାଯାଉଛି। ସେମାନଙ୍କୁ ଫେରାଇଦେବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସେଠାରେ ଏବେ ବି ବହୁ ଭାରତୀୟ ଯୁବକ ୟୁକ୍ରେନ୍ ବିରୋଧରେ ଯୁଦ୍ଧ ଲଢ଼ୁଥିବା ଜଣାପଡ଼ିଛି।

ରୁଷିଆ ସେନାରେ ନିଯୁକ୍ତ ହୋଇ ୟୁକ୍ରେନ୍ ବିରୋଧରେ ଯୁଦ୍ଧ ଲଢ଼ୁଥିବା କେରଳର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତାଙ୍କ ସମ୍ପର୍କୀୟ ଗୁରୁତର ଆହତ ହୋଇଛନ୍ତି। ମୃତକ ବିନିଲ ଟି.ବି. (୨)ଙ୍କ ଘର କେରଳ ଥ୍ରୀଶୂର ଜିଲାର ୱାଡାକ୍କାଞ୍ଚେରୀରେ ହୋଇଥିବାବେଳେ ତାଙ୍କ ସମ୍ପର୍କୀୟ ଜୈନ ଟି.କେ(୨୭) ମଧ୍ୟ ସେହି ଅଞ୍ଚଳର ବାସିନ୍ଦା। ସେମାନଙ୍କୁ

**ସ୍ୱଦେଶ ଫେରିବା ପାଇଁ ବହୁଥର ନିବେଦନ କରି ନିରାଶ ହୋଇଥିଲେ**

ସ୍ୱଦେଶ ଫେରାଇ ଆଣିବା ପାଇଁ ଭାରତ ସରକାରଙ୍କୁ ବହୁବାର ନିବେଦନ କରାଯାଇଥିଲା ବୋଲି ବିନିଲଙ୍କ ସମ୍ପର୍କୀୟ କହିଛନ୍ତି। ଡ୍ରୋନ୍ ଆକ୍ରମଣ ଯୋଗୁ ଉଭୟ ଆହତ ହୋଇଥିବା କିଛିଦିନ ପୂର୍ବରୁ ପରିବାରକୁ ଖବର ମିଳିଥିଲେ ମଧ୍ୟ ସେମାନଙ୍କ ସହ ଯୋଗାଯୋଗ ହୋଇପାରି ନ ଥିଲା। ବିନିଲଙ୍କ ସ୍ତ୍ରୀ ଜୋଇସି ମସ୍କୋସ୍ଥିତ ଭାରତୀୟ ଦୂତାବାସ ସହ ଯୋଗାଯୋଗ କରିବାରୁ ବିନିଲଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା। ଆପ୍ରବାସୀ କେରଳୀମାନଙ୍କ ପାଇଁ କାମ କରୁଥିବା ରାଜ୍ୟ ସରକାରଙ୍କ ସଂସ୍ଥା ନୁର୍କା ରୁଟ୍‌ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଜିଥ କୋଲାସେରି କହିଛନ୍ତି, ଉକ୍ତ ୨ ଯୁବକଙ୍କୁ ଫେରାଇ ଆଣିବା ପାଇଁ ଆମେ ଗତ ୪ ମାସ ହେଲା ଉଦ୍ୟମ କରୁଥିଲୁ। ରୁଷିଆ ସେନାରେ ପ୍ରକୃତରେ କେତେଜଣ କେରଳୀ ରହିଛନ୍ତି, ତାହାର ଠିକ୍ ତଥ୍ୟ ଜଣାନାହିଁ। ସେମାନେ ବିପଦରେ ଥିବା ନେଇ ଫୋନ୍ କରିବା ପରେ ଘଟଣା ଜଣାପଡ଼ିଥିଲା ବୋଲି କୋଲାସେରି କହିଛନ୍ତି। ବିନିଲ ଏବଂ ଜୈନ ଘରକୁ ଫେରିବା ପାଇଁ ଗତ ସେପ୍ଟେମ୍ବରରୁ ମସ୍କୋସ୍ଥିତ ଭାରତୀୟ ଦୂତାବାସକୁ ଅନେକଥର ନିବେଦନ କରି ନିରାଶ ହୋଇଥିଲେ। ସେମାନଙ୍କୁ ଫ୍ରଣ୍ଟଲାଇନରେ ଯୁଦ୍ଧ କରିବାକୁ ବାଧ୍ୟ କରାଯାଉଥିବାରୁ ଜୀବନ ପ୍ରତି ବିପଦ ଆହୁରି ବଢ଼ିପାରେ ବୋଲି ବିନିଲ ଶେଷ ବାର୍ତ୍ତାରେ କହିଥିଲେ।

## ବାଂଲାଦେଶ କୂଟନୀତିଜ୍ଞଙ୍କୁ ଭାରତର ସମନ

**ବଢ଼ୁଛି ସୀମା ବିବାଦ**

ନୂଆଦିଲ୍ଲୀ, ୧୩।୧

ଭାରତ–ବାଂଲାଦେଶ ସୀମାରେ ବିବାଦ ବଢ଼ିବାରେ ଲାଗିଛି। ଏନେଇ ବାଂଲାଦେଶ ବହିର୍ବ୍ୟାପାର ମନ୍ତ୍ରଣାଳୟ ରବିବାର ଭାରତୀୟ ଉଚ୍ଚାୟୁକ୍ତ ପ୍ରଣୟ ବର୍ମାଙ୍କୁ ସମନ ଜାରି କରିଥିଲା। ଏହାର ଦିନକ ପରେ ଭାରତ ସରକାର ବାଂଲାଦେଶ ଉପଉଚ୍ଚାୟୁକ୍ତ ନୁରାଲ ଇସ୍‌ଲାମଙ୍କୁ ସମନ କରିଛନ୍ତି। ମାଲଦାର ବୈଷ୍ଣବନଗର ଅନ୍ତର୍ଗତ ଶୁକଦେବପୁରରେ ସୀମାନ୍ତ ବାଡ଼ ନିର୍ମାଣକୁ ନେଇ ବିବାଦ ଦେଖାଦେଇଛି। ସୁରକ୍ଷା ଉଦ୍ଦେଶ୍ୟରେ ସୀମାରେ ବାଡ଼ କରାଯାଉଥିବା ନେଇ ଉଭୟ ସୀମାନ୍ତ ବଳ ବିଏସ୍‌ଏଫ୍ ଏବଂ ବିଜିବି ମଧ୍ୟରେ ବୁଝାମଣା ରହିଛି। ସେମାନଙ୍କ ମଧ୍ୟରେ ନିୟମିତ ଯୋଗାଯୋଗ ହୋଇଥାଏ ବୋଲି ବାଂଲାଦେଶରେ ଭାରତୀୟ ଉଚ୍ଚାୟୁକ୍ତ ପ୍ରଣୟ ବର୍ମା ଜଣାଇଥିବା ଗଣମାଧ୍ୟମକୁ କହିଛନ୍ତି। ଏହି ବୁଝାମଣା କାର୍ଯ୍ୟକାରୀ ହେବା ସହ ସୀମାପାର ଅପରାଧ ରୋକିବାରେ ସହଯୋଗୀ ଆଭିମୁଖ୍ୟ ରହିବ ବୋଲି ଆଶା କରାଯାଉଥିବା ସେ କହିଥିଲେ। ଅନ୍ୟପକ୍ଷରେ ପୂର୍ବ ସରକାର ସମୟରେ କରାଯାଇଥିବା ଅସମାନ ଚୁକ୍ତିନାମା ଯୋଗୁ ସୀମାନ୍ତ ଉତ୍ତେଜନା ବଢ଼ୁଥିବା ବାଂଲାଦେଶ ଗୃହ ବିଭାଗ ଉପଦେଷ୍ଟା ଜାହାଙ୍ଗୀର ଆଲମ୍ ଚୌଧୁରୀ କହିଛନ୍ତି। ସେହି ଚୁକ୍ତିନାମା ଯୋଗୁ ସୀମାରେ ଅନେକ ଜଟିଳତା ଦେଖାଦେଇଥିବା ସେ କହିଛନ୍ତି। ଅନୁପ୍ରବେଶ ରୋକିବା ପାଇଁ ଗତ ସପ୍ତାହରେ ଶୁକଦେବପୁରରେ ବିଏସ୍‌ଏଫ୍ ପକ୍ଷରୁ ତାରବାଡ଼ କରାଯାଉଥିବାବେଳେ ବାଂଲାଦେଶର ସୀମା ସୁରକ୍ଷା ବାହିନୀ (ବିଜିବି) ଏହାର ବିରୋଧ କରିଥଲା। ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଗତ ମଙ୍ଗଳବାର ବାଡ଼ କାମ ଆରମ୍ଭ ହୋଇଥିଲେ ମଧ୍ୟ ଉଭୟ ପକ୍ଷ ସେନାର ଫ୍ଲାଗ୍ ମିଟିଂ ପରେ ଏହାକୁ ରୋକାଯାଇଥିଲା।

## ଲସ୍‌ଏଞ୍ଜେଲ୍ସ ବନାଗ୍ନି ମୃତ୍ୟୁସଂଖ୍ୟା ୨୪



ଲସ୍‌ଏଞ୍ଜେଲ୍ସ, ୧୩।୧


କାଲିଫର୍ନିଆର ଲସ୍‌ଏଞ୍ଜେଲ୍ସରେ ଲାଗିଥିବା ଜଙ୍ଗଲ ନିଆଁଜନିତ ମୃତ୍ୟୁସଂଖ୍ୟା ୨୪ରେ ପହଞ୍ଚିଛି। ୧୬ ଜଣ ନିଖୋଜ ଥିବାବେଳେ ଜଳିଯାଇଥିବା ଘରଗୁଡ଼ିକରେ ମଧ୍ୟ ମୃତଦେହ ଥାଇପାରେ ବୋଲି ଆଶଙ୍କା କରାଯାଉଛି। ତେଣୁ ମୃତ୍ୟୁସଂଖ୍ୟା ଯଥେଷ୍ଟ ବଢ଼ିପାରେ ବୋଲି କୁହାଯାଉଛି। ଇତିମଧ୍ୟରେ ୧୨,୩୦୦ରୁ ଊର୍ଦ୍ଧ୍ୱ ଘର ଜଳିଯାଇଥିବାବେଳେ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନାନ୍ତର କରାଗଲାଣି। ଏହାକୁ ଆମେରିକା ଇତିହାସରେ ସବୁଠୁ ପ୍ରଳୟଙ୍କରୀ ପ୍ରାକୃତିକ ବିପର୍ଯ୍ୟୟ କୁହାଯାଉଛି। ନିଆଁ ଲିଭାଇବାରେ ସରକାରୀ ବିଭାଗ ବିଫଳ ହୋଇଥିବାବେଳେ ଧନୀ ଲୋକମାନେ ନିଜ ଘରକୁ ରକ୍ଷା କରିବା ପାଇଁ ଘରୋଇ ଅଗ୍ନିଶମ ସେବା ସଂସ୍ଥାକୁ ନିୟୋଜିତ କରିଛନ୍ତି। ଏଥିପାଇଁ ଘଣ୍ଟାକୁ ୨,୦୦୦ ଡଲାର ପୈଠ କରିବାକୁ ପଡୁଛି।

କ୍ରମାଗତ ୭ ଦିନ ହେଲା ଜଙ୍ଗଲ ଜଳିଚାଲିଥିବାବେଳେ ଆଗକୁ ପବନର

**ପବନ ବଢ଼ିବା ପୂର୍ବରୁ ନିଆଁ ଲିଭାଇବାକୁ ଜୋର୍‌ଦାର ଉଦ୍ୟମ**

ବେଗ ଘଣ୍ଟା ପ୍ରତି ୮୦ କିଲୋମିଟର ଏବଂ ସର୍ବାଧିକ ୧୧୩ କିଲୋମିଟରରେ ପହଞ୍ଚିବା ଜାତୀୟ ଜଳବାୟୁ ସେବା ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଫଳରେ ଅଧିକ ଅଞ୍ଚଳକୁ ନିଆଁ ବ୍ୟାପିବା ସମ୍ଭାବନା ରହିଛି। ପବନ ବେଗ ବଢ଼ିବା ପୂର୍ବରୁ ନିଆଁକୁ ଆୟତ୍ତ କରିବା ଲାଗି ଅଗ୍ନିଶମ କର୍ମଚାରୀମାନେ ଜୋର୍‌ଦାର ଉଦ୍ୟମ ଚଳାଇଛନ୍ତି। ନିଆଁ ଲିଭାଇବାକୁ ଅତିରିକ୍ତ ୭୦ଟି ୱାଟର ଟ୍ରକ୍ ପହଞ୍ଚିଥିବା ଲସ୍‌ଏଞ୍ଜେଲ୍ସ ପାଉଣ୍ଟି ଅଗ୍ନିଶମ ମୁଖ୍ୟ ଆନ୍ଥୋନୀ ସି ମାରୋନ୍ କହିଛନ୍ତି। ଲସ୍‌ଏଞ୍ଜେଲ୍ସର ପଶ୍ଚିମ ଭାଗରେ ୨୩,୭୧୩ ଏକର ବନାଗ୍ନିରେ ଜଳିଯାଇଥିବାବେଳେ ସେଥିରୁ ମାତ୍ର ୧୩% ଅଞ୍ଚଳରେ ନିଆଁକୁ ଲିଭାଯାଇପାରିଛି। ସେହିପରି ପୂର୍ବ ଭାଗରେ ୧୪,୧୧୭ ଏକର ଅଞ୍ଚଳ ଜଳୁଥିବା ବେଳେ ଅଗ୍ନିଶମ ବିଭାଗ ୨୭ ଭାଗ ଅଞ୍ଚଳରେ ନିଆଁ ଲିଭାଇଛି।

## ସମୁଦ୍ର ମଝିରୁ ସାଟେଲାଇଟ୍ ଲଞ୍ଚ୍ କଲା ଚାଇନା



ବେଜିଂ, ୧୩।୧

ଚାଇନା ସୋମବାର ପ୍ରଥମଥର ପାଇଁ ସମୁଦ୍ର ମଧ୍ୟରୁ ରକେଟ୍ ଯୋଗେ ସଫଳତାର ସହ କେତେକ ସାଟେଲାଇଟ୍‌କୁ ଉତ୍କ୍ଷେପଣ କରିଛି। ବ୍ୟବସାୟିକ ମହାକାଶ ଗବେଷଣାରେ ଏହା ଏକ ଉଲ୍ଲେଖଯୋଗ୍ୟ ପଦକ୍ଷେପ। ଶାଣ୍ଡୋଙ୍ଗ୍ ପ୍ରଦେଶର ହୈୟାଙ୍ଗ ନିକଟ ସମୁଦ୍ରରୁ ଚାଇନାର ସ୍ମାର୍ଟ ଡ୍ରାଗନ୍–୩ ରକେଟ୍ ୧୦ଟି ସେଣ୍ଟିସ୍ପେସ୍–୦୧ ସାଟେଲାଇଟ୍‌କୁ ଲଞ୍ଚ୍ କରିବା ସହ ନିର୍ଦ୍ଦିଷ୍ଟ କକ୍ଷପଥରେ ଅବସ୍ଥାପିତ କରିଛି। ତାଇୟୁଆନ୍ ସାଟେଲାଇଟ୍ ଲଞ୍ଚ୍ ସେଣ୍ଟର ଏହି ମିଶନର ତଦାରଖ କରୁଥିଲା। ସାଟେଲାଇଟ୍ ଲଞ୍ଚ୍ ପାଇଁ ସୁରକ୍ଷା ଦୃଷ୍ଟିରୁ ଏବଂ କମ୍ ଖର୍ଚ୍ଚ ପାଇଁ ହୈୟାଙ୍ଗ ନିକଟ ସାଗରକୁ ଚୟନ କରାଯାଇଥିଲା। ପୃଥିବୀର ନିମ୍ନ କକ୍ଷପଥକୁ କ୍ଷୁଦ୍ର ଉପଗ୍ରହ ପଠାଇବା ପାଇଁ ଚାହିଦା ବଢ଼ୁଥିବାରୁ ଏହାକୁ ଦୃଷ୍ଟିରେ ରଖି ଚାଇନା ଏକାଡେମୀ ଅଫ୍ ଲଞ୍ଚ୍ ଭେହିକିଲ୍ ଟେକ୍‌ନୋଲୋଜି ପକ୍ଷରୁ ସ୍ମାର୍ଟ ଡ୍ରାଗନ୍–୩ ରକେଟ ନିର୍ମାଣ କରାଯାଇଥିଲା।

## ଜମ୍ମୁ–କଶ୍ମୀରରେ ମୃତ ଆତଙ୍କବାଦୀଙ୍କ ମଧ୍ୟରୁ ୬୦% ପାକିସ୍ତାନୀ

ନୂଆଦିଲ୍ଲୀ, ୧୩।୧




ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ

ଜମ୍ମୁ–କଶ୍ମୀରରେ ସୁରକ୍ଷାବଳ ସହ ଗୁଳି ବିନିମୟରେ ଗତବର୍ଷ ମୃତ୍ୟୁବରଣ କରିଥିବା ଆତଙ୍କବାଦୀଙ୍କ ମଧ୍ୟରୁ ୬୦% ହେଉଛନ୍ତି ପାକିସ୍ତାନୀ। ଭାରତର ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ସୋମବାର ଏହି ସୂଚନା ଦେଇଛନ୍ତି। ସେନା ଦିବସର ଠିକ୍ ପୂର୍ବରୁ ଜେନେରାଲ ଦ୍ୱିବେଦୀ ଏକ ଖବରଦାତା ସମ୍ମିଳନୀ କରି କହିଛନ୍ତି, ଜମ୍ମୁ–କଶ୍ମୀରରେ ହିଂସାକୁ ବଢ଼ାଇବାରେ ପାକିସ୍ତାନର ସକ୍ରିୟ ଭୂମିକା ରହିଛି। ସମ୍ପ୍ରତି ଜମ୍ମୁ–କଶ୍ମୀରରେ ସକ୍ରିୟ ଥିବା ଆତଙ୍କବାଦୀଙ୍କ ମଧ୍ୟରୁ ୮୦% ପାକିସ୍ତାନୀ ବୋଲି ସେ କହିଛନ୍ତି। ସେହିପରି ଗତବର୍ଷ ଜମ୍ମୁ–କଶ୍ମୀରର ସୁରକ୍ଷା ପାଇଁ ୧୫ ହଜାରରୁ ଅଧିକ ସୈନ୍ୟଙ୍କୁ ନିୟୋଜିତ କରାଯାଇଥିଲା, ଯାହାର ମହତ୍ୱପୂର୍ଣ୍ଣ ଯୋଗଦାନ ଅଞ୍ଚଳରେ ଚାଲିଥିବା ଆତଙ୍କବାଦ ବିରୋଧ ଗତିବିଧିରେ ରହିଥିଲା। ଅନ୍ୟପକ୍ଷରେ ଲାଦାଖରେ ଚାଇନା ସହ ଲାଗି ରହିଥିବା ଲାଇନ ଅଫ୍ ଆକ୍ଚୁଆଲ କଣ୍ଟ୍ରୋଲ(ଏଲ୍‌ଏସି) ବିବାଦକୁ ନେଇ ଜେନେରାଲ ଦ୍ୱିବେଦୀ କହିଛନ୍ତି, ଏଲ୍‌ଏସିର ପରିସ୍ଥିତି ସମ୍ବେଦନଶୀଳ ହୋଇଥିବାବେଳେ ବର୍ତ୍ତମାନ ଏହା ସ୍ଥିର ରହିଛି। ଉକ୍ତ ଅଞ୍ଚଳରେ ବିବାଦକୁ ଦୂର କରିବା ପାଇଁ ପ୍ରୟାସ କରାଯାଉଛି।

## ଜେଡ୍ ମୋଡ଼ ଟନେଲର ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

**ଭୂସ୍ଖଳନ, ହିମ ସ୍ଖଳନରୁ ପର୍ଯ୍ୟଟକଙ୍କୁ ଆଶ୍ୱସ୍ତି ମିଳିବ**

ଶ୍ରୀନଗର, ୧୩।୧




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଜମ୍ମୁ–କଶ୍ମୀରର ସୋନମର୍ଗସ୍ଥିତ ଜେଡ୍ ମୋଡ଼ ଟନେଲ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଜମ୍ମୁ–କଶ୍ମୀର ସମେତ ପୂରା ଭାରତ ପାଇଁ ଏହି ଟନେଲକୁ ରଣନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଟନେଲର ଉଦ୍‌ଘାଟନ ସମୟରେ ପ୍ରଧାନମନ୍ତ୍ରୀଙ୍କ ସମେତ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ, ଜମ୍ମୁ–କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା, ଜମ୍ମୁ–କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟନେଲ ମଧ୍ୟ କଶ୍ମୀରର ଗାନ୍ଦରବଲ ଜିଲାର ଗଗନଗୀର ଓ ସୋନମର୍ଗ ମଧ୍ୟରେ ପ୍ରସ୍ତୁତ କରାଯାଇଛି। ସମୁଦ୍ର ପତ୍ତନଠାରୁ ଏହି ଟନେଲ ୮୬୫୦ ଫୁଟ ଉଚ୍ଚତାରେ ରହିଛି। ଏହି ଟନେଲ ମଧ୍ୟରେ ଉଭୟ ଦିଗରେ ଯାନବାହନ ଯାତାୟାତ କରିପାରିବ। ୬.୫ କି.ମି. ଲମ୍ବା ଜେଡ୍ ମୋଡ଼ ଟନେଲ ଦେଇ ପର୍ଯ୍ୟଟକମାନେ ଅତି ସହଜରେ ବର୍ଷତମାମ ଜମ୍ମୁ–କଶ୍ମୀରର ବିଭିନ୍ନ ପର୍ଯ୍ୟଟନ ସ୍ଥଳକୁ ଯାଇପାରିବେ। ଫଳରେ ଭୂସ୍ଖଳନ ଏବଂ ହିମ ସ୍ଖଳନ ସମସ୍ୟାରୁ ପର୍ଯ୍ୟଟକ ଓ ସ୍ଥାନୀୟ ବାସିନ୍ଦାଙ୍କୁ ଆଶ୍ୱସ୍ତି ମିଳିବ। ୨୭୧୭ କୋଟି ଟଙ୍କା ମୂଲ୍ୟରେ ଏହି ଟନେଲର ନିର୍ମାଣ କରାଯାଇଛି। ଏହି ଅବସରରେ ଜମ୍ମୁ–କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ପ୍ରଧାନମନ୍ତ୍ରୀ ମୋଦିଙ୍କୁ ପ୍ରଶଂସା କରିଛନ୍ତି। ଜମ୍ମୁ–କଶ୍ମୀରର ଗତ ବିଧାନସଭା ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ନିର୍ବାଚନ ଆୟୋଗଙ୍କୁ ଶ୍ରେୟ ଦେଇଛନ୍ତି। ଖୁବ୍‌ଶୀଘ୍ର ପ୍ରଧାନମନ୍ତ୍ରୀ ଜମ୍ମୁ–କଶ୍ମୀରକୁ ପୂର୍ଣ୍ଣ ରାଜ୍ୟର ମାନ୍ୟତା ପ୍ରଦାନ କରିବେ ବୋଲି ଓମାର ଆଶା ପ୍ରକଟ କରିଛନ୍ତି।

## ଫୁରସତ୍

### ଲୋକଙ୍କ ଏକାପଣ ଦୂର କରି ବାର୍ଷିକ ୬୯ ଲକ୍ଷ ରୋଜଗାର

ଟୋକିଓ



ଶୋଜି ମୋରିମୋଟୋ

'ଏଲ୍ ଆଣ୍ଡ୍ ଟି' ଚେୟାରମ୍ୟାନ୍ ଏସ୍.ଏନ୍. ସୁବ୍ରମଣ୍ୟନ୍‌ଙ୍କ ସାପ୍ତାହିକ ୯୦ ଘଣ୍ଟା କାମ ମନ୍ତବ୍ୟକୁ ନେଇ ସମ୍ପ୍ରତି ଭାରତରେ ତର୍କ ବିତର୍କ ଲାଗି ରହିଛି। ଏହାରି ମଧ୍ୟରେ ଜାପାନର ଶୋଜି ମୋରିମୋଟୋ(୪୧) ନାମକ ଜଣେ ବ୍ୟକ୍ତି କେବଳ ଲୋକଙ୍କ ସହ କଥା ହୋଇ ବାର୍ଷିକ ୬୯ ଲକ୍ଷ ଟଙ୍କା ରୋଜଗାର କରୁଥିବାର ଘଟଣା ସାମ୍ନାକୁ ଆସିଛି।

ଜାପାନର ଅଧିକାଂଶ ଲୋକ ଏକାପଣର ଶିକାର ହୋଇଥିବାରୁ ଏଠାରେ ଲୋକମାନେ ଭଡ଼ାରେ ନିଜ ପାଇଁ ସାଥୀ ଚୟନ କରି ତାଙ୍କ ସହ ସମୟ ବିତାଇବାକୁ ପସନ୍ଦ କରିଥାନ୍ତି। ଏହିପରି ଏକ ସାଥୀ ଭାବେ ଶୋଜି ଲୋକମାନଙ୍କ ସହ ଭାବ ଆଦାନପ୍ରଦାନ କରି, ସେମାନଙ୍କ ସହ ସମୟ ବିତାଇ ଅର୍ଥ ରୋଜଗାର କରନ୍ତି। ଶୋଜି ପୂର୍ବରୁ ଏକ କମ୍ପାନୀରେ ଚାକିରି କରୁଥିବାବେଳେ ୨୦୧୮ରେ କାର୍ଯ୍ୟରେ ଅବହେଳା କରୁଥିବା ଦର୍ଶାଇ ଉକ୍ତ କମ୍ପାନୀ ପକ୍ଷରୁ ଶୋଜିଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା। ଏହାପରଠାରୁ ଶୋଜି ଏକାପଣର ଶିକାର ଲୋକଙ୍କ ସହ ସମୟ ବିତାଇ ଅର୍ଥ ରୋଜଗାର କରୁଛନ୍ତି।

ଶୋଜି କହିଛନ୍ତି, ତାଙ୍କର ଗୁଣ ଯୋଗୁ ସେ ଖୁବ୍‌ଶୀଘ୍ର ଅପରିଚିତ ବ୍ୟକ୍ତିଙ୍କ ସହ ଭଲଭାବେ ମିଶି ପାରନ୍ତି। ଫଳରେ ଏକାପଣର ଶିକାର ଲୋକମାନେ ତାଙ୍କ ସହ ସମୟ ବିତାଇବାକୁ ପସନ୍ଦ କରନ୍ତି। ତେବେ ଶୋଜି କେବଳ ଲୋକଙ୍କ ସହ ସାକ୍ଷାତ୍ କିମ୍ବା କଥାବାର୍ତ୍ତା କରି ଅର୍ଥ ରୋଜଗାର କରନ୍ତି ନାହିଁ ବରଂ ତାଙ୍କୁ ପ୍ରତିଦିନ ମୋବାଇଲରେ ୧ ହଜାରରୁ ଅଧିକ ଅପରିଚିତ ବ୍ୟକ୍ତିଙ୍କର ଫୋନ୍ କଲ୍ ଆସିଥାଏ। ଫୋନ୍‌ରେ ପ୍ରତି ମିନିଟ୍ ଅନୁଯାୟୀ ସେ ଗ୍ରାହକଙ୍କଠାରୁ ଅର୍ଥ ଗ୍ରହଣ କରିଥାନ୍ତି। ଏହି ବୃତ୍ତିରେ ଲୋକଙ୍କୁ ଭାବନାତ୍ମକ ସମର୍ଥନ ଦେବା ସହ ସେମାନଙ୍କର ଏକାପଣକୁ ଦୂର କରି ସେ ଖୁବ୍ ଖୁସି ଅନୁଭବ କରନ୍ତି ବୋଲି ଶୋଜି କହିଛନ୍ତି। ପ୍ରକାଶ ଯେ, ଜାପାନର ଅନ୍ୟତମ ବଡ଼ ସମସ୍ୟା ଭାବେ ଏକାପଣ ଜଣାଶୁଣା। ଏକାପଣ ଯୋଗୁ ଜାପାନରେ ପ୍ରତି ବର୍ଷ ଅନେକ ଲୋକ ଆତ୍ମହତ୍ୟା କରିଥାନ୍ତି।

### କୁକୁର ଜନ୍ମଦିନରେ ୫ ଲକ୍ଷ ଖର୍ଚ୍ଚ

ଜାମଶେଦପୁର

ସମ୍ପ୍ରତି ସୋସିଆଲ ମିଡିଆରେ ଏପରି ଏକ ଭିଡିଓ ଭାଇରାଲ ହେଉଛି, ଯେଉଁଥିରେ ଜଣେ ମାଲିକାଣୀ ନିଜ ପୋଷା କୁକୁରର ଜନ୍ମଦିନ ପାର୍ଟିରେ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ଝାଡ଼ଖଣ୍ଡର ଜାମଶେଦପୁର ନିବାସୀ ସପନା ରବିବାର ନିଜ ପୋଷା କୁକୁରର ଜନ୍ମଦିନକୁ ବହୁ ଆଡ଼ମ୍ବରରେ ସେଲିବ୍ରେଟ କରିଛନ୍ତି। ଏହି ଅବସରରେ ସେ ନିଜ ପୋଷା କୁକୁର ପାଇଁ କେବଳ ୪୦ ହଜାର ଟଙ୍କା ମୂଲ୍ୟର କେକ୍ କାଟିଥିଲେ। ସେହିପରି ଉକ୍ତ ପାର୍ଟିରେ ସପନା ୩୦୦ ଅତିଥିଙ୍କ ପାଇଁ ବିଳାସପୂର୍ଣ୍ଣ ଭୋଜିର ବ୍ୟବସ୍ଥା ମଧ୍ୟ କରିଥିଲେ। ଏହି ଜନ୍ମଦିନ ଉତ୍ସବ ପାଇଁ ସେ ନିମନ୍ତ୍ରଣ କାର୍ଡ ଛପାଇବା ସହ ଏକ ଡିଜେ ନାଇଟର ଆୟୋଜନ ମଧ୍ୟ କରିଥିଲେ। ପ୍ରତିବର୍ଷ ସେ ନିଜ ପୋଷା କୁକୁରର ଜନ୍ମଦିନ ଏପରି ଧୁମ୍‌ଧାମ୍‌ରେ ପାଳନ କରିଥାନ୍ତି ବୋଲି ସପନା କହିଛନ୍ତି।

### ଏକାଠି କ୍ରିତି, କବୀର

ମୁମ୍ବାଇ



କ୍ରିତି ସାନୋନ୍

ଅଭିନେତ୍ରୀ କ୍ରିତି ସାନୋନ୍ ତାଙ୍କ ପ୍ରେମ ସମ୍ପର୍କକୁ ନେଇ ଗତ କିଛି ଦିନ ହେବ ଚର୍ଚ୍ଚାରେ ରହିଛନ୍ତି। କୋଟିପତି ବ୍ୟବସାୟୀ କବୀର ବାହିଆଙ୍କୁ କ୍ରିତି ଡେଟ୍ କରୁଛନ୍ତି ବୋଲି ସୋସିଆଲ ମିଡିଆରେ ଅନେକ ୟୁଜର୍ସ ଆଲୋଚନା କରୁଛନ୍ତି। ଗତ କିଛି ଦିନ ହେବ କ୍ରିତି ଓ କବୀରଙ୍କୁ ଅନେକଥର ଏକାଠି ଦେଖିବାକୁ ମିଳିଥିଲା। ଉଭୟଙ୍କୁ ବିଭିନ୍ନ ଇଭେଣ୍ଟ ସହ ବିଦେଶରେ ଏକାଠି ଛୁଟି କଟାଉଥିବାର ମଧ୍ୟ ଦେଖିବାକୁ ମିଳିଛି। ତେବେ ବର୍ତ୍ତମାନ ସୁଦ୍ଧା ଦୁହେଁ ସେମାନଙ୍କ ସମ୍ପର୍କକୁ ନେଇ ସର୍ବସାଧାରଣରେ କୌଣସି ଘୋଷଣା କରି ନାହାନ୍ତି।

ସୋମବାର ପୁଣି ଉଭୟଙ୍କର କିଛି ନୂଆ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଉକ୍ତ ଫଟୋଗୁଡ଼ିକରେ କ୍ରିତି ଓ କବୀର ପରସ୍ପରର ଖୁବ୍ ନିକଟତର ଥିବା ଦେଖିବାକୁ ମିଳିଛି। ଗୋଟିଏ ଫଟୋରେ ଉଭୟ ଅନ୍ତରଙ୍ଗତାର ସହ ସେଲ୍‌ଫି ନେଉଛନ୍ତି। ସେହିପରି ଅନ୍ୟ ଏକ ଫଟୋରେ ଉଭୟ ସୁଇମିଂପୁଲ ମଧ୍ୟରେ ପରସ୍ପର ସହ ଉପଭୋଗ କରୁଥିବାର ନଜରକୁ ଆସିଛନ୍ତି। ତେବେ ଉକ୍ତ ଫଟୋଗୁଡ଼ିକୁ କ୍ରିତି ଓ କବୀରଙ୍କ ଆଧିକାରିକ ସୋସିଆଲ ମିଡିଆ ହ୍ୟାଣ୍ଡେଲରୁ ପୋଷ୍ଟ କରାଯାଇ ନାହିଁ। କିଛିଦିନ ତଳେ କ୍ରିତି ଏବଂ କବୀରଙ୍କୁ ଏକାଠି ଏକ ହାଇ ପ୍ରୋଫାଇଲ୍ ଇଭେଣ୍ଟରେ ଦେଖିବାକୁ ମିଳିଥିଲା। ସେମାନଙ୍କ ସହ ଅଭିନେତା ବରୁଣ ଶର୍ମା ମଧ୍ୟ ନଜରକୁ ଆସିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପାକିସ୍ତାନୀ ଗାୟକ ରାହତ ଫତେହ ଅଲି ଖାନ୍ ଗୀତ ଗାଉଥିବାର ନଜରକୁ ଆସିଥିଲେ।

# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୧୪/୨୦୨୫ | Bhubaneswar, Tuesday, January 14/2025 | ପୃଷ୍ଠା-୧




ପୌଷ ପୂର୍ଣ୍ଣିମା ଅବସରରେ ଶ୍ରଦ୍ଧାଳୁମାନେ ସୋମବାର ପ୍ରୟାଗରାଜସ୍ଥିତ ଗଙ୍ଗା, ଯମୁନା ଓ ପୁରାଣବର୍ଣ୍ଣିତ ସରସ୍ୱତୀ ନଦୀର ସଙ୍ଗମସ୍ଥଳରେ ବୁଡ଼ ପକାଉଛନ୍ତି।

# ୧ ଡଲାର=୮୬.୬୨ ଟଙ୍କା

## ଟଙ୍କା ମୂଲ୍ୟରେ ସର୍ବକାଳୀନ ହ୍ରାସ

ମୁମ୍ବାଇ,୧୩।୧(ପି.ଟି.)

ପ୍ରାୟ ୨ ବର୍ଷ ମଧ୍ୟରେ ଗୋଟିଏ ଦିନରେ ଟଙ୍କା ମୂଲ୍ୟରେ ସର୍ବକାଳୀନ ହ୍ରାସ ଘଟିଛି। ସୋମବାର ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୫୮ ପଇସା ହ୍ରାସ ପାଇ ୮୬ ଟଙ୍କା ୬୨ ପଇସାରେ ପହଞ୍ଚିଛି। ଡଲାରର ମୂଲ୍ୟ ବୃଦ୍ଧି ସାଙ୍ଗକୁ ଅଶୋଧିତ ତୈଳ ଦର ବଢ଼ୁଥିବାରୁ ଭାରତୀୟ ମୁଦ୍ରା ନିମ୍ନଗାମୀ ହୋଇଛି। ସୋମବାର ସକାଳେ ଆନ୍ତଃବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୮୬.୧୨ରୁ ଆରମ୍ଭ ହୋଇ ପରେ ୮୬.୧୧ରେ ରହିଥିଲା। କାରବାର ଶେଷ ବେଳକୁ ୫୮ ପଇସା ଖସି ୮୬.୬୨ରେ ପହଞ୍ଚିଥିଲା। ଗୋଟିଏ ଦିନରେ ଟଙ୍କା ମୂଲ୍ୟ ୫୮ ପଇସା କମିବା ପାଖାପାଖି ୨ ବର୍ଷ ମଧ୍ୟରେ ସର୍ବାଧିକ। ୨୦୨୩ ଫେବୃଆରୀ ୬ରେ ଟଙ୍କା ☞ପୃଷ୍ଠା-୫

## ମକର ଶୁଭେଚ୍ଛା

ଗଣପର୍ବ ମକର ସଂକ୍ରାନ୍ତି ଉପଲକ୍ଷେ ପାଠିକାପାଠକ, ବିଜ୍ଞାପନଦାତା, ଏଜେଣ୍ଟ ଓ ବିତରକ ବନ୍ଧୁ ଓ ଶୁଭେଚ୍ଛୁମାନଙ୍କୁ ଧରିତ୍ରୀ ପରିବାର ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ। ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ସଙ୍ଗେସଙ୍ଗେ ସମସ୍ତଙ୍କ ଜୀବନରେ ଭରିଯାଉ ଶାନ୍ତି ଓ ସମୃଦ୍ଧି।

**ଆଜିର ସମ୍ପାଦକୀୟ**

କାନି ବା ହାତ ଧରନି

# ମାସକୁ ମିଳିବ ୨୦ ହଜାର

## ଜରୁରିକାଳୀନ ପରିସ୍ଥିତିରେ ବନ୍ଦୀ ହୋଇଥିବା ସଂଗ୍ରାମୀଙ୍କୁ ଭତ୍ତା

ଭୁବନେଶ୍ୱର,୧୩।୧(ଅନିଲ ଦାସ)

ଦେଶର ଜରୁରିକାଳୀନ ପରିସ୍ଥିତିରେ ମେଣ୍ଟେନାନ୍ସ ଅଫ ଇଣ୍ଟରନାଲ ସିକ୍ୟୁରିଟି ଆକ୍ଟ (ମିସା), ଡିଫେନ୍ସ ଅଫ ଇଣ୍ଡିଆନ (ଡିଆଇଆର) ଏବଂ ଡିଆଇଏସଆଇଆର ଆଇନରେ ବିଭିନ୍ନ ଜେଲରେ ବନ୍ଦୀଥିବା ସଂଗ୍ରାମୀମାନଙ୍କୁ ରାଜ୍ୟ ସରକାର ମାସକୁ ୨୦ ହଜାର ଟଙ୍କାର ପେନ୍‌ସନ ପ୍ରଦାନ କରିବେ।

**ସଂଗ୍ରାମୀଙ୍କ ସମସ୍ତ ମେଡିକାଲ୍ ଖର୍ଚ୍ଚ ବହନ କରିବେ ରାଜ୍ୟ ସରକାର**

ସୋମବାର ଏ ନେଇ ଗୃହ ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ପେନ୍‌ସନ ସହିତ ସମସ୍ତ ସଂଗ୍ରାମୀମାନଙ୍କ ମେଡିକାଲ ଖର୍ଚ୍ଚ ମଧ୍ୟ ରାଜ୍ୟ ସରକାର ବହନ କରିବେ। ୧ ଜାନୁଆରୀ ୨୦୨୫ ସୁଦ୍ଧା ଜୀବିତ ଥିବା ସମସ୍ତ ସଂଗ୍ରାମୀ ଏହି ପେନ୍‌ସନ ଓ ଚିକିତ୍ସା ସୁବିଧା ପାଇବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବରୁ ଏ ବିଷୟରେ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ୨୫ ଜୁନ୍ ୧୯୭୫ରୁ ୨୧ ମାର୍ଚ୍ଚ ୧୯୭୭ ପର୍ଯ୍ୟନ୍ତ ଦେଶର ଜରୁରିକାଳୀନ ପରିସ୍ଥିତି ଜାରି ହୋଇଥିଲା। ଏହାକୁ ବିରୋଧ କରି ଅନେକ ସଂଗ୍ରାମୀ ଦେଶର ବିଭିନ୍ନ ଜେଲରେ ବନ୍ଦୀ ହୋଇଥିଲେ।

# ପ୍ରଥମ ଦିନରେ ବୁଡ଼ ପକାଇଲେ ୧.୬୫ କୋଟି

**ମହାକୁମ୍ଭ**

ମହାକୁମ୍ଭ ନଗର,୧୩।୧(ପି.ଟି.)

ଉତ୍ତର ପ୍ରଦେଶର ଧର୍ମନଗରୀ ପ୍ରୟାଗରାଜରେ ସୋମବାର ମହାକୁମ୍ଭ ଆରମ୍ଭ ହେଉଛି। ପୌଷ ପୂର୍ଣ୍ଣିମା ଅବସରରେ ଗଙ୍ଗା, ଯମୁନା ଓ ପୁରାଣବର୍ଣ୍ଣିତ ସରସ୍ୱତୀ ନଦୀର ସଙ୍ଗମସ୍ଥଳରେ ସୋମବାର ପାଖାପାଖି ୧.୬୫ କୋଟି ସାଧୁସନ୍ଥ ଓ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି। ମହାକୁମ୍ଭ ବେଳେ ସଙ୍ଗମରେ ବୁଡ଼ ପକାଇଲେ ମୋକ୍ଷପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଥିବାରୁ ପ୍ରବଳ ଶୀତ ଓ ଘନ କୁହୁଡ଼ି ସାଙ୍ଗକୁ ବରଫ ଭଳି ଥଣ୍ଡା ପାଣି ସତ୍ତ୍ୱେ ବୁଡ଼ ପକାଇବାକୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଲାଗିରହିଥିଲା।

୪୫ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମକୁ ବିଶ୍ୱର ସର୍ବବୃହତ୍ ମାନବୀୟ ସମାବେଶ ବୋଲି କୁହାଯାଉଛି। ୧୨ ବର୍ଷରେ ଥରେ ପଡୁଥିବା ଆଧ୍ୟାତ୍ମିକତା, ବିଶ୍ୱାସ, ସଂସ୍କୃତି, ଧର୍ମ, ପରମ୍ପରା ଏବଂ ଆଧୁନିକ ପ୍ରଯୁକ୍ତିର ମହାମିଳନ ଏହି ମହାକୁମ୍ଭରେ ଦେଶବିଦେଶରୁ ୪୦ କୋଟିରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଯୋଗଦେବେ ବୋଲି ଆକଳନ କରାଯାଇଛି। ଦୀର୍ଘ ୧୪୪ ବର୍ଷ ପରେ ଦୁର୍ଲଭ ସ୍ୱର୍ଗୀୟ ସଂଯୋଗ ପଡୁଥିବା ସନ୍ଥମାନେ ଦାବି କରୁଥିବାରୁ ଏଥର ମହାକୁମ୍ଭକୁ ସବୁଠୁ ଶୁଭ ବିବେଚନା କରାଯାଉଛି।

ପୌଷ ପୂର୍ଣ୍ଣିମା ଅବସରରେ ସୋମବାର ଭୋରରୁ ସଙ୍ଗମ ସ୍ଥଳ ଲୋକାରଣ୍ୟ ହୋଇଥିଲା। ଶଙ୍ଖନାଦ ଏବଂ ଭଜନ ସାଙ୍ଗକୁ 'ଜୟ ଗଙ୍ଗା ମୈୟା' ସ୍ଲୋଗାନରେ ଗଗନ ପବନ ପ୍ରକମ୍ପିତ ହୋଇଥିଲା। ସାଧୁସନ୍ଥମାନେ ବିଭିନ୍ନ ଗ୍ରୁପ୍‌ରେ ଗଙ୍ଗାକୂଳକୁ ଆସି ବୁଡ଼ ପକାଇଥିଲେ। ବସ୍ ଓ ଟ୍ରେନ୍‌ରେ ଆସିଥିବା ଶ୍ରଦ୍ଧାଳୁ ୧୦ରୁ ୧୨ କିଲୋମିଟର ଚାଲିଚାଲି ଆସି ବୁଡ଼ ପକାଉଥିବା ଦେଖାଯାଇଥିଲା। ସନ୍ଧ୍ୟା ସୁଦ୍ଧା ପ୍ରାୟ ୧.୬୫ କୋଟି ଶ୍ରଦ୍ଧାଳୁ ବୁଡ଼ ପକାଇଥିବା ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ୍ସ'ରେ ଲେଖିଛନ୍ତି, ଭାରତୀୟ ମୂଲ୍ୟବୋଧ ଓ ସଂସ୍କୃତିକୁ ଭଲ ପାଉଥିବା ବହୁ କୋଟି ଲୋକଙ୍କ ପାଇଁ ଏହା ଅତ୍ୟନ୍ତ ସ୍ୱତନ୍ତ୍ର ଦିବସ। ବିଶ୍ୱାସ, ଭକ୍ତି ଓ ସଂସ୍କୃତିର ପବିତ୍ର ପ୍ରଭାବରେ ଅଗଣିତ ଲୋକେ ମହାକୁମ୍ଭରେ ଏକାଠି ହେବେ। ଏହା ଭାରତର କାଳାତୀତ ସାଂସ୍କୃତିକ ଐତିହ୍ୟର ପ୍ରତୀକ ଏବଂ ବିଶ୍ୱାସ ଓ ସଦ୍‌ଭାବନାର ଉତ୍ସବ ବୋଲି ମୋଦି କହିଛନ୍ତି। ହିମାଳୟରୁ ଭସ୍ମ ଆଭୂଷିତ ସାଧୁଙ୍କ ସମେତ ସମଗ୍ର ଦେଶ ଓ ବିଦେଶରୁ ବହୁ ସାଧୁସନ୍ଥ ସଙ୍ଗମରେ ଏକତ୍ରିତ ହୋଇଛନ୍ତି। ବିଭିନ୍ନ ସମ୍ପ୍ରଦାୟର ସନ୍ଥମାନଙ୍କର ୧୩ଟି ଆଖଡ଼ା କୁମ୍ଭ ମେଳାରେ ସାମିଲ ହୋଇଛି।

ମହାକୁମ୍ଭକୁ 'ଡିଜି-କୁମ୍ଭ'ରେ ପରିଣତ କରିବା ପାଇଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ସହାୟତାରେ ଏକ ଆପ୍ ଲଞ୍ଚ କରାଯାଇଛି। ସାଧୁସନ୍ଥ, ପର୍ଯ୍ୟଟକ, ଭକ୍ତଙ୍କୁ ସ୍ୱାଗତ କରିବା ଲାଗି ପ୍ରୟାଗରାଜର ୧୦,୦୦୦ ଏକର ବିସ୍ତୃତ ଅଞ୍ଚଳକୁ ସୁସଜ୍ଜିତ କରାଯାଇଛି। ଆଇନ ଶୃଙ୍ଖଳା ପାଇଁ ୫୫ରୁ ଊର୍ଦ୍ଧ୍ୱ ଥାନା ପ୍ରତିଷ୍ଠା କରାଯାଇ ପ୍ରାୟ ୪୫,୦୦୦ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ରାଜ୍ୟ ସରକାର ଏହି କାର୍ଯ୍ୟକ୍ରମ ପାଇଁ ୬,୪୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। କେନ୍ଦ୍ର ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ଦେଶର ବିଭିନ୍ନ ସହରରୁ ପ୍ରୟାଗରାଜକୁ ବିମାନ ଚଳାଚଳକୁ ତ୍ୱରାନ୍ୱିତ କରିଥିବାବେଳେ ରେଲୱେ ପକ୍ଷରୁ ୧୦,୦୦୦ ନିୟମିତ ଓ ୩,୦୦୦ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳର ବ୍ୟବସ୍ଥା କରାଯାଇଛି।

# ପୋଷାହାତୀ ମହିନ୍ଦ୍ରାର ମୃତ୍ୟୁ



ପୋଷାହାତୀ ମହିନ୍ଦ୍ରା

ବାରିପଦା,୧୩।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ସୁରକ୍ଷାରେ ନିୟୋଜିତ ଥିବା ପୋଷା ଦନ୍ତାହାତୀ ମହିନ୍ଦ୍ରାର ମୃତ୍ୟୁ ଘଟିଛି। ରବିବାର ରାତି ୧୦ଟା୩୦ରେ ତା'ର ମୃତ୍ୟୁ ହୋଇଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ(ଆର୍‌ସିସିଏଫ୍) ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି। ତେବେ ମୃତ୍ୟୁର କାରଣ ଜଣାପଡ଼ି ନ ଥିବା ବେଳେ ଦୁଇ ଦିନ ହେଲା ସେ ଖାଇବା ପିଇବା ଛାଡ଼ି ଦେଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମହିନ୍ଦ୍ରାର ମୃତ୍ୟୁ ହୋଇଥିବାରୁ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ☞ପୃଷ୍ଠା-୫

**ଅଦିନିଆ ବର୍ଷାରେ ଫସଲ କ୍ଷତି**

# ଚାଷୀଙ୍କ ଆକାଉଣ୍ଟକୁ ଗଲା କ୍ଷତିପୂରଣ

ଭୁବନେଶ୍ୱର, ୧୩।୧(ସୁନିତ୍ ମିଶ୍ର)

ଅମଳ ପରବର୍ତ୍ତୀ ଫସଲ କ୍ଷତି ଆକଳନ କାର୍ଯ୍ୟ ଶେଷ ହୋଇଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ସୁଦ୍ଧା ପ୍ରାୟ ୧ ଲକ୍ଷ କ୍ଷତିଗ୍ରସ୍ତ ପ୍ଲଟ ବାବଦକୁ ମୋଟ ୨୧ କୋଟି ୯୬ ଲକ୍ଷ ଟଙ୍କା କ୍ଷତିପୂରଣ ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଦିଆଯାଇଛି। ବୀମା କମ୍ପାନୀଗୁଡ଼ିକଙ୍କ ପକ୍ଷରୁ ଏହି କ୍ଷତିପୂରଣ ପ୍ରଦାନ ପ୍ରକ୍ରିୟା ଜାରି ରହିଛି।

ସୂଚନାଯୋଗ୍ୟ, ଗତ ଡିସେମ୍ବରରେ ୨ ଥର ଅଦିନିଆ ବର୍ଷା ଯୋଗୁ ରାଜ୍ୟରେ ଖରିଫ ଫସଲ ବିଶେଷକରି କଟାଯାଇ ଜମିରେ ଥିବା ଧାନ ଫସଲର ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏଥିଲାଗି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ପଞ୍ଜୀକୃତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ୭୨ ଘଣ୍ଟା ମଧ୍ୟରେ ଫସଲ ବୀମା ପୋର୍ଟାଲରେ କ୍ଷୟକ୍ଷତିର ସୂଚନା ଦେବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଅନୁମତିକ୍ରମେ ନିର୍ଦ୍ଧାରିତ ସମୟ ମଧ୍ୟରେ ସୂଚନା ପ୍ରଦାନ କରି ନ ଥିବା ଚାଷୀଙ୍କୁ ସୂଚନା ପ୍ରଦାନ ନିମନ୍ତେ ପୁନର୍ବାର ଆଉ ୩ ଦିନ ସୁଯୋଗ ଦିଆଯାଇଥିଲା। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମାଭୁକ୍ତ ହୋଇଥିବା ପଞ୍ଜୀକୃତ ☞ପୃଷ୍ଠା-୫

# ଜାପାନରେ ଭୂକମ୍ପ ପରେ ସୁନାମି ସତର୍କତା

ଟୋକିଓ,୧୩।୧

ଜାପାନର ଦକ୍ଷିଣ-ପଶ୍ଚିମ ଭାଗରେ ସୋମବାର ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୬.୯ ଥିବା ପାଣିପାଗ ସଂସ୍ଥା ପକ୍ଷରୁ କୁହାଯିବା ସହ ଉପକୂଳ ଅଞ୍ଚଳରେ ସୁନାମି ସତର୍କ ସୂଚନା ଜାରି ହୋଇଛି। ସ୍ଥାନୀୟ ସମୟ ରାତି ୯ଟା ୧୯ ମିନିଟ୍ ସମୟରେ କ୍ୟୁଶୁ ଦ୍ୱୀପ ଏବଂ କୋଚି ପ୍ରାନ୍ତରେ ଭୂକମ୍ପ ଅନୁଭୂତ ହୋଇଥିବାବେଳେ ଏହାର କେନ୍ଦ୍ରସ୍ଥଳ ମିୟାଜାକି ପ୍ରାନ୍ତରେ ରହିଛି। ଭୂକମ୍ପଜନିତ କ୍ଷୟକ୍ଷତି ସମ୍ପର୍କରେ ଜଣାପଡ଼ି ନାହିଁ। ତେବେ ଏହାର ପ୍ରଭାବରେ ୩୦ ମିନିଟ୍ ମଧ୍ୟରେ ୧ ମିଟର ଉଚ୍ଚର ସୁନାମି ଆସିପାରେ ବୋଲି ଆକଳନ କରାଯାଇଛି।

# ୟୁଜିସି ଏନ୍‌ଇଟି ପରୀକ୍ଷା ସ୍ଥଗିତ

ନୂଆଦିଲ୍ଲୀ,୧୩।୧

ମକର ସଂକ୍ରାନ୍ତି ଏବଂ ପୋଙ୍ଗଲ ପାଇଁ ଆସନ୍ତା ୧୫ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ନ୍ୟାଶନାଲ ଏଲିଜିବିଲିଟି ଟେଷ୍ଟ (ଏନ୍‌ଇଟି)କୁ ସ୍ଥଗିତ ରଖାଯାଇଛି। ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ସୋମବାର ଏହା ଘୋଷଣା କରିଛି। ପରୀକ୍ଷା ତାରିଖ ପରବର୍ତ୍ତୀ ସମୟରେ ଘୋଷଣା କରାଯିବ। ବିଶ୍ୱବିଦ୍ୟାଳୟଗୁଡ଼ିକରେ ଜୁନିୟର ରିସର୍ଚ୍ଚ ଫେଲୋଶିପ୍ ପାଇଁ ଚୟନ ଏବଂ ସହକାରୀ ପ୍ରାଧ୍ୟାପକ ନିଯୁକ୍ତି ପାଇଁ ଯୋଗ୍ୟତା ନିରୂପଣ ନିମନ୍ତେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥାଏ। ପୋଙ୍ଗଲ ସମେତ ବିଭିନ୍ନ ରାଜ୍ୟରେ ଫସଲ ଅମଳକାଳୀନ ଉତ୍ସବ କାରଣରୁ ଏନ୍‌ଇଟି ପରୀକ୍ଷା ସୂଚୀରେ ପରିବର୍ତ୍ତନ କରିବା ପାଇଁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଚିଠି ଲେଖିଥିଲେ।

# ବାଲେଶ୍ୱରରୁ ବ୍ରାଉନସୁଗାର ଆଣି ରାଜଧାନୀରେ ବିକ୍ରି, ୩ ଗିରଫ

ଭୁବନେଶ୍ୱର,୧୩।୧(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ବ୍ରାଉନ୍‌ସୁଗାର ବେପାର କରୁଥିବାବେଳେ ଶହୀଦନଗର ପୋଲିସ ୩ଜଣ ନିଶା ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଭରତପୁର ଥାନା ଅନ୍ତର୍ଗତ ସାମପୁର ଅଞ୍ଚଳର ଜିତୁନ ସେଠୀ ଓ ଦିଲ୍ଲୀପ ସେଠୀ। ଅନ୍ୟଜଣେ ହେଲେ ଖୋର୍ଦ୍ଧା ଟାଉନ ଅଞ୍ଚଳର ସର୍ବେଶ୍ୱର ବେହେରା। ସେମାନଙ୍କଠାରୁ ୨୦ ଗ୍ରାମ୍ ବ୍ରାଉନସୁଗାର, ୩୦ ହଜାର ଟଙ୍କା, ମୋବାଇଲ ଏବଂ ଗୋଟିଏ ବାଇକ୍ ଜବତ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ୍ ନ ମିଳିବାରୁ ସମସ୍ତ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଡିଭାଇଡର ଡେଇଁ ପିକ୍‌ଅପ୍‌କୁ ଧକ୍କାଦେଲା କାର୍

## ୨ ମୃତ, ୫ ଆହତ

ଯାଁଳା,୧୩।୧(ବୁଲା ବାରିକ)



୧୬ ନମ୍ବର ଜାତୀୟ ରାଜପଥର ଯାଁଳା ଫାଣ୍ଡି ସମ୍ମୁଖରେ ସୋମବାର ଅପରାହ୍ନରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ କାର୍ ଡିଭାଇଡରକୁ ଡେଇଁ ପିକ୍‌ଅପ୍ ଭ୍ୟାନ୍‌କୁ ଧକ୍କାଦେବାରୁ ୨ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୫ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଭୁବନେଶ୍ୱର ଲକ୍ଷ୍ମୀସାଗରରେ ରହୁଥିବା ନୟାଗଡ଼ ଜିଲା ଜଗାଙ୍ଗି ସାହିର ହରେନ୍ଦ୍ର ସିଂ (୩୮)। ଅନ୍ୟ ଜଣେ ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ସେ ସ୍ଥାନୀୟ ଅଞ୍ଚଳରେ ଏକ ଘରୋଇ ସଂସ୍ଥାରେ କାମ କରୁଥିବା ଜଣାପଡିଛି। ୫ ଆହତଙ୍କ ମଧ୍ୟରେ ୩ ଜଣ ଅଧ୍ୟାପିକା ରହିଛନ୍ତି।

ସୂଚନା ମୁତାବକ, ଖୋର୍ଦ୍ଧା ହଳଦିଆରୁ ଏକ କାର୍‌ରେ ୩ଜଣ ଅଧ୍ୟାପିକା ଭୁବନେଶ୍ୱର ଅଭିମୁଖେ ଫେରୁଥିଲେ। ଯାଁଳା ଫାଣ୍ଡି ସମ୍ମୁଖ ରାସ୍ତାରେ କୌଣସି କାରଣରୁ କାର୍‌ଟି ଭାରସାମ୍ୟ ହରାଇ ଡିଭାଇଡର ଡେଇଁ ଛିଡ଼ା ହୋଇଥିବା ଜଣେ ବ୍ୟକ୍ତିଙ୍କୁ ଧକ୍କା ଦେଇଥିଲା। ପରେ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଆସୁଥିବା ପିକ୍‌ଅପ୍ ଭ୍ୟାନ୍‌କୁ ଧକ୍କା ଦେଇଥିଲା। ଫଳରେ ଡିଭାଇଡର ଉପରେ ଛିଡ଼ା ହୋଇଥିବା ବ୍ୟକ୍ତି ଏବଂ ଟାଟା ଏସିଇରେ ବସିଥିବା ହରେନ୍ଦ୍ରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। କାର୍‌ରେ ଥିବା ଅଧ୍ୟାପିକାଙ୍କ ସମେତ ୫ଜଣ ଆହତ ହୋଇଥିଲେ। ଦୁର୍ଘଟଣା ଯୋଗୁ ରାଜପଥରେ ପ୍ରାୟ ଘଣ୍ଟାଏ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଇନ୍‌ଫୋସିଟି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ମେଡିକାଲକୁ ପଠାଇଥିଲା। ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ରାସ୍ତାରୁ ହଟାଯିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

# କଳା ଧାନ, କଳା ହଳଦୀ ସହ କଳା ଗହମ

ଫୁଲବାଣୀ,୧୩।୧(ରାକେଶ କୁମାର ରାଉତ)

**କନ୍ଧମାଳ ଜିଲାରେ ଆରମ୍ଭ ହୋଇଛି ଅଣପାରମ୍ପରିକ କୃଷି**

କନ୍ଧମାଳ ଜିଲା ଜୈବିକ ଚାଷ ପାଇଁ ପ୍ରସିଦ୍ଧ। ଏଠାକାର ଜୈବିକ ହଳଦୀ, ଅଦା ସାଙ୍ଗକୁ ପନିପରିବା ନିଜର ଉତ୍କୃଷ୍ଟ ଗୁଣବତ୍ତା ଯୋଗୁ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଜିଲାର ଭୌଗୋଳିକ ସ୍ଥିତି, ମୃତ୍ତିକାର ମାନ ଏବଂ ଜଳସେଚନର ସମସ୍ୟା ଯୋଗୁ ଏଠାରେ ଧାନ ଭଳି ପାରମ୍ପରିକ ଚାଷର ଉପଯୋଗିତା ଖୁବ୍ କମ୍ ରହିଛି। ଫଳରେ ଜିଲାର ଚାଷୀ ସାଧାରଣତଃ ପନିପରିବା ଚାଷ ଉପରେ ଅଧିକ ନିର୍ଭର କରନ୍ତି। ସଂରକ୍ଷଣ ଏବଂ ବଜାରଜନିତ ସମସ୍ୟା ଯୋଗୁ ଚାଷୀ ଏଥିରୁ ଆଶାଜନକ ଲାଭ ପାଇପାରୁନି। ଏସବୁକୁ ଦୃଷ୍ଟିରେ ରଖି ଜିଲାରେ ଏବେ ଅଣପାରମ୍ପରିକ ବିକଳ୍ପ କୃଷି ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଜୈବିକ କୃଷିରେ ଅଗ୍ରଣୀ ସାଜିଥିବା କନ୍ଧମାଳ ଆପେକ୍ସ୍ ସ୍ପାଇସେସ୍ ଆସୋସିଏଶନ ଫର ମାର୍କେଟିଂ('କସମ') ପକ୍ଷରୁ ଅଣପାରମ୍ପରିକ ଚାଷ ପ୍ରତି ଉଦ୍ୟମ ଜାରି ରହିଛି। ଜିଲାପାଳ ଏହାର ଅଧ୍ୟକ୍ଷ ରହିଥିବା ବେଳେ ସଞ୍ଜିତ ପଟ୍ଟନାୟକ ଏହାର ସମ୍ପାଦକ ଅଛନ୍ତି। କସମ ପକ୍ଷରୁ ତିନୋଟି ବିକଳ୍ପ ତଥା ଅର୍ଥକରୀ ଫସଲ ଉତ୍ପାଦନ ପାଇଁ ଚାଷୀଙ୍କୁ ପ୍ରୋତ୍ସାହିତ କରାଯାଉଛି। ଏଥି ମଧ୍ୟରେ ରହିଛି କଳା ଧାନ, କଳା ହଳଦୀ ଓ କଳା ଗହମ।



କଳା ଗହମ



କଳା ଚାଉଳ

କନ୍ଧମାଳ ହଳଦୀର ଚାହିଦା ସବୁବେଳେ ରହିଛି। ଏଠାରେ ଏବେ ହଳଦୀର ଏକ ସ୍ୱତନ୍ତ୍ର ପ୍ରଜାତି କଳା ହଳଦୀ ଉତ୍ପାଦନ ଆରମ୍ଭ ହୋଇଛି। ଏହି ଚାଷ କରି ଚାଷୀ ଲାଭବାନ ହେଉଛନ୍ତି। କସମ ସମ୍ପାଦକ ପଟ୍ଟନାୟକ କହନ୍ତି, ୨୦୦୬ରେ ଏହି କଳା ହଳଦୀର ବିହନ କେରଳରୁ ଆଣି ଚାଷୀଙ୍କୁ ପ୍ରଦାନ ☞ପୃଷ୍ଠା-୫

# ଆଜି କ’ଣ କେଉଁଠି

## ଭୁବନେଶ୍ୱର
- ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ସ୍ୱନକ୍ଷତ୍ର ଦିବସ, ସ୍ଥାନ: କଳିଙ୍ଗ ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ବ୍ୟାସକବି ଫକୀର ମୋହନ ସେନାପତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ମ୍ୟାଲାର୍ପଣ, ସ୍ଥାନ: ଉତ୍କଳ ବିଶ୍ୱବିଦ୍ୟାଳୟ, ସମୟ: ସକାଳ ୮ଟା ୩୦। କବିତା ପାଠୋତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୩ଟା ଓ ସାଧାରଣ ସଭା, ସମୟ: ସନ୍ଧ୍ୟା ୬ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀରେ ମାଲ୍ୟାର୍ପଣ, ସ୍ଥାନ: ବାଣୀବିହାର, ମୁଖ୍ୟ ଫାଟକ ପାଖ, ସମୟ: ସକାଳ ୯ଟା।
- ଆଦିବାସୀ ମେଳା, ସ୍ଥାନ: ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦।
- ମନନ ନାଟ୍ୟ ସଂସ୍ଥାର ପ୍ରତିଷ୍ଠା ଦିବସ ଅବସରରେ ନାଟକ ‘ତମେ ଚାଲିଗଲା ପରେ’, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ଡମଣୀ ପୀଠରେ ମକର ମେଳା, ସ୍ଥାନ: ଟାଙ୍ଗୀ-ଚୌଦ୍ୱାର ବ୍ଲକ ମଙ୍ଗରାଜପୁର ପଞ୍ଚାୟତର ବେରେଣା ଗ୍ରାମ ନିକଟ, ଚୌଦ୍ୱାର ସମୟ: ସକାଳ ୫ଟା।
- ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପନୀ, ସ୍ଥାନ: ଚାରବାଟିଆ ଜଗନ୍ନାଥ ମନ୍ଦିର, ଚୌଦ୍ୱାର ସମୟ: ସକାଳ ୯ଟା।

## ବାଲେଶ୍ୱର
- ବ୍ୟାସକବି ଫକୀରମୋହନଙ୍କ ୧୮୩ତମ ଜୟନ୍ତୀ ସମାରୋହ ଓ ପରିଷଦର ୭୮ତମ ବାର୍ଷିକୋତ୍ସବର ଦ୍ୱିତୀୟ ଉତ୍ସବ ଉପଲକ୍ଷେ ପ୍ରଭାତଫେରି, ସମୟ: ସକାଳ ୭ଟା।
- ଶାନ୍ତିଘାଟରେ ମାଲ୍ୟାର୍ପଣ, ସମୟ: ସକାଳ ୯ଟା।
- ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ମକର ବଣ୍ଟନ, ସମୟ: ପୂର୍ବାହ୍ନ ୧୦ଟା।
- ଜୟନ୍ତୀ ଓ ସମ୍ବର୍ଦ୍ଧନା ପର୍ବ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନାଟକ ‘ଅପୂର୍ବ ମିଳନ’ ପରିବେଷଣ, ସମୟ: ସନ୍ଧ୍ୟା ୬ଟା, ସ୍ଥାନ: ଫକୀରମୋହନ ସାହିତ୍ୟ ପରିଷଦ, ଶାନ୍ତିକାନନ, ମଲ୍ଲିକାଶପୁର, ବାଲେଶ୍ୱର।
- ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ମାଣିଖମ୍ବ ୟୁପି ସ୍କୁଲ, ବାଲେଶ୍ୱର, ସମୟ: ଦିବସ ବ୍ୟାପୀ।
- ମଇତାପୁରରେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମଇତାପୁର ମେଳନ ପଡ଼ିଆ, ସିମୁଳିଆ, ସମୟ: ଦିବସବ୍ୟାପୀ।
- ଓଡ଼ିଶା ରାପିଡ୍ ଏବଂ ବ୍ଲିଜ୍ ଚେସ୍ ପ୍ରତିଯୋଗିତା ୨୦୨୪-୨୫ର ଉଦ୍‌ଯାପନୀ ଦିବସ, ସ୍ଥାନ: ବାଲେଶ୍ୱର ଷ୍ଟେଶନ କ୍ଲବ, ସମୟ: ପୂର୍ବାହ୍ନ ୧୦ଟା।
- ‘କୋଶମ୍ବ -୨୦୨୫’ର ଦ୍ୱିତୀୟ ଉତ୍ସବ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଗୁଣ୍ଠୁଣିଆରେ ମକର ଉତ୍ସବ, ସ୍ଥାନ: ଗୁଣ୍ଠୁଣିଆ, ସିମୁଳିଆ, ସମୟ: ସନ୍ଧ୍ୟା ୬ଟା।
- ମକର ମିଳନ-୨୦୨୫, ସ୍ଥାନ: ସିଂଲା ଉଚ୍ଚ ବିଦ୍ୟାଳୟ, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ଦପାନାୟକାଣୀ ପୀଠରେ ମକର ମେଳା, ସ୍ଥାନ: ଈଶ୍ୱରପୁର, ତିହିଡ଼ି, ସମୟ: ସକାଳ ୬ଟା।
- ମା’ ବଉଳାଶୁଣୀଙ୍କ ପୀଠରେ ମକର ଉତ୍ସବ ଆରମ୍ଭ, ସ୍ଥାନ: ନିଳୋକ, ବନ୍ତ, ସମୟ: ସକାଳ ୭ଟା।
- ବାଲ୍ମିକୀ ମୁନି ମଣ୍ଡପର ପୂଜା ଉତ୍ସବ, ସ୍ଥାନ: ଗୋପାଳପୁର ମୁନିପଡ଼ିଆ, ବାସୁଦେବପୁର, ସମୟ: ସକାଳ ୯ଟା।
- ମକର ମେଳା, ସ୍ଥାନ: କୁଆଁର୍ଦ୍ଧା ଧୂନୀବାଡ଼ି ପୀଠ, ବନ୍ତ, ସମୟ: ସକାଳ ୯ଟା।
- ଗୋପୂଜନ କାର୍ଯ୍ୟକ୍ରମ, ସ୍ଥାନ: ଗୋପାଳଜୀଉ ଗୋଶାଳା, ଭଦ୍ରକ, ସମୟ: ସକାଳ ୯ଟା।
- ସାର୍ବଜନୀନ ଚବିଶ ପ୍ରହର ନାମଯଜ୍ଞ ସମାରୋହ, ସ୍ଥାନ: ଗୁଆଗଡ଼ିଆ, ରାହାସବିହାରୀ ବିଦ୍ୟାମନ୍ଦିର ସାମ୍ନା ପଡ଼ିଆ, ବାସୁଦେବପୁର, ସମୟ: ସକାଳ ୯ଟା।
- ମା’ ଶଙ୍ଖାଶୁଣୀଙ୍କ ୧୦ମ ବାର୍ଷିକୋତ୍ସବ, ସ୍ଥାନ: ଗୁଠପଦା, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱର୍ଗତ ଲକ୍ଷ୍ମୀଧର ପାତ୍ରଙ୍କ ୩୦ତମ ସ୍ମୃତିସଭା, ସ୍ଥାନ: ଷେଣ୍ଡତିରୋର ବାଲିପୁର, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ: ଦୀନଦୟାଲ ଭବନ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ବାରାପୁର ମକର ମହୋତ୍ସବ, ସ୍ଥାନ: ବାରାପୁର ମିନିଷ୍ଟାଡିୟମ୍ ପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- ୧୦୨ ତମ ମକର ମହୋତ୍ସବ-୨୦୨୫, ସ୍ଥାନ: ମନ୍ଦାରୀ ଭଜନାମୁନି ପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- ମା’ ଗଙ୍ଗାମାତାଙ୍କ ପୂଜା ମହୋତ୍ସବ, ସାଧାରଣ ସଭା, ସ୍ଥାନ: ଗଙ୍ଗାମାତା ପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା

## କେନ୍ଦୁଝର
- ଗଡ଼ଚଣ୍ଡୀ ପୀଠରେ ମକରମେଳା ଓ ଯଜ୍ଞ ଉତ୍ସବ, ସ୍ଥାନ: ଗଡ଼ଚଣ୍ଡୀ, ସୁନ୍ଦରପାଳ, ସମୟ: ସକାଳ ୭ଟା।
- ପଡ଼ିଆରୀପଲ୍ଲି ଗୋବର୍ଦ୍ଧନ ପର୍ବତ ସିଦ୍ଧ ଗୁମ୍ଫାରେ ମକର ମେଳା ଓ ରାମ ଚରିତ ମାନସ ପାଠ, ସ୍ଥାନ: ସିଦ୍ଧଗୁମ୍ଫା ମଠ, ପଡ଼ିଆରୀପଲ୍ଲି, ସମୟ: ସକାଳ ୭ ଟା।
- ଚକ୍ରତୀର୍ଥ ମଠ ମକର ସଂକ୍ରାନ୍ତି ଉପଲକ୍ଷେ ଭଜନ କୀର୍ତ୍ତନ, ସ୍ଥାନ: କାଠକଟା, ଛେନାପଦି, ସମୟ: ସକାଳ ୮ଟା ଓ ସନ୍ଧ୍ୟା ୬ ଟା।
- ମକର ମେଳାର ଶୁଭାରମ୍ଭ, ମା’ଙ୍କ ପୂଜାର୍ଚ୍ଚନା, ସ୍ଥାନ: ଆମ୍ଭୋ, ଛେନାପଦି, ସମୟ: ସକାଳ ୯ ଟା ଓ ସନ୍ଧ୍ୟା ୬ ଟା।
- ମା’ ଶେରାବାଲିଙ୍କ ଜାଗରଣ ଉତ୍ସବ, ସ୍ଥାନ: ଭକ୍ତି ସେବା ସଂଘ ପରିସର, ବଡ଼ବିଲ, କେନ୍ଦୁଝର
- ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ
- ବ୍ୟାସକବି ଫକୀର ମୋହନଙ୍କ ଜୟନ୍ତୀ ସମାରୋହ, ସ୍ଥାନ:ମହର୍ଷି ପବ୍ଲିକ ସ୍କୁଲ ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ଶୀର୍ଷା ଟୁସୁ ମହୋତ୍ସବ କମିଟି ଆନୁକୂଲ୍ୟରେ ଟୁସୁ ମେଳା,ସ୍ଥାନ:ଶୀର୍ଷା ମେରୁମଠ, ସୁବର୍ଣ୍ଣରେଖା ତଟ,ସମୟ: ପୂର୍ବାହ୍ନ ୧୧ଟା।
- ମକର ମେଳା, ସ୍ଥାନ: ସିଂହଟିଆ ବଡ଼ସାହି ବ୍ଲକ,ସମୟ:ଅପରାହ୍ନ ୩ଟା।
- ଟୁସୁ ମୂର୍ତ୍ତି ଗ୍ରାମ ପରିକ୍ରମା, ସ୍ଥାନ:ମାର୍କେଟ ସାହି, ଚିତ୍ରଡ଼ା, ମୋରଡ଼ା. ସମୟ: ଅପରାହ୍ନ ୩ଟା।
- ବାର୍ଷିକ କ୍ରୀଡ଼ାର ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ:ପାରିଆଉଡ଼ା,ଶୀର୍ଷାପାଳ, ମୋରଡ଼ା, ସମୟ:ପୂର୍ବାହ୍ନ ୧୧ଟା।

## ଗଞ୍ଜାମ
- ମହର୍ଷି ଦୟାନନ୍ଦ ବୈଦିକ ଯୋଗାଶ୍ରମର ବାର୍ଷିକ ଉତ୍ସବ,ସ୍ଥାନ:ବୁଗୁଡ଼ା, ଆଶ୍ରମ ପରିସର, ସମୟ:ସକାଳ ୭ଟା।
- ହରି ହର ଭେଟ କାର୍ଯ୍ୟକ୍ରମ, ସ୍ଥାନ:ବାଲିପଦର,ମକର ପଡ଼ିଆ, ସମୟ:ଅପରାହ୍ନ ୧ଟା।

## ଢେଙ୍କାନାଳ
- ଢେଙ୍କାନାଳରେ ମଗଜି ମହୋତ୍ସବ, ସ୍ଥାନ: ଗୋପବନ୍ଧୁ ଟାଉନ ହଲ, ସମୟ: ଅପରାହ୍ନ ୫ଟା।
- ବ୍ୟାସକବି ଫକିର ମୋହନ ଜୟନ୍ତୀ ଓ ମକର ମିଳନ, ସ୍ଥାନ: ଲେଖକ ସଂସଦ ଶାଣ୍ଡିଲ୍ୟ ବସନ୍ତ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଯାସକବି ଫକିର ମୋହନ ଜୟନ୍ତୀ ଓ ମକର ମିଳନ, ସ୍ଥାନ: ସରସ୍ୱତୀ ବିଦ୍ୟାମନ୍ଦିର, ଚାଉଳିଆ ଖମାର, ସମୟ: ପୂର୍ବାହ୍ନ ସାଢେ ୧୦ଟା।

## ରାୟଗଡ଼ା
- ମକର ସଂକ୍ରାନ୍ତି ଉପଲକ୍ଷେ ସ୍ୱତନ୍ତ୍ର ଉତ୍ତରା ଦର୍ଶନ, ସ୍ଥାନ: ଭେଙ୍କଟେଶ୍ୱର ମନ୍ଦିର, ଜେକେପୁର, ସମୟ: ସକାଳ ୬ରୁ ସନ୍ଧ୍ୟା ୬ ଟା।
- ବ୍ରାହ୍ମଣ ସମାଜର ବନ୍ଧୁମିଳନ କାର୍ଯ୍ୟକ୍ରମ, ସ୍ଥାନ: ଗୁଣ୍ଡିଚା ମନ୍ଦିର ନିକଟ ଆମ୍ବତୋଟା, ଗୁଣପୁର, ସମୟ: ସକାଳ ୯ଟା ୩୦।
- ଆରଏସ୍‌ଏସ୍‌ର ମକର ମିଳନ କାର୍ଯ୍ୟକ୍ରମ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗୁଣପୁର, ସମୟ: ଅପରାହ୍ନ ୩ ଟା।
- ବ୍ୟାସ କବି ଫକୀର ମୋହନଙ୍କ ଜୟନ୍ତୀ ପାଳନ, ସ୍ଥାନ: କଲ୍କୀ ନଗର, ଗୁଣପୁର, ସମୟ: ଅପରାହ୍ନ ୫ଟା।

## ନବରଙ୍ଗପୁର
- ଫକୀର ମୋହନ ଜୟନ୍ତୀ, ମକର ମିଳନ, ସ୍ଥାନ: ବିଜୁ ପଟ୍ଟନାୟକ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ସଙ୍କଟ ମୋଚନ ହନୁମାନ ମହାଯଜ୍ଞ, ସ୍ଥାନ: ବୁଢ଼ାହିଲ ସ୍ଥିତ ଶ୍ରୀହନୁମାନ ମନ୍ଦିର, ସମୟ : ସକାଳ ୭ଟା।
- ମକର ମିଳନ ପୂଜାର୍ଚ୍ଚନା ଓ ମିଳନ କାର୍ଯ୍ୟକ୍ରମ, ସ୍ଥାନ : ଠେମରା ଗ୍ରାମ, ସମୟ : ସକାଳ ୯ଟା।
- ସମ୍ବଲପୁର ଯୁଥ ପକ୍ଷରୁ କାଇଟ ଫେଷ୍ଟିଭାଲ, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୯ଟା।
- ଯୋଗ ପରିବାର ପକ୍ଷରୁ ଚାରମଲି ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ, ସ୍ଥାନ : ସିନ୍ଦୁରପଙ୍କ ନିକଟସ୍ଥ ପିତାବଲି ମନ୍ଦିର, ସମୟ : ପୂର୍ବାହ୍ନ ୧୧ଟା।
- ଶ୍ରୀମଦ୍ ଭାଗବତ ଗୀତା ଜ୍ଞାନଯଜ୍ଞ, ସ୍ଥାନ : ଦଧିବାମନ କଲ୍ୟାଣ ମଣ୍ଡପ, ସମୟ : ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା।
- ବିଶ୍ୱାତ୍ମ ଚେତନା ପରିଷଦ ଆୟୋଜିତ ଶ୍ରୀମଦ୍ ଭାଗବତ ସାଧାୟ ସତ୍ର କାର୍ଯ୍ୟକ୍ରମ, ସ୍ଥାନ : ଝାଡୁଆପଡା ଆରଣ୍ୟକ ମଞ୍ଚ, ସମୟ : ଅପରାହ୍ନ ୫ଟା ୩୦ରୁ ରାତି ୮ଟା ୩୦।
- ସମ୍ବଲପୁରୀ ଧନୁଯାତ୍ରାର ଚୁଡାନ୍ତ ମଞ୍ଚ ଅଭ୍ୟାସ କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ : ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଅଷ୍ଟ ପ୍ରହର ନାମଯଜ୍ଞ ଅଧିବାସ, ସ୍ଥାନ: ନୂଆଁଗଡ,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୭ଟା।
- ଅଷ୍ଟପ୍ରହର ନାମଯଜ୍ଞର ଶୁଭାରମ୍ଭ, ସ୍ଥାନ: ବାଗବର ହନୁମାନ ଛକ, ବୀରମହାରାଜପୁର ବ୍ଲକ, ସମୟ:ସକାଳ ୭ଟା।
- ତରଭା ବରିଷ୍ଠ ନାଗରିକ କମିଟି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ମାରୱାଡି ଧର୍ମଶାଳା, ସମୟ: ପୂର୍ବାହ୍ନ ୧୦ଟା।
- ଦଧି ବାମନ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ ସ୍ଥାନ: ବହଳପଦର ଖେଳ ପଡିଆ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୬ଟା।
- ସୁବର୍ଣ୍ଣପୁରର ମା’ ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା’ ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

## ନୂଆପଡ଼ା
- ୧୫ତମ ବାଗମୁଣ୍ଡିଏଁ କପ୍ କ୍ରିକେଟ ପ୍ରଥମ ସେମି ଫାଇନାଲ, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଗାଁ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟସ୍ତରୀୟ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ, ସ୍ଥାନ: ବିଜୁ ପଟ୍ଟନାୟକ ଇଣ୍ଡୋର୍ ଷ୍ଟାଡିୟମ ଖଡ଼ିଆଳ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- ୫୧କୁଣ୍ଡୀୟ ଯଜ୍ଞ, ବେଦ ପ୍ରବଚନ, ସ୍ଥାନ: ସ୍ୱୟଂସିଦ୍ଧା ଭବନ, ବରଗଡ଼, ସମୟ: ସକାଳ ୯ଟା।
- ସାଙ୍କେତିକ ଭାଷା, ମୋ ଭାଷା କାର୍ଯ୍ୟକ୍ରମ, ସ୍ଥାନ: ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ, ବରଗଡ଼, ସମୟ- ପୂର୍ବାହ୍ନ ୧୦ଟା ୩୦।

## ଝାରସୁଗୁଡ଼ା
- ସଂକ୍ରାନ୍ତି ଓ ଷୋଳ ଉପଚାର ପୂଜା, ସ୍ଥାନ: ବଡ଼ମାଳ ହନୁମାନ ମନ୍ଦିର, ସମୟ: ସକାଳ ୭ଟା।
- ମକର ସଂକ୍ରାନ୍ତି ଉପଲକ୍ଷେ ସୁନ୍ଦରା କାଣ୍ଡ ପଠନ ଓ ଷୋଳ ଉପଚାର ପୂଜା, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ୮ଟା।
- ମକର ସଂକ୍ରାନ୍ତି ପୂଜା ଓ ରାମାୟଣ ପାଠ, ସ୍ଥାନ: ବୃନ୍ଦାମାଲ ଶିବ ମନ୍ଦିର, ସମୟ: ସକାଳ ୮ଟା।
- ଶିବ ସହସ୍ର ନାମ ପାଠ ଓ ସଂକ୍ରାନ୍ତି ପୂଜା, ସ୍ଥାନ: ଦୁମଡୁମୀ ଶିବ ମନ୍ଦିର, ସମୟ: ସକାଳ ୮ଟା।
- ମକର ସଂକ୍ରାନ୍ତି ପୂଜା ଓ ମକର ଚାଉଳ ବଣ୍ଟନ, ସ୍ଥାନ: କୁକୁରଜଙ୍ଘା ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଦୁର୍ଗା ସପ୍ତସତି ପାଠ ଓ ସଂକ୍ରାନ୍ତି ପୂଜା, ସ୍ଥାନ: ପଦ୍ମଶିନୀ ମନ୍ଦିର, ଭିକମପାଲି, ସମୟ: ପୂର୍ବାହ୍ନ ୧୦ଟା।
- ସଂକ୍ରାନ୍ତି ପୂଜା ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: କୋଇଲି ଘୁଗର, ସମୟ: ପୂର୍ବାହ୍ନ ୧୧ଟା।
- ଭାଗବତ ପାଠ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ମରାକୁଠା ଶିବ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼
- ମହେଶଡିହି ମକରମେଳା, ହରିହରଭେଟ କାର୍ଯ୍ୟକ୍ରମ, ସ୍ଥାନ: ମହେଶଡିହି ଜଗନ୍ନାଥ ମନ୍ଦିର ପରିସର, ସୁନ୍ଦରଗଡ, ସମୟ:ଅପରାହ୍ନ ୪ଟା
- ମକରମେଳା, ସ୍ଥାନ: ହେମଗିର, ମାଲିପଡା,ସମୟ: ସକାଳ ୯ଟା।
- ମକରମେଳା, ସ୍ଥାନ: ମୁଣ୍ଡେରକ୍ଷେତ, ସମୟ:ସକାଳ ୯ଟା।

## ରାଉରକେଲା
- ସୁବର୍ଣ୍ଣରେଖାର ବାର୍ଷିକ ଉତ୍ସବ, ସ୍ଥାନ: ବ୍ୟାସ ଭବନ, ବାସନ୍ତୀ କଲୋନୀ, ସମୟ: ସକାଳ ୯ଟା।
- ମହାବୀର ମାନସ ପରିଷଦ ପକ୍ଷରୁ ରାମାୟଣ ପାଠର ୩ୟ ସନ୍ଧ୍ୟା, ସ୍ଥାନ: ମିଟକୁନ୍ଦରୀ, ସମୟ: ପୂର୍ବାହ୍ନ ୧୦ଟା।
- ସରଣା କ୍ଲବ ପକ୍ଷରୁ ମକର ମିଳନ, ସ୍ଥାନ: ସେକ୍ଟର-୧, ସମୟ: ପୂର୍ବାହ୍ନ ୧୦ଟା।
- ଧାମରା ସଂଘର ୩୬ତମ ବାର୍ଷିକୋତ୍ସବ ଓ ପାରମ୍ପରିକ ମକର ମିଳନ, ସ୍ଥାନ: ଛେଣ୍ଡ ଧାମରା ସଂଘ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରକାଶ ସ୍ମାରକି ଅଲ ଓଡିଶା କ୍ରିକେଟ ମ୍ୟାଚ୍, ସ୍ଥାନ: ଡିଏଭି ଖେଳ ପଡିଆ ସମୟ: ପୂର୍ବାହ୍ନ ୧୧ଟା।
- ବ୍ୟାସକବି ଫକୀର ମୋହନ ଜୟନ୍ତୀ ପାଳନ, ସ୍ଥାନ: ଇସ୍ପାତ ସାହିତ୍ୟ ସଂସଦ, ସେକ୍ଟର-୭, ସମୟ; ଅପରାହ୍ନ ୫ଟା।
- ବ୍ୟାସକବି ଫକୀର ମୋହନ ଜୟନ୍ତୀ, ସ୍ଥାନ: ଇସ୍ପାତ ସାହିତ୍ୟ ସଂସଦ ସେକ୍ଟର-୭ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ଟା।
- ହକି ଇଣ୍ଡିଆ ଲିଗ୍ ମ୍ୟାଚ୍, ସ୍ଥାନ: ବିର୍ସାମୁଣ୍ଡା ହକି ଷ୍ଟାଡିୟମ, ସମୟ: ରାତି ୮ଟା ୧୫।

## ଦେବଗଡ଼
- ମକର ଯାତ୍ରା ଉତ୍ସବ କଂସର ମକରହୁଲ, ସ୍ଥାନ: ତିଲେଇବଣି ବ୍ଲକ, କଂସର ଗ୍ରାମ, ସମୟ: ସକାଳ ୫ଟା।
- ଶ୍ରୀଶ୍ରୀ ହନୁମାନ ମହାପ୍ରଭୁଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ରଜାମୁଣ୍ଡା ଗ୍ରାମ, ସମୟ: ପୂଜାରମ୍ଭ ସକାଳ ୯ଟା।
- ମକର ସଂକ୍ରାନ୍ତି ଉପଲକ୍ଷେ ମକରଧ୍ୱଜ ଶୃଙ୍ଗରେ ଭକ୍ତ ବାନ୍ଧିବେ ମାନସିକ ଧ୍ୱଜା: ସ୍ଥାନ: ମକରଧ୍ୱଜ ଶୃଙ୍ଗ ପର୍ବତ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଶ୍ରୀ ହନୁମାନ ମହାପ୍ରଭୁଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ, ସ୍ଥାନ: ରଜାମୁଣ୍ଡା ଗ୍ରାମ, ସମୟ: ଅପରାହ୍ନ ୧ଟା।
- ମକର ମେଳା ଉତ୍ସବ ଅବସରରେ ପ୍ରସାଦ ସେବନ, ସ୍ଥାନ: କଂସର ଗ୍ରାମ, ସମୟ: ଅପରାହ୍ନ ୧ଟା।
- ମା’ କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା’ କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।
- ମକର ମେଳା ଉତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କଂସର ଗ୍ରାମ, ସମୟ: ସନ୍ଧ୍ୟା ୭ଟା।

## ବୌଦ୍ଧ
- ଶ୍ରୀରାମଲୀଳା ନାଟ୍ୟ ସଂସଦର ରାମଲୀଳା ଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ରାମଲୀଳା ମୈଦାନ, (ରଘୁନାଥ ମନ୍ଦିର) ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା ୩୦ ମିନିଟ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ ଦୀର୍ଘଦିନରୁ ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରିବେ। ଅର୍ଥ ସଙ୍କଟ ସାଙ୍ଗକୁ ସାମାଜିକ ସ୍ତରରେ ପ୍ରତିକୂଳ ପରିସ୍ଥିତି ଯୋଗୁ ମାନସିକ ସୁସ୍ଥତା ରହି ନ ପାରେ। ପୂର୍ବ ପରିକଳ୍ପିତ ଯୋଜନା ଅନୁଯାୟୀ କର୍ମ କରିଚାଲିଲେ ଉପକୃତ ହୋଇପାରିବେ। ମାତ୍ରାଧିକ ଭ୍ରମଣଜନିତ ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ସୃଷ୍ଟିହେବା ଆଶଙ୍କା ରହିଛି।

**ବୃଷ** ଆତ୍ମୀୟଙ୍କ ସାହାଯ୍ୟ, ସହାନୁଭୂତି ଦ୍ୱାରା ସମସ୍ୟାର ସମାଧାନ ହେବ। ଅଭାବ ପୂରଣ ଦିଗରେ ସହକର୍ମୀଙ୍କ ସହଯୋଗ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବ। କୌଣସି ଆନୁଷ୍ଠାନିକ କାର୍ଯ୍ୟ ମାଧ୍ୟମରେ ସାମାଜିକ ସ୍ତରରେ ପ୍ରତିଷ୍ଠା ଓ ପ୍ରଶଂସା ପାଇପାରନ୍ତି। ପାରିବାରିକ ଜୀବନରେ ସବୁକଥାକୁ ହାଲୁକା ଭାବେ ଗ୍ରହଣକଲେ କ୍ଷତିରେ ପଡ଼ିବେ।

**ମିଥୁନ** ସ୍ୱାସ୍ଥ୍ୟରେ ଉନ୍ନତି ହେବା ସହ କର୍ମକ୍ଷେତ୍ରରେ ପଦସ୍ଥଙ୍କ ସାହାଯ୍ୟ ପ୍ରତିଶ୍ରୁତି ପାଇବେ। ଗୃହ ନିର୍ମାଣ, ଜମିଜମା କାରବାର ଦିଗରେ ତତ୍ପର ରହିବେ। ଶିଳ୍ପ, ବ୍ୟବସାୟ, ପରିବହନ, ସଭାସମିତି ଓ ପାରିବାରିକ ଦିଗଟି ଅନୁକୂଳ ରହିବ। ଆଲୋଚନା, ଗବେଷଣା, ପ୍ରେସ୍ ପବ୍ଲିକେଶନ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି।

**କର୍କଟ** ପାରିବାରିକ ଜୀବନ ପ୍ରୀତିପ୍ରଦ ରହିବ। ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ଶିଳ୍ପ, ଗୃହ ନିର୍ମାଣ, ପରିବହନ, ବାଣିଜ୍ୟ, ବ୍ୟବସାୟ ଏପରିକି ଯୋଗାଣ କାରବାରରେ ଉନ୍ନତି କରିବେ। ବିବାଦୀୟ ଘଟଣା, କଚେରି ମାମଲା, ଜମିଜମା କାରବାର ଓ ଚୁକ୍ତିପତ୍ର ସମ୍ପର୍କିତ ସମସ୍ୟା ସମାଧାନ ହୋଇପାରେ।

**ସିଂହ** ବିଭିନ୍ନ ସମସ୍ୟା ବିଜଡ଼ିତ ରହିବା କାରଣରୁ ମାନସିକ ଅସ୍ଥିରତା ଲାଗି ରହିବ। କଳା, କ୍ରୀଡ଼ା, ସଙ୍ଗୀତ, ମନୋରଞ୍ଜନ କାର୍ଯ୍ୟକ୍ରମରେ ନିୟୋଜିତ ହେବେ। ପରୋକ୍ଷ ଶତ୍ରୁତାରୁ କାର୍ଯ୍ୟହାନିଜନିତ ସ୍ଥଗିତ କାମ ପାଇଁ କୈଫିୟତ ଦେବାକୁ ପଡ଼ିପାରେ। ସାଧାରଣ ଯୁକ୍ତିତର୍କକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିବା ଆଶଙ୍କା ରହିଛି।

**କନ୍ୟା** କାର୍ଯ୍ୟଦକ୍ଷତା ଓ ସମୟାନୁବର୍ତ୍ତିତା କାରଣରୁ ସାମାଜିକ ସ୍ତରରେ ସୁସମ୍ପର୍କ ଅକ୍ଷୁଣ୍ଣ ରହିବ। ସାମାନ୍ୟ ବିଳମ୍ବିତ ସମୟରେ ଅପେକ୍ଷା କରିଥିବା ଖବରଟି କିମ୍ବା ଅଭିଳଷିତ ଜିନିଷଟି ପାଇବେ। ପ୍ରତିଦ୍ୱନ୍ଦ୍ୱିତା, ବାଣିଜ୍ୟ, ପରିବହନ, କ୍ରୟବିକ୍ରୟ ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢ଼ିବ। କେତୁଙ୍କ ରାଶ୍ୟାବସ୍ଥାନ କାରଣରୁ ଚିନ୍ତାଧାରା ବିଶୃଙ୍ଖଳିତ ରହିବ।

**ତୁଳା** ନିଜ ଲୋକ ଈର୍ଷାପରାୟଣ ହୋଇ ପାରିବାରିକ ଜୀବନରେ ଅସ୍ଥିରତା ସୃଷ୍ଟି କରିପାରନ୍ତି। କର୍ମକ୍ଷେତ୍ରରେ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ସଭାସମିତିରେ ନିଷ୍ପତ୍ତି ବଦଳାଇବା ଫଳରେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ଯାତ୍ରା, ବାଣିଜ୍ୟ ଏବଂ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହେବ।

**ବିଛା** ଆଜି ବାରମ୍ବାର ଭ୍ରମଣଜନିତ ନିର୍ଦ୍ଦିଷ୍ଟ ସ୍ଥାନରେ ଦୀର୍ଘସମୟ ସ୍ଥିର ଭାବରେ ରହିପାରିବେ ନାହିଁ। ଆନୁଷ୍ଠାନିକ କାର୍ଯ୍ୟ, ସଭାସମିତି, ମନୋରଞ୍ଜନ ତଥା ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ବନ୍ଧୁଙ୍କ ସହଯୋଗରେ ବ୍ୟବସାୟ ଆଗକୁ ବଢ଼ାଇବେ। ପରିବହନରେ ସମସ୍ୟାର ସମ୍ମୁଖୀନ ହେବେ।

**ଧନୁ** ସକାଳୁ କୌଣସି କର୍ମାରମ୍ଭରେ ସମସ୍ୟା ଓ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ କାମକଲେ ହଇରାଣରେ ପଡ଼ିବା ସୂଚନା ରହିଛି। ସୁସ୍ଥତା ଫେରିପାଇବେ, କିନ୍ତୁ ବିଶେଷ ଶ୍ରମ ଓ ଭ୍ରମଣ ଠିକ୍ ହେବନାହିଁ। ଲେଖାପଢ଼ା, ସାମ୍ବାଦିକତା, ପ୍ରଶାସନ, ରାଜନୀତି କ୍ଷେତ୍ରରେ ଶୁଭଫଳ ପାଇବେ।

**ମକର** ଅର୍ଥ ସମ୍ବନ୍ଧୀୟ ସମସ୍ୟା ନ ଥିଲେ ମଧ୍ୟ ସ୍ଥାନାନ୍ତରଜନିତ ମାନସିକ ଅସ୍ଥିରତା ଲାଗିରହିବ। ବିବାଦୀୟ ଘଟଣା, ନିର୍ମାଣ ଓ ପରିବହନର ସମସ୍ୟା ସମାଧାନରେ ସଫଳ ହେବେ। କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ପାରିବାରିକ ଜୀବନରେ ବୁଝାମଣାର ଅଭାବ ଦେଖାଦେବା ସୂଚନା ରହିଛି।

**କୁମ୍ଭ** ନୂତନ କର୍ମନିଯୁକ୍ତି ସମ୍ପର୍କରେ ବନ୍ଧୁଙ୍କ ସହ ଫଳପ୍ରଦ ଆଲୋଚନାର ସୁଯୋଗ ଜୁଟିପାରେ। ବିଳାସବ୍ୟସନର ସୁଯୋଗ ପାଇଲେ ମଧ୍ୟ ଉପଭୋଗ୍ୟ ନ ହୋଇପାରେ। ନୂତନ ଗୃହ, ଯାନବାହନ, ଧାତୁ ଅଳଙ୍କାର ପ୍ରଭୃତି ମୂଲ୍ୟବାନ୍ ଜିନିଷ ପାଇଁ ମନ ବଳାଇବେ। ପଦମର୍ଯ୍ୟାଦା ବୃଦ୍ଧି ସହ ସମ୍ପର୍କୀୟଙ୍କ କଥାବାର୍ତ୍ତା ବ୍ୟଥିତ କରିପାରେ।

**ମୀନ** ଆଜି ପ୍ରତ୍ୟେକ କାର୍ଯ୍ୟ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବ। ଦିନଟିରେ ଅର୍ଥଲାଭ, ସ୍ୱାଦିଷ୍ଟ ଭୋଜନ, ବନ୍ଧୁଙ୍କ ଆଦର ମନକୁ ପ୍ରଫୁଲ୍ଲିତ କରି ରଖିବ। ସାଧାରଣ କଥାକୁ କେନ୍ଦ୍ରକରି ପରିବାର ମଧ୍ୟରେ ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବା ସମ୍ଭାବନା ରହିଛି।

ଆଜି ଜାନୁଆରୀ ୧୪ ତାରିଖ, ମକର ସଂକ୍ରାନ୍ତି, ପ୍ରୟାଗତୀର୍ଥେ ମହାକୁମ୍ଭ ସ୍ନାନ, ଗଙ୍ଗାସାଗର ସ୍ନାନ, ଉତ୍ତରାୟଣ ବନ୍ଦାପନା, ପୋଙ୍ଗଲ, ଶୁଦ୍ଧକାଳ ଓ ମାଘ ବ୍ରତାରମ୍ଭ, ଶ୍ରୀଲିଙ୍ଗରାଜଙ୍କ ଘୃତକମ୍ବଳ, ମାଘ କୃଷ୍ଣ ପ୍ରତିପଦା ମଙ୍ଗଳବାର। ରାଶିନକ୍ଷତ୍ର–ପୁନର୍ବସୁ/କର୍କଟ, ଦିବା ଘ.୧୦।୧୭ ମି. ଗତେ ପୁଷ୍ୟା ନକ୍ଷତ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ.୦୯।୧୧ ଗତେ, ଘ.୧୦।୫୦ ମଧ୍ୟେ, ଘ.୦୧।୦୧ ଗତେ, ଘ.୦୧।୧୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୩୯ ଗତେ, ଘ.୦୪।୦୧ ମଧ୍ୟେ ରାହୁକାଳ।

# ବିଦ୍ୟାଳୟରେ ଗିଫ୍ଟ ମିଲ୍କ

- ଆଭାସୀ ମାଧ୍ୟମରେ ଶୁଭାରମ୍ଭ କଲେ ରାଷ୍ଟ୍ରପତି
- ଗୋ ସମାବେଶ, ଓମ୍‌ଫେଡ୍‌କୁ ବିପଣନ ସହାୟତା
- ମୟୂରଭଞ୍ଜର ୩ ହଜାର ଚାଷୀଙ୍କୁ ଦୁଧିଆଳୀ ଗାଈ ପ୍ରଦାନ


ଗିଫ୍ଟ ମିଲ୍କ କାର୍ଯ୍ୟକ୍ରମରେ ସାମିଲ ଛାତ୍ରୀଛାତ୍ର ଓ ଅତିଥିମାନେ।

ରାଇରଙ୍ଗପୁର(ମାନସ ମହାନ୍ତି)/ ବାରିପଦା,୧୩।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ମହତାବ ଭବନ ପରିସରରେ ଗୋ ସମାବେଶ, ଓମ୍‌ଫେଡ୍‌କୁ ବିପଣନ ସହାୟତା ଏବଂ ଗିଫ୍ଟ ମିଲ୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଭାସୀ ମାଧ୍ୟମରେ ଏହାକୁ ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଗୋ ଧନ ଓ ପିଲାମାନେ ଉଭୟ ଉପକୃତ ହେବେ ଏବଂ ଗ୍ରାମୀଣ ଗୋପାଳକମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ ବୋଲି ରାଷ୍ଟ୍ରପତି କହିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୋସମ୍ପଦର ବିକାଶ ପାଇଁ ରାଜ୍ୟ ସରକାର କରିଥିବା କାମଧେନୁ ଯୋଜନା, ଅସହାୟ ଓ ବୁଲା ଗାଈ ଗୋରୁଙ୍କ ପାଇଁ ଗୋଶାଳା ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ମତ୍ସ୍ୟ, ପ୍ରାଣୀପାଳନ ଓ ଡାଏରି ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ, ମତ୍ସ୍ୟ, ପ୍ରାଣୀପାଳନ ଓ ଡାଏରି ଏବଂ ପଞ୍ଚାୟତିରାଜ ରାଷ୍ଟ୍ର ମନ୍ତ୍ରୀ ପ୍ରଫେସର ଏସ୍‌ପି ସିଂହ ବଘେଲ ପ୍ରମୁଖ ଆଭାସୀ ମାଧ୍ୟମରେ ଯୋଗଦେଇଥିବା ବେଳେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ, ନିଯୁକ୍ତି ଓ କର୍ମଚାରୀ ବୀମା ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୟୂରଭଞ୍ଜ ଏମ୍‌ପି ନବ ଚରଣ ମାଝୀ, ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତ, ସାରସକଣା ବିଧାୟକ ଭାଦବ ହାଁସଦା, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ଏନ୍‌ଡିଡିବି ଅଧ୍ୟକ୍ଷ ଡ. ମିନେଶ ସାହା ଓ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ପ୍ରମୁଖଙ୍କ ଉପସ୍ଥିତି ରେ ଉକ୍ତ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ମୟୂରଭଞ୍ଜ ଜିଲାପାଳ ହେମକାନ୍ତ ସଏ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକାଶଥାଉକି, ଏନଡିଡିବି ଆନୁକୂଲ୍ୟରେ ରାଷ୍ଟ୍ରୀୟ ଗୋକୁଳ ମିଶନ କାର୍ଯ୍ୟକ୍ରମ ଅଧୀନ ପି.ଇ.ଏସ୍. ଯୋଜନା ମାଧ୍ୟମରେ ମୟୂରଭଞ୍ଜ ଜିଲାର ୨୬ଟି ବ୍ଲକକୁ ସମୁଦାୟ ୩୦୦୦ ଉନ୍ନତ ମାନର ଦୁଧିଆଳୀ ଗାଈ ହିତାଧିକାରୀମାନଙ୍କୁ ଯୋଗାଇଦେବା ନିମନ୍ତେ ବ୍ୟବସ୍ଥା ହୋଇଛି। ସେଥିମଧ୍ୟରୁ ରାଇରଙ୍ଗପୁର ସବ୍‌ଡିଭିଜନ ପାଇଁ ୧୦୦୦ ହିତାଧିକାରୀଙ୍କୁ ଗୋଟିଏ ଲେଖାଏ ଗାଈ ଯୋଗାଇ ଦିଆଯିବ।

# ହଦଗଡ଼ରେ ବୁଲୁଛି ଯମୁନା

ବାରିପଦା,୧୩।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

**ଫେରିବା ନେଇ ପ୍ରଶ୍ନବାଚୀ**

ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନରୁ ଯାଇ କୁଲଡିହା ଅଭୟାରଣ୍ୟରେ ରହୁଥିବା ମହାବଳ ବାଘୁଣୀ ଯମୁନା ଏବେ କେନ୍ଦୁଝର ଜିଲା ଆନନ୍ଦପୁର ବନଖଣ୍ଡର ହଦଗଡ଼ ଜଙ୍ଗଲରେ ବୁଲୁଛି। ତେବେ ଯେଉଁ ଉଦ୍ଦେଶ୍ୟରେ ଦୁଇ ବାଘୁଣୀ ଯମୁନା ଓ ଜିନ୍ନତକୁ ଅଣାଯାଇଥିଲା ତାହାକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଯାହାକୁ ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଅଧିକାରୀମାନେ ସମୀକ୍ଷା କରୁଥିବା ବେଳେ ଉଭୟଙ୍କ ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଶିମିଳିପାଳ ଅଭୟାରଣ୍ୟରେ ମହାବଳ ବାଘର ଜେନେଟିକ ପରିବର୍ତ୍ତନ ପାଇଁ ମହାରାଷ୍ଟ୍ର ରାଜ୍ୟ ତଡ଼ବା ଜିଲା ଅନ୍ଧାରୀ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରୁ ଅକ୍ଟୋବର ୨୭ରେ ପ୍ରଥମେ ଯମୁନା ଓ ନଭେମ୍ବର ୧୪ରେ ଜିନ୍ନତକୁ ଅଣାଯାଇଥିଲା। ନଭେମ୍ବର ୯ରେ ଯମୁନା ଓ ନଭେମ୍ବର ୨୪ରେ ଜିନ୍ନତକୁ କୋର୍ ଅଞ୍ଚଳରେ ଛଡାଯାଇଥିଲା। ଦୁଇ ବାଘୁଣୀ ଶିମିଳିପାଳ ଅଭୟାରଣ୍ୟରେ କିଛି ଦିନ ରହିବା ପରେ ବାସସ୍ଥାନ ଖୋଜିବା ପାଇଁ ଶିମଳିପାଳ ଛାଡ଼ି ପଳାଇ ଯାଇଥିଲେ। ଯମୁନା କୁଲଡିହା ଅଭୟାରଣ୍ୟକୁ ପଳାଇ ଯାଇଥିବା ବେଳେ ଜିନ୍ନତ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଜଙ୍ଗଲକୁ ଯାଇଥିଲା। ବହୁ ଚେଷ୍ଟା ପରେ ଜିନ୍ନତକୁ ବନ ବିଭାଗ ଟ୍ରାଙ୍କୁଲାଇଜ୍ କରି ଡିସେମ୍ବର ୩୧ରେ ଶିମିଳିପାଳକୁ ଫେରାଇ ଆଣିଥିଲା। ମାତ୍ର ଯମୁନା ଡିସେମ୍ବର ୧୬ରୁ ଅଦ୍ୟାବଧି କୁଲଡିହା ଅଭୟାରଣ୍ୟରେ ନିଜର ବାସସ୍ଥାନ ପ୍ରସ୍ତୁତିରେ ରହିଥିଲା। ତେବେ ରବିବାର ବିଳମ୍ବିତ ରାତିରେ ସେ କୁଲଡିହା ଅଭୟାରଣ୍ୟ ପାର୍ ହୋଇ ହଦଗଡ଼ ଅଭୟାରଣ୍ୟରେ ପହଞ୍ଚିଥିବା ଓଡ଼ିଶା ବନ ଉନ୍ନୟନ ନିଗମର ସ୍ୱାଧୀନ ନିର୍ଦ୍ଦେଶକ ଭାନୁମିତ୍ର ଆଚାର୍ଯ୍ୟ ପ୍ରକାଶ କରିଛନ୍ତି। ଯମୁନାର ଗତିବିଧିକୁ ଦୃଷ୍ଟିରେ ରଖି ବିଭାଗୀୟ ପଦକ୍ଷେପ ଅତ୍ୟନ୍ତ ଆବଶ୍ୟକତା ରହିଛି। ଅନ୍ୟଥା ଜିନ୍ନତ ପରି ଯମୁନା ମଧ୍ୟ ହଦଗଡ଼ ପାର ହୋଇ କେନ୍ଦୁଝର ଜିଲା ଅଭୟାରଣ୍ୟ କିମ୍ବା ଯାଜପୁର ଜିଲା ଅଭିମୁଖେ ଚାଲିଯାଇପାରେ ବୋଲି ଆଚାର୍ଯ୍ୟ ଆଶଙ୍କା ପ୍ରକଟ କରିଛନ୍ତି। ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀମାନେ ମୁହଁ ଖୋଲୁ ନ ଥିବା ବେଳେ ଶିମିଳିପାଳ ଭୌଗୋଳିକ କ୍ଷେତ୍ର ମଧ୍ୟରେ ଥିବା ଜଙ୍ଗଲରେ ଯମୁନା ରହୁଥିବା ନେଇ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି।




# ସୁନାବେଶରେ ଦର୍ଶନ ଦେଲେ ମହାପ୍ରଭୁ

## ଶ୍ରୀମନ୍ଦିରରେ ଅଭିଷେକ ନୀତି ସମ୍ପନ୍ନ

**ପୁରୀ, ୧୩।୧ (ଅଜିତ୍ କୁମାର ମହାନ୍ତି)**

ପବିତ୍ର ପୌଷ ପୂର୍ଣ୍ଣମୀ ଅବସରରେ ସୋମବାର ଶ୍ରୀମନ୍ଦିରରେ ପୁଷ୍ୟାଭିଷେକ ନୀତି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରତ୍ନସିଂହାସନରେ ଶ୍ରୀବିଗ୍ରହମାନେ ରାଜରାଜେଶ୍ୱର ବା ସୁନାବେଶରେ ସୁସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ବର୍ଷକ ଭିତରେ ମହାପ୍ରଭୁଙ୍କ ହେଉଥିବା ପାଞ୍ଚଥର ସୁନାବେଶ ମଧ୍ୟରୁ ଏହା ଅନ୍ୟତମ। ପରମ୍ପରା ଅନୁଯାୟୀ, ଅଭିଷେକ ପୂର୍ବଦିବସ ଅର୍ଥାତ ରବିବାର ମହାପ୍ରଭୁଙ୍କ ଚନ୍ଦନଲାଗି ନୀତି ପରେ ୮୭ ଗରା ଜଳ ଓ ୨୧ଗରା ଘିଅ ଭୋଗମଣ୍ଡପ ଘରେ ଅଧିବାସ ହୋଇରହିଥିଲା। ସୋମବାର ଶ୍ରୀମନ୍ଦିରରେ ସକାଳଧୂପ ବଢି ଅଭିଷେକ ନୀତି ଆରମ୍ଭ ହୋଇଥିଲା। ଅଧିବାସ ହୋଇ ରହିଥିବା ୧୦୮ ଗରା ଘିଅମିଶ୍ରିତ ଜଳରେ ଅଭିଷେକ ନୀତି କରାଯାଇଥିଲା। ସର୍ବାଙ୍ଗ ନୀତି ପରେ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଶ୍ରୀଦେବୀ ପାଲିଙ୍କିରେ ବିଜେ ହୋଇ ମହାଲକ୍ଷ୍ମୀ ମନ୍ଦିର ଜଗମୋହନକୁ ବିଜେ କରିଥିଲେ। ସେଠାରେ ଶ୍ରୀଦେବୀଙ୍କ ମାଜଣା, ବନକଲାଗି ଏବଂ ବେଶ କରାଯାଇଥିଲା। ଶ୍ରୀମନ୍ଦିରରେ ଠାକୁରଙ୍କ ସୁବର୍ଣ୍ଣବେଶ ହୋଇଥିଲା। ଏହି ବେଶରେ ତିନିଠାକୁର ସୁବର୍ଣ୍ଣ କିରୀଟ, ଶ୍ରୀପୟର, ଶ୍ରୀଭୁଜ, ଆଡକାନି, ଚନ୍ଦ୍ର, ସୂର୍ଯ୍ୟ, ସେବତୀ ମାଳି, ଘାଗଡ଼ା ମାଳି, ମକର କୁଣ୍ଡଳ, ବାଘନଖି ପ୍ରଭୃତି ବିଭିନ୍ନ ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଥିଲେ। ଜଗନ୍ନାଥ ମହାପ୍ରଭୁ ସୁବର୍ଣ୍ଣ ଚକ୍ର ଓ ରୁପାଶଙ୍ଖ, ପ୍ରଭୁ ବଳଭଦ୍ର ସୁବର୍ଣ୍ଣ ହଳମୁଷଳ ଧାରଣ କରିଥିଲେ। ଭୋଗ ସମୟରେ ଭିତରଛ ମହାପାତ୍ର ଲକ୍ଷ୍ମଣ ରୂପରେ ଦଣ୍ଡଛତ୍ର ଧାରଣ କରିଥିବାବେଳେ ହନୁମାନ ରୂପରେ ଜଣେ ପାଳିଆ ମେକାପ ଦଣ୍ଡଛତ୍ର ମୂଳକୁ ଧାରଣ କରିଥିଲେ। ଏହି ବେଶରେ ମହାପ୍ରଭୁ ଫୁଲ ଧନୁଶର ଧାରଣ କରିଥିଲେ। ପରେ ବନ୍ଦାପନା ହୋଇଥିଲା। ମୁଦିରସ୍ତ ଫୁଲ ଧନୁଶର ଓ ଦଣ୍ଡଛତ୍ର ଆଦି ମଇଲମ କରିଥିଲେ। ଦକ୍ଷିଣୀ ଘର ଭୋଗ ବଢିବା ପରେ ଶ୍ରୀରଘୁନାଥ ମହାଜନ ସେବକଙ୍କ ହସ୍ତରେ ରତ୍ନସିଂହାସନ ନିକଟକୁ ବିଜେ କରିଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ଶ୍ରୀବିଗ୍ରହଙ୍କଠାରୁ ଆଜ୍ଞାମାଳ ଆଣି ଶ୍ରୀରଘୁନାଥଙ୍କୁ ପ୍ରଦାନ କରିଥିଲେ। ପରେ ଶ୍ରୀରଘୁନାଥ ଲକ୍ଷ୍ମୀମନ୍ଦିରକୁ ବିଜେ କରିଥିଲେ। ସେଠାରେ ମହାସ୍ନାନ, ଶୀତଳ ଭୋଗ, ବନ୍ଦାପନା ଆଦି ନୀତି ସରିବା ପରେ ଠାକୁର ଦକ୍ଷିଣୀ ଘରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ପରେ ମହାପ୍ରଭୁଙ୍କ ଦୈନନ୍ଦିନ ନୀତି ସମ୍ପନ୍ନ ହୋଇଥିଲା।

# ଆଜିଠୁ ମୁଖ୍ୟମନ୍ତ୍ରୀଙ୍କ ୩ ଦିନିଆ କେନ୍ଦୁଝର ଗସ୍ତ

**କେନ୍ଦୁଝର, ୧୩।୧ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

କେନ୍ଦୁଝର ମାଟିର ସନ୍ତାନ ତଥା ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମକର ସଂକ୍ରାନ୍ତି ଅବସରରେ ୩ ଦିନିଆ କେନ୍ଦୁଝର ଗସ୍ତରେ ମଙ୍ଗଳବାରଠାରୁ ଆସୁଛନ୍ତି। ମକର ସଂକ୍ରାନ୍ତି ଅବସରରେ ସେ ବୈତରଣୀ ନଦୀରେ ମକର ବୁଡ ଦେବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳ ୯ଟା ୩୦ରେ ସ୍ୱତନ୍ତ୍ର ବିମାନରେ ଆସି ରାଇସୁଆଁ ଏୟାରଷ୍ଟ୍ରିପ୍‌ରେ ଓହ୍ଲାଇବେ। ପୂର୍ବାହ୍ନ ୧୦ଟା ୪୦ରେ ପାଟଣାରେ ପହଞ୍ଚି ବୈତରଣୀ ନଦୀରେ ମକରବୁଡ଼ ଦେବେ। ସେଠାରେ କିଛି ସମୟ ରହଣି ପରେ ସର୍କିଟ ହାଉସ୍‌ରେ ପହଞ୍ଚି ଅପରାହ୍ନ ୪ଟାରେ ଝୁମ୍ପୁରାରେ ଏକ ପୋଲର ଶୁଭ ଉଦ୍‌ଘାଟନ କରିବେ। ସେଠାରୁ ରାଇକଳାସ୍ଥିତ ନିଜ ବାସଭବନକୁ ଯାଇ ରାତିରେ କେନ୍ଦୁଝର ଫେରି ସର୍କିଟ ହାଉସରେ ରାତ୍ରିଯାପନ କରିବେ। ବୁଧବାର ସ୍ଥାନୀୟ ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ସାମାଜିକ ସୁରକ୍ଷା ପେନ୍‌ସନ୍ ଯୋଜନାର ଲୋକାର୍ପଣ ଉତ୍ସବରେ ଯୋଗଦେବେ। ସେଠାରୁ ସର୍କିଟ ହାଉସ ଫେରି ବଡ଼ବିଲ ଯାଇ ଓଏମ୍‌ଡିସି ଗେଷ୍ଟ ହାଉସ୍‌ରେ ରହିବେ। ସନ୍ଧ୍ୟା ୫ଟା ୪୦ରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସାରଦା ପ୍ରାର୍ଥନା ମଣ୍ଡପର ଉଦ୍‌ଘାଟନ କରିବା ପରେ ୬ଟା ୩୦ରେ ବଡବିଲ ମହୋତ୍ସବର ରୌପ୍ୟ ଜୟନ୍ତୀରେ ଯୋଗଦେବେ। ସେଠାରୁ ରାତିରେ କେନ୍ଦୁଝର ଫେରି ରାତ୍ରିଯାପନ କରି ଗୁରୁବାର ବାଲିବନ୍ଧଠାରେ ମହେନ୍ଦ୍ର ପଟ୍ଟନାୟକଙ୍କ ମା'ଙ୍କ ଏକାଦଶାହ କାର୍ଯ୍ୟକ୍ରମରେ ଯୋଗଦେବେ। ରାଇସୁଆଁ ଫେରି ପୂର୍ବାହ୍ନ ୧୦ଟା ୫୫ରେ ସ୍ୱତନ୍ତ୍ର ବିମାନରେ ଭୁବନେଶ୍ୱର ଫେରିଯିବେ।

# କଂସବଧ ସହ ସରିଲା ବରଗଡ଼ ଧନୁଯାତ୍ରା



ବରଗଡ଼ ଧନୁଯାତ୍ରାର ଅନ୍ତିମ ସନ୍ଧ୍ୟାରେ କଂସବଧ ଦୃଶ୍ୟ।

**ମଥୁରାନଗରୀ, ୧୩।୧ (ପ୍ରେମାନନ୍ଦ ଖମାରୀ)**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଛି। ୧୧ଦିନ ବ୍ୟାପୀ ହୋଇଥିବା ଏହି ମହୋତ୍ସବର ଶେଷ ସନ୍ଧ୍ୟାରେ କଂସବଧ ଦୃଶ୍ୟାଭିନୟ ହୋଇଥିଲା। ଏହାପରେ ଉଗ୍ରସେନଙ୍କ ରାଜାଭିଷେକ ହୋଇଥିଲା ଏବଂ ଚଳିତବର୍ଷ ଧନୁଯାତ୍ରା ମହୋତ୍ସବ ସରିଥିଲା। ଅନ୍ତିମ ଦିବସରେ ଏହି ଦୃଶ୍ୟାଭିନୟ ଦେଖିବା ପାଇଁ ଦର୍ଶକଙ୍କ ପ୍ରବଳ ଭିଡ଼ ହୋଇଥିଲା।

ଅନ୍ୟଦିନ ଭଳି କଂସ ମହାରାଜ ରାଜମହଲରୁ ମଥୁରା ପରିଭ୍ରମଣରେ ବାହାରିଥିଲେ। ବାଟରେ ସେ ଜର୍ଜ ହାଇସ୍କୁଲ ପଡ଼ିଆରେ ଲାଗିଥିବା ମୀନାବଜାର ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାର ପକ୍ଷରୁ ଚାଲିଥିବା ରେଡ୍ ଡ୍ରପ୍ ମାରାଥନ ରକ୍ତଦାନ ଶିବିର ପରିଦର୍ଶନ କରିଥିଲେ। ଭ୍ରମଣ ସାରି କଂସ ଲୋକ ମଣ୍ଡପ ପଡ଼ିଆସ୍ଥିତ ରାଜଦରବାରରେ ପହଞ୍ଚିଥିଲେ। ସେଠାରେ ଶ୍ରୀକୃଷ୍ଣ, ବଳରାମଙ୍କୁ ହତ୍ୟା କରିବା ପାଇଁ ସେନାପତି, ମହାମନ୍ତ୍ରୀ, ଚାଣୁର, ମୁଷ୍ଟିକ ଆଦି ସୈନ୍ୟ ସାମନ୍ତଙ୍କ ସହିତ ରଣକୌଶଳ କରିଥିଲେ।

ଅନ୍ୟପଟେ ଶ୍ରୀକୃଷ୍ଣ ହାଟପଦାସ୍ଥିତ ଦରବାରକୁ ଯାଇ ଶିବଧନୁ ଭଙ୍ଗ କରିଥିଲେ। ତାଙ୍କ କରାଘାତରେ କୁବଳୟା ହସ୍ତୀ ପ୍ରାଣ ହରାଇଥିଲା। ଏହାପରେ ଶ୍ରୀକୃଷ୍ଣ, ବଳରାମ ଲୋକ ମଣ୍ଡପ ପଡ଼ିଆସ୍ଥିତ ରାଜଦରବାରରେ ପହଞ୍ଚିଥିଲେ। ଶ୍ରୀକୃଷ୍ଣ, ବଳରାମଙ୍କୁ ହତ୍ୟା କରିବା ପାଇଁ ସେମାନେ ନିଶ୍ଚୟ ସକ୍ଷମ ହେବେ ବୋଲି କଂସଙ୍କ ପାତ୍ରମନ୍ତ୍ରୀ, ସେନାପତି ନିଜ ପରାକ୍ରମ ଦେଖାଇଥିଲେ। କଂସ ମହାରାଜ ମଧ୍ୟ ରାଣୀ ପଦ୍ମାବତୀଙ୍କ ବାରଣ ସତ୍ତ୍ୱେ ରଣାଙ୍ଗନକୁ ଓହ୍ଲାଇଥିଲେ। କିନ୍ତୁ ବେନିଭାଇଙ୍କ ହାତରେ ତାଙ୍କର ନିଧନ ହୋଇଥିଲା। ଏହାପରେ ରାଜା ଉଗ୍ରସେନଙ୍କ ପୁଣି ରାଜାଭିଷେକ ହୋଇଥିଲା। ଶ୍ରୀକୃଷ୍ଣ, ବଳରାମ କାରାଗାରକୁ ଯାଇ ସେଠାରେ ବନ୍ଦୀ ଥିବା ଦେବକୀ, ବସୁଦେବଙ୍କୁ ମୁକ୍ତ କରିଥିଲେ। ଏହାପରେ ମଥୁରାବାସୀ ବାଣ ଫୁଟାଇ ଏବଂ ଲଡୁ ବାଣ୍ଟି ଖୁସି ମନାଇଥିଲେ। ଶେଷରେ କଂସ ଅଭିନେତା ଭୁବନେଶ୍ୱର ପ୍ରଧାନ ପାପରୁ ମୁକ୍ତି ପାଇଁ ଶ୍ରୀକ୍ଷେତ୍ର ପୁରୀକୁ ଯାତ୍ରା କରିଥିଲେ। ମଙ୍ଗଳବାର ସକାଳେ ସେ ମହୋଦଧିରେ ସ୍ନାନ କରିବା ସହିତ ଜଗନ୍ନାଥ ଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି। ସେହିପରି କଂସ ମହାରାଜଙ୍କ ଅନ୍ୟ ସେନାପତି, ପାତ୍ରମନ୍ତ୍ରୀମାନେ ବରଗଡ଼ ଜିଲା ପାଇକମାଳ ବ୍ଲକ ନୃସିଂହନାଥକୁ ଯାଇ ସେଠାରେ ଗୋକୁଣ୍ଡ ଘାଟରେ ସ୍ନାନ କରିବା ସହିତ ମହାପ୍ରଭୁ ନୃସିଂହନାଥଙ୍କ ଦର୍ଶନ କରିବେ ବୋଲି ସୂଚନା ମିଳିଛି।

ଅନ୍ତିମ ଦିବସରେ ଜିଲାପାଳ ଆଦିତ୍ୟ ଗୋୟଲ, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ରାଜଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ, ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଧନୁଯାତ୍ରା ମହୋତ୍ସବ ଅବସରରେ ରେଡ୍ ଡ୍ରପ୍ ମାରାଥନ ରକ୍ତଦାନ ଶିବିର ଆୟୋଜନ କରିଥିବା ନିଷ୍ଠା ପରିବାର ଓ ଆର୍ଟ ଅଫ୍ ଲିଭିଙ୍ଗ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଧନୁଯାତ୍ରା ମହୋତ୍ସବ ସମିତିର ଆବାହକ ସୁରେଶ୍ୱର ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



# କାନି ବା ହାତ ଧରନି

ସ୍ୱାମୀ ଓ ସ୍ତ୍ରୀ ପରସ୍ପର ସହମତିରେ ବିବାହ ବିଚ୍ଛେଦ ପାଇଁ ଦାୟର କରିଥିବା ମାମଲା ବିଚାରାଧୀନ ଥିବା ସମୟରେ ଦମ୍ପତିଙ୍କ ମଧ୍ୟରୁ ଜଣେ ଯେକୌଣସି ସମୟରେ ଏକପାଖିଆ ଭାବେ ସମ୍ମତି ପ୍ରତ୍ୟାହାର କରିପାରିବେ ବୋଲି ଓଡ଼ିଶା ହାଇକୋର୍ଟ ରାୟ ଦେଇଛନ୍ତି। ବିବାହ ବିଚ୍ଛେଦ ପାଇଁ ବାଲେଶ୍ୱର ପରିବାର ଅଦାଲତ ୨୦୨୧ ନଭେମ୍ବର ୨୨ରେ ପ୍ରଦାନ କରିଥିବା ରାୟକୁ ରଦ୍ଦ କରି ହାଇକୋର୍ଟ ଏହି ରାୟ ଦେଇଛନ୍ତି। ଏହା ସହ ଏହି ମାମଲାରେ ପରିବାର ଅଦାଲତ ସାନି ଶୁଣାଣି କରି ୬ ମାସ ଭିତରେ ଫଇସଲା କରିବେ ବୋଲି ହାଇକୋର୍ଟ କହିଛନ୍ତି। ମାମଲାର ବିବରଣୀରୁ ଜଣାପଡ଼ିଛି ଯେ, ଆବେଦନକାରୀଙ୍କ ବିବାହ ୨୦୧୮ରେ ହୋଇଥିଲା। ସେମାନେ କିଛି ଦିନ ଭଲରେ ଚଳିଥିଲେ। ପରେ ଦୁହିଁଙ୍କ ମଧ୍ୟରେ ମତାନ୍ତର ଯୋଗୁ ସମ୍ପର୍କରେ ଫାଟ ଦେଖାଯାଇଥିଲା। ୨୦୨୦ରେ ପରସ୍ପର ସହମତିରେ ବାଲେଶ୍ୱର ପରିବାର ଅଦାଲତରେ ବିବାହ ବିଚ୍ଛେଦ ପାଇଁ ହିନ୍ଦୁ ବିବାହ ଅଧିନିୟମ ୧୯୫୫ର ଧାରା ୧୩(ଖ)ରେ ଯୁଗ୍ମ ଆବେଦନ ଦାୟର କରିଥିଲେ। ଏହି ମାମଲା ବିଚାର ଚାଲିଥିଲା। ଏହା ମଧ୍ୟରେ ପତ୍ନୀ ନିଜ ସମ୍ମତି ନଭେମ୍ବର ୧୮, ୨୦୨୧ରେ ପ୍ରତ୍ୟାହାର କରି ନେବା ସହ ତାହା ଅଦାଲତଙ୍କୁ ଅବଗତ କରିଥିଲେ। ପରେ ନଭେମ୍ବର ୨୨ରେ ପରିବାର ଅଦାଲତ ବିବାହ ବିଚ୍ଛେଦ ଆଦେଶ ପ୍ରଦାନ କରିଥିଲେ। ଏହି ଆଦେଶକୁ ଚ୍ୟାଲେଞ୍ଜ କରି ପତ୍ନୀ ଓଡ଼ିଶା ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ପରିବାର ଅଦାଲତଙ୍କ ଆଦେଶ ବିରୋଧରେ ପତ୍ନୀଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ପରିବାର ଅଦାଲତ ଦେଇଥିବା ରାୟକୁ ରଦ୍ଦ କରିଥିଲେ।

**ଶେଷରେ ଏହା କୁହାଯାଇପାରେ ଯେ ବିଚ୍ଛେଦକୁ ବିଳମ୍ବିତ ବା ବିରୋଧ କରିବା ପରିବର୍ତ୍ତେ ସୁବିଧାରେ ଅନୁମତି ଦିଆଯାଇପାରିଲେ ଉଭୟ ପଟ ସୁରକ୍ଷିତ ଏବଂ ଶାନ୍ତିରେ ରହିପାରିବେ। ସମ୍ପର୍କକୁ ହାତଧରି ହେଉ କିମ୍ବା କାନି ଧରି ଅଟକାଯାଇ ପାରିବ ନାହିଁ। ଦୁହିଁଙ୍କ ମନ ଠିକ୍ ରହିଲେ ସମ୍ପର୍କ ମଧ୍ୟ ସମ୍ପୂର୍ଣ୍ଣ ଭଲ ରହିବ।**

ଭାରତରେ ବିବାହ ଏକ ସାମାଜିକ ବନ୍ଧନ। ଅନ୍ୟ ସମାଜରେ ବିଶେଷକରି ପାଶ୍ଚାତ୍ୟ ଦେଶଗୁଡ଼ିକରେ ବିବାହକୁ ଏକ ଚୁକ୍ତି ଆକାରରେ ଦେଖାଯାଇଥାଏ। ସେଥିପାଇଁ ଅନେକ ଦେଶରେ ବିବାହ ପୂର୍ବରୁ ଏବଂ ଦୁଇ ପକ୍ଷର ସୁସ୍ଥ ସମ୍ପର୍କ ଥିବା ସମୟରେ 'ପ୍ରିନପ' (ବିବାହ ପୂର୍ବରୁ ଚୁକ୍ତି ଦସ୍ତଖତ) କରାଯାଇଥାଏ। ଏହା ଆଧୁନିକ ସମାଜରେ ଏକ ସ୍ୱୀକୃତିପ୍ରାପ୍ତ ଚୁକ୍ତି ଭାବେ ଗ୍ରହଣ କରିନିଆଗଲାଣି। ବ୍ରିଟେନ ଭଳି ଦେଶରେ ୪୦ ପ୍ରତିଶତରୁ ଅଧିକ ବିବାହ ବିଚ୍ଛେଦରେ ପରିଣତ ହେଉଥିବାର ତଥ୍ୟ ମିଳୁଛି। ସେଥିପାଇଁ ବିବାହ ପୂର୍ବରୁ ଚୁକ୍ତି ହୋଇଗଲେ ପରିବର୍ତ୍ତୀ ସମୟରେ ଦ୍ୱେଷ ଏବଂ କ୍ରୋଧ କିମ୍ବା ହିଂସାରେ ପରିଣତ ହେଉନାହିଁ। ଅନ୍ୟପଟେ ଭାରତରେ ହିନ୍ଦୁ ବିବାହ ଆଇନ ୧୯୫୫ରେ ଦୁଇ ବ୍ୟକ୍ତିଙ୍କ ମଧ୍ୟରେ ହେଉଥିବା ବିବାହକୁ ଚୁକ୍ତି ଭାବେ ଗଣାଯାଉ ନାହିଁ। ଏହାର ଫଳସ୍ୱରୂପ ସ୍ୱାମୀ ଦ୍ୱାରା ସ୍ତ୍ରୀର ହତ୍ୟା କିମ୍ବା ସ୍ତ୍ରୀ ତରଫରୁ ଅନ୍ୟ ଲୋକଙ୍କୁ ଜଡ଼ିତ କରି ସ୍ୱାମୀର ହତ୍ୟା ଘଟାଉଥିବାର ଅନେକ ଉଦାହରଣ ଭାରତରେ ଦେଖିବାକୁ ମିଳୁଛି। ଏଭଳି ପରିସ୍ଥିତିରୁ ବୁଝାପଡୁଛି ଯେ, ବିବାହ ପୂର୍ବରୁ ଏବଂ ବିବାହ ସମୟରେ ଉଭୟ ପଟରେ ସ୍ନେହ, ଶ୍ରଦ୍ଧା ଏବଂ ପ୍ରେମ ରହିଥାଏ। କିନ୍ତୁ ପରବର୍ତ୍ତୀ ସମୟରେ ତିକ୍ତତା ପ୍ରବେଶ କରେ। ବିଶେଷକରି ବ୍ୟବସ୍ଥିତ ବା ପ୍ରସ୍ତାବିତ ବିବାହରେ ଉଭୟ ପଟ ପରସ୍ପରକୁ ଭଲଭାବେ ଚିହ୍ନି ନ ଥିବା ହେତୁ ଅନେକ ସମୟରେ ବିବାହ ପରେ ଖୁବ୍‌ଶୀଘ୍ର ବୁଝାମଣା ଭାଙ୍ଗିଯାଇଥାଏ। ଏହା କେବଳ ଭାରତର ଶିକ୍ଷିତ ଏବଂ ସହରାଞ୍ଚଳରେ ରହୁଥିବା ଦମ୍ପତିଙ୍କ କ୍ଷେତ୍ରରେ ସୀମିତ ନୁହେଁ। ଭାରତର ଗ୍ରାମାଞ୍ଚଳରେ ମଧ୍ୟ ବିବାହ ବିଚ୍ଛେଦର ଉଦାହରଣ ବୃଦ୍ଧି ପାଇବାରେ ଲାଗିଛି। ଅଧିକାଂଶ ସମୟରେ ବିଧିବଦ୍ଧ ବିଚ୍ଛେଦ ପରିବର୍ତ୍ତେ ସାଧାରଣତଃ ପୁରୁଷମାନେ ସ୍ତ୍ରୀକୁ ଛାଡ଼ି ଉଭାନ ହୋଇଯାଉଛନ୍ତି। ଯେଉଁଥିପାଇଁ ପ୍ରେମରୁ ଉପୁଜୁଥିବା ବିବାହ କ୍ଷେତ୍ରରେ ୪୦ ପ୍ରତିଶତ ବିଚ୍ଛେଦ ତଥ୍ୟ ମିଳୁଥିବା ବେଳେ ପ୍ରସ୍ତାବିତ ବିବାହ ମାତ୍ର ୪ ପ୍ରତିଶତ ବିଚ୍ଛେଦ ଘଟିଥାଏ ବୋଲି ବିଭିନ୍ନ ସୂତ୍ରରୁ ତଥ୍ୟ ମିଳେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ପ୍ରେମରୁ ବିବାହ ବିଚ୍ଛେଦ ତଥ୍ୟ ସତ୍ୟ ହୋଇଥିବା ସମ୍ଭାବନା ଅଧିକ। ଅପରପଟେ ପ୍ରସ୍ତାବିତ ବିବାହରୁ ଘଟୁଥିବା ବିଚ୍ଛେଦ ମାତ୍ର ୪ ପ୍ରତିଶତ ହୋଇଥିବା ତଥ୍ୟ ବାସ୍ତବତାଠାରୁ ଅନେକ ଦୂରରେ ଥିବାଭଳି ମନେହୁଏ। ଭାରତରେ ସାମାଜିକ ଚାପ ଯୋଗୁ ବିଧିବଦ୍ଧ ବିଚ୍ଛେଦ ପ୍ରସ୍ତାବିତ ବିବାହଗୁଡ଼ିକରେ ଦେଖିବାକୁ ମିଳେନାହିଁ। ଏହାଫଳରେ ହତ୍ୟା କିମ୍ବା ଅତ୍ୟାଚାରର ଘଟଣା ବୃଦ୍ଧି ପାଉଛି। ସେଥିପାଇଁ ଶେଷରେ ଏହା କୁହାଯାଇପାରେ ଯେ ବିଚ୍ଛେଦକୁ ବିଳମ୍ବିତ ବା ବିରୋଧ କରିବା ପରିବର୍ତ୍ତେ ସୁବିଧାରେ ଅନୁମତି ଦିଆଯାଇପାରିଲେ ଉଭୟ ପଟ ସୁରକ୍ଷିତ ଏବଂ ଶାନ୍ତିରେ ରହିପାରିବେ। ସମ୍ପର୍କକୁ ହାତଧରି ହେଉ କିମ୍ବା କାନି ଧରି ଅଟକାଯାଇ ପାରିବ ନାହିଁ। ଦୁହିଁଙ୍କ ମନ ଠିକ୍ ରହିଲେ ସମ୍ପର୍କ ମଧ୍ୟ ସମ୍ପୂର୍ଣ୍ଣ ଭଲ ରହିବ। ଥରେ ମନ ଫାଟିଗଲେ ସେତେବେଳେ କୌଣସି ଆଇନକୁ ବ୍ୟବହାର କରି ଅଟକାଯାଇ ପାରିବ ନାହିଁ। ସମ୍ପର୍କ ପ୍ରେମ, ସ୍ନେହ ଓ ଉତ୍ତମ ବୁଝାମଣାରେ ମଜଭୁତ ହୋଇଥାଏ । ଏହାର ଅଭାବରେ ବିଚ୍ଛେଦ ଘଟିବା ସ୍ୱାଭାବିକ।

## sudoku – ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | 6 | | | | |
| | | 9 | 5 | | | | | |
| | 5 | | | | | 6 | 3 | 1 |
| | | 7 | 8 | | | | | 9 |
| | 9 | | | 4 | | | | |
| | | | | | 3 | | 4 | |
| 4 | 1 | 8 | | | | | | 2 |
| | | | 7 | | | | | 4 |
| | | | | 2 | 6 | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 6 | 8 | 1 | 5 | 9 | 4 | 2 |
| 5 | 4 | 8 | 7 | 2 | 9 | 6 | 1 | 3 |
| 9 | 2 | 1 | 4 | 6 | 3 | 8 | 7 | 5 |
| 7 | 8 | 9 | 5 | 4 | 1 | 3 | 2 | 6 |
| 6 | 1 | 5 | 3 | 8 | 2 | 7 | 9 | 4 |
| 2 | 3 | 4 | 9 | 7 | 6 | 5 | 8 | 1 |
| 4 | 6 | 7 | 1 | 3 | 8 | 2 | 5 | 9 |
| 1 | 5 | 3 | 2 | 9 | 7 | 4 | 6 | 8 |
| 8 | 9 | 2 | 6 | 5 | 4 | 1 | 3 | 7 |


ଗତକାଲିର ଉତ୍ତର

# ସାଂସ୍କୃତିକ ସମର ଓ ସେନାପତି ଫକୀରମୋହନ



ଡ.ପ୍ରଫୁଲ୍ଲ କୁମାର ସାହୁ

ସାଂସ୍କୃତିକ ଜାଗରଣର ଅଗ୍ରଦୂତ ଫକୀରମୋହନ ସେନାପତି। ଭାଷା ସୁରକ୍ଷା ଆନ୍ଦୋଳନର କର୍ଣ୍ଣଧାର। କେନ୍ଦ୍ରାପଡ଼ାର କୁଣିନ୍ଦା ଗ୍ରାମରୁ ଆସି ବାଲେଶ୍ୱର ଜିଲାର ମଲ୍ଲିକାଶପୁରରେ ସ୍ଥାୟୀ ଭାବରେ ରହୁଥିଲେ ପାଇକ ସର୍ଦ୍ଦାର ହନୁ ମଲ୍ଲ, ଯିଏ ନିଜର ବୀରତ୍ୱ ପାଇଁ ମରହଟ୍ଟା ଅମଳରେ ପାଇଥିଲେ ସେନାପତି ପଦବୀ। କୁଶ ମଲ୍ଲ (ସେନାପତି) ଥିଲେ ହନୁ ମଲ୍ଲଙ୍କ ନାତି ଏବଂ ଫକୀରମୋହନଙ୍କ ଜେଜେବାପା। ଅର୍ଥାତ୍ ଫକୀରମୋହନ ହେଉଛନ୍ତି ହନୁ ମଲ୍ଲଙ୍କ ପଞ୍ଚମ ପିଢ଼ିର ଦାୟାଦ। ଆଜନ୍ମ ରୋଗାକ୍ରାନ୍ତ ଫକୀରମୋହନ ପୂର୍ବଜଙ୍କ ପରି ରଣରଙ୍ଗା ଯୋଦ୍ଧା ନ ହେଲେ ମଧ୍ୟ ସେ ଥିଲେ ପରାଧୀନ ଦେଶର ଏକ ପରିଚୟହୀନ ଭୂଖଣ୍ଡର କର୍ମଯୋଗୀ ଚିନ୍ତାନାୟକ। ତାଙ୍କ ସମୟରେ କଲିକତାରେ ରହି ଇଂରେଜମାନେ ଓଡ଼ିଶାକୁ ଶାସନ କରୁଥିଲେ ଏବଂ କଲିକତାରୁ ନିଯୁକ୍ତି ପାଇ ଓଡ଼ିଶା ଆସୁଥିଲେ ହାକିମ, ପେସ୍କାର,କିରାଣିମାନେ। ପ୍ରତ୍ୟେକ ସ୍କୁଲର ଅଧିକାଂଶ ଶିକ୍ଷକ ଥିଲେ ବଙ୍ଗାଳୀ। ସାହେବମାନଙ୍କ ହୁକୁମ ଓ ବଙ୍ଗାଳୀମାନଙ୍କ ତାଚ୍ଛଲ୍ୟ ମଝିରେ ବନ୍ଧାପଡ଼ିଥିଲା ସ୍ୱାଭିମାନୀ ଓଡ଼ିଆ ଜାତିର ଭାଗ୍ୟ। ଏହାର ସୁଯୋଗ ନେଇ ବିଦ୍ୟାଳୟରୁ ଓଡ଼ିଆ ଭାଷାକୁ ଉଚ୍ଛେଦକରି ବଙ୍ଗଳା ଭାଷାର ପ୍ରଚଳନ ପାଇଁ ଏଠାରେ ରହୁଥିବା କତିପୟ ବଙ୍ଗାଳୀ ଶିକ୍ଷକ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ଆରମ୍ଭହେଲା ଚକ୍ରାନ୍ତ। ତାକୁ ପ୍ରତିହତ କରିବାକୁ ଯାଇ ଓଡ଼ିଆ ଜାତି ଯେଉଁ ବୌଦ୍ଧିକ ଲଢ଼େଇ ଲଢ଼ିଥିଲା ତା'ର ରିଂ ଲିଡର ଥିଲେ ସେନାପତି ଫକୀରମୋହନ। ଆନୁଷ୍ଠାନିକ ଶିକ୍ଷା ସ୍ୱଳ୍ପ ହେଲେ ହେଁ ଅସାଧାରଣ ଥିଲା ତାଙ୍କ ପାଣ୍ଡିତ୍ୟ ଓ ପ୍ରତ୍ୟୁତ୍ପନ୍ନମତିତା। ତାଙ୍କର ଅକାଟ୍ୟ ଯୁକ୍ତି ବିଚାରବନ୍ତ ସାହେବମାନଙ୍କୁ ଏଭଳି ପ୍ରଭାବିତ କରିଥିଲା ଯେ ପଣ୍ଡ ପରିଶ୍ରମରେ ପରିଣତ ହୋଇଥିଲା ବଙ୍ଗାଳୀମାନଙ୍କ ଷଡ଼ଯନ୍ତ୍ର। ଏଥିପାଇଁ କିନ୍ତୁ କମ୍ ଲଢ଼େଇ କରିନାହାନ୍ତି ସେନାପତି ଫକୀରମୋହନ। ନିଜ ଆତ୍ମଜୀବନୀରେ ସେ ଲେଖିଛନ୍ତି– ''ସଭାସମିତିରେ ବକ୍ତୃତା,ଖବରକାଗଜରେ ଲେଖାଲେଖି ଏବଂ ପ୍ରକାଶ୍ୟରେ ତର୍କବିତର୍କ କରିବା ଫଳରେ ମୁଁ ବଙ୍ଗାଳୀ ସମାଜର ପରମ ଶତ୍ରୁ ହୋଇ ପଡ଼ିଲି। ବଙ୍ଗାଳୀବାବୁମାନେ ଅତ୍ୟନ୍ତ ଘୃଣା ଯୋଗୁ ମୋ ନାମ ଧରନ୍ତି ନାହିଁ। କୁହନ୍ତି , ଶାଳା ରିଂ ଲିଡର।'' ଓଡ଼ିଆରେ ମୁଦ୍ରିତ ପାଠ୍ୟପୁସ୍ତକ ନାହିଁ– ଏହା ହିଁ ଥିଲା ଓଡ଼ିଆ ଭାଷାର ବିଲୋପ ନିମନ୍ତେ ଯୁକ୍ତି କରୁଥିବା ବଙ୍ଗୀୟ କର୍ମଚାରୀଙ୍କ ପ୍ରଥମ ଅଭିଯୋଗ, ଯାହାକୁ ଏକ ଆହ୍ୱାନ ଭାବରେ ଗ୍ରହଣ କରିଥିଲେ ସେନାପତି ଫକୀରମୋହନ। ଲେଖିଲେ ଭାରତ ଇତିହାସ (ପ୍ରଥମ ଓ ଦ୍ୱିତୀୟ ଭାଗ) ବ୍ୟାକରଣ ଓ ଅଙ୍କମାଳା। ପାଠ୍ୟପୁସ୍ତକ ଛାପା ଓ ସାହିତ୍ୟର ବିକାଶ ପାଇଁ ବାଲେଶ୍ୱରରେ ସ୍ଥାପନକଲେ ଛାପାଖାନା। ପ୍ରେସ୍ ସ୍ଥାପନ ପାଇଁ ସେ ଯେଭଳି ବ୍ୟବସାୟିକ ଶଠତାର ଶିକାରହେବା ସହ ଯେଉଁ ଆର୍ଥିକ ଅନଟନ, ଶାରୀରିକ ଯନ୍ତ୍ରଣା, ଲଜ୍ଜା, ଅପମାନ, ଦୁଃଖ ଓ ଦୁର୍ଦ୍ଦଶା ଭୋଗ କରିଛନ୍ତି, ତାହା ଜାଣିଲେ ଓଦା ହୋଇଯିବ ପ୍ରତ୍ୟେକ ସ୍ୱାଭିମାନୀ ଓଡ଼ିଆର ଆଖି। ପ୍ରେସ୍ ପ୍ରତିଷ୍ଠା ସହ ଜାତୀୟ ଜାଗରଣ ନିମନ୍ତେ ପାକ୍ଷିକ ଖବରକାଗଜ 'ସମ୍ବାଦବାହିକା' ଓ



ସାହିତ୍ୟ ପତ୍ରିକା 'ବୋଧଦାୟିନୀ' ପ୍ରକାଶନ ଥିଲା ମୁମୂର୍ଷୁ ଓଡ଼ିଆ ଭାଷା ଓ ଭଗ୍ନଜାନୁ ଓଡ଼ିଆ ଜାତିର ମର୍ମନ୍ତୁଦ ଇତିହାସର ଏକ ଏକ ସ୍ମରଣୀୟ ଅଧ୍ୟାୟ।

ପୁରାତନ ଚାହାଳି ପାଠ ପରେ ପାର୍ସି ସ୍କୁଲରେ ଉର୍ଦ୍ଦୁ ବିଦ୍ୟା ଓ ସାମାନ୍ୟ କିଛି ଆଧୁନିକ ଶିକ୍ଷା– ଏତିକି ଯୋଗ୍ୟତା ନେଇ ଆରମ୍ଭକଲେ ଶିକ୍ଷକତା । ମାତ୍ର କଠିନ ଅଧ୍ୟବସାୟ ତାଙ୍କୁ ଆଣିଦେଲା ବାଲେଶ୍ୱର ମିଶନ ସ୍କୁଲର ଜଣେ ପ୍ରଭାବଶାଳୀ ପ୍ରଧାନ ଶିକ୍ଷକ ତଥା ଗଣିତ,ଭୂଗୋଳ ଓ ଇତିହାସ ଆଦି ପାଠ୍ୟ ପୁସ୍ତକ ରଚୟିତାର ପରିଚୟ ଓ ପ୍ରତିଷ୍ଠା। ସବୁଠାରୁ ସଂଘର୍ଷମୟ ଥିଲା ତାଙ୍କ ପ୍ରଶାସନିକ ଜୀବନ। ୧୮୭୧ ରୁ ୧୮୮୬ ପର୍ଯ୍ୟନ୍ତ ସେ ନୀଳଗିରି, ଡମପଡ଼ା, ଢେଙ୍କାନାଳ, ପାଲଲହଡ଼ା ଓ କେନ୍ଦୁଝର ଆଦି ବିଭିନ୍ନ ରାଜ୍ୟରେ ପ୍ରଶାସନିକ ଦାୟିତ୍ୱରେ ରହିଛନ୍ତି ଏବଂ ବିଶେଷକରି କେନ୍ଦୁଝରର ପ୍ରଜାମେଳିକୁ ସାମ୍ନା କରିବାକୁ ଯାଇ ଯେଉଁ ସେନାପତିତ୍ୱର ପରିଚୟ ଦେଇଛନ୍ତି ତାହା ଏକ ସନନ୍ଦ ହୋଇ ରହିଛି କେନ୍ଦୁଝରର ପ୍ରଜାମେଳି ଇତିହାସରେ। କେନ୍ଦୁଝର ରାଜ୍ୟର ଦେୱାନ ଭାବରେ ସେ ଆନନ୍ଦପୁର ଇଲାକାରେ କାର୍ଯ୍ୟରତ ଥିବା ସମୟରେ ମାଛକାନ୍ଦଣା ଜୋର ଖୋଲାକୁ କେନ୍ଦ୍ରକରି କେନ୍ଦୁଝରରେ ଦାନା ବାନ୍ଧିଲା ପ୍ରଜା ଆନ୍ଦୋଳନ। ଭୂୟାଁ ସର୍ଦ୍ଦାର ଧରଣୀଧରଙ୍କ ନେତୃତ୍ୱରେ ବିଦ୍ରୋହ ଏତେ ଉଗ୍ରରୂପ ଧାରଣକଲା ଯେ ନିଜ ଗଡ଼ ଛାଡ଼ି ଆନନ୍ଦପୁରରେ ଆଶ୍ରୟ ନେଲେ ରାଜା ଧନଞ୍ଜୟ ନାରାୟଣ ଭଞ୍ଜ। ରାଜବାଟୀ ଭିତରେ ଅସହାୟ ଅବସ୍ଥାରେ ରହିଗଲେ ରାଣୀ ଓ ପରିବାରବର୍ଗ। ରାଜପରିବାର ସୁରକ୍ଷା ତଥା ରାଜବାଟି ଦଖଲ କରିବାକୁ ସଜ ହେଉଥିବା ବିଦ୍ରୋହୀମାନଙ୍କ ଆହ୍ୱାନ ଆଗରେ ଗର୍ଜନ ଛାଡ଼ିଲା ଫକୀରମୋହନଙ୍କ ସେନାପତିପଣିଆ। ଯୁଦ୍ଧବିଦ୍ୟା ବିସ୍ମୃତ କିଛି ପାଇକଙ୍କୁ ସାଙ୍ଗରେ ଧରି ବିଦ୍ରୋହ ଦମନ ପାଇଁ ବାହାରି ପଡ଼ିଲେ ନିଜଗଡ଼ ଅଭିମୁଖେ। ମାତ୍ର ଘାଟି ଅତିକ୍ରମ କରିବା ସମୟରେ ବିଦ୍ରୋହୀଙ୍କ ହାତରେ ଧରାପଡ଼ିଲେ ଏବଂ ବନ୍ଦୀ ହୋଇ ରହିଲେ ରାଇସୁଆଁ ଆମ୍ବତୋଟାରେ। ହଣା ଖାଇବା ଥିଲା ନିର୍ଧାର୍ଯ୍ୟ।

କୁହାଯାଏ ଯୋଦ୍ଧାର ଅସଲ ପରୀକ୍ଷା ହୁଏ ସଙ୍କଟ ସମୟରେ। ଫକୀରମୋହନଙ୍କ ପାଖରେ ତାଙ୍କ ପୂର୍ବଜ ହନୁ ମଲ୍ଲଙ୍କ ଭଳି ଶାରୀରିକ ଶକ୍ତି ନ ଥିଲା ତ,ହେଲେ ଦୁର୍ବଳ ଶରୀରର ମସ୍ତିଷ୍କଟା ଥିଲା ପ୍ରଖର ବୁଦ୍ଧିଦୀପ୍ତ। ସେଥିପାଇଁ ବିଧାତା ତାଙ୍କ ହାତରେ ଶତ୍ରୁଜୟୀ ଅସ୍ତ୍ର ପରିବର୍ତ୍ତେ ଧରାଇଥିଲେ କାଳଜୟୀ କଲମ। ସେହି ବୁଦ୍ଧି ଓ କଲମ ବଳରେ ବିଦ୍ରୋହୀଙ୍କ ହାତରୁ ସେ କେମିତି ବଞ୍ଚିଲେ, ସେ ସଂଘର୍ଷପୂର୍ଣ୍ଣ କାହାଣୀ ଗୋଟେ ରହସ୍ୟମୟ ଉପନ୍ୟାସଠାରୁ ଆହୁରି ରୋମାଞ୍ଚକର।

ମେଳି ସର୍ଦ୍ଦାର ଧରଣୀଧରଙ୍କ ଅନୁମତିକ୍ରମେ ବାଲେଶ୍ୱରରୁ ପାନଗୁଆ ମଗାଇବା ଛଳରେ ସେ ଲେଖିଥିଲେ ଏକ କୃତାର୍ଥପୂର୍ଣ୍ଣ ଖୋଲା ଚିଠି। ସେଥିରେ ଲେଖାଥିଲା–'ଭୋଳାନାଥ ଖମାରିଆ (ଖମାର ତତ୍ତ୍ୱାବଧାରକ) ଜାଣିବୁ,ମହାରାଣୀ ପୁତ୍ରଙ୍କ (ବିଦ୍ରୋହୀ ନେତା ଧରଣୀଧର)ସକାଶେ ନିତାନ୍ତ ଦରକାର, ଅତିଶୀଘ୍ର ଶହେ ହେଲେ ମଧ୍ୟ ପାନ, ଦୁଇଶହ ଗୁଆ ପଠାଇବୁ। ଉତ୍ତର ପଟୁ ମାହାରା କରି ଆଖୁବାଡ଼ିକୁ ଶୀଘ୍ର ପାଣି ବୁହାଇବୁ। ନୋହିଲେ ଆଖୁବାଡ଼ି ବିନାଶ ଯିବ ବୋଲି ଜାଣିବୁ।ଇତି।'' ପତ୍ରବାହକ ଭାବରେ ୪ଜଣ ପାଇକଙ୍କୁ ଭୋଳାନାଥ ଖମାରିଆଙ୍କ ପାଖକୁ ପଠାଗଲା, ଯେଉଁ ୪ଜଣ ବନ୍ଦୀ ହୋଇଥିଲେ ଫକୀରମୋହନଙ୍କ ସହିତ। ଫକୀରମୋହନଙ୍କ ଇସାରାକ୍ରମେ ସେମାନେ ବାଲେଶ୍ୱର ପରିବର୍ତ୍ତେ ଆନନ୍ଦପୁରରେ ପହଞ୍ଚିଲେ, ଯେଉଁଠି ଅବସ୍ଥାନ କରୁଥିଲେ ରାଜା ଧନଞ୍ଜୟ ଭଞ୍ଜ।

ଚିଠିର ଅସଲ ଅର୍ଥ ବାହାର କରିବା ଉଦ୍ଦେଶ୍ୟରେ ବିଜ୍ଞ ଲୋକଙ୍କ ସାହାଯ୍ୟ ଲୋଡ଼ିଲେ ରାଜା। ଗଭୀର ଅନୁଧ୍ୟାନ ଓ ଅନୁଶୀଳନ ପରେ ସ୍ପଷ୍ଟହେଲା ଯେ ପାନ ଅର୍ଥ ସିପାହି ,ଗୁଆ ଅର୍ଥ ଗୁଳି ଓ ଆଖୁ କିଆରି ହେଉଛି ରାଜବାଟି। ଉତ୍ତରପଟୁ ମାହାରାକରି ପାଣି ବୁହାଇବା ନିମନ୍ତେ ଲେଖିବା ଅନ୍ତରାଳରେ ଥିଲା ସିଂହଭୂମରୁ ସୈନ୍ୟ ଆଣି ବିଦ୍ରୋହୀ ଦଳ ଉପରେ ଆକ୍ରମଣ କରିବାର ଇସାରା। ବାକି ଚିଠି ଉପରେ ତିନିଖଣ୍ଡ ତାର ବାନ୍ଧିବାର ଉଦ୍ଦେଶ୍ୟ ବୁଝିପାରି ଗଭର୍ନର, ସୁପରିଣ୍ଟେଣ୍ଡେଣ୍ଟ ଓ ନନ୍ଦକିଶୋର ବାବୁଙ୍କୁ ତାରବାର୍ତ୍ତା ପଠାଇ ଦିଆଗଲା ତତ୍କାଳ। ଚିଠି ପାଇବା ମାତ୍ରେ ପଦକ୍ଷେପ ନେଲେ ଇଂରେଜ ସରକାର।

ଏକ କ୍ଷୟିଷ୍ଣୁ ଅଭିଜାତ ପରିବାରର ଅସହାୟ ଶିଶୁ ପରବର୍ତ୍ତୀ ସମୟରେ ଶିକ୍ଷକ,ସମ୍ପାଦକ, ସଙ୍ଗଠକ ଓ ପ୍ରଶାସକ ଭାବରେ ଅର୍ଜନ କରିଥିବା ବିପୁଳ ଅଭିଜ୍ଞତାକୁ ପୁଞ୍ଜିକରି ଗଢ଼ିଉଠିଥିଲା ସେନାପତି ସାହିତ୍ୟ। ଦୀର୍ଘ ୨ଶହ ବର୍ଷର ଓଡ଼ିଶାର ସାମାଜିକ,ରାଜନୈତିକ ଓ ସାଂସ୍କୃତିକ ଇତିହାସର ପୃଷ୍ଠଭୂମିରେ ଠିଆହୋଇଥିବା ଏ ସାହିତ୍ୟର ମୌଳିକ ବିଭବ ଥିଲା ଆଖିଦେଖା ମଣିଷ, ଅଙ୍ଗେନିଭା ଅନୁଭୂତି ଓ ପ୍ରାଣଛୁଆଁ ସୁଖଦୁଃଖ। ଓଡ଼ିଆ ଜୀବନ ଚିତ୍ରର ଛିନ୍ନ ଚୌପଦୀ ''ଛ'ମାଣ ଆଠଗୁଣ୍ଠ''। ଓଡ଼ିଆ ଚଷାର ଏକ ବିସ୍ଥାପନ କାହାଣୀ। ଶୋଷଣ କଷଣର ଏକ ଜୀବନ୍ତ ଇତିହାସ। ଛ'ମାଣ ଆଠଗୁଣ୍ଠ କେବଳ ଏକ ଜମି ନୁହେଁ, ଓଡ଼ିଆ ପରିଚୟର ବିସ୍ତୃତ ଭୂମି। ଫକୀରମୋହନ ଥିଲେ ସଂସ୍କାର ପ୍ରୟାସୀ। ତେଣୁ ତାଙ୍କ ରେବତୀ ,ସଭ୍ୟ ଜମିଦାର, ବଗଲାବଗୁଲୀ, ବିରେଇ ବିଶାଳ, ଡାକମୁନ୍ସୀ, ଧୂଳିଆବାବା ଓ ପେଟେଣ୍ଟ ମେଡିସିନ ଆଦି ପ୍ରତ୍ୟେକ ଗଳ୍ପରେ ପରିବେଷିତ ବିମଳ–ଚଟୁଳ ହାସ୍ୟରସ ଅନ୍ତରାଳରେ ରହିଛି ସମାଜ ସଂସ୍କାର ନିମନ୍ତେ ଏକ କ୍ରିୟାସ୍ନାତ ଖସଡ଼ା। 'ଉତ୍କଳ ଭ୍ରମଣ' ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ଓ ଇତିହାସ ଆଦିର ଏକ ଅମୂଲ୍ୟ ଦସ୍ତାବିଜ। ଏକ କାବ୍ୟିକ ଇତିହାସ। କଥା ହେଉ କି କବିତା, ତାଙ୍କର ପ୍ରତ୍ୟେକଟି ସର୍ଜନା ମଧ୍ୟରେ ଶୁଣିବାକୁ ମିଳେ ଓଡ଼ିଆ ରକ୍ତର ଅନ୍ତରଙ୍ଗ ସ୍ୱର।

**ମୋ: ୬୩୭୧୬୪୨୪୬୪**

# ଭୂତଳ ଜଳ ଜହର



ସୌଭାଗ୍ୟ ରଞ୍ଜନ ମହାନ୍ତି

ଦେଶର ଭୂତଳ ଜଳ ଓ ଏହାର ଗୁଣ ନେଇ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ(ସିଜିଡବ୍ଲ୍ୟୁବି)ର ବାର୍ଷିକ ମୂଲ୍ୟାୟନ ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ଚିନ୍ତାଜନକ। କହିବା ଯଥାର୍ଥ ଯେ, ଭୂତଳ ଜଳରେ ନାଇଟ୍ରେଟ(ଏନ୍ଓ୩) ରହିଥିବା କୁହାଯାଇଛି, ଯାହାକି କେବଳ ମଣିଷ ନୁହେଁ, ସମଗ୍ର ଜୀବଜଗତ ପାଇଁ ଅତ୍ୟନ୍ତ ବିପଜ୍ଜନକ। ଉଲ୍ଲେଖଯୋଗ୍ୟ ଯେ, ଦେଶର ୭୭୯ଟି ଜିଲା ମଧ୍ୟରୁ ଅର୍ଦ୍ଧାଧିକ ତଥା ୪୪୦ଟି ଜିଲାର ଭୂତଳ ଜଳରେ ନାଇଟ୍ରେଟର ପରିମାଣ ମାତ୍ରାଧିକ ରହିଥିବା ରିପୋର୍ଟରେ କୁହାଯାଇଛି। ତେବେ ଉଦ୍‌ବେଗଜନକ ପ୍ରସଙ୍ଗ ଏହି ଦେଶରେ ଗୋଟିକ ପରେ ଗୋଟିଏ ଜିଲାରେ ଭୂତଳ ଜଳରେ ବିଷାକ୍ତ ନାଇଟ୍ରେଟ ମାଡ଼ି ଚାଲିଛି। ୨୦୧୭ରେ ଦେଶର ୩୫୯ଟି ଜିଲାରେ ଭୂତଳ ନାଇଟ୍ରେଟ ଥିବା ଜଣାଯାଇଥିବାବେଳେ ୨୦୨୩ରେ ଜିଲା ସଂଖ୍ୟା ୪୪୦କୁ ବୃଦ୍ଧି ପାଇଛି। ଏହି ସମସ୍ତ ଜିଲାର ଭୂତଳ ଜଳରେ ପ୍ରତି ଲିଟରରେ ୪୫ ମିଲିଗ୍ରାମ୍ ନାଇଟ୍ରେଟ ରହିଛି, ଯାହାକି ଅତ୍ୟନ୍ତ ମାତ୍ରାଧିକ। ଏହା ସତ୍ୟ ଯେ, ଜଳରେ ମାତ୍ରାଧିକ ନାଇଟ୍ରେଟର ମାତ୍ରା ବୃଦ୍ଧି ଦୁଇଟି ଉଦ୍‌ବେଗର କାରଣ।

ପ୍ରଥମତଃ ଏହା ମଣିଷର ଶରୀର ଉପରେ ପ୍ରଭାବ ପକାଇଥିବାବେଳେ ପରିବେଶରେ ଗଭୀର ସଂକଟ ସୃଷ୍ଟି କରିଥାଏ। ମଣିଷ ଶରୀରରେ ମୋଥୋମୋଗ୍ଲୋବିନିମିଆ କିମ୍ବା ଲୋହିତ ରକ୍ତ ସେଲ୍‌ଗୁଡିକୁ ହ୍ରାସ କରିଦେଇଥାଏ। ଫଳରେ ଶରୀରକୁ ଆବଶ୍ୟକ ଅମ୍ଳଜାନ ପ୍ରବାହ ହୋଇପାରେ ନାହିଁ। ଏହା ବେଳେ ବେଳେ ନବଜାତକଙ୍କଠାରେ 'ବ୍ଲୁ ବାବି ସିଣ୍ଡ୍ରୋମ'ର କାରଣ ହୋଇଥାଏ। ତେବେ ଏହାଠାରୁ ପରିବେଶ ପ୍ରତି ବିପଦ ଆହୁରି ସାଂଘାତିକ। ଥରେ ଯଦି ଭୂତଳ ଜଳ ବୃଦ୍ଧି ପାଇ ଭୂପୃଷ୍ଠ ଉପର ସମତଳକୁ ନାଇଟ୍ରେଟ୍ ଆସିଯାଏ, ତେବେ ଏହା କେବଳ ପୋଖରୀ ଏବଂ ହ୍ରଦର ଜଳକୁ ବିଷାକ୍ତ କରେ ନାହିଁ ଜୈବିକ ବିବିଧତା ଉପରେ ଗୁରୁତର ପ୍ରଭାବ ପକାଇଥାଏ। ଉଲ୍ଲେଖଯୋଗ୍ୟ ଯେ, ସିଜିଡବ୍ଲ୍ୟୁବି ଦେଶବ୍ୟାପୀ ୧୫,୨୩୯ ଭୂତଳ ଜଳ ସାମ୍ପୁଲ ପରୀକ୍ଷା କରିଥିବାବେଳେ ସେଥିମଧ୍ୟରୁ ୧୯.୮ ପ୍ରତିଶତ ସାମ୍ପୁଲରେ ନାଇଟ୍ରେଟ ଥିବା ଜଣାଯାଇଛି। ପୂର୍ବରୁ ୨୦୧୭ରେ ୧୩,୦୨୮ ସାମ୍ପୁଲ ପରୀକ୍ଷା ହୋଇଥିବାବେଳେ ୨୧.୬ ପ୍ରତିଶତ ସାମ୍ପୁଲରେ ମାତ୍ରାଧିକ ନାଇଟ୍ରେଟ ରହିଥିବା ଜଣାପଡ଼ିଥିଲା। ସୁଖର କଥା ବର୍ତ୍ତମାନର ଏବଂ ପୂର୍ବ ପରୀକ୍ଷାର ଅନୁପାତରେ ବିଶେଷକରି ଫରକ



ନ ଥିବା କୁହାଯାଏ। କିନ୍ତୁ ରାଜସ୍ଥାନ, କର୍ଣ୍ଣାଟକ ଓ ତାମିଲନାଡୁର ଭୂତଳ ଜଳରେ ମାତ୍ରାଧିକ ନାଇଟ୍ରେଟ ଥିବା ଜଣାଯାଏ। ରାଜସ୍ଥାନ ଭୂତଳ ଜଳରେ ଜଳର ୪୯ ପ୍ରତିଶତ, କର୍ଣ୍ଣାଟକରେ ୪୮ପ୍ରତିଶତ ଓ ତାମିଲନାଡୁରେ ୩୭ ପ୍ରତିଶତ ସାମ୍ପୁଲରେ ନାଇଟ୍ରେଟ ଦୂଷିତ ପରିମାଣ ସୀମା ଅତିକ୍ରମ କରିଛି। ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ଗୁଜରାଟରେ ମଧ୍ୟ ଭୂତଳଜଳରେ ସର୍ବାଧିକ ଭାଗ ନାଇଟ୍ରେଟ ରହିଛି।

କେନ୍ଦ୍ରୀୟ ଏବଂ ଦକ୍ଷିଣାଞ୍ଚଳରେ ମଧ୍ୟ ଏବେ ଭୂତଳ ଜଳରେ ନାଇଟ୍ରେଟର ମାତ୍ରା ବଢ଼ିବାରେ ଲାଗିଛି। କେବଳ ନାଇଟ୍ରେଟ ନୁହେଁ ଭୂତଳ ଜଳରେ ମଧ୍ୟ ଫ୍ଲୋରାଇଡ ଏବଂ ୟୁରାନିୟମର ମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ରାଜସ୍ଥାନ, ହରିୟାଣା, କର୍ଣ୍ଣାଟକ, ଆନ୍ଧ୍ର ଓ ତେଲଙ୍ଗାନାରେ ଫ୍ଲୋରାଇଡ ଏବେ ଗୁରୁତର ଉଦ୍‌ବେଗଜନକ ସ୍ଥିତି ଉତ୍ପନ୍ନ କରିଛି। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଗତ ୨୦୦୯ ମସିହାଠାରୁ ଭୂତଳ ଜଳ ଉତ୍ତୋଳନ ବୃଦ୍ଧି ପାଇଥିବାବେଳେ ଏହାର ପରିମାଣ ଏବେ ୬୦.୪ ପ୍ରତିଶତ ଅତିକ୍ରମ କରିଛି। ତେବେ ଦେଶର ୭୩ ପ୍ରତିଶତ ବ୍ଲକ ଅଞ୍ଚଳରେ ଭୂତଳ ଜଳସ୍ତର ନିରାପଦ ସ୍ତରରେ ରହିଥିବାବେଳେ ବହୁ ଅଞ୍ଚଳରେ ଭୂତଳ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ସୂଚନା ଦିଆଯାଇପାରେ ଯେ, ନାଇଟ୍ରେଟ (ଏନଓ୩) ଯବକ୍ଷାରଜାନ ଓ ଅମ୍ଳଜାନର ଏକ ରାସାୟନିକ ଉପାଦାନ ଯାହା ପ୍ରାକୃତିକ ଉପାୟରେ ମାଟି, ପାଣି, ପବନ ଓ ଖାଦ୍ୟରେ ରହିଥାଏ। ଏହାକୁ ରାସାୟନିକ ସାର, ବିସ୍ଫୋରକ, ଔଷଧ, ଫସଲର ଅଭିବୃଦ୍ଧିରେ ବ୍ୟବହାର କରାଯାଇଥାଏ। ନାଇଟ୍ରେଟ ପରିମାଣ ଜଳ ଓ ମାଟିରେ ଅଧିକ ହେଲେ ମଣିଷର ସ୍ୱାସ୍ଥ୍ୟ ପ୍ରତି ବିପଜ୍ଜନକ ସ୍ଥିତି ଉତ୍ପନ୍ନ କରେ। ସେହିପରି ଫ୍ଲୋରାଇଡ ପରିମାଣ ଅଧିକ ହେଲେ, ଦାନ୍ତ ଓ ହାଡ଼ କ୍ଷୟ କରି ମଣିଷକୁ ପଙ୍ଗୁ କରିଦେଇଥାଏ।

ଆମ ରାଜ୍ୟର ୩୦ଟି ଜିଲା ମଧ୍ୟରୁ ୨୫ଟି ଜିଲାର ଭୂତଳ ଜଳ ବିପଜ୍ଜନକ ସ୍ଥିତିରେ ପହଞ୍ଚିଥିବା ସିଜିଡବ୍ଲ୍ୟୁବି ରିପୋର୍ଟରେ କୁହାଯାଇଛି। ରିପୋର୍ଟ ଅନୁସାରେ ଅନୁଗୋଳ, ବଲାଙ୍ଗୀର, ବରଗଡ଼, କଟକ, ଢେଙ୍କାନାଳ, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ମୟୂରଭଞ୍ଜ, ନୟାଗଡ଼, ପୁରୀ, ସମ୍ବଲପୁର, ସୁନ୍ଦରଗଡ଼ ଓ ସୁବର୍ଣ୍ଣପୁର ଜିଲାରେ ନାଇଟ୍ରେଟ ପରିମାଣ ଅଧିକ ଥିବାବେଳେ ଅନୁଗୋଳ, ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, ନୟାଗଡ଼, ନୂଆପଡ଼ା, ପୁରୀ, ସମ୍ବଲପୁର, ସୁବର୍ଣ୍ଣପୁର, ସୁନ୍ଦରଗଡ଼ ଆଦି ୧୦ଟି ଜିଲାରେ ଫୋରାଇଡ୍ ସ୍ଥିତି ଅଧିକ ରହିଛି। ଏହା ନିଃସନ୍ଦେହ ଯେ, ଭୂତଳ ଜଳ ଏବେ ଜହର ପାଲଟିଛି। ଏହାର ପ୍ରତିକାର ପାଇଁ ଏବେଠାରୁ ପଦକ୍ଷେପ ଗ୍ରହଣ କରା ନ ଗଲେ, ପ୍ରକୃତିଦତ୍ତ ଏହି ସମ୍ପଦ ଜୀବନଦାନ କରିବା ପରିବର୍ତ୍ତେ ବିନାଶର କାରଣ ହେବ।

**ମୋ:୯୪୩୭୯୯୪୩୭୯**

## ଏଇ ଭାରତରେ

୧୪ ବର୍ଷ ବୟସରେ ବାହା ହୋଇଥିଲେ ତାଙ୍କଠାରୁ ତିନିଗୁଣ ଅଧିକ ବୟସର ବ୍ୟକ୍ତିଙ୍କୁ। ସେ ମା' ହେଲେ ୧୫ ବର୍ଷରେ। ବାଲ୍ୟ ବିବାହର ଯନ୍ତ୍ରଣାକୁ ଅତି ନିକଟରୁ ଦେଖିଥିବା ଏହି ମହିଳା ଜଣକ ହେଉଛନ୍ତି ବିହାରର ରୋଶନି ପରୱିନ। ସେ ଏବେ ଏହି ପ୍ରଥାକୁ ଦୂର କରିବା ଲାଗି ଅଭିଯାନ ଚଳାଇଛନ୍ତି। ରୋଶନି କିଶାନଗଞ୍ଜ ସିମନବାରିର ଏକ ଛୋଟ ଗାଁରେ ରୁହନ୍ତି। ସେ ନବମରେ ପଢୁଥିବା ସମୟରେ ପରିବାର ଲୋକେ ବାଧ କରି ତାଙ୍କୁ ୪୫ ବର୍ଷ ବୟସର ବ୍ୟକ୍ତିଙ୍କ ସହ ବାହାଘର କରାଇଦେଇଥିଲେ। ପରେ ପାରିବାରିକ ବିବାଦରୁ ତାଙ୍କ ସ୍ୱାମୀ ତାଙ୍କୁ ଆଉ ଗ୍ରହଣ କରି ନ ଥିଲେ । ଫଳରେ ସେ ସେଠାରୁ ଦୂରେଇ ଆସି ବାଲ୍ୟ ବିବାହ ବିରୋଧରେ ଅଭିଯାନ ଚଳାଇବାକୁ ନିଷ୍ପତ୍ତି ନେଇଥିଲେ। ରୋଶନି ପ୍ରଥମେ ଚାଇଲ୍ଡଲାଇନ ଇଣ୍ଡିଆ ଫାଉଣ୍ଡେଶନରେ ଯୋଗଦେଇଥିଲେ । ପରେ ସେଭ୍ ଦି ଚାଇଲ୍ଡ ଓ ୟୁନିସେଫ ସହଯୋଗରେ ଏହି ସଂସ୍ଥାର ନେତୃତ୍ୱ ନେଇ ସେ ବାଲ୍ୟ ବିବାହ ରୋକିବା ଲାଗି ବିଭିନ୍ନ ଅଭିଯାନ ଚଳାଇଛନ୍ତି। ବର୍ତ୍ତମାନ ସୁଦ୍ଧା ରୋଶନି ୬୦ଟି ବାଲ୍ୟବିବାହ ବନ୍ଦ କରିବାରେ ସକ୍ଷମ ହୋଇପାରିଛନ୍ତି। ଏଥିପାଇଁ ସେ ମଧ୍ୟ ଜାତିସଂଘ ଦ୍ୱାରା ପୁରସ୍କୃତ ହୋଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୪ ଜାନୁଆରୀ ୧୯୭୬

- ବିଶ୍ୱବିଖ୍ୟାତ ଉପନ୍ୟାସ ଲେଖିକା ଆଗଥା କ୍ରିଷ୍ଟାଙ୍କ ପରଲୋକ।
- ଭାରତ ଓ ବାଂଲାଦେଶ ମଧ୍ୟରେ ବାଣିଜ୍ୟ କାରବାର ବୃଦ୍ଧି କରାଯିବା ଲାଗି ଏକ ରାଜିନାମା ସ୍ୱାକ୍ଷରିତ।
- ଇକ୍ୱେଡରରେ ଏକ ଶାନ୍ତିପୂର୍ଣ୍ଣ ବିଦ୍ରୋହରେ ସାମରିକ ବାହିନୀ କ୍ଷମତା ଦଖଲ କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ରାଶନ କାର୍ଡର ଇ-କେୱାଇସି ଯାଞ୍ଚ

ମହାଶୟ,

୨୦୧୩ରେ କେନ୍ଦ୍ର ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା ସମୟରେ ଯୋଗ୍ୟ ହିତାଧିକାରୀ ନିର୍ଦ୍ଧାରଣ ପାଇଁ କେତେକ ମାର୍ଗଦର୍ଶିକା ଜାରି କରାଯାଇଥିଲା। ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଦରିଦ୍ର, ଅସହାୟ, ବିଧବା, ବାସହୀନ ଓ ଆଦିବାସୀଙ୍କୁ ପ୍ରାଧାନ୍ୟ ଦିଆଯାଇଥିଲା। କିନ୍ତୁ ଏହାକୁ ଉଲ୍ଲଂଘନକରି ଆର୍ଥିକ ସ୍ୱଚ୍ଛଳ ବ୍ୟକ୍ତି ରାଶନ କାର୍ଡ ହାତେଇ ରାଶନ ସାମଗ୍ରୀ ଲୁଟ୍ କରିବାରେ ଲାଗିଛନ୍ତି। ଏହା ଭୋଟ ବ୍ୟାଙ୍କ ସୃଷ୍ଟି ପାଇଁ ଏକ ମାଧ୍ୟମ ବୋଲି କୁହାଯାଉଥିଲେ ମଧ୍ୟ ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ପୂର୍ବ ସରକାରଙ୍କ ସମୟରେ କେତେଜଣଙ୍କ ନାମରେ ଗିରଫ ପରୱାନା ଜାରିହୋଇଥିଲେ ମଧ୍ୟ କୌଣସି କାରଣରୁ କାର୍ଯ୍ୟକାରୀ ହୋଇନଥିଲା। ନୂତନ ସରକାର ଆସିବା ପରେ ଯୋଗାଣ ମନ୍ତ୍ରୀ ଖାଦ୍ୟ ସୁରକ୍ଷା ଯୋଜନାରେ ବ୍ୟାପକ ଜାଲିଆତି ହେଉଥିବା ଜାଣି ରାଶନ କାର୍ଡର ଇ-କେୱାଇସି ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେବା ପରେ ୧,୭୭,୫୬୮ ମୃତ ବ୍ୟକ୍ତିଙ୍କ ନାମରେ ବର୍ଷ ବର୍ଷ ଧରି ରାଶନ ସାମଗ୍ରୀ ଉଠାଯାଉଛି ବୋଲି ବିଧାନସଭାରେ ବିବୃତି ଦେଇଛନ୍ତି। ଯାଞ୍ଚ କାର୍ଯ୍ୟ ଡିସେମ୍ବର ସୁଦ୍ଧା ସରିବ ବୋଲି ମଧ୍ୟ କହିଛନ୍ତି। ଗଣମାଧ୍ୟମରେ ପ୍ରକାଶ ଯେ, ଯେଉଁ ପରିବାରରେ ଗୋଟିଏ ବାଇକ୍ ଓ ଫ୍ରିଜ୍ ଥିବ, ସେମାନେ ଅଯୋଗ୍ୟ ଘୋଷିତ ହେବେ ନାହିଁ। ତେବେ ଯେଉଁ ଗଳାବାଟ ଦେଇ ଅବାଞ୍ଛିତ ବ୍ୟକ୍ତି ଅନୈତିକ ଉପାୟରେ ମାଗଣା ଚାଉଳ ଖାଉଛନ୍ତି ସେମାନଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ହେବ ଜଣାପଡୁନାହିଁ।

**–ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଦେଖରେ ଦେଖ ବସନ୍ତ ବାଆ
ବିକଳେ କବି ଭ୍ରମଇ ଆହା
ତୁମରି ଚିର ଖେଳର ସାଥୀ
ନ ଲଭି କାହିଁ ଭରସା ସାହା।
–(କବିର ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ




# ସୁନାବେଶରେ ଦର୍ଶନ ଦେଲେ ମହାପ୍ରଭୁ

## ଶ୍ରୀମନ୍ଦିରରେ ଅଭିଷେକ ନୀତି ସମ୍ପନ୍ନ

**ପୁରୀ, ୧୩।୧ (ଅଜିତ୍ କୁମାର ମହାନ୍ତି)**

ପବିତ୍ର ପୌଷ ପୂର୍ଣ୍ଣମୀ ଅବସରରେ ସୋମବାର ଶ୍ରୀମନ୍ଦିରରେ ପୁଷ୍ୟାଭିଷେକ ନୀତି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରତ୍ନସିଂହାସନରେ ଶ୍ରୀବିଗ୍ରହମାନେ ରାଜରାଜେଶ୍ୱର ବା ସୁନାବେଶରେ ସୁସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ବର୍ଷକ ଭିତରେ ମହାପ୍ରଭୁଙ୍କ ହେଉଥିବା ପାଞ୍ଚଥର ସୁନାବେଶ ମଧ୍ୟରୁ ଏହା ଅନ୍ୟତମ। ପରମ୍ପରା ଅନୁଯାୟୀ, ଅଭିଷେକ ପୂର୍ବଦିବସ ଅର୍ଥାତ ରବିବାର ମହାପ୍ରଭୁଙ୍କ ଚନ୍ଦନଲାଗି ନୀତି ପରେ ୮୭ ଗରା ଜଳ ଓ ୨୧ଗରା ଘିଅ ଭୋଗମଣ୍ଡପ ଘରେ ଅଧିବାସ ହୋଇରହିଥିଲା। ସୋମବାର ଶ୍ରୀମନ୍ଦିରରେ ସକାଳଧୂପ ବଢି ଅଭିଷେକ ନୀତି ଆରମ୍ଭ ହୋଇଥିଲା। ଅଧିବାସ ହୋଇ ରହିଥିବା ୧୦୮ ଗରା ଘିଅମିଶ୍ରିତ ଜଳରେ ଅଭିଷେକ ନୀତି କରାଯାଇଥିଲା। ସର୍ବାଙ୍ଗ ନୀତି ପରେ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଶ୍ରୀଦେବୀ ପାଲିଙ୍କିରେ ବିଜେ ହୋଇ ମହାଲକ୍ଷ୍ମୀ ମନ୍ଦିର ଜଗମୋହନକୁ ବିଜେ କରିଥିଲେ। ସେଠାରେ ଶ୍ରୀଦେବୀଙ୍କ ମାଜଣା, ବନକଲାଗି ଏବଂ ବେଶ କରାଯାଇଥିଲା। ଶ୍ରୀମନ୍ଦିରରେ ଠାକୁରଙ୍କ ସୁବର୍ଣ୍ଣବେଶ ହୋଇଥିଲା। ଏହି ବେଶରେ ତିନିଠାକୁର ସୁବର୍ଣ୍ଣ କିରୀଟ, ଶ୍ରୀପୟର, ଶ୍ରୀଭୁଜ, ଆଡକାନି, ଚନ୍ଦ୍ର, ସୂର୍ଯ୍ୟ, ସେବତୀ ମାଳି, ଘାଗଡ଼ା ମାଳି, ମକର କୁଣ୍ଡଳ, ବାଘନଖି ପ୍ରଭୃତି ବିଭିନ୍ନ ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଥିଲେ। ଜଗନ୍ନାଥ ମହାପ୍ରଭୁ ସୁବର୍ଣ୍ଣ ଚକ୍ର ଓ ରୁପାଶଙ୍ଖ, ପ୍ରଭୁ ବଳଭଦ୍ର ସୁବର୍ଣ୍ଣ ହଳମୁଷଳ ଧାରଣ କରିଥିଲେ। ଭୋଗ ସମୟରେ ଭିତରଛ ମହାପାତ୍ର ଲକ୍ଷ୍ମଣ ରୂପରେ ଦଣ୍ଡଛତ୍ର ଧାରଣ କରିଥିବାବେଳେ ହନୁମାନ ରୂପରେ ଜଣେ ପାଳିଆ ମେକାପ ଦଣ୍ଡଛତ୍ର ମୂଳକୁ ଧାରଣ କରିଥିଲେ। ଏହି ବେଶରେ ମହାପ୍ରଭୁ ଫୁଲ ଧନୁଶର ଧାରଣ କରିଥିଲେ। ପରେ ବନ୍ଦାପନା ହୋଇଥିଲା। ମୁଦିରସ୍ତ ଫୁଲ ଧନୁଶର ଓ ଦଣ୍ଡଛତ୍ର ଆଦି ମଇଲମ କରିଥିଲେ। ଦକ୍ଷିଣୀ ଘର ଭୋଗ ବଢିବା ପରେ ଶ୍ରୀରଘୁନାଥ ମହାଜନ ସେବକଙ୍କ ହସ୍ତରେ ରତ୍ନସିଂହାସନ ନିକଟକୁ ବିଜେ କରିଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ଶ୍ରୀବିଗ୍ରହଙ୍କଠାରୁ ଆଜ୍ଞାମାଳ ଆଣି ଶ୍ରୀରଘୁନାଥଙ୍କୁ ପ୍ରଦାନ କରିଥିଲେ। ପରେ ଶ୍ରୀରଘୁନାଥ ଲକ୍ଷ୍ମୀମନ୍ଦିରକୁ ବିଜେ କରିଥିଲେ। ସେଠାରେ ମହାସ୍ନାନ, ଶୀତଳ ଭୋଗ, ବନ୍ଦାପନା ଆଦି ନୀତି ସରିବା ପରେ ଠାକୁର ଦକ୍ଷିଣୀ ଘରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ପରେ ମହାପ୍ରଭୁଙ୍କ ଦୈନନ୍ଦିନ ନୀତି ସମ୍ପନ୍ନ ହୋଇଥିଲା। ପୌରାଣିକ ତଥ୍ୟ ଅନୁଯାୟୀ, ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଚନ୍ଦ୍ର ୧୪ବର୍ଷ ବନବାସ ପରେ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରି ପୌଷ ପୂର୍ଣ୍ଣିମା ତିଥିରେ ସିଂହାସନରେ ଅଭିଷିକ୍ତ ହୋଇଥିଲେ। ସେହି ସ୍ମୃତିରେ ଶ୍ରୀମନ୍ଦିରରେ ପ୍ରତିବର୍ଷ ଏହି ପବିତ୍ର ତିଥିରେ ମହାପ୍ରଭୁଙ୍କ ଅଭିଷେକ ଉତ୍ସବ ପାଳନ କରାଯାଇଥାଏ।

# ମ୍ୟାନ୍‌ଗ୍ରୋଭ୍ ସୁରକ୍ଷା ପାଇଁ ବିକଶିତ ହେବ ଏଆଇ ସଲ୍ୟୁଶନ୍

## ସହଯୋଗର ହାତ ବଢ଼ାଇଲେ ଓଡ଼ିଆ ଏଆଇ ବୈଜ୍ଞାନିକ ଅଞ୍ଜନ ପଣ୍ଡା

**ଭୁବନେଶ୍ୱର, ୧୩।୧ (ବନ୍ଦନା ସେଠୀ)**

ଓଡ଼ିଶା ଉପକୂଳର ରକ୍ଷକ ସାଜିଥିବା ମ୍ୟାନ୍‌ଗ୍ରୋଭ୍ ଫରେଷ୍ଟ ବା ହେନ୍ତାଳ ବଣର ସୁରକ୍ଷା ପାଇଁ ବିକଶିତ ହେବ ଏଆଇ ସଲ୍ୟୁଶନ। ଏଥିଲାଗି ଆମେରିକାର ସାନ୍‌ଫ୍ରାନ୍‌ସିସ୍‌କୋରେ ଅବସ୍ଥାପିତ ଓଡ଼ିଆ ଏଆଇ ବୈଜ୍ଞାନିକ ଅଞ୍ଜନ କୁମାର ପଣ୍ଡା ପ୍ରସ୍ତାବ ଦେଇଛନ୍ତି। ଭୁବନେଶ୍ୱରରେ ଆୟୋଜିତ ୧୮ତମ ପ୍ରବାସୀ ଭାରତୀୟ ଦିବସରେ ଯୋଗଦେବା ପାଇଁ ଆସିଥିବା ବୈଜ୍ଞାନିକ ପଣ୍ଡା ଦେବୀନଦୀ ମୁହାଣରେ ଏକ ସମ୍ପ୍ରଦାୟ-ନେତୃତ୍ୱାଧୀନ ମ୍ୟାନ୍‌ଗ୍ରୋଭ୍ ସଂରକ୍ଷଣ ସ୍ଥାନ ପରିଦର୍ଶନ କରିଥିଲେ। ଏହି ଗସ୍ତ ସମୟରେ ସେ ପ୍ରାକୃତିକ ମ୍ୟାନ୍‌ଗ୍ରୋଭ୍ ଅନୁସନ୍ଧାନ କରିବା ସହ ଏହାର ସଂରକ୍ଷଣ ନେଇ ତୃଣମୂଳସ୍ତରରେ କାମ କରୁଥିବା ବିଭିନ୍ନ ସମ୍ପ୍ରଦାୟକୁ ଭେଟିଥିଲେ। ଯୁବ ମ୍ୟାନ୍‌ଗ୍ରୋଭ୍ ସୁରକ୍ଷାକର୍ମୀ ତଥା ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନର ପ୍ରତିଷ୍ଠାତା ସୌମ୍ୟରଞ୍ଜନ ବିଶ୍ୱାଳଙ୍କ ସହ ଆଲୋଚନାବେଳେ ସେ ଏହି ବଡ଼ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ମ୍ୟାନ୍‌ଗ୍ରୋଭ୍ ଓ ଅଲିଭ୍ ରିଡ୍‌ଲେ କଇଁଛ ସଂରକ୍ଷଣ କ୍ଷେତ୍ରରେ କାମ କରୁଥିବା ବ୍ୟକ୍ତିଙ୍କୁ ସହଯୋଗ ପାଇଁ ଏକ ଏଆଇ ନେତୃତ୍ୱାଧୀନ ପଦକ୍ଷେପ ବା ଏଆଇ ସଲ୍ୟୁଶନ୍ ବିକଶିତ କରିବାକୁ ଯାଉଛନ୍ତି। ଏହି ଏଆଇ ପ୍ରଯୁକ୍ତିବିଦ୍ୟା ମ୍ୟାନ୍‌ଗ୍ରୋଭ୍‌ର ସ୍ୱାସ୍ଥ୍ୟ ବା ସ୍ଥିତି ନିରୀକ୍ଷଣ କରିବା, ଜଳବାୟୁ ପ୍ରଭାବର ପୂର୍ବାନୁମାନ କରିବା, ସଂରକ୍ଷଣ ପ୍ରୟାସକୁ ଉନ୍ନତ କରିବା, ସମ୍ପ୍ରଦାୟ ସମ୍ପୃକ୍ତିକୁ ବୃଦ୍ଧି କରିବା ଏବଂ ନୀତିଗତ ନିଷ୍ପତ୍ତିକୁ ସୂଚିତ କରିବା ପାଇଁ ବ୍ୟବହାର କରାଯିବ ବୋଲି ସେ ସୂଚନା ଦେଇଛନ୍ତି।



ମ୍ୟାନ୍‌ଗ୍ରୋଭ୍ ଚାରା ରୋପଣ କରୁଥିବା ଯୁବ ମ୍ୟାନ୍‌ଗ୍ରୋଭ୍ ସୁରକ୍ଷାକର୍ମୀ ସୌମ୍ୟରଞ୍ଜନ ବିଶ୍ୱାଳ ଓ ତାଙ୍କ ଟିମ୍ ସହ ଏଆଇ ବୈଜ୍ଞାନିକ ଅଞ୍ଜନ କୁମାର ପଣ୍ଡା।

ମ୍ୟାନ୍‌ଗ୍ରୋଭ୍ ଦ୍ୱାରା ଉପକୂଳ ସହ ରାଜ୍ୟକୁ ଅନେକ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରାଯାଇପାରୁଛି। ମାତ୍ର ମ୍ୟାନ୍‌ଗ୍ରୋଭ୍‌ର ସୁରକ୍ଷା ପାଇଁ କୌଣସି ସ୍ୱତନ୍ତ୍ର ନୀତି ନାହିଁ। ଫଳରେ ଦେବୀ, ବ୍ରାହ୍ମଣୀ, ବୈତରଣୀ ଏବଂ ବୁଢ଼ାବଳଙ୍ଗ ଭଳି ପ୍ରମୁଖ ନଦୀ ମୁହାଣ ଇକୋସିଷ୍ଟମରେ ଥିବା ମ୍ୟାନ୍‌ଗ୍ରୋଭ୍ ଅସୁରକ୍ଷିତ ହୋଇପଡ଼ିଛି। ୨୦୨୧ର ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆର ତଥ୍ୟ ଅନୁଯାୟୀ, ରାଜ୍ୟରେ ମୋଟ୍ ୨୫୮.୯୮ ବର୍ଗ କିଲୋମିଟରର ମ୍ୟାନ୍‌ଗ୍ରୋଭ୍ ଫରେଷ୍ଟ ରହିଛି। ସେଥିମଧ୍ୟରୁ କେନ୍ଦ୍ରାପଡ଼ା ଜିଲାରେ ସର୍ବାଧିକ ୨୦୯.୨୫ ବର୍ଗ କି.ମି. ଫରେଷ୍ଟ ରହିଥିବାବେଳେ ଭଦ୍ରକ ଜିଲାରେ ୩୪.୮୭ ବର୍ଗ କି.ମି., ଜଗତ୍‌ସିଂହପୁରରେ ୮.୩୩ ବର୍ଗ କି.ମି., ବାଲେଶ୍ୱରରେ ୫.୪୦ ବର୍ଗ କି.ମି. ଏବଂ ପୁରୀ ଜିଲାରେ ସର୍ବନିମ୍ନ ୧.୧୩ ବର୍ଗ କି.ମି ମ୍ୟାନ୍‌ଗ୍ରୋଭ୍ ଫରେଷ୍ଟ ରହିଛି। ତେବେ ସରକାରଙ୍କ ପକ୍ଷରୁ ଏହାର ସୁରକ୍ଷା ପାଇଁ ସ୍ୱତନ୍ତ୍ର ନୀତି ପ୍ରସ୍ତୁତ ହେଉ ନ ଥିବାରୁ ଏବଂ ସଂରକ୍ଷଣର ଅଭାବରୁ ଏଗୁଡ଼ିକ କ୍ଷୟ ହେବାରେ ଲାଗିଛି। ଏହାର ସୁରକ୍ଷା ପାଇଁ ପୁରୀ ଏବଂ ଜଗତ୍‌ସିଂହପୁର ଅଞ୍ଚଳକୁ ସଂଯୋଗ କରୁଥିବା ଦେବୀନଦୀ ମୁହାଣରେ ସ୍ଥାନୀୟ ଅଧିବାସୀ ଓ ଅନୁଷ୍ଠାନ ପକ୍ଷରୁ ପ୍ରୟାସ ଜାରି ରହିଥିବାବେଳେ ଯୁଗାନ୍ତକାରୀ ପଦକ୍ଷେପ ସ୍ୱରୂପ ଜଣେ ଓଡ଼ିଆ ବୈଜ୍ଞାନିକ ସହଯୋଗର ହାତ ବଢ଼ାଇଛନ୍ତି।

# ଆଜିଠୁ ମୁଖ୍ୟମନ୍ତ୍ରୀଙ୍କ ୩ ଦିନିଆ କେନ୍ଦୁଝର ଗସ୍ତ

**କେନ୍ଦୁଝର, ୧୩।୧ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

କେନ୍ଦୁଝର ମାଟିର ସନ୍ତାନ ତଥା ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମକର ସଂକ୍ରାନ୍ତି ଅବସରରେ ୩ ଦିନିଆ କେନ୍ଦୁଝର ଗସ୍ତରେ ମଙ୍ଗଳବାରଠାରୁ ଆସୁଛନ୍ତି। ମକର ସଂକ୍ରାନ୍ତି ଅବସରରେ ସେ ବୈତରଣୀ ନଦୀରେ ମକର ବୁଡ ଦେବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳ ୯ଟା ୩୦ରେ ସ୍ୱତନ୍ତ୍ର ବିମାନରେ ଆସି ରାଇସୁଆଁ ଏୟାରଷ୍ଟ୍ରିପ୍‌ରେ ଓହ୍ଲାଇବେ। ପୂର୍ବାହ୍ନ ୧୦ଟା ୪୦ରେ ପାଟଣାରେ ପହଞ୍ଚି ବୈତରଣୀ ନଦୀରେ ମକରବୁଡ଼ ଦେବେ। ସେଠାରେ କିଛି ସମୟ ରହଣି ପରେ ସର୍କିଟ ହାଉସ୍‌ରେ ପହଞ୍ଚି ଅପରାହ୍ନ ୪ଟାରେ ଝୁମ୍ପୁରାରେ ଏକ ପୋଲର ଶୁଭ ଉଦ୍‌ଘାଟନ କରିବେ। ସେଠାରୁ ରାଇକଳାସ୍ଥିତ ନିଜ ବାସଭବନକୁ ଯାଇ ରାତିରେ କେନ୍ଦୁଝର ଫେରି ସର୍କିଟ ହାଉସରେ ରାତ୍ରିଯାପନ କରିବେ। ବୁଧବାର ସ୍ଥାନୀୟ ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ସାମାଜିକ ସୁରକ୍ଷା ପେନ୍‌ସନ୍ ଯୋଜନାର ଲୋକାର୍ପଣ ଉତ୍ସବରେ ଯୋଗଦେବେ। ସେଠାରୁ ସର୍କିଟ ହାଉସ ଫେରି ବଡ଼ବିଲ ଯାଇ ଓଏମ୍‌ଡିସି ଗେଷ୍ଟ ହାଉସ୍‌ରେ ରହିବେ। ସନ୍ଧ୍ୟା ୫ଟା ୪୦ରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସାରଦା ପ୍ରାର୍ଥନା ମଣ୍ଡପର ଉଦ୍‌ଘାଟନ କରିବା ପରେ ୬ଟା ୩୦ରେ ବଡବିଲ ମହୋତ୍ସବର ରୌପ୍ୟ ଜୟନ୍ତୀରେ ଯୋଗଦେବେ। ସେଠାରୁ ରାତିରେ କେନ୍ଦୁଝର ଫେରି ରାତ୍ରିଯାପନ କରି ଗୁରୁବାର ବାଲିବନ୍ଧଠାରେ ମହେନ୍ଦ୍ର ପଟ୍ଟନାୟକଙ୍କ ମା'ଙ୍କ ଏକାଦଶାହ କାର୍ଯ୍ୟକ୍ରମରେ ଯୋଗଦେବେ। ରାଇସୁଆଁ ଫେରି ପୂର୍ବାହ୍ନ ୧୦ଟା ୫୫ରେ ସ୍ୱତନ୍ତ୍ର ବିମାନରେ ଭୁବନେଶ୍ୱର ଫେରିଯିବେ। ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ଭାଜପା ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଥିସହ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

# ପେଟିରୁ ନବଜାତ ଶିଶୁକନ୍ୟା ମୃତଦେହ ଜବତ

**ବାଲେଶ୍ୱର, ୧୩।୧ (ବାଞ୍ଛାନିଧି ଦେ)**

ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅଧୀନ କସିମିଳା ପୋଲ ନିକଟରୁ ସୋମବାର ଏକ ନବଜାତ ଶିଶୁ କନ୍ୟାର ମୃତଦେହକୁ ପୋଲିସ ଜବତ କରିଛି। ଏହି ପୋଲ ନିକଟରେ ଗୋଟିଏ କାଗଜପେଟି ଭିତରେ ଶିଶୁକନ୍ୟାର ମୃତଦେହ ଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ସହଦେବଖୁଣ୍ଟା ଥାନା ଆଇଆଇସି ଜୟନ୍ତ ବେହେରା ସଦଳବଳେ ପହଞ୍ଚି ଶିଶୁକନ୍ୟାର ମୃତଦେହକୁ ଜବତ କରିଥିଲେ। ଏ ସମ୍ପର୍କରେ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୩/୨୪) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ତେବେ ଏଠାରେ କିଏ ଶିଶୁ କନ୍ୟାର ମୃତଦେହକୁ ଆଣି ରଖିଥିଲା ସେନେଇ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

# ପ୍ରଥମ ପୃଷ୍ଠାରୁ...

## ଓଡ଼ିଶାରେ 'ଆୟୁଷ୍ମାନ'...

ବିକଶିତ ଭାରତ ଗଠନ ଲକ୍ଷ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ରାଜ୍ୟର ପଞ୍ଚାୟତ ସ୍ତରରେ ଯେଉଁ ହେଲ୍‌ଥ ସବ୍‌ସେଣ୍ଟର ଅଛି, ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ରାଜ୍ୟ ସରକାର ବର୍ତ୍ତମାନ ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏ 'ଆୟୁଷ୍ମାନ ଆରୋଗ୍ୟ ମନ୍ଦିର' ପ୍ରତିଷ୍ଠା କରିବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏଥିରେ ହେଲଥ୍ ୱାର୍କର ଓ ଯୋଗଶିକ୍ଷକ ନିୟୋଜିତ ହେବେ। ଏହିସବୁ କେନ୍ଦ୍ରର ଭିତ୍ତିଭୂମି ବିକଶିତ କରାଯିବ। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ୨୦୧୮ରୁ ଆୟୁଷ୍ମାନ ଭାରତ ଯୋଜନା ଲାଗୁ ହୋଇଥିଲେ ମଧ୍ୟ ଓଡ଼ିଶାର ଲୋକଙ୍କୁ ବଞ୍ଚିତ କରାଯାଇଥିଲା। ବର୍ତ୍ତମାନ ଏହି ଯୋଜନା ଓଡ଼ିଶାର ନିଜସ୍ୱ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ସହିତ ଯୋଡ଼ିହେବ। ଏହାଦ୍ୱାରା ଓଡ଼ିଶାରେ ୧.୦୩ କୋଟି ପରିବାର ଦେଶର ପ୍ରାୟ ୩୦ ହଜାର ହସ୍ପିଟାଲରେ ଚିକିତ୍ସା ସୁବିଧା ପାଇପାରିବେ। ବର୍ତ୍ତମାନ ଓଡ଼ିଶା ଲୋକଙ୍କୁ ମାତ୍ର ୯୦୦ ହସ୍ପିଟାଲରେ ଚିକିତ୍ସା ସୁବିଧା ମିଳୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଚଳିତ ବଜେଟ୍‌ରେ ସ୍ୱାସ୍ଥ୍ୟକ୍ଷେତ୍ରରେ ପ୍ରାୟ ୨୧ ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି, ଯାହାକି ପୂର୍ବ ବର୍ଷ ଅପେକ୍ଷା ୩୨.୨ ପ୍ରତିଶତ ଅଧିକ ଏବଂ ଏହା ରାଜ୍ୟ ବଜେଟର ୮%। ଏହି ପରିମାଣ ଜାତୀୟ ସ୍ୱାସ୍ଥ୍ୟନୀତିର ସୁପାରିସ ଅନୁରୂପ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଯୋଜନାରେ ମହିଳା ହିତାଧିକାରୀମାନେ ୧୦ ଲକ୍ଷ ଏବଂ ପୁରୁଷମାନେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପାଇବେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ରେଳ, ଆଇଟି, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ କହିଛନ୍ତି, ବିରୋଧୀ ଦଳରେ ଥିଲା ବେଳେ ଏହି ଯୋଜନାକୁ ଲାଗୁ କରିବାକୁ ଦାବି କରିଥିଲୁ। ସରକାରକୁ ଆସିବା ପରେ ଆମେ ପ୍ରତିଶ୍ରୁତି ପାଳନ କରିଛୁ। ରାଜ୍ୟର ପ୍ରାୟ ସାଢ଼େ ୩ କୋଟି ଲୋକ ଏହି ଯୋଜନା ଦ୍ୱାରା ଉପକାର ପାଇବେ। ଗୋପବନ୍ଧୁ ଜନ ଆରୋଗ୍ୟ ସହ ଆୟୁଷ୍ମାନ ଭାରତର ସୁବିଧା ଗୋଟିଏ କାର୍ଡରେ ମିଳିବ। ସାରା ଦେଶରେ ଯିଏ ଯେଉଁଠି ଥିଲେ ବି ଏହାର ସୁବିଧା ପାଇପାରିବେ ବୋଲି ମହାଲିଙ୍ଗ କହିଛନ୍ତି।

### ଓଡ଼ିଶାବାସୀଙ୍କୁ ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୧୩।୧ (ଅନିଲ ଦାସ): ଆୟୁଷ୍ମାନ ଭାରତ ଯୋଜନାରେ ଓଡ଼ିଶା ସାମିଲ ହେବା ପରେ ରାଜ୍ୟର ଜନସାଧାରଣଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିନନ୍ଦନ ଜଣାଇଛନ୍ତି। ସୋସିଆଲ୍ ମିଡିଆ 'ଏକ୍ସ' ରେ ପ୍ରଧାନମନ୍ତ୍ରୀ ଲେଖିଛନ୍ତି, ଏହା ବାସ୍ତବରେ ଏକ ବିଡ଼ମ୍ବନା ଯେ ଓଡ଼ିଶାର ମୋର ଭଉଣୀ ଓ ଭାଇମାନେ ପୂର୍ବ ସରକାର ଦ୍ୱାରା ଆୟୁଷ୍ମାନ ଭାରତର ଲାଭରୁ ବଞ୍ଚିତ ହୋଇଥିଲେ। ଏହି ଯୋଜନା ଉଚ୍ଚ ମାନର ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବ। ଏହା ବିଶେଷକରି ଓଡ଼ିଶାର ନାରୀ ଶକ୍ତି ଓ ବୟସ୍କମାନଙ୍କୁ ଲାଭାନ୍ୱିତ କରିବ ବୋଲି ପ୍ରଧାନମନ୍ତ୍ରୀ ଲେଖିଛନ୍ତି।

## ୧ ଡଲାର=...

ମୂଲ୍ୟ ସର୍ବାଧିକ ୬୮ ପଇସା ହ୍ରାସ ପାଇଥିଲା। ସୂଚନାଯୋଗ୍ୟ, ଗତ କିଛି ମାସ ହେଲା ଡଲାର ତୁଳନାରେ ଟଙ୍କା ମୂଲ୍ୟ କ୍ରମାଗତ ଭାବେ ହ୍ରାସ ପାଇଚାଲିଛି। ଗତ ଡିସେମ୍ବର ୧୯ରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୮୫ ଥିବାବେଳେ ଡିସେମ୍ବର ୩୦ରେ ୮୫.୫୨କୁ କମିଥିଲା। ଗତ ଶୁକ୍ରବାର ଏହା ୧୮ ପଇସା ହ୍ରାସ ପାଇ ୮୬.୦୪ ଥିଲା।

## ପୋଷାହାତୀ ମହିନ୍ଦ୍ରାର...

ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଆର୍‌ସିସିଏଫ୍ କହିଛନ୍ତି। ସାଢ଼େ ୧୧ଫୁଟ ଉଚ୍ଚ ଓ ୬୬ ବର୍ଷୀୟ ମହିନ୍ଦ୍ରାର ମୃତ୍ୟୁକୁ ନେଇ ପ୍ରାଣୀପ୍ରେମୀମାନେ ଦୁଃଖ ପ୍ରକାଶ କରିଛନ୍ତି।

ଶିମିଳିପାଳ ଅଭୟାରଣ୍ୟରେ ମହିନ୍ଦ୍ରାର କାର୍ଯ୍ୟ ଦକ୍ଷତା ବେଶ୍ ଉଚ୍ଚକୋଟୀର ଥିଲା। ଶିକାର ଓ ଶିକାରୀଙ୍କୁ ଅଟକାଇବା ସହିତ କାଠଚୋରଙ୍କୁ ଧରିବାରେ ବନ କର୍ମଚାରୀଙ୍କୁ ସହଯୋଗ କରୁଥିଲା। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ମହାବଳ ବାଘର ସୁରକ୍ଷା ଦିଗରେ ବନ ବିଭାଗ ମହିନ୍ଦ୍ରାକୁ ନିୟୋଜିତ କରିଥିଲା। ମହିନ୍ଦ୍ରା ପିଠିରେ ବସି କର୍ମଚାରୀମାନେ ବାଘର ଗତିବିଧି ଉପରେ ନଜର ରଖୁଥିବା ବେଳେ ଅନୁପ୍ରବେଶକାରୀଙ୍କୁ ଅଟକାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲା। ବଣୁଆ ହାତୀଙ୍କ ଉପଦ୍ରବ ସମୟରେ ମହିନ୍ଦ୍ରାର କାର୍ଯ୍ୟ ଅତ୍ୟନ୍ତ ଉଲ୍ଲେଖନୀୟ ରହିଥାଏ। ହାତୀପଲଙ୍କୁ ଘଉଡ଼ାଇ ଅନ୍ୟ ଜଙ୍ଗଲ ମୁହାଁ କରିବାରେ ସେ ବେଶ ପାରଙ୍ଗମ ଥିଲା। ବିଗତ ଦିନରେ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟରୁ ଆସୁଥିବା ହାତୀପଲଙ୍କୁ ନିଜ ସ୍ଥାନକୁ ଫେରାଇବାରେ ମୁଖ୍ୟ ଭୂମିକା ନିର୍ବାହ କରୁଥିଲା।

## କଳା ଧାନ, କଳା...

କରାଯାଇଥିଲା। ତେବେ କିଛିବର୍ଷ ଚାଷୀ ଏହାକୁ ଚାଷ ନ କରି ରଖିଥିଲେ। ଏବେ କଳା ହଳଦୀ ଚାଷ ଆରମ୍ଭ କରିଛନ୍ତି। ଜିଲାର ସମସ୍ତ ବ୍ଲକରୁ ବାର୍ଷିକ ପ୍ରାୟ ୪ କୁଇଣ୍ଟାଲ ହଳଦୀ ଉତ୍ପାଦିତ ହେଉଛି। ସାଧାରଣ ହଳଦୀ ଭଳି ଏହା ଜାନୁଆରୀ-ଫେବୃଆରୀରେ ଲଗାଯାଇ ଜୁଲାଇ-ଅଗଷ୍ଟ ବେଳକୁ ଅମଳ କରାଯାଇଥାଏ। କମ୍ ପରିମାଣର ଅମଳ ହେଉଥିବାରୁ ଏବଂ ପ୍ରଚୁର ଔଷଧୀୟ ଗୁଣ ଯୋଗୁ ଏହାର ବିକ୍ରିରେ କୌଣସି ସମସ୍ୟା ହୁଏନାହିଁ। ଔଷଧ କମ୍ପାନୀମାନେ ଏହା ଚାଷୀଙ୍କଠାରୁ କିଣି ନେଇଥାଆନ୍ତି। ଏବେ ଏହି ହଳଦୀର କିଲୋପ୍ରତି ବଜାର ଦର ୧୫୦ରୁ ୨୦୦ ଟଙ୍କା ମଧ୍ୟରେ ରହିଛି। କର୍କଟ, ରକ୍ତଚାପ ଏବଂ ବିଭିନ୍ନ ଚର୍ମରୋଗର ନିରାକରଣ ପାଇଁ ଏହା ଏକ ଅବ୍ୟର୍ଥ ଔଷଧ ବୋଲି କୁହାଯାଉଛି।

ଜୈବିକ କୃଷିରେ ଅନ୍ୟତମ ନୂତନ ପ୍ରୟୋଗ ହେଉଛି କଳା ଗହମ। ରାଜ୍ୟରେ କନ୍ଧମାଳ ଜିଲାରେ ପ୍ରଥମ କରି ଏହା ଆରମ୍ଭ ହୋଇଛି। ଗତ ଖରିଫ ଋତୁରେ ପରୀକ୍ଷାମୂଳକ ଭାବେ ଚାଷୀଙ୍କୁ ୧୩ କିଲୋ ବିହନ ଯୋଗାଇ ଦିଆଯାଇଥିଲା। ପଞ୍ଜାବରୁ ଆସିଥିବା ଏହି ବିହନକୁ ନେଇ ଫିରିଙ୍ଗିଆ ବ୍ଲକର କିଛି ଚାଷୀ କଳା ଗହମ ଚାଷ କରିଥିଲେ। ସେପ୍ଟେମ୍ବରରେ ବିହନ ବୁଣି ଫେବୃଆରୀରେ ଅମଳ କରିଥିଲେ। ଚଳିତ ବର୍ଷ ମଧ୍ୟ ସୀମିତ ପରିମାଣରେ ଚାଷ କରାଯାଇଛି। ଏହା ସଫଳ ହେଲେ ଆଗାମୀ ଖରିଫ ଋତୁରେ ପ୍ରାୟ ଏକ କୁଇଣ୍ଟାଲ ବିହନ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି। କନ୍ଧମାଳ ଜିଲାର ମାଳଭୂମି, ସ୍ୱଳ୍ପ ବୃଷ୍ଟିପାତ ଓ ଢାଲୁ ଜମି ଏହି ଚାଷ ପାଇଁ ବେଶ୍ ଅନୁକୂଳ ବୋଲି କୃଷିବିତ୍‌ମାନେ ମତ ଦିଅନ୍ତି। କଳା ଗହମର ମଧ୍ୟ ଔଷଧୀୟ ଗୁଣ ରହିଛି। ଉଚ୍ଚ ରକ୍ତଚାପ, ମଧୁମେହର ନିୟନ୍ତ୍ରଣ ପାଇଁ ଏହା ବେଶ୍ ଉପଯୋଗୀ। ଏଥିରୁ ପ୍ରସ୍ତୁତ ଦଲିଆ ମଧ୍ୟ ବଜାରରେ ଉପଲବ୍ଧ ହେଉଛି। କିଲୋ ପ୍ରତି ଏକ ଶହ ଟଙ୍କାରେ ବିକ୍ରି ହେଉଛି କଳା ଗହମ। ଆଗକୁ ବ୍ୟବସାୟିକ ଭିତ୍ତିରେ ଚାଷ କରାଗଲେ ଜିଲାର ଚାଷୀ ଉପକୃତ ହେବେ।


ସେହିପରି କଳାବତୀ ନାମରେ ଖ୍ୟାତ କନ୍ଧମାଳ ଜିଲାର କଳା ଧାନ ଜିଲା ପାଇଁ ଅନ୍ୟ ଏକ ପରିଚୟ ସୃଷ୍ଟି କରିଛି। ଉପରକୁ ଏହା ସାଧାରଣ ଧାନଭଳି ଦେଖାଯାଉଥିଲେ ସୁଦ୍ଧା ଭିତରର ଚାଉଳର ରଙ୍ଗ ସମ୍ପୂର୍ଣ୍ଣ କଳା। ଏଥିରେ ମଧ୍ୟ ରହିଛି କ୍ୟାନ୍‌ସର, ରକ୍ତଚାପ ନିୟନ୍ତ୍ରଣ କରିବାର କ୍ଷମତା। କସମର ପ୍ରୟାସରେ ୨୦୧୮ରେ ମାତ୍ର ୫ କିଲୋ ବିହନରେ ଫିରିଙ୍ଗିଆ, ଚକାପାଦ, ଖଜୁରିପଡା, ରାଇକିଆ ଅଞ୍ଚଳରେ ପରୀକ୍ଷାମୂଳକ ଭାବେ ଏହି ଚାଷ ଆରମ୍ଭ ହୋଇଥିଲା। ପ୍ରଥମ ବର୍ଷ ମାତ୍ର ୪୦ରୁ ୫୦ କିଲୋ କଳାଧାନ ଅମଳ ହୋଇଥିବା ବେଳେ ବର୍ତ୍ତମାନ ୫୦୦ କୁଇଣ୍ଟାଲରେ ପହଞ୍ଚିଛି।

ଏହି ଧାନର ବିଶେଷତ୍ୱ ହେଲା ଏହା ବର୍ଷକୁ ତିନି ଥର ଚାଷ ହୋଇଥାଏ। ଚାଷୀଙ୍କଠାରୁ ଚାଉଳ ସଂଗ୍ରହ କରି କସମ ବଜାରରେ କିଲୋ ପ୍ରତି ୧୪୦ ଟଙ୍କାରେ ବିକ୍ରି କରୁଛି। ତେବେ ଅନଲାଇନ ମାର୍କେଟରେ କିଲୋ ପ୍ରତି ୩୫୦ ଟଙ୍କାରେ ଏହା ବିକ୍ରି ହେଉଛି। ଏହି ଚାଉଳରେ ଶର୍କରା ପରିମାଣ ଅତି କମ ରହିଥିବାରୁ ଡାଏବେଟିସ ରୋଗୀଙ୍କ ପାଇଁ ଏହା ଉପାଦେୟ ହୋଇଥାଏ। ସରକାରୀ ପ୍ରୋତ୍ସାହନ ଓ ମାଗଣା ସାର, ବିହନ, ସବ୍‌ସିଡି ମିଳିଲେ ଅଧିକ ସଂଖ୍ୟାରେ ଚାଷୀ କଳାଧାନ ଚାଷ ପ୍ରତି ଆଗ୍ରହ ପ୍ରକାଶ କରନ୍ତେ ବୋଲି ମତ ପ୍ରକାଶ ପାଉଛି।

## ଚାଷୀଙ୍କ ଆକାଉଣ୍ଟକୁ...

ଚାଷୀ ଫସଲବୀମା ପୋର୍ଟାଲରେ ମୋଟ ୨,୦୦,୭୨୯ଟି ପ୍ଲଟରେ କ୍ଷତି ହୋଇଥିବାର ଆବେଦନ କରିଥିଲେ। ତନ୍ମଧ୍ୟରୁ ଗଞ୍ଜାମ ଜିଲାରେ ସର୍ବାଧିକ ୪୭,୯୬୯ ସଂଖ୍ୟକ ଆବେଦନ ପତ୍ର ମିଳିଥିବା ବେଳେ ଗଞ୍ଜାମ ସମେତ ଗଜପତି, ପୁରୀ, କେନ୍ଦ୍ରାପଡ଼ା, ନୟାଗଡ଼, କଟକ, ଖୋର୍ଦ୍ଧା ଏବଂ ଜଗତସିଂହପୁର ଜିଲାରୁ ମୋଟ ୧,୬୨,୯୭୨ ସଂଖ୍ୟକ ଆବେଦନପତ୍ର ମିଳିଥିଲା। ଏହି ସମସ୍ତ ଆବେଦନକୁ ଭିତ୍ତି କରି କ୍ଷେତ୍ରୀୟ ସ୍ତରରେ ଫସଲ କ୍ଷତି ଆକଳନ କାର୍ଯ୍ୟ ତୁରନ୍ତ ଶେଷ କରିବା ପାଇଁ ୪ ଗୋଟି ବୀମା କମ୍ପାନୀ ଯଥା ଏଗ୍ରିକଲଚର ଇନ୍‌ସ୍ୟୁରାନ୍ସ କମ୍ପାନୀ ଅଫ୍ ଇଣ୍ଡିଆ ଏଲ୍‌ଟିଡି, ଏସ୍‌ବିଆଇ ଜେନେରାଲ ଇନ୍‌ସ୍ୟୁରାନ୍ସ କମ୍ପାନୀ ଏଲ୍‌ଟିଡି, ଫ୍ୟୁଚର ଜେନେରାଲ ଇଣ୍ଡିଆନ ଇନ୍‌ସ୍ୟୁରାନ୍ସ ଏଲ୍‌ଟିଡି ଏବଂ ରିଲାଏନ୍ସ ଜିଆଇସି ଏଲ୍‌ଟିଡିଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ନିର୍ଦ୍ଦେଶ ଦିଆଯାଇଥିଲା। ବୀମା କମ୍ପାନୀଗୁଡ଼ିକ ପକ୍ଷରୁ ଅମଳ ପରବର୍ତ୍ତୀ ଫସଲ କ୍ଷୟକ୍ଷତି ଆକଳନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଚାଷୀଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ କ୍ଷତିପୂରଣ ରାଶି ପ୍ରଦାନ ପ୍ରକ୍ରିୟାକୁ ରାଜ୍ୟ ସରକାରଙ୍କ କୃଷି ବିଭାଗ ଓ ସମବାୟ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ପ୍ରତ୍ୟକ୍ଷ ଭାବେ ତଦାରଖ ଏବଂ ସମୀକ୍ଷା କରୁଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

DALDS - 86



ଓଡ଼ିଶା ସରକାର

**ବ୍ୟାସକବି ଫକୀର ମୋହନ ସେନାପତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**

**ତା.୧୪.୦୧.୨୦୨୫ (ମକର ସଂକ୍ରାନ୍ତି)**

ସକାଳ ଘ.୮.୩୦ ମିନିଟ - ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ସମ୍ମୁଖରେ ଥିବା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସ୍ଥାନ – ଜୟଦେବ ଭବନ, ଭୁବନେଶ୍ୱର

ଅପରାହ୍ନ– ୩ ଘଟିକା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ସୃଷ୍ଟି ଓ ସାଧନାକୁ ନେଇ କବିତା ପାଠୋତ୍ସବ ଆୟୋଜନ (ଆୟୋଜକ – ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ, ଭୁବନେଶ୍ୱର)

ସାଧାରଣ ସଭା ସନ୍ଧ୍ୟା ଘ–୫.୩୦ ମିନିଟ

ମୁଖ୍ୟ ଅତିଥି– ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସାଂସଦ, ବାଲେଶ୍ୱର
ସମ୍ମାନନୀୟ ଅତିଥି– ଶ୍ରୀଯୁକ୍ତ ସନ୍ତୋଷ କୁମାର ଖଟୁଆ, ବିଧାୟକ, ନୀଳଗିରି
ମୁଖ୍ୟବକ୍ତା– ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, କୁଳପତି, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ପ୍ରାରମ୍ଭିକ ବକ୍ତବ୍ୟ – ଡ଼ ବିରାଜ ମୋହନ ଦାସ, ସାଧାରଣ ସମ୍ପାଦକ, ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ
ଧନ୍ୟବାଦ ଅର୍ପଣ– ଶ୍ରୀଯୁକ୍ତ ଜୀବନ ମହାପାତ୍ର, ସଭାପତି, ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ

ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0367/2425

**ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ**

ବୋଡେନ (ଚିକେଶ୍ୱର ନାଗ): ବୋଡେନ ବ୍ଲକ ସଭାଗୃହଠାରେ ସୋମବାର ବ୍ଲକ ସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ ବିଡ଼ିଓ ସୁଶାନ୍ତ କୁମାର ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲ ଖେଳପଡ଼ିଆରେ ସାଧାରଣତନ୍ତ୍ର ଦିବସ ପାଳନ କରିବା ପାଇଁ ଆଲୋଚନା କରାଯାଇଥିଲା। ଏଥିରେ ସହକାରୀ ନିର୍ବାହୀଯନ୍ତ୍ରୀ ଆଶୁତୋଷ ରାଉତ, ସିଡିପିଓ ହର୍ଷିନା ରାଉତ, ସମାଜସେବୀ ରାଜକୁମାର ନାଗ, ବରିଷ୍ଠ ନାଗରିକ ଭୁବନେଶ୍ୱର ପାଣିଗ୍ରାହୀ, ଡକ୍ଟର ଭାଗ୍ୟଲକ୍ଷ୍ମୀ ପାଣିଗ୍ରାହୀ, ବଳରାମ ବସ୍ତସେନା, ସମାଜସେବୀ ଫରୁକ ଭାଇ, ବୈଷ୍ଣବ ଦୁରିଆ, ଅଧ୍ୟାପକ ରାଧାଚରଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ

**ଖଡ଼ିଆଳ,୧୩।୧ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ରାଣୀପୁର ଗ୍ରାମ ନିକଟ ୧୬ ନଂ. ରାଜ୍ୟ ରାଜପଥରେ ରବିବାର ମଧ୍ୟରାତିରେ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖଡ଼ିଆଳ ସହରର ରାଜାପଡ଼ା ବାସିନ୍ଦା ଡିଙ୍ଗର ହଂସ (୭୨)। ଡିଙ୍ଗର ଏକ ବାଇକ୍‌ରେ ଯାଉଥିବାବେଳେ ଠିଆ ହୋଇଥିବା ଏକ ଟ୍ରାକ୍ଟର ସହ ଧକ୍କା ହୋଇଥିଲା। ଫଳରେ ସେ ଛିଟିକିପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଖରିଆର ଥାନାରେ ଏକ ମାମଲା (୧୯/୨୦୨୫) ରୁଜୁକରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ସୋମବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଆଦିବାସୀଙ୍କ ଟୋକିପର୍ବ ଉଦ୍‌ଯାପିତ

**କଲମପୁର,୧୩।୧ (ଗଣେଶରାମ ବାଗ):** କଳାହାଣ୍ଡି ଜିଲା କଲମପୁର ବ୍ଲକ୍ ଅନ୍ତର୍ଗତ ପୋଟେସ ଓ ବ୍ରାହ୍ମଣ କେନ୍ଦୁଗୁଡ଼ାଠାରେ ରବିବାର ଆଦିବାସୀଙ୍କ ଟୋକିପର୍ବ ଉଦ୍‌ଯାପିତ ହୋଇଯାଇଛି। ଏହି ପର୍ବ ପାଳନକଲେ ମାଟି ମା'ସନ୍ତୁଷ୍ଟ ହୁଅନ୍ତି ଓ ଚାଷ ଭଲ ହୁଏ ବୋଲି ବିଶ୍ୱାସ ରହିଛି। ଆଦିବାସୀ ଗ୍ରାମଗୁଡ଼ିକରେ ଏହି ପର୍ବ ପ୍ରତିବର୍ଷ ପୌଷ ମାସର ରବିବାର ଅନୁଷ୍ଠିତ ପାଳନ ହୁଏ। ଏହି ପର୍ବ ଦେଖିବା ପାଇଁ ଅଞ୍ଚଳର ଶତାଧିକ ଲୋକଙ୍କ ସମାଗମ ହୋଇଥାଏ। ଟୋକିପର୍ବ ପାଳନ କରୁଥିବା ଗ୍ରାମରେ ନିର୍ଦ୍ଧାରିତ ସମୟ ଯୋଗଲଗ୍ନ ଅନୁସାରେ କାର୍ଯ୍ୟ କରିଥାନ୍ତି। ଯୁବଗୋଷ୍ଠୀ ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଶାନ୍ତିଶୃଙ୍ଖଳା ସହ ପର୍ବପାଳିତ ହୋଇଯାଇଛି।

### ୧୦ମ ଜିଲାସ୍ତରୀୟ ମିନି ମାରାଥନ

**କୋମନା,୧୩।୧ (ସୋବିନ ଛତ୍ରିଆ):** ଜାତୀୟ ଯୁବ ଦିବସ ତଥା ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଦିନ ଉପଲକ୍ଷେ ନୂଆପଡ଼ା ଯୁବ କଂଗ୍ରେସ ଦ୍ୱାରା ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ଶାହାରୁଖ ଖାନ୍‌ଙ୍କ ନେତୃତ୍ୱରେ ୧୦ମ ଜିଲାସ୍ତରୀୟ ମିନି ମାରାଥନ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଅଞ୍ଚଳରୁ ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଖରିଆର ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ କମଳ ଚରଣ ତାଣ୍ଡି ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ବିରାଟ ତାଣ୍ଡି, ଉମା ବନଛୋର, ବଳରାମ ସରାଫ, ପ୍ରବୀଣ, ରୁଦ୍ର, ରାଜେଶ ପଣ୍ଡା, ଫୟେଜ ଅଲ୍ଲୀ, ସୟାତ ଅଲ୍ଲୀ ପ୍ରମୁଖ ମାରାଥନ ଆୟୋଜନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏହି ମାରାଥନ ଅଂଶଗ୍ରହଣକାରୀଙ୍କୁ କେବଳ କ୍ରୀଡ଼ା ଦକ୍ଷତା ପ୍ରଦର୍ଶନ କରିବାର ସୁଯୋଗ ପ୍ରଦାନ କରି ନ ଥିଲା ବରଂ ସମାଜ ଗଠନରେ ଯୁବପିଢ଼ିଙ୍କ ଗୁରୁତ୍ୱକୁ ମଧ୍ୟ ପ୍ରତିପାଦିତ କରିଥିଲା।

### କଳାହାଣ୍ଡି ଉତ୍ସବ ପୂର୍ବରୁ ମନ ମୋହିଲା ପଥୋତ୍ସବ

**ଭବାନୀପାଟଣା, ୧୩।୧ (ଉତ୍ତମ କୁମାର ଦାଶ):** ଭବାନୀପାଟଣାଠାରେ ଜିଲା ସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ଉପଲକ୍ଷେ ରବିବାରଠାରୁ ଆରମ୍ଭ ହୋଇଛି ପଥୋତ୍ସବ। କଳାହାଣ୍ଡିର କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା ସହ କ୍ରୀଡ଼ା କୌଶଳର ମିଳନସ୍ଥଳୀ ପାଲଟିଥିଲା ଜେଲଛକରୁ ଷ୍ଟେଟବ୍ୟାଙ୍କ ଛକ ସଡ଼କପଥ। କେବଳ ପ୍ରତିଭାଗୀ, କଳାକାର କିମ୍ବା ସାଧାରଣ ଲୋକେ ନୁହନ୍ତି ଜନ ପ୍ରତିନିଧି, ପ୍ରଶାସନିକ ଅଧିକାରୀ ସମସ୍ତେ ଏଥିରେ ସାମିଲ ହୋଇଥିଲେ। ଲୋକ ସଭା ସଦସ୍ୟା ମାଳବିକା ଦେବୀ, କଳାହାଣ୍ଡି ଜିଲାପାଳ ସଚିନ ପାୱାର ପ୍ରକାଶ, ଅତିରିକ୍ତ ଜିଲାପାଳ (ସାଧାରଣ) ତନ୍ମୟ ଦରୱାନ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବଇତୁରା ଦୀପ, ଜିଲା ପରିଷଦ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡ଼ା, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ଯୋଜନା ଉପନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ସହକାରୀ ଜିଲାପାଳ ମମତା ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସମସ୍ତ ପ୍ରତିଭାଗୀଙ୍କୁ ଉତ୍ସାହିତ କରିଥିଲେ। ପଥୋତ୍ସବ ଉପକମିଟି ଅଧ୍ୟକ୍ଷ ଡ. ଅଜୟ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା।

ସୋମବାର ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ସନ୍ଧ୍ୟାରେ ଗୀତ, ନୃତ୍ୟ, କବିତା ପାଠୋତ୍ସବ, ର୍ୟାମ୍ପ ଶୋ ଆଦି ଅନୁଷ୍ଠିତ ହୋଇଥିଲା। ୨ଦିନ ଧରି ଏହି କାର୍ଯ୍ୟକ୍ରମକୁ ଭବାନୀପାଟଣା ସହରବାସୀ ବେଶ ଉପଭୋଗ କରିଥିଲେ।

# ଆଜିଠୁ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା'

**ଭବାନୀପାଟଣା, ୧୩।୧ (ଉତ୍ତମ କୁମାର ଦାଶ)**

ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ମଙ୍ଗଳବାରଠାରୁ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ଅନୁଷ୍ଠିତ ହେବ। ଏହାକୁ ସରସସୁନ୍ଦର କରିବା ପାଇଁ ସୋମବାର ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଏକ ଖବରଦାତା ସମ୍ମିଳନୀ ଜରିଆରେ ଜିଲାବାସୀଙ୍କୁ ଆହ୍ୱାନ କରିଛି ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ବିଭାଗ। ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ସଚିନ ପାୱାର ପ୍ରକାଶ, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ଼. ନିବେଦିତା ନାଥ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡ଼ା, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲଙ୍କ ସମେତ ପୋଲିସ ବିଭାଗର ଉଚ୍ଚ ଅଧିକାରୀ, ବିଭିନ୍ନ ଉପକମିଟିର ଅଧ୍ୟକ୍ଷ, ଆବାହକ ଓ ସଦସ୍ୟ ଉପସ୍ଥିତ ରହି ଆସନ୍ତା ଚାରିଦିନର ରୂପରେଖ ସମ୍ପର୍କରେ ଗଣମାଧ୍ୟମକୁ ଅବଗତ କରାଇଥିଲେ। ଉତ୍ସବକୁ ସଫଳ କରିବାକୁ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଜିଲାର ବିଭିନ୍ନ ପୀଠରୁ ପବିତ୍ର ମଶାଲ ଆସି ଗାନ୍ଧୀଛକରେ ପହଞ୍ଚିବା ପରେ ମା' ମାଣିକେଶ୍ୱରୀଙ୍କ ମନ୍ଦିରରୁ ମୁଖ୍ୟ ମଶାଲ ସହିତ ଏହା ଉତ୍ସବସ୍ଥଳକୁ ଯିବ। ରାଜ୍ୟ ଓ ରାଜ୍ୟ ବାହାର କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ସହିତ ଖ୍ୟାତିସମ୍ପନ୍ନ କଳାକାରଙ୍କ ଦ୍ୱାରା ଷ୍ଟାର ନାଇଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସଂସ୍କୃତି ଓ ପରମ୍ପରାର ଝଲକରେ ଝଲସିବ ଶହୀଦ ରେଣ୍ଡୋ ମାଝୀ ମଞ୍ଚ। ଉତ୍ସବସ୍ଥଳ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ ପରିସରରେ ୩୨୮ଟି ସରକାରୀ ଓ ବେସରକାରୀ ଷ୍ଟଲ ସ୍ଥାପନ କରାଯିବ। ୧୦ ପ୍ଲାଟୁନ ପୋଲିସ ଫୋର୍ସ ସୁରକ୍ଷା ଦାୟିତ୍ୱ ସମ୍ଭାଳିବେ ଓ ସେମାନଙ୍କୁ ସହଯୋଗ କରିବାକୁ ଅଗ୍ନିଶମ ବିଭାଗ, ହାଇସ୍କୁଲ ଓ କଲେଜ ସ୍ତରୀୟ ଏନସିସି କ୍ୟାଡେଟ୍‌ମାନେ ନିୟୋଜିତ ହେବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

**ସଂସ୍କୃତି,ପରମ୍ପରାର ଝଲକରେ ଝଲସିବ ଶହୀଦ ରେଣ୍ଡୋ ମାଝୀ ମଞ୍ଚ**

# ପ୍ରଥମଥର ପାଇଁ ମହିଳା ଗଣଦୌଡ଼ ପ୍ରତିଯୋଗିତା

**ଧର୍ମଗଡ଼ ୧୩।୧ (ଆକାଶ କୁମାର ଜଗତ)**

ଧର୍ମଗଡଠାରେ ଆସନ୍ତା ଜାନୁଆରୀ ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସମ୍ପ୍ରସାରିତ କଳାହାଣ୍ଡି ଉତ୍ସବ ଉପଲକ୍ଷେ ସୋମବାର ମହିଳା ଗଣଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବଡବସୁଲ ପଡିଆଠାରୁ ଉତ୍ସବ ପଡ଼ିଆ ପର୍ଯ୍ୟନ୍ତ ପ୍ରାୟ ୫କିମି ରାସ୍ତାରେ ଏହି ପ୍ରତିଯୋଗିତା ହୋଇଥିଲା। ଧର୍ମଗଡ ଉପଜିଲାପାଳ ଧୀମାନ ଚକମା ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବାବେଳେ ଡାକ୍ତର ମୋନିକା ପରଣିଗ୍ରା ପତାକା ଦେଖାଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ବଡବସୁଲ ସରପଞ୍ଚ ମକୁନ୍ଦ ଶବର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଧର୍ମଗଡ଼ ବ୍ଲକ ଖାରଲୁଗାମାଲ ଗ୍ରାମର ଯୁଗମଣି ଶବର ପ୍ରଥମ, ଏହି ବ୍ଲକ ବୋଡ଼େନର ପୁଷ୍ପାଞ୍ଜଳି ଶବର ଦ୍ୱିତୀୟ ସ୍ଥାନ ଓ ଧର୍ମଗଡ଼ର ଲିଲି ସୁନାନୀ ତୃତୀୟ ସ୍ଥାନ ହାସଲ କରିଥିଲେ। ପ୍ରଥମଥର ପାଇଁ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉତ୍ସବ ପଡ଼ିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଧର୍ମଗଡ ଉପଜିଲାପାଳ ତଥା ଉତ୍ସବ କମିଟି ଅଧ୍ୟକ୍ଷ ଧୀମାନ ଚକମା, ବରିଷ୍ଠ ଖବରଦାତା ବିଦ୍ୟାଧର ସାହୁ, ପ୍ରଚାର ପ୍ରସାର କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ଜାଲ, ଅର୍ଥ କମିଟି ଉପାଧ୍ୟକ୍ଷ ହୀରା ବାଗ, ଇଞ୍ଜିତ ପଣ୍ଡା, ବରିଷ୍ଠ କ୍ରୀଡାବିତ୍ ଲକ୍ଷ୍ମୀକାନ୍ତ ବାଗ ପ୍ରମୁଖ ମଞ୍ଚାସୀନ ରହି ବିଜୟୀ ମହିଳା କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧନ କରିଥିଲେ। କାର୍ଯ୍ୟକ୍ରମକୁ କ୍ରୀଡା ଶିକ୍ଷକ ସନ୍ତୋଷ କୁମାର ପାଣିଗ୍ରାହୀ, କ୍ରୀଡା ଶିକ୍ଷୟିତ୍ରୀ ବୀଣା ପୂଜାରୀ, ଶିକ୍ଷୟିତ୍ରୀ ରାଜ କୁମାରୀ ନାଏକ ପରିଚାଳନା କରିଥିଲେ। ମଞ୍ଚ ଉପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।

# ଭାଜପା ମଣ୍ଡଳ ସଭାପତି, ଜିଲା ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା



ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**କୋକସରା,୧୩।୧ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

ଭାରତୀୟ ଜନତା ପାର୍ଟି ପକ୍ଷରୁ ରାଜ୍ୟର ସମସ୍ତ ମଣ୍ଡଳରେ ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ କୋକସରା ମଣ୍ଡଳ ପକ୍ଷରୁ ମଙ୍ଗଳବାର ନବ ନିର୍ବାଚିତ ମଣ୍ଡଳ ସଭାପତି ଓ ଜିଲା ପ୍ରତିନିଧିଙ୍କୁ ଦଳ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ମଣ୍ଡଳ ସମ୍ପାଦକ ତ୍ରିନାଥ ଶବରଙ୍କ ଅଧ୍ୟକ୍ଷତାରେ ପ୍ରଥମେ ନବ ନିର୍ବାଚିତ କୋକସରା ମଣ୍ଡଳ ସଭାପତି ବସନ୍ତ କୁମାର ନାଗ ଓ ଜିଲା ପ୍ରତିନିଧି ଭାବେ ଦୁର୍ଗା ପ୍ରସାଦ ପ୍ରଧାନୀଙ୍କୁ ଦଳୀୟ କର୍ମକର୍ତ୍ତା ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ଅନୁଷ୍ଠିତ ବୈଠକରେ ମଣ୍ଡଳ ସଭାପତି ନାଗ ଓ ଜିଲା ପ୍ରତିନିଧି ପ୍ରଧାନୀ ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହ ଦଳୀୟ କାର୍ଯ୍ୟକ୍ରମରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏଥିରେ ଗରୁଡ଼ଧ୍ୱଜ ମାଝୀ, ଗଣେଶ ନନ୍ଦ, ସମ୍ପାଦକ ମନୋଜ ନାଏକ, ସୁଧୀର ପାତ୍ର, ଗୋପାଳ ଅଗ୍ରୱାଲ, ପ୍ରମୋଦ ପ୍ରଧାନୀ, ଧର୍ମାନନ୍ଦ ନେଗି, ଦୈତାରି ବାରିକଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

# ଟିଙ୍ଗୁଡ଼ିସର ଲୋକ ମହୋତ୍ସବ ଉଦ୍‌ଘାଟିତ



ଅତିଥିଙ୍କ ସହ ସମ୍ମାନିତ ୫ ବ୍ୟକ୍ତି ବିଶେଷ।

**ଜୁନାଗଡ଼,୧୩।୧ (ସୁନୀଲ କୁମାର ସିଂହ)**

କଳାହାଣ୍ଡିର ଲୋକକଳା, ସଂସ୍କୃତି, ପରମ୍ପରାର ଏକ ଅନନ୍ୟ ସଙ୍ଗମ ଟିଙ୍ଗୁଡ଼ିସର ଲୋକ ମହୋତ୍ସବ ରବିବାର ଉଦ୍‌ଘାଟିତ ହୋଇଯାଇଛି । ସ୍ଥାନୀୟ ବିବେକାନନ୍ଦ ୟୁଥ୍ କ୍ଲବ୍‌ର ୧୦ମ ବାର୍ଷିକ ଉତ୍ସବ ତଥା ଜାତୀୟ ଯୁବ ଦିବସ ଉପଲକ୍ଷେ ଏହା ଆୟୋଜନ କରାଯାଇଛି। ଏହି ଅବସରରେ ସକାଳେ ଜୁନାଗଡ଼ ମା' ଲଙ୍କେଶ୍ୱରୀଙ୍କ ମନ୍ଦିରଠାରୁ ମହୋତ୍ସବ ପଡିଆ ପର୍ଯ୍ୟନ୍ତ ଏକ ମଶାଲ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର, ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଗିରୀଶ ଚନ୍ଦ୍ର ବେହେରା, ଜିଲା ପରିଷଦ ଉପାଧ୍ୟକ୍ଷା ସୁଧୀରା ମେହେର, ଜୁନାଗଡ଼ ବ୍ଲକ୍ ଅଧ୍ୟକ୍ଷା ସବିତା ମେହେର, ସ୍ଥାନୀୟ ସରପଞ୍ଚ ଲୋପାମୁଦ୍ରା ବାଗ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିବେକାନନ୍ଦ ଶିକ୍ଷା ସମ୍ମାନରେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ସନ୍ତୋଷ କର, କ୍ରୀଡ଼ା ସମ୍ମାନରେ ଅନ୍ତର୍ଜାତୀୟ ପର୍ବତାରୋହୀ ଯୋଗବ୍ୟାସ ଭୋଇ, ଲୋକକଳା ସମ୍ମାନରେ ସର୍ବେଶ୍ୱର ଭୋଇ, ସାମ୍ବାଦିକତା ସମ୍ମାନରେ ଧରିତ୍ରୀର ଜିଲା ପ୍ରତିନିଧି ଉତ୍ତମ କୁମାର ଦାଶ, କୃଷି ସମ୍ମାନରେ ମନ୍ମଥ ସାହୁ ଓ ସମାଜସେବା ସମ୍ମାନରେ ଯଶୋବନ୍ତ ରଣାଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର, ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ପରେ ମସିଗାଁର କଳାକାରଙ୍କ ଦ୍ୱାରା ଘୁମୁରା, ପ୍ରତିଭା ଅନୁଷ୍ଠାନ ପକ୍ଷରୁ ସିଙ୍ଗାରୀ ଓ ବଜାଶାଳ ନୃତ୍ୟ ପରିବେଷଣ ହୋଇଥିଲା। ଏହାପରେ ରାଜ୍ୟ ସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

### ଚୋରି ପାଣି ମୋଟର ଜବତ, ଅଭିଯୁକ୍ତ ଗିରଫ

**ପଲମ, ୧୩।୧ (ଭିକାରି ଗଉଡ଼):** କଳାହାଣ୍ଡି ଜିଲା ନର୍ଲା ଥାନା ପୋଲିସ ଚୋରି ପାଣିମୋଟର ଜବତ କରିବା ସହ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଲିମୁର ସିଙ୍ଗା ଗ୍ରାମର ଲୋଚନ୍ ରଣା (୪୫)। ସୂଚନାକ୍ରମେ ସେରଗଡ଼ ପଞ୍ଚାୟତ ସେରଗଡ଼ ଗ୍ରାମର ନରେନ୍ଦ୍ର କୁମାର ସାହୁ ଗତ ଶନିବାର ନିଜ ଘରୁ ପାଣିମୋଟର ଚୋରି ହୋଇଥିବା ନେଇ ନର୍ଲା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଥାନା ଅଧିକାରିଣୀ ମମତା ପାଣିଗ୍ରାହୀ ଏକ ଟିମ୍ ଗଠନକରି ତଦନ୍ତ ଜାରି ରଖିଥିଲେ। କୌଣସି ସୂତ୍ରରୁ ଖବର ପାଇ ପୋଲିସ ଲୋଚନ୍‌ଙ୍କ ଘରେ ଚଢ଼ାଉକରି ୧୧ଗୋଟି ଚୋରି ପାଣି ମୋଟର ଜବତ କରିଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ./୨୦୨୫) ରୁଜୁକରି ଗିରଫ ଲୋଚନଙ୍କୁ ଭବାନୀପାଟଣା କୋର୍ଟ ଚାଲାଣ କରିଥିବା ଥାନା ଅଧିକାରିଣୀ ପାଣିଗ୍ରାହୀ ପ୍ରକାଶ କରିଛନ୍ତି।

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ଯୁବଦିବସ



ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

**ଗୋଲାମୁଣ୍ଡା, ୧୩।୧ (ବଟକୃଷ୍ଣ ପଣ୍ଡା)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡାସ୍ଥିତ ସର୍ବମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଯୁବ ରେଡ୍‌କ୍ରସ୍ ଓ ରେଡ୍ ରିବନ୍ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଜୟନ୍ତ କୁମାର ଜେନା ସଭାପତିତ୍ୱ କରିଥିଲେ। ସାନଚେରଗାଁ ଗ୍ରାମର ସଫଳ କୃଷକ କୃଷ୍ଣ ଚନ୍ଦ୍ର ନାଗ ସ୍ୱତନ୍ତ୍ର ଅତିଥି, ପ୍ରାଧ୍ୟାପକ ସରୋଜ କାନ୍ତ ରଥ ସମ୍ମାନିତ ଅତିଥି ଓ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ପ୍ରତାପ ଚନ୍ଦ୍ର ନାୟକ ଯୋଗଦେଇ ଯୁବ ଦିବସର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ଆୟୋଜିତ ପ୍ରବନ୍ଧ ଲିଖନରେ ପ୍ରଥମ ହୋଇଥିବା ପ୍ରିୟାଂଶୁ ଶେଖର ରାଉତ, ଦ୍ୱିତୀୟ ଦୁଲେଶ୍ୱର ରଣା ଓ ତୃତୀୟ ଝରଣା ମାଝୀଙ୍କୁ ଉତ୍କର୍ଷ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଯୁବ ରେଡ୍‌କ୍ରସ୍ ପରାମର୍ଶଦାତା ଅଧ୍ୟାପକ ଶାନ୍ତନୁ କୁମାର ପରିଡ଼ା ମଞ୍ଚ ପରିଚାଳନା ଓ ଅଧ୍ୟାପକ ପ୍ରବୀର କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ରେଡ୍‌କ୍ରସ୍ ଓ ରେଡ୍ ରିବନ୍ କ୍ଲବ୍ ସ୍ୱେଚ୍ଛାସେବୀ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ନୂଆପଡ଼ା ପ୍ରଶିକ୍ଷଣ ପ୍ରତିଷ୍ଠାନ ବୁଲିଲେ ଛତିଶଗଡ଼ ଛାତ୍ରୀଛାତ୍ର

**ନୂଆପଡ଼ା,୧୩।୧ (ମକାରୁ ବେମାଲ)**

ଛତିଶଗଡ଼ ରାଜ୍ୟ ମହାସମୁନ୍ଦ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଛାତ୍ରୀଛାତ୍ର ଓ ପ୍ରାଧ୍ୟାପକ ନୂଆପଡା ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିଭ୍ରମଣରେ ଆସି ଭିତ୍ତିଭୂମି ଓ ଶୈକ୍ଷିକ କାର୍ଯ୍ୟକ୍ରମ ପର୍ଯ୍ୟବେକ୍ଷଣ କରିଥିଲେ। ନୂଆପଡ଼ା ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ନରୋତ୍ତମ ଭୋଇ ଓ ସମସ୍ତ ପ୍ରାଧ୍ୟାପକ ଭ୍ରମଣକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ଅନୁଷ୍ଠିତ ବୈଠକରେ ଉଭୟ ଜିଲା ଓ ରାଜ୍ୟର ଶୈକ୍ଷିକ ଅଭିବୃଦ୍ଧି ଓ ଶୈକ୍ଷିକ ଯୋଜନାର ସଫଳ ରୂପାୟନ ବିଷୟରେ ବିଚାରବିମର୍ଶ କରିଥିଲେ। ପ୍ରଶିକ୍ଷଣ ପ୍ରତିଷ୍ଠାନ ମହାସମୁନ୍ଦ ସାଂସ୍କୃତିକ ଓ ସାହିତ୍ୟ ପ୍ରଭାରୀ ଟେକରାମ ସେନ ହିନ୍ଦୀ ଓ ଓଡିଆ ଭାଷାରେ ପରିଚୟ ପ୍ରଦାନ କରିଥିଲେ। ରୀନା ବାଗ, ବିକ୍ରମାଦିତ୍ୟ ସିଂ ବରିହା, ଶଙ୍କର ସାହୁ, ବବିତା ଶବର, ଅନିତା ଶବର ପ୍ରମୁଖ ପ୍ରାଧ୍ୟାପିକା ଓ ପ୍ରାଧ୍ୟାପକ ନିଜର ମତ ଉପସ୍ଥାପନ କରିଥିଲେ। ପ୍ରତିଷ୍ଠାନର ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉପରେ ପ୍ରାଧ୍ୟାପକ ବିକ୍ରମାଦିତ୍ୟ ସିଂ ବରିହା ଆଲୋଚନା କରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଭବାନୀପାଟଣା ଅଭିମୁଖେ ମଶାଲ ଶୋଭାଯାତ୍ରା

**ଥୁଆମୂଳ ରାମପୁର,୧୩।୧ (ଦୁର୍ଗା କୀର୍ତ୍ତି):** ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ପାଇଁ ସୋମବାର ଥୁଆମୂଳ ରାମପୁର ବ୍ଲକସ୍ଥିତ ମା'ମାଣିକେଶ୍ୱରୀଙ୍କ ପୀଠରୁ ଭବ୍ୟ ମଶାଲ ଶୋଭାଯାତ୍ରା ଦୀର୍ଘ ୭୫ କି.ମି. ଦୂର ଭବାନୀପାଟଣା ଅଭିମୁଖେ ବହାରିଛି। ଜିଲା ସଂସ୍କୃତି ପରିଷଦ ଓ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଆୟୋଜିତ ଶୋଭାଯାତ୍ରାରେ ଅଞ୍ଚଳବାସୀଙ୍କ ସମେତ ବିଡ଼ିଓ ଧ୍ରୁବ ଚରଣ ମୁଦୁଲି, ସ୍ଥାନୀୟ ସରପଞ୍ଚ ବିଜୟା ମାଝୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଟଙ୍କଧର ସାହୁ, ଜିଲା ସାଂସ୍କୃତିକ ପରିଷଦ ସଦସ୍ୟ ସତ୍ୟ ନାରାୟଣ ମୁଣ୍ଡଛିନା ଏବଂ ନେହେରୁ ଯୁବ କେନ୍ଦ୍ର ସଦସ୍ୟ ବିଳାସ ନାଏକ, ଲମ୍ବୋଦର ନାଏକ, ବିରଞ୍ଚି ନାଏକ ପ୍ରମୁଖ ସାମିଲ ଥିଲେ। ଏହି ଶୋଭାଯାତ୍ରା ବ୍ଲକ କାର୍ଯ୍ୟାଳୟଠାରେ ପହଞ୍ଚିବା ପରେ ପ୍ରଶାସନିକ ଅଧିକାରୀ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# ୨୦୦୦ ମାଟ୍ରିକ ବ୍ୟାଚ୍‌ର ରଜତ ଜୟନ୍ତୀ ସମାରୋହ

**ରିଷିଡ଼ା,୧୩।୧ (ସୁଶାନ୍ତ ମଲ୍ଲିକ)**

କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ସରକାରୀ ବାପୁଜୀ ଉଚ୍ଚ ବିଦ୍ୟାଳୟର ୨୦୦୦ ମାଟ୍ରିକ ବ୍ୟାଚ୍‌ର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ରଜତ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବ୍ୟାଚର ଛାତ୍ର ବାସୁଦେବ ସେଲମାଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ତତ୍କାଳୀନ ଶିକ୍ଷକ ବାଳକୃଷ୍ଣ ସାହୁ, ନନ୍ଦକିଶୋର ରଣା, ବାଲ୍ମିକୀ ରଣା, ପ୍ରଦୀପ କୁମାର ପଧାନ, ମନୋଜ ଶବର, କୈଳାସ ଚନ୍ଦ୍ର କର, ପ୍ରଧାନଶିକ୍ଷୟିତ୍ରୀ ଦିପ୍ତିମୟୀ ଦୋରା, ବରିଷ୍ଠ ଶିକ୍ଷକ ସାଗର ରଣା ଅତିଥି ଭାବେ ଯୋଗଦେଇ ଗୁରୁଶିଷ୍ୟଙ୍କ ମିଳନର ମହୋତ୍ସବ ଅତୀତକୁ ଫେରିବାର ଅପୂର୍ବ ମୁହୂର୍ତ୍ତ ବୋଲି କହିଥିଲେ। ଏହି ଅବସରରେ ସମସ୍ତ ଅତିଥିଙ୍କୁ ଉପଢୌକନ ପ୍ରଦାନ କରାଯାଇଥିଲା। ପାର୍ଥ ମହାପାତ୍ର ସଭା ସଂଯୋଜନା କରିଥିବା ବେଳେ ଦେବେନ୍ଦ୍ର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏଥିରେ ଭଜଶ୍ୟାମ ସାହୁ, ବିକାଶ କୁମାର ଜୈନ, ବାଞ୍ଛାବଟ ରଣା, ବିରଞ୍ଚି ଗହୀର, ବିରୋଜ ସାହୁ, ଶୁଶିଲ ରଣା, ଆକାଶ ମହାନନ୍ଦ ସହଯୋଗ କରିଥିଲେ।

# କଳାହାଣ୍ଡି ଉତ୍ସବ ପାଇଁ ବାହାରିଲା ମଶାଲ ଶୋଭାଯାତ୍ରା

**ଲାଞ୍ଜିଗଡ଼,୧୩।୧ (ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ର ଆରାଧ୍ୟ ଭୈରବ ପୀଠରୁ ୨୭ତମ କଳାହାଣ୍ଡି ଉତ୍ସବ ଘୁମୁରା ପାଇଁ ସୋମବାର ଏକ ମଶାଲ ଶୋଭାଯାତ୍ରା ଭବାନୀପାଟଣା ଅଭିମୁଖେ ବାହାରିଛି। ଏଥିରେ ବିଡିଓ ଶଶାଙ୍କ ପାତ୍ର, ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପଙ୍କଜ ବଲିୟାର ସିଂହ, ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାଏକ, ଲାଞ୍ଜିଗଡ଼ ପିଇଓ ଭୀଷ୍ମ ମେହେରଙ୍କ ସମେତ ରାଜନେତା ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ଏହି ଶୋଭାଯାତ୍ରାକୁ ଚମ୍ପାଦେଇପୁର, ବିଶ୍ୱନାଥପୁର ବ୍ଲକ, ପୋଖରିବନ୍ଧ, ସିକେରକୁପା, କିଡିଙ୍ଗ ଏବଂ ସାନ୍ତପୁରଠାରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହା ସଦର ବ୍ଲକ୍ ମେଦିନୀପୁର ନିକଟରେ ପହଞ୍ଚିଥିବା ଜଣାପଡ଼ିଛି। ମଙ୍ଗଳବାର ଭବାନୀପାଟଣା ପହଞ୍ଚିବା ପରେ ଉତ୍ସବସ୍ଥଳ ରେଣ୍ଡୋ ମାଝୀ ମଞ୍ଚରେ ସ୍ଥାପନ କରାଯିବ ବୋଲି ମଶାଲ ସବ୍‌କମିଟି ତରଫରୁ ଜଣାପଡ଼ିଛି।



ଭୈରବ ପୀଠରୁ ବାହାରିଥିବା ମଶାଲ ଶୋଭାଯାତ୍ରା।



ପାକ୍ସ ସମ୍ମୁଖରେ ଧାରଣାରେ ବସିଛନ୍ତି ଚାଷୀ।

# ପାକ୍ସ ସମ୍ମୁଖରେ ଚାଷୀଙ୍କ ଧାରଣା

**ରିଷିଡ଼ା/କର୍ଲାମୁଣ୍ଡା,୧୩।୧ (ସୁଶାନ୍ତ ମଲ୍ଲିକ/ପ୍ରଦୀପ କୁମାର ସାହୁ)**

ମଣ୍ଡିରେ ଧାନ ବିକ୍ରିକରି ଟଙ୍କା ନ ପାଇବା ପ୍ରତିବାଦରେ ଚାଷୀମାନେ ପାକ୍ସ ସମ୍ମୁଖରେ ଧାରଣା ଦେଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ପ୍ରାଥମିକ କୃଷି ସମବାୟ ସମିତି ଯୋରାଡବରା ଅଧୀନରେ ଥିବା ରେଗଡ଼ା ଧାନ ମଣ୍ଡିରେ। ସୂଚନାକ୍ରମେ ରେଗଡ଼ା ଗ୍ରାମର ଚାଷୀ ବାସନ୍ତୀ ବାଗ ୨୯.୭୧ କୁଇଣ୍ଟାଲ ଓ ନିରନ ସାହୁ ୩୧.୫୪ କୁଇଣ୍ଟାଲ, ସାପଲହରା ପଞ୍ଚାୟତ କଣ୍ଡରେଇ ଗ୍ରାମର ଚାଷୀ ଉଷାଧର ସାହୁ ୬୮.୭୭ କୁଇଣ୍ଟାଲ ଓ ତରୁଣ ସାହୁ ୩୩.୬୦ କୁଇଣ୍ଟାଲ ଧାନ ଗତମାସ ୫ ତାରିଖରୁ ୧୯ ତାରିଖ ମଧ୍ୟରେ ମୋଟ ବିକ୍ରି କରିଥିଲେ। ତେବେ ଦୀର୍ଘଦିନ ପରେ ମଧ୍ୟ ଚାଷୀମାନେ କେବଳ ସରକାରୀ ଇନ୍‌ପୁଟ ସହାୟତା ରାଶି ୮ ଶହ ଟଙ୍କା ପାଇଥିବା ବେଳେ ଏମ୍ଏସ୍‌ପି କୁଇଣ୍ଟାଲ ପ୍ରତି ୨୩୦୦ ଟଙ୍କା ପାଇ ନ ଥିବା ଅଭିଯୋଗରେ ସୋମବାରଠାରୁ ଯୋରାଡବରା ପାକ୍ସ ସମ୍ମୁଖରେ ଧାରଣାରେ ବସିଛନ୍ତି। ତେବେ ଦୀର୍ଘ ଘଣ୍ଟା ପରେ ପ୍ରଶାସନ ପକ୍ଷରୁ କର୍ଲାମୁଣ୍ଡା ତହସିଲଦାର ଅରୁଣ ବର୍ଗେ, ଏଆର୍‌ସିଏସ୍ ମଧୁସୂଦନ ମେହେର ଧାରଣାସ୍ଥଳରେ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କ ପ୍ରାପ୍ୟ ପାଇବା ଦିଗରେ ସମସ୍ତ ପ୍ରକାର ସହଯୋଗ କରିବାକୁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଧାରଣାରୁ ଓହରିଥିବା ଜଣାପଡ଼ିଛି।

### ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ଆଲୋଚନାଚକ୍ର

**ନୂଆପଡ଼ା,୧୩।୧ (ମକାରୁ ବେମାଲ)**

ନୂଆପଡ଼ା ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ସଭାଗୃହରେ ଆକାଂକ୍ଷା ଜିଲା କାର୍ଯ୍ୟକ୍ରମ ଅନ୍ତର୍ଗତ ବିକାଶ ସହଯୋଗୀ ଭାବରେ କାର୍ଯ୍ୟ କରୁଥିବା ପିରାମଲ ଫାଉଣ୍ଡେଶନ ପକ୍ଷରୁ ଜିଲାର ଗଣମାଧ୍ୟମ ପ୍ରତିନିଧି ଓ କମ୍ୟୁନିଟି ରେଡିଓ ପ୍ରତିନିଧିଙ୍କୁ ନେଇ ସମାଧାନ ସାମ୍ବାଦିକତା (ସଲ୍ୟୁଶନ ଜର୍ନାଲିଜମ) ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜିଲାର ୨୫ରୁ ଊର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧି ଓ ରେଡିଓ ପାର୍ଟନର ଏଥିରେ ଅଂଶଗ୍ରହଣ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଆକାଂକ୍ଷୀ ଜିଲା ଓ ବ୍ଲକ କାର୍ଯ୍ୟକ୍ରମରେ ଗଣ ମାଧ୍ୟମର ଭୂମିକା ଓ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଜୟ ପ୍ରଧାନ ଓ ବିଏନ୍ ଦୁର୍ଗା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରାର ସୋମବାର ଅନ୍ତିମ ଦିବସରେ କଂସ ମହାରାଜ ମୀନାବଜାର ପରିଦର୍ଶନ କରୁଛନ୍ତି।



କଂସ ଦରବାରରେ ହରିୟାଣା କଳାକାରଙ୍କ ନୃତ୍ୟ ପରିବେଷଣ।



ଶ୍ରୀକୃଷ୍ଣ ଶିବଧନୁ ଭାଙ୍ଗୁଛନ୍ତି।




କଂସ ମହାରାଜ ଆନନ୍ଦ ଦାଶଙ୍କୁ ଯୁଧିଷ୍ଠିର ସମ୍ମାନ ପ୍ରଦାନ କରୁଛନ୍ତି।

# ଆନନ୍ଦ ଦାଶଙ୍କୁ ଯୁଧିଷ୍ଠିର ସମ୍ମାନ

**ମଥୁରାନଗରୀ, ୧୩।୧ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଧନୁଯାତ୍ରା ମହୋତ୍ସବ ଅବସରରେ ଯୁଗୋପଯୋଗୀ ସୁବର୍ଣ୍ଣଦୀପ ସମିତି ପକ୍ଷରୁ ରବିବାର ଯୁଧିଷ୍ଠିର ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ କଂସ ଦରବାରରେ ମଥୁରାଧିପତି କଂସ ମହାରାଜ ଅତୀତରେ ଦେବକୀ, ଅକ୍ରୁର ଭୂମିକାରେ ଅଭିନୟ କରିଥିବା ବରଗଡ଼ କଲେଜ ରୋଡ୍ ନିବାସୀ ଆନନ୍ଦ ଦାଶଙ୍କୁ ଯୁଧିଷ୍ଠିର ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ସୁବର୍ଣ୍ଣଦୀପ ସମିତିର ଉପଦେଷ୍ଟା ସର୍ଦ୍ଦାର ପ୍ରୀତମ ସିଂ, ସଭାପତି ନବକୃଷ୍ଣ ମିଶ୍ର, ସମ୍ପାଦକ ପ୍ରଦୀପ୍ତଭାନୁ ମହାନ୍ତି, ଦରବାର ମଞ୍ଚ ଆବାହକ ରାଜେନ୍ଦ୍ର ପ୍ରସାଦ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଥାଉକି, ବରଗଡ଼ ଧନୁଯାତ୍ରା ମହୋତ୍ସବର ପୂର୍ବତନ କଂସ ମହାରାଜ ସ୍ୱର୍ଗତ ଯୁଧିଷ୍ଠିର ଶତପଥୀଙ୍କ ସ୍ମୃତିରେ ସୁବର୍ଣ୍ଣଦୀପ ଅନୁଷ୍ଠାନ ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଉଛି।

# ଶିକ୍ଷକ ପରିଚାଳନା ପରିଷଦ, ଅଭିଭାବକ ବୈଠକ

**ପାଇକମାଲ, ୧୩।୧ (ବଡ ଶତପଥୀ):** ବରଗଡ ଜିଲା ପାଇକମାଲ ବ୍ଲକ ଛିନ୍ଦେଇକେଲା ହାଇସ୍କୁଲରେ ସୋମବାର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁଙ୍କ ସଭାପତିତ୍ୱରେ ଶିକ୍ଷକ ପରିଚାଳନା ପରିଷଦ ଓ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଧର ସାହୁ ମୁଖ୍ୟ ଅତିଥି ଓ ମାଳତୀ କୁଅଁର, ଡଃ ରୁଦ୍ରମଣି ବେହେରା ଓ ମାଧବ ରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇ ହାଇସ୍କୁଲର ପରିଚାଳନା, ଶିକ୍ଷକ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗୁରୁ ଶିକ୍ଷକ ସମ୍ପର୍କ, ପରିଚାଳନା କମିଟି ତଥା ଅବିଭାବକମାନଙ୍କ ପୁଅ ଝିଅ ପ୍ରତି ଦାୟିତ୍ୱ ବିଷୟରେ ମତବ୍ୟକ୍ତ କରିଥିଲେ। ଏଥିରେ ୮୫ ଜଣ ଅଭିଭାବିକା ଅଭିଭାବକ ଉପସ୍ଥିତ ଥିଲେ। ଶିକ୍ଷକ ଅଶ୍ୱିନୀ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଫକୀର ମୋହନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।



# ଦଧିବାମନ ମହାପ୍ରଭୁଙ୍କ ପୁଷ୍ୟାଭିଷେକ

**ମଥୁରାନଗରୀ, ୧୩।୧ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଭଟଲି ଦଧିବାମନ ମନ୍ଦିରରେ ପୌଷ୍ୟ ପୂର୍ଣ୍ଣମା ତିଥିରେ ପରମ୍ପରାକ୍ରମେ ହୋଇଆସୁଥିବା ମହାପ୍ରଭୁଙ୍କ ପୌଷ୍ୟାଭିଷେକ ସୋମବାର ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ଦିରରେ ଦଧିବାମନ ମହାପ୍ରଭୁଙ୍କ ଦୈନିକ ପୂଜାନୀତି, ପଞ୍ଚ ଉପଚାର ପୂଜା ପୂର୍ବକ ଗୋପାଳ ବଲ୍ଲଭ ଭୋଗ ଲାଗି ହୋଇଥିଲା। ପରେ ଶ୍ରୀମନ୍ଦିର ପ୍ରାଙ୍ଗଣରୁ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ନୂତନ ପାଟବସ୍ତ୍ର, ଫୁଲ ତୁଳସୀ ମାଳ, ବିଭିନ୍ନ ପ୍ରକାର ଫଳମୂଳ ପ୍ରସାଦ ଆଦି ନୂତନ ଧ୍ୱଜା ସହିତ ଘଣ୍ଟ, ଶଙ୍ଖ, ବାଦ୍ୟ, ସଂକୀର୍ତ୍ତନ, ଭକ୍ତଙ୍କ ହରିବୋଲ, ହୁଳହୁଳି ମଧ୍ୟରେ ନଗର ପରିକ୍ରମା କରି ଶ୍ରୀମନ୍ଦିରରେ ପହଞ୍ଚିଥିଲେ। ମନ୍ଦିରରେ ମହାପ୍ରଭୁଙ୍କୁ ମନ୍ଦିରର ପୁରୋହିତ ପଣ୍ଡିତମାନଙ୍କ ଦ୍ୱାରା ପୁଷ୍ୟାଭିଷେକ କରାଯାଇଥିଲା। ଏହାପରେ ଶ୍ରୀମନ୍ଦିରରେ ସେବକ ରାଜୀବ ସାହୁ, କିଶୋର ପଧାନଙ୍କ ସହଯୋଗ କ୍ରମେ ଶ୍ରୀମନ୍ଦିର ଚୂଡ଼ାରେ ନୂତନ ଧ୍ୱଜାରୋହଣ କରାଯାଇଥିଲା। ଏହା ଦେଖିବା ପାଇଁ ପ୍ରବଳ ଭିଡ଼ ହୋଇଥିଲା।

# ପଦ୍ମପୁରରେ ପ୍ରଥମ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା



ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଜଣେ ଖେଳାଳିଙ୍କୁ ସମ୍ମାନିତ କରୁଛନ୍ତି।

**ପଦ୍ମପୁର, ୧୩।୧ (ପ୍ରଦୀପ୍ତ ଦାଶ)**

ପଦ୍ମପୁର ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡ଼ିୟମରେ ଦିନିକିଆ ସନ୍ତୋଷ କୁମାର ବୈକାରଙ୍କ ସ୍ମୃତିରେ ପ୍ରଥମ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ବ୍ୟାଡମିଣ୍ଟନ୍ ଉନ୍ନୟନ କମିଟି ସଭାପତି ହରିଶଙ୍କର ସିଂଙ୍କ ନେତୃତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ବଣିକ ସଂଘ ସଭାପତି ପ୍ରତାପ ମିଶ୍ର, ମିଲୁ ସାହୁ, ବେଣୁମାଧବ ଦୋରା, ବିଷ୍ଣୁ ଦୋରା, ସଚ୍ଚିଦାନନ୍ଦ ବହିଦାର, ବିଦେଶୀ ସାହୁ, କପିଳ ଅଗ୍ରୱାଲ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ। ଉକ୍ତ ଟୁର୍ନାମେଣ୍ଟରେ ମୋଟ ୬୦ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଅଣ୍ଡର-୧୭ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତାରେ ତମନ୍ନା ସାହୁ, ଅଣ୍ଡର-୧୫ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତାରେ ସାଇ ଚନ୍ଦନ ମହାନ୍ତି ଓ ଅମନ ଅଗ୍ରୱାଲ ଏବଂ ଅଣ୍ଡର-୧୯ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତାରେ ନୀଳମାଧବ ବାଘ ଓ ଚିନ୍ତନ କୁମାର ସେଠୀ ଚାମ୍ପିୟନ ହୋଇ ପୁରସ୍କୃତ ହୋଇଥିଲେ। ରାକେଶ ସାହୁ, ଦୀପକ ଅଗ୍ରୱାଲ, ବଂଶୀ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ। ସମ୍ପାଦକ କିଶୋର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଆମର୍ ସାହିତ୍ୟ ଉତ୍ସବରେ କଳାକାରଙ୍କୁ ସମ୍ବର୍ଦ୍ଧନା

**ପଦ୍ମପୁର, ୧୩।୧ (ପ୍ରଦୀପ୍ତ ଦାଶ)**




ଉତ୍ସବରେ ପଦ୍ମପୁର ବିଧାୟିକା କଳାକାରଙ୍କୁ ସମ୍ମାନିତ କରୁଛନ୍ତି।

ପଦ୍ମପୁର ରାଜାଜୀ ଟାଉନ ହଲରେ ପ୍ରବାସୀ ଭାରତୀୟ ପ୍ରଶାନ୍ତ କୁମାର ମେହେରଙ୍କ ଆବାହକତ୍ୱରେ ରବିବାର ତୃତୀୟ 'ଆମର୍ ସାହିତ୍ୟ ଉତ୍ସବ୍' ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟଅତିଥି, ବ୍ୟଙ୍ଗ କବି ମନୋରଞ୍ଜନ ସାହୁ, ବ୍ୟଙ୍ଗ କବି ଅଚ୍ୟୁତ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନାଟ୍ୟବିତ୍ ଜଗଦାନନ୍ଦ ଛୁରିଆ, ପଶୁକବି ସୁଶିଲ ମିଶ୍ର, ନାରୀ ନାଟ୍ୟକାର ଓଜସ୍ୱିନୀ ମହାନ୍, କବି ହେମନ୍ତ ଦୀପ୍, ଲୋକ ବାଦ୍ୟକାର ସଂସାରୁ ମହାନନ୍ଦ ଓ ଯୁବକବି ଚିତ୍ତରଞ୍ଜନ ପ୍ରଧାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କେଶରଞ୍ଜନ ପ୍ରଧାନ ଓ ଅଶୋକ କୁମାର ବହିଦାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। 'ଆମର ସାହିତ୍ୟ ଉପରେ ଡିଜିଟାଇଜେଶନର ପ୍ରଭାବ' ବିଷୟରେ ଉତ୍ପନ୍ନ ଭୋଇ, ଡ. ରଜତ କୁମାର ପାଣିଗ୍ରାହୀ, ରାଜେନ୍ଦ୍ର କୁମାର ମହାନ୍ତି ଆଲୋଚକ ଭାବେ ଯୋଗଦେଇ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବରଗଡ଼ ଏମ୍‌ପି ପ୍ରଦୀପ କୁମାର ପୁରୋହିତ ପୌରୋହିତ୍ୟ କରିଥିଲେ। ପରମେଶ୍ୱର ବିଶି ଓ ଟ୍ୱିଙ୍କିଲ୍ ପ୍ରଧାନଙ୍କ ସଂଯୋଜନାରେ ୩୦ ଜଣ କବି ସ୍ୱରଚିତ କବିତା ପାଠ କରିଥଲେ। ଶେଷ ପର୍ଯ୍ୟାୟରେ ସମ୍ବଲପୁରୀ ନୃତ୍ୟ ଓ 'ଲୁ' ନାଟ୍ୟାନୁଷ୍ଠାନର ନାଟକ 'ଗାନ୍ଧୀଛକ' ପରିବେଷଣ କରାଯାଇଥିଲା। ଏହି ଅବସରରେ ଶାଶ୍ୱତ କୁମାର ତ୍ରିପାଠୀଙ୍କ ଆମ ଅଞ୍ଚଳର ଲୋକନୃତ୍ୟ ଓ ଲୋକଗୀତ, ଆମର ସାହିତ୍ୟ ପ୍ରକାଶନୀର 'ପଏର୍ଛାସତୀ', ବ୍ରଜମୋହନ ମେହେରଙ୍କ 'ମାଟିର ସୋର୍' ପୁସ୍ତକ ଓ 'କୁରେ ପତର୍' ପତ୍ରିକାକୁ ଲୋକାର୍ପିତ କରାଯାଇଥିଲା। ସଂସ୍କୃତି ଗବେଷକ ଡ. ପୁରୁଷୋତ୍ତମ ମୁଣ୍ଡ 'ଆମ ସଂସ୍କୃତିର ସ୍ଥିତି ଓ ଗତି' ଉପରେ ଆଲୋଚନା କରିଥିଲେ। ଶେଷଦେବ ମେହେର ଧନ୍ୟବାଦ ଅର୍ପଣ କରିଥଲେ। ଟେନେସ କୁମାର ପଣ୍ଡା, ସୁରେନ୍ଦ୍ର କୁମାର ସାହୁ, ରମେଶ ଗୁର୍ଲା, ଆଶିଷ କୁମାର ବୈକାର ପ୍ରମୁଖ ସହଯୋଗ କରିଥଲେ।

# ପଗାରପାଣିରେ ଦେବାଭିଷେକ ପୂର୍ଣ୍ଣିମା

**ଝାରବନ୍ଧ, ୧୩।୧ (ଦେବେନ୍ଦ୍ର ସାହୁ)**

ଝାରବନ୍ଧ ବ୍ଲକ ଅନ୍ତର୍ଗତ ପଗାରପାଣି ଗ୍ରାମରେ ସୋମବାର ଦେବାଭିଷେକ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଗ୍ରାମବାସୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରି ଏକ ବିରାଟ ଶୋଭାଯାତ୍ରାରେ ବାହାରି ଗାଁ ଗୌନ୍ତିଆ ଚକ୍ରଧର ଶଗରଙ୍କ ବାସଭବନକୁ ଯାଇଥିଲେ। ଗୋଟିଏ ବର୍ଷ ପାଇଁ ସମସ୍ତଙ୍କ ସୁଖଦୁଃଖରେ ସାହା ହେବା ପାଇଁ ଗ୍ରାମବାସୀ ତାଙ୍କୁ ନୂତନ ବସ୍ତ୍ର, ରାଜମୁକୁଟ ପିନ୍ଧାଇ ରାଜାଭିଷେକ କରିଥିଲେ। ଗୌନ୍ତିଆ ଶଗର ସମସ୍ତଙ୍କ ସୁଖ ସମୃଦ୍ଧି ପାଇଁ ଜଗନ୍ନାଥଙ୍କଠାରେ ପ୍ରାର୍ଥନା କରିଥିଲେ। ପରେ ପାରମ୍ପରିକ ତିହାର ପୁଷ୍ପୁନିର ପିଠାପଣା ଦେଇ ଛେରଛେରା ପ୍ରଦାନ କରିଥିଲେ। ଗଙ୍ଗାଧର ଶଗର, ରାଧେଶ୍ୟାମ ନର୍ମଦା, ନୀଳମଣି ନାଏକ, ଦୌଲତ ତାଣ୍ଡି, ହେମସାଗର ବାଗ, ପଦୁଲାଲ ଭିଲ, କିଶୋର ଶଗର, ବିଶ୍ୱ ଚିକଟ ସହଯୋଗ କରିଥିଲେ।

# ପ୍ରବାସୀ ଭାରତୀୟ, ଜାତୀୟ ଯୁବ ଦିବସ ପାଳିତ

**ପଦ୍ମପୁର, ୧୩।୧ (ପ୍ରଦୀପ୍ତ ଦାଶ)**

ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟରେ ରବିବାର ପ୍ରବାସୀ ଭାରତୀୟ ଦିବସ ଓ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଲଳିତ ମୋହନ ପଣ୍ଡା ଅଧ୍ୟକ୍ଷତା କରି ଯୁବ ବର୍ଗଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିକଶିତ ଦେଶ ଗଠନ କରିବା ପାଇଁ କଠିନ ପରିଶ୍ରମ କରିବାକୁ ଆହ୍ୱାନ ଦେଇଥିଲେ। ରେଡକ୍ରସ୍‌ର ପରାମର୍ଶଦାତା ପ୍ରମୋଦ କୁମାର ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାଧ୍ୟାପକ ଖଗେଶ୍ୱର ଦାଶ, ମମତାମୟୀ ଗୁରୁ , ପ୍ରଭାତ ମହାପାତ୍ର ପ୍ରମୁଖ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏନ୍‌ଏନ୍‌ଏସ୍‌ର ପ୍ରୋଗ୍ରାମ ଅଫିସର ବୁନି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ସରୋଜ କୁମାର ନାଏକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ପ୍ରଗତି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବରପାଲି, ୧୩।୧ (ଚିତ୍ତରଞ୍ଜନ ସାହୁ):** ବରଗଡ ଜିଲା ବରପାଲି ବ୍ଲକ ଗଙ୍ଗାଧର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀମାନଙ୍କ ସମ୍ମିଳିତ ତାଲିମ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଗୋଷ୍ଠୀ ଶିକ୍ଷାଧିକାରୀ ମୁକୁନ୍ଦ ମାହାରା ଉଦ୍‌ଘାଟନ କରିଥିଲେ। ଏଥରେ ବରପାଲିର ୪୦ଜଣ ପ୍ରଧାନ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷକ ବ୍ୟାସଦେବ ବେହେରା, ରଘୁବୀର ବେହେରା, ଶ୍ରୀରାମ ମେହେର, ଚୈତନ୍ୟ ପଧାନ ତାଲିମ କାର୍ଯ୍ୟକ୍ରମ ତୁଲାଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶୈକ୍ଷିକ ବାତାବରଣ, ଅଣଶୈକ୍ଷିକ କାର୍ଯ୍ୟକ୍ରମ, ଶିକ୍ଷଣ ଉପକରଣ, ଅଭିଭାବକ, ଛାତ୍ର, ଶିକ୍ଷକ ବିଷୟରେ ଆଲୋଚନା ହୋଇଥିଲା। ବରପାଲି ବ୍ଲକର ସମସ୍ତ ସିଆରସିସି ସହଯୋଗ କରିଥିଲେ।

# ନିଖୋଜଙ୍କ ମୃତଦେହ ଜବତ

**ମଥୁରାନଗରୀ, ୧୩।୧ (ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଅମ୍ବାଭୋନା ଥାନା ଅନ୍ତର୍ଗତ ରୁଚିଦା ଗ୍ରାମର ଏକ ଜଳାଶୟ (କଟା)କୁ ମାଛ ମାରିବାକୁ ଯାଇ ନିଖୋଜ ହୋଇଥିବା ଗ୍ରାମର ଦିଲ୍ଲୀପ ସା(୫୩)ଙ୍କ ମୃତଦେହକୁ ସୋମବାର ଜବତ ହୋଇଛି। ଏ ନେଇ ଅମ୍ବାଭୋନା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧/୨୫) ରୁଜୁ କରିବା ସହିତ ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନାକୁ ପଠାଇଛି। ସୂଚନାଥାଉକି, ଶନିବାର ଦିଲ୍ଲୀପ ଗ୍ରାମର ଜଳାଶୟକୁ ମାଛ ମାରିବାକୁ ଯାଇ ଆଉ ଫେରି ନ ଥିଲେ। ଗ୍ରାମବାସୀ, ପୋଲିସ ଏବଂ ଅଗ୍ନିଶମ ବାହିନୀ ତାଙ୍କୁ ଖୋଜାଖୋଜି କରିଥିଲେ ଏବଂ ସୋମବାର ଜଳାଶୟ ଭିତରେ ତାଙ୍କ ମୃତଦେହ ମିଳିଥିଲା।

# ସାଙ୍କେତିକ ଭାଷା, ମୋ ଭାଷା ତାଲିମ କାର୍ଯ୍ୟକ୍ରମ

**ମଥୁରାନଗରୀ, ୧୩।୧ (ପ୍ରେମାନନ୍ଦ ଖମାରୀ)**

ବରଗଡର ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ବଧିର ଛାତ୍ରୀଛାତ୍ରଙ୍କୁ ସଠିକ୍ ଶିକ୍ଷାଦାନ ଏବଂ ସେମାନଙ୍କ ସହିତ ଉତ୍ତମ ଯୋଗାଯୋଗ ସ୍ଥାପନ କରିବା ଲକ୍ଷ୍ୟ ନେଇ ସାଙ୍କେତିକ ଭାଷା, ମୋ ଭାଷା ତାଲିମ କାର୍ଯ୍ୟକ୍ରମ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ଆଳି ଯାଭାର ଜଙ୍ଗ ଜାତୀୟ ଅନୁଷ୍ଠାନ ବାଣୀ ଓ ଭାଷା ଅକ୍ଷମତା ଶିକ୍ଷକ ଆଞ୍ଚଳିକ ତାଲିମ ପ୍ରତିଷ୍ଠାନ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଚାଲିଛି। ଡ. ଲାନୁ ୱାନବଏ ଆଇମଲ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅକ୍ଷୟ ସାଗର, ଚନ୍ଦ୍ରଚୂଡ଼ ପ୍ରସାଦ ପାଣିଗ୍ରାହୀ, ସରୋଜ ଦେବତା, ଗୌରଚନ୍ଦ୍ର ଭୋଇ, କିଶୋର ଚନ୍ଦ୍ର ସାହୁ, ଅଭୟ କୁମାର ପ୍ରଧାନ, ରବିନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରିୟଙ୍କା ତରାଇ, ସସ୍ମିତା ଦେହୁରୀ, ନିରଞ୍ଜନ ଜେନା, ଦିଲ୍ଲୀପ କୁମାର ପଟେଲ, ପ୍ରଶାନ୍ତ କୁମାର ପ୍ରଧାନ ତାଲିମଦାତା ଭାବେ ଯୋଗଦାନ କରିଥିଲେ। ଶ୍ରବଣ ପରୀକ୍ଷା, ଶ୍ରବଣ ଯନ୍ତ୍ର ଲଗାଇବା ପାଇଁ ଚନ୍ଦ୍ରଚୂଡ଼ ପ୍ରସାଦ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଏସ୍.ଏଲ୍ ଜେକ୍ସନ ଆଇମାଳ, ହରପ୍ରିୟା ସାହୁ, ଚିତ୍ତରଞ୍ଜନ ନାୟକ, ସୋନାଲି ମହାପାତ୍ର ଯୋଗଦାନ କରିଛନ୍ତି। କାର୍ଯ୍ୟକ୍ରମରେ ୫୦ଜଣ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀଙ୍କ ସମେତ ବଧିର ଛାତ୍ରୀଛାତ୍ରଙ୍କ ଅଭିଭାବକ ସାଙ୍କେତିକ ଭାଷା ଶିକ୍ଷା ଆହରଣ ପାଇଁ ଯୋଗ ଦେଇଛନ୍ତି। ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ।




କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

# ବୋଡ଼ାସମ୍ବର କ୍ରିକେଟ: ରାୟପୁର ଦଳ ବିଜୟୀ

**ପଦ୍ମପୁର, ୧୩।୧ (ପ୍ରଦୀପ୍ତ ଦାଶ)**




ମୁଖ୍ୟ ଅତିଥି ରାୟପୁର ଦଳର ସନି ତିୱାରୀଙ୍କୁ ପୁରସ୍କୃତ କରୁଛନ୍ତି।

ବରଗଡ଼ ଜିଲା ପଦ୍ମପୁର ରାଜବୋଡାସମ୍ବର ଖେଳପଡିଆଠାରେ ଚାଲିଥିବା ୨୯ତମ ସର୍ବଭାରତୀୟ ବୋଡାସମ୍ବର କ୍ରିକେଟ କପ୍‌ର ସୋମବାର ତୃତୀୟ ମ୍ୟାଚ୍ କ୍ୟୁସିଆଇ ୱାରିୟର ଛତିଶଗଡ ଓ ଗୁଲବର୍ଗା ସିଟି ୧୧ କର୍ଣାଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଛତିଶଗଡ ଦଳ ଟସ୍ ଜିଣି ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ଓଭରରେ ଅଲଆଉଟ ହୋଇ ୧୮୮ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସନି ତିୱାରୀ ୫୪ ବଲରେ ୬୭ରନ ଏବଂ ଶଶାଙ୍କ ନେତମ ୨୪ ବଲରେ ୪୧ରନ କରିଥିଲେ। କର୍ଣାଟକ ପକ୍ଷରୁ ସୁମନ ମହାରଣା ୫.୩ ଓଭରରେ ୧୬ ରନ ଦେଇ ୬ ଉଇକେଟ ନେଇଥିଲେ। ଜବାବରେ କର୍ଣାଟକ ଦଳ ୨୯.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୮୭ ରନ ସଂଗ୍ରହ କରିଥିଲା। କର୍ଣାଟକ ଦଳ ପକ୍ଷରୁ ଅଭିଳାଷ ନାୟକ ୫୪ ବଲରେ ୬୭ ରନ ଓ କ୍ରିଷ୍ଣା ୫୦ ବଲରେ ୬୧ ରନ ସଂଗ୍ରହ କରିଥିଲେ। ଫଳରେ ୧ ରନରେ ରାୟପୁର ଦଳ ବିଜୟୀ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ରାଜବୋରାସମ୍ବର ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଭିଳାଷ ସାହୁ ଅତିଥି ଭାବେ ଯୋଗଦେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ରାୟପୁର ଦଳର ସନି ତିୱାରୀଙ୍କୁ ପୁରସ୍କୃତ କରିଥିଲେ। ଅମ୍ପାୟାର ଶ୍ୟାମସୁନ୍ଦର ପଣ୍ଡା ଏବଂ ବିଶ୍ୱଜିତ ପୁରୋହିତ ମ୍ୟାଚ୍ ପରିଚାଳନା କରିଥିଲେ। ମଙ୍ଗଳବାର ପ୍ରଥମ ସେମି ଫାଇନାଲ ମ୍ୟାଚ୍ କ୍ୟୁସିଆଇ ୱାରିୟର ରାୟପୁର ଓ ୟୁନିୟନ ସ୍ପୋର୍ଟିଂ କଟକ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ଯୁବତୀଙ୍କ ମୃତଦେହ ଜବତ: ହତ୍ୟା ଅଭିଯୋଗ

**ବଣାଇଁ,୧୩।୧(ପ୍ରଦୀପ ତ୍ରିପାଠୀ):** ସୁନ୍ଦରଗଡ଼ ଜିଲ୍ଲା ଗୁରୁଣ୍ଡିଆ ଥାନା ଅନ୍ତର୍ଗତ ବାଲିଆଗ୍ରାମ ନିକଟ ନାଳ କଡ଼ରୁ ଜଣେ ଯୁବତୀଙ୍କ ଗଳିତ ମୃତଦେହ ସୋମବାର ଅପରାହ୍ନରେ ପୋଲିସ ଜବତ କରିଛି। ମୃତା ଯୁବତୀ ବାଲିଆ ଗ୍ରାମର ଗୌରୀ କିଷାନ(୧୯)। ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ତାଙ୍କୁ କେହି ହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ଏନେଇ ଗୁରୁଣ୍ଡିଆ ପୋଲିସ କେସ୍ ନଂ. ୪/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଗୁରୁଣ୍ଡିଆ ଥାନା ଅଧିକାରୀ ଛୁଟିରେ ଥିବାରୁ ରାଉରକେଲା ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ବଣାଇଁ ଥାନା ଅଧିକାରୀ ଜ୍ଞାନେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଗୁରୁଣ୍ଡିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛି। ଗୌରୀ କେବେଠୁ ନିଖୋଜ ଥିଲେ ଜଣାପଡ଼ି ନ ଥିବାବେଳେ ପୂର୍ବରୁ ଏନେଇ କୌଣସି ନିଖୋଜ ମାମଲା ରୁଜୁ ହୋଇ ନ ଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ମୃତଦେହକୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟ ମର୍ଗ ହାଉସରେ ରଖାଯାଇଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ଘଟଣାର ପ୍ରକୃତ ସତ୍ୟ ସାମ୍ନାକୁ ଆସିବ।

### ଭାଜପା ନେତାଙ୍କ ଅକାଳ ବିୟୋଗ

**ସୁନ୍ଦରଗଡ଼,୧୩।୧(ଜୟ ନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଚିତାପେଢ଼ି ପଞ୍ଚାୟତର ଗଞ୍ଜୁଟୋଲୀ ବସ୍ତିର ବାସିନ୍ଦା କମଲ ସିଙ୍ଗ ରବିବାର ସନ୍ଧ୍ୟାରେ ରାଉରକେଲା ସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୦ବର୍ଷ ବୟସ ହୋଇଥିଲା। ଶାରୀରିକ ଅସୁସ୍ଥତା ଯୋଗୁ ସେ କିଛି ଦିନ ଧରି ଚିକିତ୍ସିତ ହେଉଥିଲେ। ସେ ଦୀର୍ଘ ବର୍ଷହେବ ଭାଜପାର ଜଣେ ସକ୍ରିୟ କର୍ମୀ ଭାବେ ଏହି ଅଞ୍ଚଳରେ ବେଶ ଜଣା ଶୁଣାଥିଲେ। ତାଙ୍କ ପରଲୋକ ଖବର ପାଇ ଭାଜପାର ବରିଷ୍ଠ ନେତ୍ରୀ ପୂର୍ଣ୍ଣିମା କେର୍କେଟା, ବରିଷ୍ଠ ନେତା ମନୋଜ ଶତପଥି, ଲିଟୁନ ସିଂ, ମୁକେଶ ସାହୁ, ଜଗତପାଲ ଅହୀର, ବସନ୍ତ ସାହୁ ପ୍ରମୁଖ ତାଙ୍କ ଚିତାପେଡି ସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ତାଙ୍କ ଅକାଳ ବିୟୋଗରେ ନୂଆଗାଁ ବ୍ଲକରେ ଶୋକର ଛାୟା ଖେଳିଯାଇଛି।

### ପ୍ରଗତି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବରପାଲି,୧୩।୧(ଚିତ୍ତରଞ୍ଜନ ସାହୁ):** ବରଗଡ ଜିଲ୍ଲା ବରପାଲି ବ୍ଲକ ଗଙ୍ଗାଧର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀମାନଙ୍କ ସମ୍ମିଳିତ ତାଲିମ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଗୋଷ୍ଠୀ ଶିକ୍ଷାଧିକାରୀ ମୁକୁନ୍ଦ ମାହାରା ଉଦ୍‌ଘାଟନ କରିଥିଲେ। ଏଥରେ ବରପାଲିର ୪୦ଜଣ ପ୍ରଧାନ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷକ ବ୍ୟାସଦେବ ବେହେରା, ରଘୁବୀର ବେହେରା, ଶ୍ରୀରାମ ମେହେର, ଚୈତନ୍ୟ ପଧାନ ତାଲିମ କାର୍ଯ୍ୟକ୍ରମ ତୁଲାଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶୈକ୍ଷିକ ବାତାବରଣ, ଅଣଶୈକ୍ଷିକ କାର୍ଯ୍ୟକ୍ରମ, ଶିକ୍ଷଣ ଉପକରଣ, ଅଭିଭାବକ, ଛାତ୍ର, ଶିକ୍ଷକ ବିଷୟରେ ଆଲୋଚନା ହୋଇଥିଲା। ବରପାଲି ବ୍ଲକର ସମସ୍ତ ସିଆରସିସି ସହଯୋଗ କରିଥିଲେ।

# ୨୪ ଦିନ ପରେ ଅନଶନ ସାମୟିକ ସ୍ଥଗିତ

**ବଣାଇଁ,୧୩।୧(ପ୍ରଦୀପ ତ୍ରିପାଠୀ)**



ଅନଶନରେ ବସିଥିବା ୱାର୍ଡ ସଭ୍ୟାସଭ୍ୟ।

**କେନ୍ଦ୍ରିକଳା ପଞ୍ଚାୟତ ୱାର୍ଡ ମେମ୍ବରଙ୍କ ଅନଶନ ପ୍ରସଙ୍ଗ**

ସୁନ୍ଦରଗଡ଼ ଜିଲ୍ଲା ବଣାଇଁ ବ୍ଲକ କେନ୍ଦ୍ରିକଳା ଗ୍ରାମପଞ୍ଚାୟତର ୱାର୍ଡ ସଭ୍ୟମାନେ ଆଣିଥିବା ଅନାସ୍ଥା ପ୍ରସ୍ତାବକୁ ପ୍ରଶାସନ ଟାଳଟୁଳ ନୀତି ଅବଲମ୍ବନ କରି ଦିନ ଗଡେଇ ଚାଲିଥିଲା। ଏହାର ପ୍ରତିବାଦରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ୨୪ଦିନ ଧରି ଚାଲିଥିବା ଅନଶନକୁ ସୋମବାର ସାମୟିକଭାବେ ସ୍ଥଗିତ ରଖାଯାଇଥିବା ପ୍ରେସ୍ ବିବୃତିରେ ପ୍ରକାଶ ପାଇଛି। ପ୍ରଦତ୍ତ ବିବୃତିରେ ପ୍ରକାଶପାଇଛି, ବଣାଇଁ ବ୍ଲକ କେନ୍ଦ୍ରିକଳା ଗ୍ରାମ ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟ କେନ୍ଦ୍ରିକଳା ସରପଞ୍ଚ ଉଗ୍ରସେନ କିସାନଙ୍କ ମନୋମୁଖୀ କାର୍ଯ୍ୟ ତଥା ଆର୍ଥିକ ଅନିୟମିତତା ଅଭିଯୋଗରେ ଗତ ୦୭.୧୦.୨୦୨୪ ତାରିଖରେ ବଣାଇଁ ଉପଜିଲାପାଳଙ୍କ ନିକଟରେ ଗ୍ରାମ ପଞ୍ଚାୟତ ଆଇନ ୧୯୬୪ ଧାରା ୨୪ ମୁତାବକ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା। ପ୍ରତିବାଦ ସ୍ୱରୂପ ୨୧।୧୨।୨୦୨୪ ଠାରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଅନଶନରେ ବସିଥିଲେ। ପ୍ରଶାସନ ଏଥିପ୍ରତି କୌଣସି ଗୁରୁତ୍ୱ ନ ଦେବାରୁ ପୁନଃ ୦୬.୦୧.୨୦୨୫ରେ ସୁନ୍ଦରଗଡ଼ଠାରେ ଅନୁଷ୍ଠିତ ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ଶିବିରରେ ସମସ୍ତ ତଥ୍ୟ ସହ ଅଭିଯୋଗ ଦାଖଲ କରିଥିଲେ। ଜିଲାପାଳ ଘଟଣାକୁ ଗୁରୁତର ସହ ଗ୍ରହଣ କରି ପଞ୍ଚାୟତର ହିତ ପାଇଁ ତଥା ଗଣତନ୍ତ୍ରର ସୁରକ୍ଷା ପାଇଁ ୱାର୍ଡ ସଭ୍ୟାସଭ୍ୟମାନେ ଆଗତ କରିଥିବା ଅନାସ୍ଥା ପ୍ରସ୍ତାବ ବିଷୟରେ ଚୁଡାନ୍ତ ନିଷ୍ପତି ଗ୍ରହଣ କରିବା ପାଇଁ ଏକ ଯୁଗ୍ମ କମିଟି ଗତ ୯ ତାରିଖରେ ଗଠନ କରିଛନ୍ତି। ଏଥିସହ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଅନଶନରତ ୱାର୍ଡ ସଭ୍ୟାସଭ୍ୟ ଜିଲାପାଳଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ସୋମବାର ସନ୍ଧ୍ୟାରୁ ଅନଶନକୁ ସାମୟିକଭାବେ ସ୍ଥଗିତ ରଖିଥିବା ନେଇ ଲିଖିତ ବିବୃତିରେ ସ୍ପଷ୍ଟ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, କେନ୍ଦ୍ରିକଳା ପଞ୍ଚାୟତର ସମୁଦାୟ ୧୪ ଜଣ ୱାର୍ଡ ସଭ୍ୟାସଭ୍ୟଙ୍କ ମଧ୍ୟରୁ ନାଏବ ସରପଞ୍ଚ ଲବଙ୍ଗ ପାତ୍ରଙ୍କ ସମେତ ୧୧ ଜଣ ସରପଞ୍ଚଙ୍କ ଅନାସ୍ଥା ପ୍ରସ୍ତାବ ଦେଇଥିଲେ।

## ସରକାରୀ ମହାବିଦ୍ୟାଳୟରେ ଜାତୀୟ ଯୁବ ଦିବସ

**ସୁନ୍ଦରଗଡ଼,୧୩।୧(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଓ ନେହରୁ ଯୁବ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ରବିବାର ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବୀରେନ୍ଦ୍ର କୁମାର ପଟେଲ ସଭାପତିତ୍ୱ କରି ବିବେକାନନ୍ଦଙ୍କ ଜୀବନ ଓ ଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତାଭାବେ ସହକାରୀ ପ୍ରଫେସର ନୂତନ ଖମାରୀ ଯୋଗଦାନ କରି ସ୍ୱାମୀ ବିବେକାନନ୍ଦଙ୍କ ଜୀବନରେ ଘଟିଥିବା ବିଭିନ୍ନ ଘଟଣାବଳୀ ତଥା ଆମ ଭାରତୀୟ ସଂସ୍କୃତି ସମ୍ପର୍କରେ ଜାଣିବାକୁ ହେଲେ ବିବେକାନନ୍ଦଙ୍କୁ ପଢ଼ିବାକୁ ହେବ ବୋଲି କହିଥିଲେ। ଏହି ଦିବସ ଉପଲକ୍ଷେ ଏନ୍‌ଏସ୍‌ଏସ୍, ରେଡ୍ ରିବନ କ୍ଲବ ଓ ଯୁବ ରେଡକ୍ରସ କ୍ଲବ ଆନୁକୂଲ୍ୟରେ ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜିତ ହୋଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ମହାବିଦ୍ୟାଳୟର ମ୍ୟୁଜିକ ବ୍ୟାଣ୍ଡକୁ ଅଧ୍ୟକ୍ଷ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ଛାତ୍ରୀ ମଧୁଲିକା ବେହେରା ସଂଯୋଜନା କରିଥିଲେ। ଅଧ୍ୟାପକ ଡକ୍ଟର ରତ୍ନେଶ ପଟେଲ,ସହକାରୀ ପ୍ରଫେସର ଡକ୍ଟର ଗଗୁଡେଶ୍ୱର ଦାସ, ସହକାରୀ ପ୍ରଫେସର ସୁଶାନ୍ତ ଖାଲକୋଙ୍କ ସମେତ ଅନ୍ୟ ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ସହକାରୀ ପ୍ରଫେସର ଶିବ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।

## ସର୍ଗୁ କିଷାନ ଉଚ୍ଚ ବିଦ୍ୟାଳୟରେ ୟୁଥ୍ ଫର୍ ୱାଟର କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଛାତ୍ରୀଛାତ୍ର।

**କୁତ୍ରା,୧୩।୧(ଦେବାଶିଷ ସାହୁ)**

କୁତ୍ରା ବ୍ଲକ ଅନ୍ତର୍ଗତ ତୁନମୁରାଠାରେ ଅବସ୍ଥିତ ସର୍ଗୁ କିଷାନ ସରକାରୀ ଉଚ୍ଚ ବିଦ୍ୟାଳୟରେ ୟୁଥ ଫର ୱାଟର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜେଏସଡବ୍ଲ୍ୟୁ ଶିବା ସିମେଣ୍ଟ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆସପାୟରର ମିଳିତ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ଅଞ୍ଚଳର ଯୁବ ସମାଜକୁ ନେଇ ଜଳ ସମ୍ପଦର ସୁରକ୍ଷା ପାଇଁ ଏହି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମରେଶ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଶିବା ସିମେଣ୍ଟ ସିଏସଆର ବିଭାଗ ଅଧ୍ୟକ୍ଷକ ଅଲେଖ କୁମାର ଦଳାଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜଳ ସମ୍ପଦର ସୁରକ୍ଷା ପାଇଁ ଯୁବ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ପ୍ରଧାନ ଶିକ୍ଷକ ସାହୁ ଜଳ ସମ୍ପଦର ସୁରକ୍ଷା ପାଇଁ ଯୁବ ସମାଜ ସହଯୋଗରେ ହାତ ବଢାଇବା ପାଇଁ ଆହ୍ୱାନ ଦେଇଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆସପାୟରର ରାଜେଶ ସାହୁଙ୍କ ନେତୃତ୍ୱରେ ଏକ ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଇକୋ କ୍ଲବ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ନିକଟବର୍ତ୍ତୀ ଅଞ୍ଚଳରଯୁବ ସମାଜ ତଥା ବିଦ୍ୟାଳୟର ଛାତ୍ରୀଛାତ୍ର ମାନେ ଅଂଶଗ୍ରହଣ କରିଥିଲେ।

## ଶିକ୍ଷକ ପରିଚାଳନା ପରିଷଦ, ଅଭିଭାବକ ବୈଠକ

**ପାଇକମାଳ,୧୩।୧(ବଡ ଶତପଥୀ):** ବରଗଡ ଜିଲା ପାଇକମାଳ ବ୍ଲକ ଛିନ୍ଦେଇକେଲା ହାଇସ୍କୁଲରେ ସୋମବାର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁଙ୍କ ସଭାପତିତ୍ୱରେ ଶିକ୍ଷକ ପରିଚାଳନା ପରିଷଦ ଓ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଧର ସାହୁ ମୁଖ୍ୟ ଅତିଥି ଓ ମାଳତୀ କୁଅଁର, ଡଃ ରୁଦ୍ରମଣି ବେହେରା ଓ ମାଧବ ରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇ ହାଇସ୍କୁଲର ପରିଚାଳନା, ଶିକ୍ଷକ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗୁରୁ ଶିକ୍ଷକ ସମ୍ପର୍କ, ପରିଚାଳନା କମିଟି ତଥା ଅବିଭାବକମାନଙ୍କ ପୁଅ ଝିଅ ପ୍ରତି ଦାୟିତ୍ୱ ବିଷୟରେ ମତବ୍ୟକ୍ତ କରିଥିଲେ। ଏଥିରେ ୮୫ ଜଣ ଅଭିଭାବିକା ଅଭିଭାବକ ଉପସ୍ଥିତ ଥିଲେ। ଶିକ୍ଷକ ଅଶ୍ୱିନୀ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଫକୀର ମୋହନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଚନ୍ଦଲି ଶକ୍ତିପୀଠରେ ପୁଷପୁନି ମେଳା



**ସୁନ୍ଦରଗଡ,୧୩।୧(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ରାଏଡିହି ପଞ୍ଚାୟତ ଅନ୍ତର୍ଗତ ପ୍ରସିଦ୍ଧ ଚନ୍ଦଲି ଶକ୍ତିପୀଠରେ ପୁଷପୁନି ମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପାହାଡ ଉପରେ ଥିବା ଚନ୍ଦଲିପାଟ ଦେବୀଙ୍କ ପୂଜନସୋବ ହୋଇଥିଲା। ଏହି ମେଳାରେ ଆଖପାଖ ଅଞ୍ଚଳ ସମେତ ଦୂରଦୂରାନ୍ତରୁ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା। ମାନସିକ କରିଥିବା ଭକ୍ତମାନେ ମା'ଙ୍କ ଠାରେ ନଡିଆ ଚଢାଇଥିବା ବେଳେ ଓ ଅନେକ ବୋଦା ବଳି ମଧ ଦେଇଥିଲେ। ଏହି ଚନ୍ଦଲି ପାହାଡ଼ ଉପରେ ପାଟମା'ଙ୍କ ଆସ୍ଥାନ ରହିଥିବା ବେଳେ ପୌଷପୂର୍ଣ୍ଣିମାରେ ଏଠାରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ। ଚଳିତବର୍ଷ କୋହଲା ପାଗ ସତ୍ତ୍ୱେ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୀନାବଜାରେ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା। ସୁନ୍ଦରଗଡ ଜିଲା ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ବ୍ୟବସ୍ଥା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଭକ୍ତଙ୍କ ସେବା ଓ ସହାୟତା କାର୍ଯ୍ୟ ହାତକୁ ନିଆଯାଇଥିଲା।

## ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦର ପୁଷ୍‌ପୁନି ଭେଟ୍‌ଘାଟ୍

**ରାଉରକେଲା,୧୩।୧(ଦିନେଶ ମିଶ୍ର)**



ଅତିଥିମାନେ ଇ-ପତ୍ରିକାକୁ ଉନ୍ମୋଚନ କରୁଛନ୍ତି।

ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦ ପକ୍ଷରୁ ପୁଷ୍‌ପୁନି ଭେଟ୍‌ଘାଟ୍ ସେକ୍ଟର-୮ ସ୍ଥିତ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପରିଷଦ ସଭାପତି ସ୍ୱରୂପ କୁମାର ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ପରିଷଦର ପକ୍ଷରୁ ଇ-ପତ୍ରିକା 'ଜୁଲକା'ର ତୃତୀୟ ସଂସ୍କରଣକୁ ମୁଖ୍ୟ ଅତିଥି ଅନାବରଣ କରିଥିଲେ। ପରିଷଦର ସାଂସ୍କୃତିକ ସମ୍ପାଦକ ସୂର୍ଯ୍ୟ କୁମାର ପାଢୀ, ଡାକ୍ତର ସୁବୋଧ କୁମାର ମେହେର, ଉପସଭାପତି ଡ. ଅଜୟ କୁମାର ମିଶ୍ର ଓ ସଂଯୁକ୍ତା ପଲେଇଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା କରାଯାଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ପରିଷଦର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସହ ସମ୍ପାଦକ ଶୁଭେନ୍ଦୁ ପଣ୍ଡା ଓ କାର୍ଯ୍ୟକାରୀ ସଦସ୍ୟ ଦେବାଶିଷ ମିଶ୍ର, ଏରିଅର ଜାଲ, ଶୁଭ୍ରାଂଶୁ ଶେଖର ବଡପଣ୍ଡା, ପ୍ରତାପ ମେହେର, ଅଶୋକ ଭଇଁସା, ଉମେଶ ବେହେରା, ଗୌରୀଶଙ୍କର ପ୍ରଧାନ, ନରେନ୍ଦ୍ର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ପାଢ଼ି ଧନ୍ୟବାଦ ଅର୍ପଣ କରିଥିଲେ।

## ପଗାରପାଣିରେ ଦେବାଭିଷେକ ପୂର୍ଣ୍ଣିମା

**ଝାରବନ୍ଧ,୧୩।୧(ଦେବେନ୍ଦ୍ର ସାହୁ)**

ଝାରବନ୍ଧ ବ୍ଲକ ଅନ୍ତର୍ଗତ ପଗାରପାଣି ଗ୍ରାମରେ ସୋମବାର ଦେବାଭିଷେକ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଗ୍ରାମବାସୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରି ଏକ ବିରାଟ ଶୋଭାଯାତ୍ରାରେ ବାହାରି ଗାଁ ଗୌନ୍ତିଆ ଚକ୍ରଧର ଶଗରଙ୍କ ବାସଭବନକୁ ଯାଇଥିଲେ। ଗୋଟିଏ ବର୍ଷ ପାଇଁ ସମସ୍ତଙ୍କ ସୁଖଦୁଃଖରେ ସାହା ହେବା ପାଇଁ ଗ୍ରାମବାସୀ ତାଙ୍କୁ ନୂତନ ବସ୍ତ୍ର, ରାଜମୁକୁଟ ପିନ୍ଧାଇ ରାଜାଭିଷେକ କରିଥିଲେ। ଗୌନ୍ତିଆ ଶଗର ସମସ୍ତଙ୍କ ସୁଖ ସମୃଦ୍ଧି ପାଇଁ ଜଗନ୍ନାଥଙ୍କଠାରେ ପ୍ରାର୍ଥନା କରିଥିଲେ। ପରେ ପାରମ୍ପରିକ ତିହାର ପୁଷ୍‌ପୁନିର ପିଠାପଣା ଦେଇ ଛେରଛେରା ପ୍ରଦାନ କରିଥିଲେ। ଗଙ୍ଗାଧର ଶଗର, ରାଧେଶ୍ୟାମ ନର୍ମଦା, ନୀଳମଣି ନାଏକ, ଦୌଲତ ତାଣ୍ଡି, ହେମସାଗର ବାଗ, ପଦୁଲାଲ ଭିଲ, କିଶୋର ଶଗର, ବିଶ୍ୱ ଟିକଟ ସହଯୋଗ କରିଥିଲେ।

## ରାଉରକେଲା ଏୟାରପୋର୍ଟ ଆନ୍ଦୋଳନକୁ ସମର୍ଥନ



ଗଣଧାରଣାରେ ସାମିଲ ହୋଇଥିବା ଏସ୍‌ୟୁସିଆଇ କାର୍ଯ୍ୟକର୍ତ୍ତା।

**ରାଉରକେଲା,୧୩।୧(ସଙ୍ଗୀତା ଜେନା)**

ରାଉରକେଲା ବିମାନ ବନ୍ଦରକୁ ନିୟମିତ ବିମାନ ଚଳାଚଳ କରିବା, ରାଉରକେଲା ଇସ୍ପାତ କାରଖାନା ଏୟାରପୋର୍ଟ ଅଥରିଟି ଅଫ୍‌ଇଣ୍ଡିଆକୁଆବଶ୍ୟକ ଜମିତୁରନ୍ତ ଫେରସ୍ତ ବା ହସ୍ତାନ୍ତର କରିବା, ଆଇଏଲ୍‌ଏସ୍ ସିଷ୍ଟମ ଯନ୍ତ୍ରାଂଶ ତୁରନ୍ତ ଲଗାଇବା, ରାତ୍ରିକାଳୀନ ଉଡାଯାହାଜ ଯନ୍ତ୍ରାଂଶ ତୁରନ୍ତ ଲଗାଇବା, ଏହି ଏୟାରପୋର୍ଟକୁ ୪ସି ଲାଇସେନ୍ସ ପ୍ରଦାନ କରିବା ଦାବିରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଗଣଧାରଣା ଦିଆଯାଇଛି। ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ସୁନ୍ଦରଗଡ଼ ଜିଲା କମିଟି ଜିଲା ସମ୍ପାଦକ ଅଜିତ ନାୟକଙ୍କ ନେତୃତ୍ୱରେ ଶ୍ରୀନିବାସ ସେଠୀ, ଶେଖ୍ ଇସଲାମ୍, ସୁବାସ ଦଣ୍ଡପାଟ, ଧୋବେଇ ବେହେରା, ମାର୍କଣ୍ଡ ଦାସ, କ୍ଷେତ୍ରବାସୀ ସେଠୀ ପ୍ରମୁଖ ସୋମବାର ଆନ୍ଦୋଳନସ୍ଥଳକୁ ଯାଇ ସମର୍ଥନ ଘୋଷଣା କରିଥିଲେ। ସରକାର ଉକ୍ତ ଦାବି ଉପରେ ପଦକ୍ଷେପ ଗ୍ରହଣ ନ କଲେ ବଡ଼ଧରଣର ଆନ୍ଦୋଳନ ହେବ ବୋଲି ଦଳକ୍ଷରୁ କୁହାଯାଇଛି।

## ରେଳ-ସଡ଼କ ସୁରକ୍ଷା ଅଭିଯାନରେ ମାନବଶୃଙ୍ଖଳ

**ରାଉରକେଲା,୧୩।୧(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପିର ଟ୍ରାଫିକ୍ ଓ କଞ୍ଚାମାଲ ବିଭାଗ (ଟିଏଣ୍ଡଆରଏମ୍) ବିଭାଗ ପକ୍ଷରୁ ସଡକ ସୁରକ୍ଷା ମାସ-୨୦୨୫ ପାଳନ ନେଇ ଏକ ସ୍ୱତନ୍ତ୍ର ରେଳ-ସଡ଼କ ସୁରକ୍ଷା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। କାରଖାନା ମଧ୍ୟରେ ସଡ଼କ-ରେଳ ସୁରକ୍ଷା ସଂସ୍କୃତିକୁ ସୁଦୃଢ କରିବା ଲକ୍ଷ୍ୟରେ ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ସହଭାଗିତାରେ ଏହି ସ୍ୱତନ୍ତ୍ର ଅଭିଯାନ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଟିଏଣ୍ଡଆରଏମ ବିଭାଗର ଶତାଧିକ କର୍ମଚାରୀ ଏବଂ ଠିକା ଶ୍ରମିକ ସଂସ୍କାର ଗେଟ୍‌ରୁ ମୁଖ୍ୟ ଗେଟ ପର୍ଯ୍ୟନ୍ତ ଏକ ମାନବଶୃଙ୍ଖଳ କରିଥିଲେ। ସିଜିଏମ ଟ୍ରାଫିକ କୌଶିକା ସୁନ୍ୟାନି, ସିଜିଏମ ଆଶା କାର୍ଥା ଏବଂ ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ଜିଏମ୍ ଇନଚାର୍ଜ ଅବକାଶ ବେହେରା କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଅଭିଯାନରେ ଉଭୟ ବିଭାଗର ଅନେକ ବରିଷ୍ଠ ଅଧିକାରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀମାନେ ସୁରକ୍ଷା ବାର୍ତ୍ତା ଏବଂ ରେଳ-ସଡକ ସୁରକ୍ଷା ପାମ୍ପଲେଟ ପ୍ରଦର୍ଶନ କରୁଥିବା ପ୍ଲାକାର୍ଡ ହାତରେ ଧରିଥିଲେ। ଏହି ଅଭିଯାନରେ ରୁହନ୍ତୁ ଦେଖନ୍ତୁ-ଆଗକୁ ବଢନ୍ତୁ କେବଳ ନିର୍ଦ୍ଦିଷ୍ଟ ରେଳ କ୍ରସିଂରେ ପାର ହେବା, ଫୁଟ୍ ଓଭରବ୍ରିଜ ବ୍ୟବହାର କରିବା ଓ ରେଳ ଯାତାୟାତ ପଥରେ ମୋବାଇଲ ଟେକ୍ସଟ କରିବା ଭଳି ଅନ୍ୟ ମନସ୍କତା ବୃଦ୍ଧିକାରୀ ଅଭ୍ୟାସ ଏଡାଇବା ତଥା ଟ୍ରେନ ଆସିବା ବିଷୟରେ ସତର୍କ ହେବାରେ ବାଧକ ଅତ୍ୟଧିକ ଶବ୍ଦରେ ସଙ୍ଗୀତ କିମ୍ବା ହେଡ୍ ଫୋନ ବ୍ୟବହାର ଇତ୍ୟାଦି ରୋକିବା ଭଳି ଅତିଜରୁରୀ ସୁରକ୍ଷା ଅଭ୍ୟାସ ଗୁଡିକ ଉପରେ ସଚେତନ କରାଯାଇଥିଲା। ଏହି ଅଭିଯାନକୁ ଜେନେରାଲ ସିଫ୍ଟ ସମୟରେ ଅଧିକ ସଂଖ୍ୟକ କର୍ମଚାରୀଙ୍କ ଯାତାୟାତକୁ ଦୃଷ୍ଟିରେ ରଖି ରଣନୈତିକ ଭାବେ ସମୟ ନିର୍ଘଣ୍ଟ କରାଯାଇଥିଲା। ଏହି ଅଭିଯାନ ସକାଳ ୮ଟା ୩୦ମିନିଟରେ ଆରମ୍ଭ ହୋଇ ୯ଟା ୩୦ମିନିଟରେ ଶେଷ ହୋଇଥିଲା।



ରେଳ-ସଡ଼କ ସୁରକ୍ଷା ଅଭିଯାନରେ ମାନବଶୃଙ୍ଖଳ।

## ମଦ ବିକ୍ରି ବନ୍ଦ କରିବାକୁ ଅଣ୍ଟା ଭିଡ଼ିଲା ମହିଳା ଗୋଷ୍ଠୀ

**ବଡ଼ଗାଁ,୧୩।୧(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଉଦାରମା ଗ୍ରାମର ମୁନସୀପଡା,ରାଉତିଆପଡା, ସ୍କୁଲପଡା,ମୁଣ୍ଡାଡିପାର ୧୭ଟି ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ସୋମବାର ଉଦାରମା ଗ୍ରାମରେ ବୈଠକ କରି ଗ୍ରାମରେ ମଦ ବିକ୍ରି ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହାପରେ ମହିଳାମାନେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ମଦ ବିକ୍ରି ବନ୍ଦ କରିବାକୁ ଚେତାବନୀ ଦେଇଥିଲେ। ମହିଳାମାନେ ଗ୍ରାମବାସୀଙ୍କୁ ମଦର କୁପ୍ରଭାବ ଉପରେ ବୁଝାଇଥିଲେ। ଏହା ସହ ଗ୍ରାମରେ ମଦ ବିକ୍ରି ବନ୍ଦ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ନାରୀନେତ୍ରୀ ଇଲିସିବା ବାଗେ, ନନ୍ଦିନୀ ସିଂ, ଲଳିତା ଭୈଷାଲ, ରେଶମା ସିଂ, ଆଶିୟନା ବାଗେ, ଶାନ୍ତି ସାମାଦ, ମଞ୍ଜୁଲତା ଖିଲାରୀ, ଲିଲି କେରକେଟା, ସରୋଜିନୀ ବାଗେ, ତାରାବତୀ ଭୈଷାଲ, ନିଲିମା ହେମ୍ବ୍ରମ, ଲଳିତା ଟପ୍ପୋ, ବାହାମନୀ ହେମ୍ବ୍ରମ ପ୍ରମୁଖ ମହିଳାମାନେ ଶୋଭାଯାତ୍ରାରେ ଗଲାବେଳେ ମଦର କୁପରିଣତି ଉପରେ ଗ୍ରାମବାସୀଙ୍କୁ ସଚେତନ ହେବା ପାଇଁ କହିଥିଲେ। ଏହି ମଦ ବିରୋଧୀ ସମାବେଶରେ ମହିଳା ଗୋଷ୍ଠୀ ସଦସ୍ୟାମାନେ ଗ୍ରାମରେ ମଦ ବିକ୍ରି ଯୋଗୁ ସୃଷ୍ଟି ହୋଉଥିବା ଅଶାନ୍ତ ପରିବେଶ ଓ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି, ପାରିବାରିକ କଳହ ଆଦି ଦେଖାଦେଉଥିବା ସମସ୍ୟା ଉପରେ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ ଯେ, ଗାଁରେ ମଦଭାଟି ନ ଖୋଲିବା ପାଇଁ ୯ଟି ପଞ୍ଚାୟତର ସରପଞ୍ଚମାନେ ସ୍ୱତନ୍ତ୍ର ଗ୍ରାମସଭା କରି ଜିଲାପାଳଙ୍କ ଠାରେ କାଗଜପତ୍ର ଦାଖଲ କରିଥିବାବେଳେ ଗତ ବର୍ଷେ ହେଲା ବ୍ଲକ୍ ଅଞ୍ଚଳର ଅନେକ ଗ୍ରାମର ବିଶେଷ କରି ମହିଳାମାନେ ଗାଁରେ ମଦ ବିକ୍ରି ବନ୍ଦ୍ କରିବାକୁ ଦାବି ଆନ୍ଦୋଳନ କରିଆସୁଥିଲେ ମଧ କିଛି ସୁଫଳ ମିଳୁନାହିଁ।


ମହିଳାମାନେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରୁଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣା ପ୍ରବଣ ଅଞ୍ଚଳ ସଫେଇ କଲା ଉତ୍କଳମଣି ଯୁବକ ସଂଘ

ଝାରସୁଗୁଡ଼ା,୧୩।୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ଅନ୍ତର୍ଗତ ଖୁନ୍ତାମାଲଠାରୁ ଡୁମ୍ବେରଡ଼ିହ ପର୍ଯ୍ୟନ୍ତ ଯାଇଥିବା ରାସ୍ତାରେ କିଛିଦିନ ହେଲା ଦୁର୍ଘଟଣା ଘଟୁଥିଲା। ବୁଲାଣିରେ ବଡବଡ ଘାସ ହୋଇଥିବାରୁ ବିପରୀତ ପାର୍ଶ୍ୱରୁ ଆସୁଥିବା ଗାଡି, ସାଇକେଲ କିଛିଦେଖାଯାଉ ନ ଥିବାରୁ ଦୁର୍ଘଟଣା ଘଟୁଥିଲା। ତେଣୁ ଖୁନ୍ତାମାଲ ଉତ୍କଳମଣି ଯୁବକ ସଂଘ ପକ୍ଷରୁ ସଫା କରାଯାଇଛି। ଖୁନ୍ତାମାଲ ସରପଞ୍ଚ ସବ୍ୟସାଚୀ ସାହୁଙ୍କ ତତ୍ତ୍ୱାବଧାନରେ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ଆଗାମୀ ଦିନରେ କେମିତି ଦୁର୍ଘଟଣା ହେବ ନାହିଁ ତାକୁ ଆଖିଆଗରେ ରଖି ସଫେଇ କରାଯାଇଛି। ଚୁଡାମଣି ବେହେରା, ରଞ୍ଜିତ ନାଏକ, ଶିବ ବେହେରା, ସଞ୍ଜୀବ ନାଏକ, ଅଭି ପାଉଲେ, ଚନ୍ଦ୍ରଶେଖର ପାଉଲେ, ପ୍ରଶାନ୍ତ ନାଏକ ପ୍ରମୁଖ ସଫେଇ କରିଥିଲେ।

### ରୟତି ଜମିରୁ ଗଛକଟାକୁ ନେଇ ବିବାଦ

କୋଲାବିରା,୧୩।୧(ଚିନ୍ମୟ କୁମାର ବହିଦାର)

ଝାରସୁଗୁଡ଼ା ଜିଲା କୋଲାବିରା ଫରେଷ୍ଟ ରେଞ୍ଜ ଶିରିଆପାଲି ବିଟ୍ ଅଧୀନ ଖୁନାପାଲି ଗ୍ରାମ ନିକଟରେ ରାଜପଥ ୪୯ର ବାଇପାସ ରାସ୍ତା ନିର୍ମାଣ ଚାଲିଥିବା ବେଳେ ଜଣେ ବ୍ୟକ୍ତିଙ୍କ ରୟତି ଜମିରେ ଥିବା ଏକ ଶାଳଗଛକୁ କାଟି ଦିଆଯାଇଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଅଏଁଲାମାଲ ଗ୍ରାମର ପ୍ରଫୁଲ୍ଲ ସାହୁ ତାଙ୍କ ରୟତି ଜମିରୁ ଗଛକଟାଯାଇଥିବା ଥାନାରେ ଏତଲା ଦେବା ପରେ କୋଲାବିରା ପୋଲିସ ଓ ବନ ଅଧିକାରୀ ଘଟଣା ତଦନ୍ତ କରିଛି। ରାସ୍ତା ନିର୍ମାଣ ପାଇଁ ବନ ବିଭାଗ କର୍ପୋରେସନ ପକ୍ଷରୁ ଗଛ କଟା ଚାଲିଛି। ପୂର୍ବରୁ ଚିହ୍ନଟ ହୋଇଥିବା ଗଛ କଟାଯାଉଥିବା ବେଳେ ହୁଏତ ଭୁଲ ବସତଃ ଚିହ୍ନଟ ବାହାରେ ରହିଥିବା ଏକ ଗଛକୁ କଟାଯାଇଥିବା ବନ ବିଭାଗ କହୁଥିବାବେଳେ କର୍ପୋରେସନ ଅଧିକାରୀ ଏବଂ ଅଭିଯୋଗକାରୀଙ୍କ ମଧ୍ୟରେ ଆପୋସ ବୁଝାମଣା ହୋଇଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ଶିରିଆପାଲି ବନପାଳ ରାଜକିଶୋର ଦାସଙ୍କୁ ପଚାରିବାରୁ ଘଟଣାକୁ ସ୍ୱିକାର କରିବା ସହିତ ଏହିବିବାଦର ସମାଧାନ ଆପୋସ ବୁଝାମଣା ହେବାର ସମ୍ଭାବନା ବିଷୟରେ ଆଶାବ୍ୟକ୍ତ କରିଛନ୍ତି।

### ମୁଣ୍ଡା ସମାଜର ସାଧାରଣ ସଭା

ଝାରସୁଗୁଡ଼ା,୧୩।୧(ଆଶିଷ ରଞ୍ଜନ ଦାଶ)

ଆଦିବାସୀ ଶକ୍ତି ପୀଠ ସୋ ଟ୍ରଷ୍ଟର ଟ୍ରଷ୍ଟି ସଭ୍ୟ ରାଜେଶ ମୁଣ୍ଡାଙ୍କ ଅଧ୍ୟକ୍ଷତାରେ ହିର୍ମାଠାରେ ମୁଣ୍ଡା ସମାଜର ଏକ ସାଧାରଣ ସଭା ଅନୁଷ୍ଠିତ ହେଇଥିଲା। ଝାରସୁଗୁଡ଼ା ଜିଲାରେ ବାସ କରୁଥିବା ଏଗାର ପ୍ରକାର ଆଦିବାସୀ ମଧ୍ୟରୁ ମୁଣ୍ଡା ସମାଜ ଅନ୍ୟତମ। ଏହି ସଭାରେ ମୁଣ୍ଡା ସମାଜର ସାମାଜିକ ରୀତିନୀତି, ଚାଲିଚଳନ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇ ସମାଜର ପୁରାତନ ପଦ୍ଧତି ତଥା ଦେବଦେବୀ ପୂଜନ ନିର୍ଦ୍ଧାରିତ ସମୟରେ ପାଳନ କରିବା ପାଇଁ ନିଷ୍ପତ୍ତି ହେଲା। ସମାଜର ଆଗାମୀ ପୀଢ଼ିକୁ ଦେଶ ବିକାଶର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ତଥା, ଆର୍ଥିକ, ଶିକ୍ଷାଗତ, ସାମାଜିକ, ରାଜନୈତିକ କ୍ଷେତ୍ରରେ ତଳସ୍ତରରୁ ଉନ୍ନତି ସାଧନ ହେବା ପାଇଁ ସଚେତନତା ଶିବିର ଜରିଆରେ ପ୍ରଚାର ପ୍ରସାର କରାଯିବ। ସଭାରେ ପାଣ୍ଡୁ ମୁଣ୍ଡା, ଇଗୁଆର ମୁଣ୍ଡା, ଅର୍ଜୁନ ମୁଣ୍ଡା, ଗୁରୁ ମୁଣ୍ଡା, ମଗସିର ମୁଣ୍ଡ, କୁନ୍ତଳା ମୁଣ୍ଡା, ଉରୁକୁଳି ମୁଣ୍ଡା, ସବିତା ମୁଣ୍ଡା, ଦୀପକ ଖଡ଼ି, ଭୂମି ମୁଣ୍ଡା ସମାଜଙ୍କ ସହିତ ବହୁ ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ।

### ଭଲିବଲ ପ୍ରତିଯୋଗିତା: ଛେପିଲିପାଲି ଚାମ୍ପିୟନ

ଦେବଗଡ଼,୧୩।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ବ୍ଲକ ନୂଆଁଡିହି ଗ୍ରାମପଞ୍ଚାୟତ ସଦର ମହକୁମା (ପଞ୍ଚପାଲି)ରେ ଏକ ଦିବସୀୟ ଅମିତ ସ୍ମାରକୀ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୋଟ ୮ଟି ଦଳକୁ ନେଇ ଚାଲିଥିବା ଏହି ପ୍ରତିଯୋଗିତାରେ ପଞ୍ଚପାଲି ଦଳକୁ ପରାସ୍ତ କରି ତିଲେଇବଣି ବ୍ଲକ ଛେପିଲିପାଲି ଭଲିବଲ୍ ଦଳ ଚାମ୍ପିୟନ ହୋଇଥିବା ଜଣାପଡିଛି। ଫାଇନାଲ ମ୍ୟାଚ୍ ଶଶାଙ୍କ ଶେଖର ପ୍ରଧାନ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ପ୍ରଫୁଲ୍ଲ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ଅଚ୍ୟୁତ ବେହେରା, ରଞ୍ଜନ କିଷାନ ଓ ବିକାଶ ପ୍ରଧାନ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ପ୍ରତିଯୋଗିତାର ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ଉଭୟ ବିଜେତା ଏବଂ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ।

## ଜିଲାପାଳଙ୍କୁ ଫେରାଦ ହେଲା ଜିଲା ଠିକାଦାର ସଂଘ

ଦେବଗଡ଼,୧୩।୧(ଶଶାଙ୍କ ଶେଖର ଝାଙ୍କର)


ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ଠିକାଦାରମାନଙ୍କ ଏଗ୍ରିମେଣ୍ଟର ରେଗୁଲାରାଇଜେସନ ହେଉନାହିଁ। ଠିକ ସମୟରେ ବିଲ ପେମେଣ୍ଟ ହେଉନାହିଁ କି ସିକ୍ୟୁରିଟି ଟଙ୍କା ଫେରସ୍ତ ହେଉନାହିଁ। ଛୋଟ ଛୋଟ ଜବ ୱାର୍କକୁ ବାହାର ଠିକାଦାରଙ୍କୁ ଦିଆଯାଉଛି। ଏପରିକି ଅନୈତିକ ଭାବେ ପେନାଲଟି ଲଗାଯାଇ ଜିଲାର ଠିକାଦାରମାନଙ୍କ ଉପରେ ଅନ୍ୟାୟ ଅତ୍ୟାଚାର କରାଯାଉଛି । ପୂର୍ତ୍ତ ବିଭାଗ (ରାସ୍ତା ଓ ସୌଧ) ବିରୋଧରେ ଏଭଳି ସଙ୍ଗୀନ ଅଭିଯୋଗ କରିଛି ଦେବଗଡ ଜିଲା ଏ' ଓ ବି' କ୍ଲାସ ଠିକାଦାର ସଂଘ। ସୋମବାର ଦେବଗଡ଼ ଜିଲା ଏ' ଓ ବି' କ୍ଲାସ ଠିକାଦାର ସଂଘ ସଭାପତି ଇଂ. ସୁଜିତ କୁମାର ପ୍ରଧାନଙ୍କ ନେତୃତ୍ୱରେ ସଂଘ ଏକ ପ୍ରତିନିଧି ଦଳ ଦେବଗଡ଼ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରର ନକଲ ଦେବଗଡ଼ ବିଧାୟକଙ୍କ ସମେତ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପୂର୍ତ୍ତ ବିଭାଗ ମନ୍ତ୍ରୀ, ପୂର୍ତ୍ତ ବିଭାଗ ସଚିବ ଓ ମୁଖ୍ୟଯନ୍ତ୍ରୀଙ୍କୁ ମଧ୍ୟ ପ୍ରଦାନ କରାଯାଇଛି। ଏଥିସହ ଜିଲା ବାହାର ଠିକାଦାରମାନଙ୍କୁ ୬ କୋଟି ଟଙ୍କା ମୂଲ୍ୟ ପର୍ଯ୍ୟନ୍ତ କାର୍ଯ୍ୟରେ ଭାଗ ନେବା ପାଇଁ ଅନୁମତି ନ ଦେବାକୁ ଉକ୍ତ ସ୍ମାରକପତ୍ର ଜରିଆରେ ନିବେଦନ କରାଯାଇଥିବା ଜଣାପଡିଛି। ସଂଘ ଅଭିଯୋଗ ଅନୁଯାୟୀ ଆର୍ଥିକ କ୍ଷେତ୍ରରେ ପଛୁଆ ଥିବା ଦେବଗଡ଼ ଜିଲାର ବହୁ ଠିକାଦାର ବର୍ଷ ବର୍ଷ ଧରି କାମ ନ ପାଇ ଅଭାବ ଅନାଟନ ମଧ୍ୟରେ ଗତି କରୁଛନ୍ତି। ଏଭଳି

### ସ୍ଥାନୀୟ ଠିକାଦାରମାନଙ୍କ ପ୍ରତି ଅନ୍ୟାୟ ଅଭିଯୋଗ

ସ୍ଥିତିରେ ଛୋଟରୁ ବଡ ସମସ୍ତ ନିର୍ମାଣ କାର୍ଯ୍ୟ ଜିଲା ବାହାର ଠୋକାଦାରମାନେ କରୁଥିବାରୁ ଜିଲାର ଠିକାଦାରମାନେ ଅବହେଳିତ ହୋଇ ପଡୁଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସଂଘ ପକ୍ଷରୁ ସ୍ମାରକପତ୍ର ମାଧ୍ୟମରେ ଦାବି କରାଯାଇଛ। ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ ସମୟରେ ବରିଷ୍ଠ ଠିକାଦାର ଦିଲୀପ କୁମାର ପାଢୀ, ଅନୁପମ ମୋଦୀ, ଇଂ. ନିହାର ରଞ୍ଜନ ପଟେଲ, ଇଂ.ଶିବାନନ୍ଦ ଗଡନାୟକ, ଇଂ. ଆଲୋକ ରଞ୍ଜନ ପ୍ରଧାନ, ଇଂ. ସ୍ୱସ୍ତିକ ମହାପାତ୍ର, ନିରୁପମ ପାଣିଗ୍ରାହୀ, ମୁକେଶ ମହାପାତ୍ର ଓ ରାଜେଶ ନନ୍ଦଙ୍କ ସମେତ ସଂଘର ବହୁ ସଦସ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବାଲ୍ ବାଟିକା ମୋଡ୍ୟୁଲ ପ୍ରଶିକ୍ଷଣ ଉଦ୍‌ଯାପିତ


ଉଦ୍‌ଯାପିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଦେବଗଡ଼,୧୩।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଆନୁକୂଲ୍ୟରେ ପ୍ରତିଷ୍ଠାନ ପରିସରରେ ୫ ଦିନିଆ ବାଲବାଟିକା ମୋଡ୍ୟୁଲ ପ୍ରଶିକ୍ଷଣ ସୋମବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମ ଅନୁଷ୍ଠାନ ଅଧ୍ୟକ୍ଷ ସନ୍ତୋଷ କୁମାର ଗୌଡ଼ ଉଦଘାଟନ କରିବା ସହ ପ୍ରଶିକ୍ଷଣର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରାଇଥିଲେ। ୫ଦିନ ଧରି ଚାଲିଥିବା ଉକ୍ତ ପ୍ରଶିକ୍ଷଣ ଶିବିରରେ ଜାତୀୟ ଶିକ୍ଷା ନୀତି ୨୦୨୦, ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷାର ଗୁରୁତ୍ୱ, ପିଲାଙ୍କ ଶିକ୍ଷଣ ପ୍ରକ୍ରିୟାକୁ ବୁଝିବା ଜାତୀୟ ପାଠ୍ୟକ୍ରମ ଆଧାରରେ ମୌଳିକସ୍ତର ଯଥା ବିକାଶର ବିଭିନ୍ନ ଦିଗ, ପାଠ୍ୟକ୍ରମର ଲକ୍ଷ୍ୟ, ଦକ୍ଷତା ଓ ଶିକ୍ଷଣ ଫଳାଫଳ, ବାଲବାଟିକାସ୍ତରରେ ମାନ ନିର୍ଦ୍ଧାରଣ, ଶିକ୍ଷଣ ସାମଗ୍ରୀ ଯାଦୁପେଡି, ଇ-ଯାଦୁଇପିଟରା ଆପ, ଗୋଷ୍ଠୀ ସମ୍ପୃକ୍ତି ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ଅନୁଷ୍ଠାନ ବରିଷ୍ଠ ପ୍ରଶିକ୍ଷିକା ଅନିମା ତିର୍କୀ, ନିବେଦିତା ବେହେରା, ବରିଷ୍ଠ ପ୍ରଶିକ୍ଷକ ଗୁରୁଚରଣ ବୋଦ୍ରା, ପ୍ରଶିକ୍ଷିକା ପାର୍ଥି ପ୍ରିୟଦର୍ଶିନୀ ପ୍ରଶିକ୍ଷଣ ଶିବିରରେ ସାଧନ କର୍ମୀ ଦାୟିତ୍ୱ ନିର୍ବାହ କରିଥିଲେ। ଉକ୍ତ ପ୍ରଶିକ୍ଷଣ ଶିବିରରେ ୩ଟି ବ୍ଲକରୁ ମୋଟ ୩୦ଜଣ ଡିଆର୍‌ଜିଓବିଆର୍‌ଜି ଅଂଶଗ୍ରହଣ କରିଥିଲେ। ଶିବିର ପରିଚାଳନା କରିବାରେ ଅନୁଷ୍ଠାନର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

### ଜିଲା ଏ', ବି' କ୍ଲାସ ଠିକାଦାର ସଂଘର କାର୍ଯ୍ୟକାରୀ କମିଟି ବୈଠକ

ଦେବଗଡ଼,୧୩।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ଏ' ଓ ବି' କ୍ଲାସ ଠିକାଦାର ସଂଘର ଏକ କାର୍ଯ୍ୟକାରୀ କମିଟି ବୈଠକ ସଂଘ ସଭାପତି ଇଂ. ସୁଜିତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଠିକାଦାରମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଉପରେ ଆଲୋଚନା କରାଯିବା ସହ ସର୍ବସମ୍ମତିକ୍ରମେ ବିଭିନ୍ନ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ନିଷ୍ପତ୍ତି ଅନୁଯାୟୀ ୬ କୋଟି ଟଙ୍କା ମୂଲ୍ୟ ପର୍ଯ୍ୟନ୍ତ ଠିକା କାମରେ ଜିଲା ବାହାର ଠିକାଦାରମାନଙ୍କୁ କାମ ଦିଆ ନ ଯିବାକୁ ନିଷ୍ପତ୍ତି ଗ୍ରହଣ କରାଯିବା ସହ ବାହାର ଜିଲାର ଠିକାଦାରମାନଙ୍କୁ ଅନୁରୋଧ କରାଯାଇଥିବା ଏକ ପ୍ରେସ ବିବୃତି ମାଧ୍ୟମରେ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହେଲେ କେବଳ ଏ' ଓ ବି' କ୍ଲାସ ଠିକାଦାର ନୁହନ୍ତି ବରଂ ସି' ଓ ଡି' କ୍ଲାସ ଠିକାଦାରମାନେ ମଧ୍ୟ ଉପକୃତ ହେବେ ବୋଲି ସଂଘ ପକ୍ଷରୁ ଉପରୋକ୍ତ ବିବୃତି ମାଧ୍ୟମରେ ସୂଚନା ପ୍ରଦାନ କରାଯାଇଛି।

## କଂସ ଦରବାର ପାଇଁ କଂସ ବରଣ

ଝାରସୁଗୁଡ଼ା,୧୩।୧(ଆଶିଷ ରଞ୍ଜନ ଦାଶ)


କଂସ ବରଣ କରାଯାଉଛି।

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ପଣ୍ଡରି ଗ୍ରାମରେ ସରସ୍ୱତୀ ପୂଜା ଉପଲକ୍ଷେ ଫେବୃଆରୀ ୩ରୁ ୫ ତାରିଖ ୩ଦିନ ଧରି କଂସ ଦରବାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥି ପାଇଁ କଂସ ଭୂମିକାରେ ଅଭିନୟ କରିବା ପାଇଁ ୧୯ଖଣ୍ଡ ମୌଜା ଚାରପାଲି ଗ୍ରାମର ବିଶିଷ୍ଟ ମଞ୍ଚ ଅଭିନେତା ସଦାନନ୍ଦ ସାହୁ ଓ ମହାମନ୍ତ୍ରୀ ଭୂମିକାରେ ଅଭିନୟ କରିବା ପାଇଁ ପଞ୍ଚଗାଁ ଗ୍ରାମର ମଞ୍ଚ ଅଭିନେତା ଦ୍ୱିତୀୟ ଭୋଇଙ୍କୁ ପୂଜା କମିଟି ପକ୍ଷରୁ ପୁଷ୍ପମାଲ୍ୟ ଓ ଉତ୍ତରୀୟ ଦେଇ ବରଣ କରାଯାଇଛି। କୃଷ୍ଣଗୁରୁ ମାଧ୍ୟମରେ ବାସୁ ପଣ୍ଡରି ଗ୍ରାମର ଆରାଧ୍ୟା ଦେବୀ ଶିରିପାଟଙ୍କ ପାଖରୁ ଆଜ୍ଞାମାଳ ନେଇ ଶୋଭାଯାତ୍ରାରେ ଯାତ୍ରା ପଡିଆକୁ ଯାଇ ରୀତିନୀତି ଅନୁସାରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ପାଣ୍ଡରି ଗ୍ରାମର ପୂଜା କମିଟି ସଭାପତି ଭଗବାନ ପଶାୟତ, ଜିଲା ପରିଷଦ ସଦସ୍ୟ ଅକ୍ଷୟ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୌତମ ପଧାନ, ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ରୁଦ୍ରନାରାୟଣ ପଧାନ, ଯୁବକ ସଂଘ ସଭାପତି ଦୟାନିଧି ମେହେର, ସଦାନନ୍ଦ ପଧାନ, ପୂର୍ବତନ ସମ୍ପାଦକ ସଞ୍ଜୀବ ସାହୁ, ଆନନ୍ଦ ସାହୁ, ପୂଜା ସମ୍ପାଦକ ସଞ୍ଜୀବ ସାହୁ, ହେମନ୍ତ ସାହୁ, ଯୋଗେଶ ପଧାନ, ରାଜୀବ ପଶାୟତ, ସୁଶିଲ ବାଗ, ପପୁ ପଧାନ ପ୍ରଭୃତି କାର୍ଯ୍ୟକର୍ତ୍ତା ଉପସ୍ଥିତଥିଲେ। ଫେବୃଆରୀ ୨୫ ତାରିଖରେ କଳସ ଯାତ୍ରା ଓ ୨୬ ତାରିଖରେ ନାମଯଜ୍ଞ ଅନୁଷ୍ଠିତ ହେବ। କମିଟି ସଭାପତି ଚୈତନ୍ୟ ପଧାନ, ଉପ ସଭାପତି ସୁଶାନ୍ତ ବୁଢ଼ିଆ ଓ ଭାସ୍କର ବୁଢ଼ିଆ, ସୁବ୍ରତ ପଧାନ, ରୁଦ୍ର ପଧାନ ଉପସ୍ଥିତ ଥିଲେ। କଂସ ଦରବାର କାର୍ଯ୍ୟକ୍ରମ ପାଇଁ ହାତୀ, ଓଟ, ଘୋଡା ରଥର ବ୍ୟବସ୍ଥା କରାଯାଇଛି ବୋଲି କମିଟି ପକ୍ଷରୁ ପ୍ରକାଶ କରିଛନ୍ତି।

### ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଦେବଗଡ଼,୧୩।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ବ୍ଲକ୍ କଲ୍ୟାଣ ମଣ୍ଡପଠାରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ଆସିଥିବା ୧୮ଟି ଅଭିଯୋଗ ଶୁଣାଣି କରି ଏହା ଉପରେ ଆବଶ୍ୟକ ପଦକ୍ଷେପ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣି ଶିବିରରେ ୧୪ଟି ବ୍ୟକ୍ତିଗତ ସମସ୍ୟା ଏବଂ ୦୪ଟି ସାମୂହିକ ସମସ୍ୟା ରହିଥିଲା। ଅଭିଯୋଗଗୁଡ଼ିକ ଶୁଣିବା ପରେ ଏଗୁଡ଼ିକ ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ସାହୁ ସମ୍ପୃକ୍ତ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ଉପଜିଲାପାଳ ପରକ୍ଷିତ ସାହୁ, ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉଗ୍ରସେନ ଓରାମ, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର ଓ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କଲା ଜିଲା ସରପଞ୍ଚ ସଂଘ


ବୈଠକରେ ଯୋଗଦେଇଥିବା ଜିଲା ସରପଞ୍ଚ ସଂଘ ସଦସ୍ୟ।

ଦେବଗଡ଼,୧୩।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ସ୍ଥିତ କୁରୁଡକୋଟ ଜଳ ପ୍ରପ୍ରୁଛ ନିକଟରେ ଦେବଗଡ଼ ଜିଲା ସରପଞ୍ଚ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଜିଲା ସରପଞ୍ଚ ସଂଘ ସମ୍ପାଦକ ପ୍ରକାଶ କୁମାର ଆଚାର୍ଯ୍ୟଙ୍କ ସଂଯୋଜନା ଓ ରାଜ୍ୟ ସରପଞ୍ଚ ସଂଘ ମୁଖ୍ୟ ଉପଦେଷ୍ଟା ତଥା ଜିଲା ସରପଞ୍ଚ ସଂଘ ସଭାପତି ସତ୍ୟନାରାୟଣ ପାଣିଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଜିଲାର ତିଲେଇବଣି, ରିଆମାଳ ଓ ବାରକୋଟ ବ୍ଲକର ବିଭିନ୍ନ ପଞ୍ଚାୟତ ସରପଞ୍ଚମାନେ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ପୂର୍ବରୁ ସଂଘର ୧୦ଦଫା ଦାବି ନେଇ ସରପଞ୍ଚ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ ଇତିମଧ୍ୟରେ ୨ଟି ଦାବି ପୂରଣ ହୋଇଥିବା ଏବଂ ବର୍ତ୍ତମାନ ସୁଦ୍ଧା ୮ଟି ଦାବି ଉପରେ ସରକାର କୌଣସି ପଦକ୍ଷେପ ନେଇ ନ ଥିବା ସରପଞ୍ଚମାନେ ଅଭିଯୋଗ କରିଥିଲେ। ଏଥିସହ ଅବଶିଷ୍ଟ ଦାବିଗୁଡିକ କିଭଳି ପୂରଣ ହେବ ସେ ସମ୍ପର୍କରେ ସରପଞ୍ଚମାନେ ନିଜର ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଏହି ଅବସରରେ ସଂଘର ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିବା ସହିତ ରାଜ୍ୟ ସଙ୍ଘକୁ ଆର୍ଥିକ ଏବଂ ଅନ୍ୟ ସମସ୍ତ କ୍ଷେତ୍ରରେ ପୂର୍ଣ୍ଣ ସହଯୋଗ ପ୍ରଦାନ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଶେଷରେ ଜିଲା ସରପଞ୍ଚ ସଂଘ କୋଷାଧ୍ୟକ୍ଷ ଉଦିତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସରକାରୀ ଉନ୍ନୀତ ହାଇସ୍କୁଲର ବାର୍ଷିକ ଉତ୍ସବ



କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

କୋଲାବିରା,୧୩।୧(ଚିନ୍ମୟ କୁମାର ବହିଦାର)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ଅନ୍ତର୍ଗତ ଶିରିଆପାଲିସ୍ଥିତ ସରକାରୀ ଉନ୍ନିତ ହାଇସ୍କୁଲର ତୃତୀୟ ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ ପଟେଲ ଯୋଗଦେଇ ପୌରାଣିକ ଯୁଗରେ ଗୁରୁଶୁଷ୍ୟ ସମ୍ବନ୍ଧ, ଅଭିଭାବକଙ୍କ କର୍ତ୍ତବ୍ୟ ଓ ନିଷ୍ଠା ତଥା ଆଧୁନିକ ଶିକ୍ଷା ଉପରେ ଅନେକ ଉଦାହରଣ ମାଧ୍ୟମରେ ଶିକ୍ଷାର ସଚେତନତା ଉପରେ ଗୁରୁତ୍ୱ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପରମାଣପୁର ହାଇସ୍କୁଲ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କ୍ଷେତ୍ରପାଳ ମେହେର, ସମିତି ସଭ୍ୟା ରମ୍ଭାବତୀ ଭୁଏ, ସାମାଜିକ କର୍ମୀ କୃଷ୍ଣ ଶର୍ମା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମକରଧ୍ୱଜ ପଟେଲ, ଜୟକୃଷ୍ଣ ପଟେଲ ପ୍ରମୁଖ ଯୋଗଦେଇ ଶିଶୁ ପିତା-ମାତା ଓ ଶିକ୍ଷକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସହ ଶିଶୁଙ୍କ ଅଧିକାର ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ସରକାରୀ ଚାକିରିରେ ସୁଯୋଗ ପାଇଥିବା ବିଦ୍ୟାଳୟର ୩ଜଣ ପୁରାତନ ଛାତ୍ର ଓ ୩ଜଣ ଗୁରୁଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷୟିତ୍ରୀ ସଙ୍ଗୀତା ପାଣ୍ଡେ ଓ ଶିକ୍ଷକ ବାବୁ ନାଏକ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ହେମନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ଜାତୀୟ ସଡ଼କ ସୁରକ୍ଷା ନିରାପତ୍ତା ପାଇଁ ଶୋଭାଯାତ୍ରା

ଦେବଗଡ଼,୧୩।୧
(ଶଶାଙ୍କ ଶେଖର ଝାଙ୍କର)

ଜାନୁଆରୀ ୧ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ସଡ଼କ ସୁରକ୍ଷା ମାସ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ସୋମବାର ଦେବଗଡ଼ ତିଲେଇବଣି ବ୍ଲକ ଲଇମୁରା ଜନତା ସରକାରୀ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ରାଲି ହୋଇଥିଲା। ସଚେତନତା ଶୋଭାଯାତ୍ରା ଜିଲା ରୋଡ ସେଫ୍ଟି କମିଟି ଦ୍ୱାରା ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ରଥ ଏବଂ ଛାତ୍ରୀଛାତ୍ରମାନେ ପଞ୍ଚାୟତ ଗ୍ରାମଗୁଡିକରେ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା ବାର୍ତ୍ତା ଦୁର୍ଘଟଣା ହାର କମେଇବା ଏବଂ ହେଲମେଟ ଓ ସିଟ୍ ବେଲ୍ଟ ବ୍ୟବହାର କରିବା ଉପରେ ରାଲି ମାଧ୍ୟମରେ ଜନସଚେତନତା କରିଥିଲେ।

## ଆଦିବାସୀ ହରିଜନ ଜମି ବିକ୍ରି ଅନୁମତି ପ୍ରଦାନରେ ଅନିୟମିତତା

ଝାରସୁଗୁଡ଼ା,୧୩।୧(ଆଶିଷ ରଞ୍ଜନ ଦାଶ)

**ଆଦିବାସୀ ସଙ୍ଗଠନ ପକ୍ଷରୁ ତଦନ୍ତ ଦାବି**

ଝାରସୁଗୁଡ଼ା ଜିଲାରେ ଆଦିବାସୀ ହରିଜନମାନଙ୍କ ଜମି ବିକ୍ରି ଅନୁମତି ପ୍ରଦାନରେ ଅନିୟମିତତା ହୋଇଥିବା ଅଭିଯୋଗ କରି ଏହାର ତଦନ୍ତ ପାଇଁ ଦାବି କରିଛି ଜିଲାର ବିଭିନ୍ନ ଆଦିବାସୀ ହରିଜନ ସଙ୍ଗଠନ। ଏ ନେଇ ସଙ୍ଗଠନ ପକ୍ଷରୁ ଲୋକପାଳଙ୍କ ଉଦ୍ଦେଶ୍ୟରେ ପତ୍ର ଲେଖି ତୁରନ୍ତ ଏହାର ତଦନ୍ତ କରିବାକୁ ଦାବି କରାଯାଇଛି ବୋଲି ସଙ୍ଗଠନ ଉପଦେଷ୍ଟା ପ୍ରଭାକର ଓରାମ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ଗତ ଜାନୁଆରୀ ୨୦୨୩ରୁ ଫେବୃଆରୀ ୨୦୨୪ ମଧ୍ୟରେ ଝାରସୁଗୁଡ଼ା ଉପ ଜିଲାପାଳଙ୍କ ଦ୍ୱାରା ସମୁଦାୟ ୧୪୨ଟି ପରମିଶନ ମାମଲାରେ ଭୂସଂସ୍କାର ଆଇନର ଧାରା ୨୨ ଅନୁଯାୟୀ ୬୩ ଏକର ୬୯୫ ଡେସିମିଲ ଜମିର ପରମିଶନ ପ୍ରଦାନ କରାଯାଇଛି। ଏହି ୧୪୨ଟି ମାମଲା ମଧ୍ୟରୁ ଅଧିକାଂଶ କ୍ଷେତ୍ରରେ ନିୟମ ଖୋଲାଖୋଲି ଉଲ୍ଲଂଘନ କରାଯାଇ ହରିଜନ, ଆଦିବାସୀ ଜମି ହସ୍ତାନ୍ତର କରାଯାଇଛି ବୋଲି ସଙ୍ଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ମୁଖ୍ୟତଃ କିର୍ମିରା ବ୍ଲକ ଆଦିବାସୀ ଅଧୁଷିତ ବ୍ଲକ ହେବା ପରେ ବି ସେଠାରେ ଆଦିବାସୀ ଜମି ହସ୍ତାନ୍ତର ଲାଗି ଅନୁମତି ପ୍ରଦାନ କରାଯାଇଛି। ସେହିପରି ଝାରସୁଗୁଡ଼ା ସହରାଞ୍ଚଳରେ ଏକର ଏକର ଜମି ଜଣେ ଲେଖାଏଁ ବ୍ୟକ୍ତିଙ୍କ ନାମରେ ପରମିଶନ ପ୍ରଦାନ କରାଯାଇଛି। ଜାନୁଆରୀ ୨୦୨୩ରୁ ଫେବୃଆରୀ ୨୦୨୪ ମଧ୍ୟରେ ଉପଜିଲାପାଳ ଥିବା ଅଧିକାରୀ ଏଭଳି ଓଏଲ୍ଆର୍-୨୨ରେ ଆପତ୍ତିଜନକ ଜମି ହସ୍ତାନ୍ତର ତଥା ବିକ୍ରି ଅନୁମତି ପ୍ରଦାନ କରିବା ପରେ ତାଙ୍କୁ ସରକାର କିଭଳି ଅତିରିକ୍ତ ଜିଲାପାଳ ରାଜସ୍ୱ ଭାବେ ଏଠାରେ ଅବସ୍ଥାପିତ କରିଛନ୍ତି ବୋଲି ସଙ୍ଗଠନ ପ୍ରଶ୍ନ ଉଠାଇଛି। ଆଗାମୀ ଦିନରେ ହରିଜନ ଆଦିବାସୀ ଜମି ବିକ୍ରି ତଥା ହସ୍ତାନ୍ତର ନେଇ ହୋଇଥିବା ଅନିୟମିତତା ତଦନ୍ତ କରାଯାଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସମ୍ମିଳିତ ଆଦିବାସୀ ସମାଜ ଚେତାବନୀ ଦେଇଛି।

## ଫୁଟ୍‌ବଲ: ପରମାଣପୁର ଖୁଲିଆ ଚାମ୍ପିୟନ

ଦେବଗଡ଼,୧୩।୧(ଶଶାଙ୍କ ଶେଖର ଝାଙ୍କର)


ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

ଦେବଗଡ଼ ପୌରାଞ୍ଚଳ ମନରୋମା କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମରେ ଏକ ଦିବସୀୟ ଫୁଟ୍‌ବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ମନରୋମା କ୍ଲବ ସଭାପତି ମଛିନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ଭାବେ ଭାଜପା ଦେବଗଡ଼ ନଗର ମଣ୍ଡଳ ସଭାପତି ରାଜେନ୍ଦ୍ର ଆଚାର୍ଯ୍ୟ ଯୋଗଦେଇ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ଆୟୋଜକ ମନରୋମା କ୍ଲବ ସମେତ କୁଣ୍ଡାପିଠା, ପୁରୁଣାପାଣି, ତେରେଣ୍ଡାକଟା, ଝାରସୁଗୁଡା ଏନ୍‌ୱାଇଏସ, ସମ୍ବଲପୁର ମାରୁତୀ ଏଫ୍ସି, ପରମାଣପୁର ଖୁଲିଆ ଏବଂ କୁଚିଣ୍ଡା ଲାଡ୍ ଏଫ୍ସି ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚରେ ପୁରୁଣାପାଣି ଦଳକୁ ଟାଇବ୍ରେକର୍ ଜରିଆରେ ୪-୩ ଗୋଲରେ ପରାସ୍ତ କରି ପରମାଣପୁର ଖୁଲିଆ ଦଳ ଚାମ୍ପିୟନ ହୋଇଥିଲା। ବିଭିନ୍ନ ମ୍ୟାଚ ଅବସରରେ ସ୍ୱତନ୍ତ୍ର ଅତିଥି ଭାବେ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ ଓ ଭୋଲେଶ୍ୱର ପ୍ରଧାନ ମଞ୍ଚାସୀନ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ବିଜେତା ଦଳକୁ ଟ୍ରଫି ସହିତ ୨୦ ହଜାର ଏବଂ ଉପବିଜେତା ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ଅନୁଷ୍ଠାନ କୋଷାଧ୍ୟକ୍ଷ ରମଣୀ ରଞ୍ଜନ ଆଚାର୍ଯ୍ୟ, ରୂପକ ମାଝି, ପ୍ରଦୀପ ବେହେରା ଓ ରୋମାଞ୍ଚଳ ବେହେରାଙ୍କ ସମେତ ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ।

# ହଷ୍ଟେଲରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ

## କାରଣ ଅସ୍ପଷ୍ଟ, ଆତ୍ମହତ୍ୟା ସନ୍ଦେହ

ଭୁବନେଶ୍ୱର,୧୩।୧ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀନିବାସ ରୁମ୍ ନମ୍ବର- ୨୧ରୁ ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ସୋମବାର ମିଳିଛି। ମୃତା ଛାତ୍ରୀ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଚଢ଼େଇଆ ଅଞ୍ଚଳର ଉତ୍କଳିକା ସ୍ୱାଇଁ(୧୭)। ସେ ଓଡ଼ିଶୀ ବିଭାଗର ଦ୍ୱିତୀୟ ବର୍ଷର ଛାତ୍ରୀ ଥିଲେ। ପ୍ରାଥମିକ ତଦନ୍ତରୁ ଉତ୍କଳିକା ଆତ୍ମହତ୍ୟା କରିଥିବା ପୋଲିସ ଜାଣିବାକୁ ପାଇଛି। ହେଲେ ଆତ୍ମହତ୍ୟା ପଛର କାରଣ କ'ଣ ତାହା ଜଣାପଡ଼ି ନ ଥିବାରୁ ତାଙ୍କ ମୋବାଇଲ ଜବତ କରି ଅଧିକ ତଦନ୍ତ ଜାରି ରଖିଛି। ଅପରପକ୍ଷେ ନିକଟରେ ଅନୁଷ୍ଠିତ ହୋଇଯାଇଥିବା ପ୍ରବାସୀ



ଉତ୍କଳ ସଂଗୀତ ମହାବିଦ୍ୟାଳୟର ଛାତ୍ରୀ ନିବାସ। ଉତ୍କଳିକା ସ୍ୱାଇଁ(ଇନସେଟ୍)

ଭାରତୀୟ ଦିବସରେ ଉତ୍କଳିକା ଓଡ଼ିଶୀ ନୃତ୍ୟ ପରିବେଷଣ କରି ଖୁସି ଥିବା ତାଙ୍କର ସହପାଠିନୀମାନେ କହିଛନ୍ତି। ଏନେଇ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ଗୌରମୋହନ ମହାନ୍ତି କହିଛନ୍ତି, ଏଠି ଏଭଳି କିଛି ସମସ୍ୟା ଆଗରୁ ହୋଇନି। ସକାଳୁ ଜଣେ ଛାତ୍ରୀ ଆତ୍ମହତ୍ୟା କରିଥିବା ନେଇ ୱାର୍ଡେନ ଖବର ଦେଇଥିଲେ। ପିଲା ମଧ୍ୟ ସକାଳେ ତାକୁ ଦେଖିଥିଲେ। ସେ ସକାଳୁ ରୁମ୍ ବାହାରକୁ ଆସି ଫିଲ୍ଟରରୁ ପାଣି ନେଇଥିଲା। କ୍ଲାସକୁ ଯିବା ପାଇଁ ସେତେବେଳେ ପିଲା ତାକୁ ଡାକିଛନ୍ତି ସେତେବେଳେ ତା' ରୁମର କବାଟ ଖୋଲି ନ ଥିଲା। ସେ ଶୋଇପଡ଼ିଥିବା ଭାବି ଅନ୍ୟ ସହପାଠୀମାନେ କବାଟକୁ ଧକ୍କା ପକାଇବା ପରେ ଖୋଲିଯାଇଥିଲା। ଏହାପରେ ଉତ୍କଳିକାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ଅନ୍ୟ ଛାତ୍ରୀମାନେ ୱାର୍ଡେନଙ୍କୁ ଜଣାଇଥିଲେ। ଏହାପରେ ସମ୍ପୃକ୍ତ ଛାତ୍ରୀଙ୍କ ପରିବାର ଲୋକ, ସ୍ଥାନୀୟ ଅଭିଭାବକ, କଲେଜ ଅଧ୍ୟକ୍ଷ ଏବଂ ପୋଲିସକୁ ସୂଚନା ଦିଆଯାଇଥିଲା। ତେବେ ତା'ର ପରୀକ୍ଷା ସରିଥିଲା । ସେ ଘରକୁ ଯିବାର ଥିଲା। କ'ଣ ପାଇଁ ଏଭଳି ଚରମ ନିଷ୍ପତ୍ତି ନେଲା ତାହା ଜଣାପଡ଼ିନାହିଁ ବୋଲି ସୁପରିଣ୍ଟେଣ୍ଡେଣ୍ଟ କହିଛନ୍ତି। ଅପରପକ୍ଷେ ଉତ୍କଳିକାଙ୍କ ଭାଇ ଜୀବନାନନ୍ଦ ସ୍ୱାଇଁ କାହା ବିରୋଧରେ ଅଭିଯୋଗ ଆଣି ନ ଥିଲେ ମଧ୍ୟ ଘଟଣାର ଠିକ୍ ତଦନ୍ତ କରି କାରଣ ସାମ୍ନାକୁ ଆଣିବାକୁ ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ହଷ୍ଟେଲ ୱାର୍ଡେନ, ଛାତ୍ରୀ, କଲେଜ ଅଧ୍ୟକ୍ଷଙ୍କୁ ପଚରାଉଚରା କରି ତଦନ୍ତ ଆରମ୍ଭ କରିଛି। ସୂଚନାନୁସାରେ, ଉକ୍ତ ହଷ୍ଟେଲର ରୁମ୍ ନଂ.୨୧ରେ ଉତ୍କଳିକା ଅନ୍ୟ ଦୁଇ ଛାତ୍ରୀଙ୍କ ସହ ରହୁଥିଲେ। ଛୁଟିରେ ତାଙ୍କ ଦୁଇ ରୁମମେଟ ଘରକୁ ପଳାଇ ଯାଇଛନ୍ତି। ଉତ୍କଳିକା ସୋମବାର ସକାଳ ପାଖାପାଖି ୯ଟା ସମୟରେ ଫ୍ୟାନ୍‌ରେ ଏକ କନା ଓଢ଼ଣିରେ ଝୁଲୁଥିବା ଅବସ୍ଥାରେ ସହପାଠୀମାନେ ଦେଖି ଚିତ୍କାର କରିବାରୁ ଘଟଣା ଜଣାପଡ଼ିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ପରକୀୟା ପ୍ରୀତିର କରୁଣ ପରିଣତି

# ଘରୁ ଡାକିନେଇ ଯୁବକଙ୍କୁ ହତ୍ୟା

କେନ୍ଦୁଝର,୧୩।୧ (ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ଥାନା ଅନ୍ତର୍ଗତ ପାଣପଶି ଗ୍ରାମରେ ପରକୀୟା ପ୍ରୀତିରୁ ହତ୍ୟାକାଣ୍ଡ ଘଟିଛି। ଜଣେ ଯୁବକଙ୍କୁ ଘରୁ ଡାକି ନେଇ ସଂଘବଦ୍ଧ ଭାବେ ହାଣି ହତ୍ୟା କରାଯାଇଛି। ମୃତକ ଉକ୍ତ ଗ୍ରାମର ସୁବ୍ରତ କୁମାର ମହାକୁଡ଼(୨୭)। ଅଭିଯୋଗ ଆଧାରରେ ପୋଲିସ ହତ୍ୟା ମାମଲା ରୁଜୁ କରି ୨ ଜଣଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ସୁବ୍ରତଙ୍କର ଗ୍ରାମର ଜଣେ ବିବାହିତା ମହିଳାଙ୍କ ସହ ପ୍ରେମସମ୍ପର୍କ ଗଢ଼ିଉଠିଥିଲା। ଏ କଥା ମହିଳାଙ୍କ ସ୍ୱାମୀ ଜାଣିପାରିଥିଲେ। ଏ ନେଇ ସେ ସୁବ୍ରତଙ୍କୁ ତାଗିଦ କରିଥିଲେ। ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ରବିବାର ବିଳମ୍ବିତ ରାତିରେ ସୁବ୍ରତଙ୍କୁ ଘରୁ ଡାକିନେଇ ସଂଘବଦ୍ଧ ଭାବେ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଥିବା ତାଙ୍କ ମା' ଅଭିଯୋଗ କରିଛନ୍ତି। ସକାଳେ ରାସ୍ତାରେ ସୁବ୍ରତଙ୍କ ବେକ କଟା ମୃତଦେହ ପଡ଼ିଥିଲା। ଖବର ପାଇ ଘଟଗାଁ ଥାନା ଆଇଆଇସି ଶୁଭ୍ରାନ୍ତ କୁମାର ଜେନା ପହଞ୍ଚି ମୃତଦେହ ଜବତ କରିଥିଲେ। କେନ୍ଦୁଝରରୁ ସାଇଣ୍ଟିଫିକ୍ ଟିମ୍ ଆସିବା ପରେ ସନ୍ଧ୍ୟା ୬ଟାରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏ ନେଇ ମୃତକଙ୍କ ମା' ରଘୁନୀ ଜେନା କହିଛନ୍ତି, ପୁଅକୁ ରାତିରେ କେତେଜଣ ଫୋନ୍ କରି ଡାକିଥିଲେ। ତାପରଠୁ ପୁଅ ଆଉ ଘରକୁ ଫେରିନାହିଁ। ତାକୁ ହତ୍ୟା କରି ରାସ୍ତାରେ ପକାଇ ଦେଇଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଘଟଗାଁ ପୋଲିସ ଏକ ହତ୍ୟା ମାମଲା (ନଂ. ୨୫/୨୫)ରୁଜୁ କରି ଗ୍ରାମର ୨ ଜଣଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

# ଦାଖଲ ହୋଇପାରିଲାନି କେସ୍ ଡାଏରି, ଜାମିନ ଶୁଣାଣି ଘୁଞ୍ଚିଲା

## ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଝିଅ ଓ ଜ୍ୱାଇଁ କହି ଠକେଇ ଘଟଣା

ଭୁବନେଶ୍ୱର,୧୩।୧ (ସୂର୍ଯ୍ୟକାନ୍ତ ବେହେରା)

ନିଜକୁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଝିଅ ଓ ଜ୍ୱାଇଁ ପରିଚୟ ଦେବା ସହ ନାମ ପରିବର୍ତ୍ତନ କରି ବଡ଼ବଡ଼ିଆଙ୍କୁ ଠକୁଥିବା ହାଇପ୍ରୋଫାଇଲ୍ ଠକ ଯୋଡ଼ି ହଂସିତା ଅଭିଲିପ୍ସା ଓରଫ ବିଷ୍ଣୁପ୍ରିୟା ଚାନ୍ଦ ଓରଫ ରାକ୍ଷୀ ଓ ଅନିଲ କୁମାର ମହାନ୍ତିଙ୍କ ଅପକର୍ମର ଗୁମର ଖୋଲିବାରେ ଲାଗିଛି। ତେବେ ଏହି ମାମଲାରେ ପୋଲିସ କେସ୍ ଡାଏରି(ସିଡ଼ି) ଦାଖଲ କରି ନ ଥିବାରୁ ସୋମବାର ହଂସିତା ଜାମିନ୍ ଆବେଦନର ଶୁଣାଣି ହୋଇପାରିନାହିଁ। ଆସନ୍ତା ୧୭ତାରିଖକୁ ଶୁଣାଣି ଘୁଞ୍ଚିଛି ବୋଲି ଅନିଲଙ୍କ ଓକିଲ ଚିତ୍ରସେନ ଶ୍ରୀଚନ୍ଦନ କହିଛନ୍ତି। ଏପଟେ କାହିଁକି ଧାର୍ଯ୍ୟ ସମୟରେ ସିଡ଼ୀ ଦାଖଲ ହୋଇପାରିଲା ନାହିଁ ତାହା ଏବେ ବଡ଼ ପ୍ରଶ୍ନ ସୃଷ୍ଟି କରିଛି। ଅପରପକ୍ଷରେ କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ, ଆୟକର ବିଭାଗ ଏବଂ ଇଡି ପକ୍ଷରୁ ତଦନ୍ତ ଜାରି ରହିଛି। ତେବେ ତଦନ୍ତବେଳେ ଆୟକର ବିଭାଗ ଠକ ଯୋଡ଼ିଙ୍କ ଲିଙ୍କ ରାଜ୍ୟ ବାହାରକୁ ଲମ୍ବିଥିବା ଜାଣିବାକୁ ପାଇଛି। ଝାଡଖଣ୍ଡର ଏକ କମ୍ପାନୀ ସହ ବହୁ କୋଟି ଟଙ୍କାର ଡିଲ୍ ହୋଇଥିବା ସୁରାକ ପାଇବାପରେ ଆୟକର ବିଭାଗ ଅଧିକ ଖୋଳତାଡ଼ ଚଳାଇଛି। ତେଣୁ ସ୍ପେଶାଲ କ୍ରାଇମ୍ ୟୁନିଟ ପୁଣି ରିମାଣ୍ଡରେ ନେବାକୁ ଯୋଜନା କରିଥିବା ସହ ଖୁବଶୀଘ୍ର ଆବେଦନ କରିପାରେ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, ହଂସିତା ବିବାହିତା ହୋଇଥିଲେ ମଧ୍ୟ ସ୍ୱାମୀଙ୍କଠାରୁ ଅଲଗା ରହୁଥିଲେ। ସେହିଭଳି ଅନିଲ ତାଙ୍କ ସ୍ତ୍ରୀ ଓ ପିଲାମାନଙ୍କୁ ଛାଡ଼ିଅଲଗା ରହୁଥିଲେ। ରାଜଧାନୀର ପଟିଆ ରଘୁନାଥପୁର ଅଞ୍ଚଳର ଏକ ଦାମୀ ଆପାର୍ଟମେଣ୍ଟର ଏକ ଫ୍ଲାଟରେ ଏମାନେ ଦମ୍ପତି ପରିଚୟରେ ରହୁଥିଲେ। ଏନେଇ ଉଭୟଙ୍କ ନାମରେ ଉକ୍ତ ଅଞ୍ଚଳର ଏକ ଶିକ୍ଷାନୁଷ୍ଠାନର ଡେପୁଟି ଡାଇରେକ୍ଟର ଅଭିଯୋଗ ଆଣିବା ପରେ ଉଭୟଙ୍କୁ ପୋଲିସ ଗିରଫ କରିଥିଲା।

# ଖଡ଼ିଆଳ ତହସିଲ୍‌ଦାର ଖାଉଟି ଅଦାଲତରେ ଦଣ୍ଡିତ

ନୂଆପଡ଼ା,୧୩।୧ (ମକାରୁ ବେମାଲ)

କାର୍ଯ୍ୟରେ ଅବହେଳା ଯୋଗୁ ନୂଆପଡ଼ା ଜିଲା ଖଡ଼ିଆଳ ତହସିଲଦାର ଖାଉଟି ଅଦାଲତ ଦ୍ୱାରା ଦଣ୍ଡିତ ହୋଇଛନ୍ତି। ଅଭିଯୋଗକାରୀ ମ୍ୟୁଟେଶନ ଫି' ଜମା କରିଥିଲେ ମଧ୍ୟ ତହସିଲଦାର ସେବା ପ୍ରଦାନରେ ଅବହେଳା କରିଥିଲେ। ଏପରି କି ଅବହେଳା ସହ ଅଭିଯୋଗକାରୀଙ୍କୁ ନିର୍ଯାତନା ଦେଇଥିବାରୁ କ୍ଷତିପୂରଣ ବାବଦରେ ୨୦ ହଜାର ଓ ମକଦ୍ଦମା ଖର୍ଚ୍ଚ ବାବଦକୁ ୫ ହଜାର ଟଙ୍କା ଆଦେଶ ପାଇବାର ୩୦ଦିନ ଭିତରେ ପ୍ରଦାନ କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ହୋଇଛି। ଏପରି କି ନିର୍ଦ୍ଧାରିତ ସମୟରେ ସମସ୍ତ ରାଶି ପ୍ରଦାନ ନ କଲେ ଅତିରିକ୍ତ କ୍ଷତିପୂରଣ ଦୈନିକ ଶହେ ଟଙ୍କା ଲେଖାଏ ଦେବାକୁ ପଡିବ ବୋଲି ଅଦାଲତ ରାୟରେ ସ୍ପଷ୍ଟ କରିଛନ୍ତି।

ସୂଚନାକ୍ରମେ ୨୦୨୩ ଜୁଲାଇ ୨୦ରେ ଖଡିଆଳ ତହସିଲ ଅଧୀନ ସୁନାରିସିକୁଆ ଗାଁର ପରମେଶ୍ୱର ବାରିକ ଇ–ରେଜିଷ୍ଟ୍ରେଶନ ମାଧ୍ୟମରେ ପ୍ରଭଞ୍ଜନ ଠାକୁରଙ୍କଠାରୁ ଏକ ଜମି କିଣିଥିଲେ। ସେହିବର୍ଷ ଅଗଷ୍ଟ ୨୫ରେ ସ୍ପିଡ୍‌ପୋଷ୍ଟ ମାଧ୍ୟମରେ ଜମି ପଟ୍ଟା ପ୍ରଦାନ କରାଯାଇଥିବା ନେଇ ସେ ଆଭାସୀ ଜରିଆରେ ତହସିଲଦାରଙ୍କଠାରୁ ସୂଚନା ପାଇଥିଲେ। ଜମି ପଞ୍ଜୀକରଣ ସମୟରେ ପରମେଶ୍ୱର ସରକାରୀ ଫି' ସହ ପୋଷ୍ଟାଲ ଫି' ଦେଇଥିଲେ ମଧ୍ୟ ଜମିପଟ୍ଟା ମିଳି ନ ଥିଲା। ପରବର୍ତ୍ତୀ ସମୟରେ ଅର୍ଥାତ୍ ଅକ୍ଟୋବର ୧୮ରେ ପରମେଶ୍ୱର ଜମି ପଟ୍ଟା ପାଇଥିଲେ। ଏଭଳି ବିଳମ୍ବରେ ଅସନ୍ତୋଷ ପ୍ରକାଶ କରି ପରମେଶ୍ୱର ଖାଉଟି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଖାଉଟି ଅଦାଲତଙ୍କ ନୋଟିସ ପାଇ ସରକାରୀ ଓକିଲ ତ୍ରିଲୋକଚାନ୍ଦ ସୋନି ଜବାବ ଦାଖଲ କରିଥିଲେ। ତହସିଲଦାର ସରକାରଙ୍କ ଜଣେ ଏଜେଣ୍ଟ, ସେ ଲାଭ ପାଇଁ କୌଣସି ବ୍ୟବସାୟ କରୁନାହାନ୍ତି। ଏପରି କି ଅଭିଯୋଗକାରୀ ଅପରପକ୍ଷଙ୍କ ଖାଉଟି ମଧ୍ୟ ନୁହନ୍ତି। ଏଣୁ ଅଭିଯୋଗ ରଦ୍ଦ କରିବାକୁ ଓକିଲ ସୋନି ଯୁକ୍ତି ଉପସ୍ଥାପନ କରିଥିଲେ। ଖାଉଟି ଅଦାଲତ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ମିଶ୍ର ଓ ସଦସ୍ୟ ଷଳଧର ପ୍ରଧାନଙ୍କ ଖଣ୍ଡପୀଠ ମାମଲାର ବିଚାର କରି ୨୦୨୧ ମାର୍ଚ୍ଚ ୨୪ରେ ସରକାରଙ୍କ ନିର୍ଦ୍ଦେଶାବଳୀ ସଂଖ୍ୟା ୧୦୧୮୬ରେ ଆର୍‌ଏଣ୍ଡଡିଏମ୍‌ଙ୍କ ନିର୍ଦ୍ଦେଶନାମାକୁ ତହସିଲଦାର ସମ୍ପୂର୍ଣ୍ଣ ଉଲ୍ଲଂଘନ କରିଥିବା ଦର୍ଶାଇ ଏଭଳି ଦଣ୍ଡାଦେଶ ଦେଇଛନ୍ତି।

# ୪ କୁଇଣ୍ଟାଲ ଗଞ୍ଜେଇ, ପିକ୍‌ଅପ୍ ଭ୍ୟାନ୍ ଜବତ



ଟାଙ୍ଗୀ/ନିରାକାରପୁର, ୧୩।୧(ରଘୁନାଥ ସାହୁ/ ମାନସ ଚନ୍ଦ୍ର ପଟ୍ଟନାୟକ)

ଟାଙ୍ଗୀ ଅବକାରୀ ପୋଲିସ ସୋମବାର ନିରାକାରପୁର ଲେବଲ କ୍ରସିଂ ନିକଟରୁ ୧୫ ବସ୍ତା ଗଞ୍ଜେଇ ସହ ଏକ ପିକ୍‌ଅପ୍ ଭ୍ୟାନ୍‌ଓ ୨ଟି ମୋବାଇଲ ଜବତ କରିଛି। ଜବତ ଗଞ୍ଜେଇ ୪ କୁଇଣ୍ଟାଲ ହୋଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୪୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ହେବ ବୋଲି ଟାଙ୍ଗୀ ଅବକାରୀ ସବଇନ୍ସପେକ୍ଟର ଅମରେନ୍ଦ୍ର କୁମାର ଶତପଥୀ କହିଛନ୍ତି। ଏହି ଘଟଣାରେ ପିକ୍‌ଅପ୍ ଭ୍ୟାନ୍ ଚାଳକ ତଥା ପୁରୀ ଜିଲା ବ୍ରହ୍ମଗିରି ଗୌଡ଼ସାହି ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ଦେଙ୍କୁ ଗିରଫ କରାଯାଇଛି। ଏନେଇ ବିଭାଗ ପକ୍ଷରୁ ଏକ ମାମଲା (ନଂ.୧୧୯/୨୫)ରୁଜୁ ହୋଇଛି। ସୂଚନା ମୁତାବକ, ଗଞ୍ଜାମ ଜିଲାର ଶେରଗଡ଼ ଅଞ୍ଚଳରୁ ପୁରୀ ଜିଲା ବ୍ରହ୍ମଗିରିକୁ ଏକ ପିକ୍‌ଅପ୍ ଭ୍ୟାନ(ଓଡି ୧୩–ଆର– ୫୮୬୪)ରେ ଗଞ୍ଜେଇ ଚାଲାଣ କରାଯାଉଥିବା ନେଇ ଅବକାରୀ ପୋଲିସକୁ ସୂଚନା ମିଳିଥିଲା। ସନ୍ଦେହରେ ଟାଙ୍ଗୀ ଥାନା ଅଧୀନ ଚଣ୍ଡେଶ୍ୱରଠାରୁ ଅବକାରୀ ପୋଲିସ ପିଛାକରି ନିରାକାରପୁରଠାରେ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲା। ଗାଡ଼ିରେ ଗଞ୍ଜେଇ ଥିବା ଜାଣିବା ପରେ ଜବତ କରିଥିଲା।

# ଚାକିରି ନାଁରେ ଠକେଇ, ୨ ଦମ୍ପତି ଗିରଫ

## ୧୧ ଜଣଙ୍କଠାରୁ ଲୁଟିଥିଲେ ୧୮.୭୦ ଲକ୍ଷ

ହିଞ୍ଜିଳିକାଟୁ,୧୨।୧(ଦ୍ୱିତୀକୃଷ୍ଣ ପଣ୍ଡା)

ଚାକିରି କରାଇ ଦେବା ନାଁରେ ଲୋକଙ୍କୁ ଠକିଥିବା ୨ ଦମ୍ପତିଙ୍କୁ ଗଞ୍ଜାମ ଜିଲା ହିଞ୍ଜିଳି ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳର ଗଣେଶ ନାୟକ, ତାଙ୍କ ସ୍ତ୍ରୀ ତପସ୍ୱିନୀ ସିଂ, ଭୁବନେଶ୍ୱର ଶହୀଦ ନଗର ଥାନା ପଥରବନ୍ଧ ଗ୍ରାମର ବିପିନି ପାତ୍ର ଓ ତାଙ୍କ ସ୍ତ୍ରୀ ବିଜୁଳି ପାତ୍ର। ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ୧୧ ଜଣଙ୍କଠାରୁ ପ୍ରାୟ ୧୮.୭୦ ଲକ୍ଷ ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି।

ହିଞ୍ଜିଳି ଥାନା କାଞ୍ଜିଆମା ଗ୍ରାମର ବୁଲୁ ଜେନା ଭୁବନେଶ୍ୱର ସାଲିଆ ସାହିରେ ତେଜରାତି ଦୋକାନ କରିଥିବା ସମୟରେ ପଥରବନ୍ଧ ଅଞ୍ଚଳର ବିପିନଙ୍କ ସହ ତାଙ୍କର ବନ୍ଧୁତା ହୋଇଥିଲା। ବୁଲୁଙ୍କ ଦୋକାନରୁ ବିପିନ ବିଭିନ୍ନ ସମୟରେ ପ୍ରାୟ ୨ଲକ୍ଷ ଟଙ୍କାର ସଉଦା କିଣିଥିଲେ। ବୁଲୁ ଟଙ୍କା ମାଗିବାରୁ ବିପିନ ନିଜର ଓ ତାଙ୍କ ସହଯୋଗୀ ନୀଳଗିରି ଅଞ୍ଚଳର ଗଣେଶଙ୍କ ବ୍ରହ୍ମପୁର ଅଞ୍ଚଳରେ ଥିବା ଏକ ଘରବାରି ଜମିକୁ ବିକି ବକେୟା ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଗଣେଶ, ବିପିନି ପରିବାର ସହ ଭୁବନେଶ୍ୱରରୁ ଆସି କାଞ୍ଜିଆମା ଗ୍ରାମରେ ଏକ ଭଡାଘରେ ରହିଥିଲେ। ଉଭୟେ ସେମାନଙ୍କ ସ୍ତ୍ରୀଙ୍କ ସହ ମିଶି ସ୍ଥାନୀୟ ଅଞ୍ଚଳରେ ଚାକିରି କରାଇ ଦେବା ନାଁରେ ୧୧ ଜଣଙ୍କ ଠାରୁ ପ୍ରାୟ ୧୮.୭୦ଲକ୍ଷ ଟଙ୍କା ଠକି ନେଇଥିଲେ। ଦୀର୍ଘଦିନ ଧରି ଚାକିରି ନ ମିଳିବାରୁ ଆଶାୟୀମାନେ ଟଙ୍କା ଫେରାଇ ଦେବାକୁ ଦୁଇ ଦମ୍ପତିଙ୍କୁ କହିଥିଲେ। ତଥାପି ସେମାନେ ମିଥ୍ୟା ପ୍ରତିଶ୍ରୁତି ଦେବାରୁ ଠକାମିର ଶିକାର ହୋଇଥିବା ୧୧ ଜଣ ହିଞ୍ଜିଳି ଥାନାରେ ରବିବାର ଅଭିଯୋଗ କରିଥିଲେ। ପୋଲିସ ନଂ. ୩୫/୨୫ରେ ମାମଲା ରୁଜୁ କରି ୨ ଦମ୍ପତିଙ୍କୁ ଗିରଫ କରାଯାଇ ଅଧିକ ତଦନ୍ତ ଚାଲିଥିବା ତଦନ୍ତକାରୀ ଅଧିକାରୀ ତଥା ଥାନା ଏସଆଇ ସିଦ୍ଧାର୍ଥ ଶଙ୍କର ଜେନା କହିଛନ୍ତି। ଅଭିଯୁକ୍ତ ଗଣେଶ ନାୟକଙ୍କ ନାମରେ ଭୁବନେଶ୍ୱର ସମେତ ବିଭିନ୍ନ ଥାନାରେ ଆପରାଧିକ ମାମଲା ରହିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଡାଆଣୀ ହୋଇ ଗୁଣିଆ ହେଲେ
ଗାରେଡ଼ି ମନ୍ତ୍ର ଡାକେ,
ଚୋରଟା ଯଦି ଛାଟିଆ ହେଲା
ଡାକି ବୁଲେ ଗାଁ ଯାକେ।**

ଏ ପାଖରେ କ୍ଷତି କରି ସେ ପାଖରେ ସମବେଦନା ପ୍ରକାଶ କରିବା ବା ଏ ପାଖରେ ମନ୍ଦ କରି ସେ ପାଖରେ ଭଲେଇ ହେବା। ଏକା ଲୋକ ହୋଇ ଦୁଇ ପ୍ରକାର ଅଭିନୟ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଡେଙ୍ଗା ମୁଣ୍ଡେ ଠେଙ୍ଗା,
ବାଙ୍ଗରା ମୁଣ୍ଡେ ଟାଙ୍ଗରା।**

ନେତୃସ୍ଥାନୀୟ ବ୍ୟକ୍ତି ଯେହେତୁ ସକଳ ଦାୟିତ୍ୱ ସମ୍ଭାଳିଥାନ୍ତି, ତେଣୁ କୌଣସି କିଛି ଅଘଟଣ ବା ଭୁଲ୍ ପାଇଁ ସେମାନେ ଦାୟୀ ହୋଇ ରହିଥାନ୍ତି। ଏପରିକି ସବୁ ଦୋଷ ମୁଣ୍ଡାଇବା ସହ ସମାଲୋଚନାର ଶରବ୍ୟ ହୋଇଥାନ୍ତି। ଏପରିସ୍ଥଳେ ତାଙ୍କ ତଳେ ଥିବା ବ୍ୟକ୍ତି ବା ଦାୟିତ୍ୱ ସମ୍ଭାଳୁ ନ ଥିବା ବ୍ୟକ୍ତି ପ୍ରତି କୌଣସି ଅଙ୍ଗୁଳି ଉଠୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।


## SHREE JAGANNATH TEMPLE OFFICE, PURI

Tender Call Notice Bid Identification No. 425 dt. 08.01.2025 in Single Cover System for providing GI pipe frame structure for laying Electric Cables from West Gate Junction Box to Kuruma Bedha on west side of SJT, Puri. Visit Website : www.shreejagannatha.in
**Last date : 20.01.2025 by 1.00 P.M.**

Sd./- Administrator
Shri Jagannath Temple, Puri

## BHAIRABI DEGREE COLLEGE, PURUNAKATAK, BOUDH

AT/PO - PURUNAKATAK, 762013

Advertisement for tender to supply Desktop with CPU under Odisha Higher Education Programme for Excellence and EQUITY (OHEPEE)

No. Date:

The sealed tenders are invited from the intending Manufacturer/Firms/ Suppliers/Authorized Dealers having PAN/GST registration No. for supply Desktop as per list. Those should reach the undersigned within a period of 3 weeks from the date of advertisement. The details of the requirements with specification, terms/ conditions and updates are available in the college website : www.bhairabidegreecollege.in.The undersigned reserves the right to accept or reject or cancel any or all the tenders without specifying any reason thereof.

Sd./- Principal, Bhairabi Degree College, Purunakatak, Boudh

## झारखण्ड सरकार
## क्षेत्र सर्वेक्षण प्रमण्डल, अग्रिम योजना, पथ निर्माण विभाग, दुमका

अति–अल्पकालीन ई–प्रोक्योरमेंट सूचना(1st Call)
ई–निविदा प्रसंग सं0 :–RCD/FSD /AP/ DUM/22/2024-25
दिनांक:–13.01.2025

| | | |
|---|---|---|
| 1. | कार्य का नाम | Consultancy services for preparation of Detailed project report for 2-Lane/2-Lane with Paved Shoulder configuration road for **Road Connecting to Dumka Jasidih (RCD Road) and Deoghar-Rikhia Road (RCD Road)** including replacement of culverts and bridges, proposal for new culverts and bridges, complete Land Acquisition Proposd including ownership detailsall complete as per latest guidelines, Resettlement and Rehabilitation Proposal and Forest Diversion Proposal with clearance of all stages etc as required, at Deoghar in the state of Jharkhand. (Total Tentative Length-6.00 Km) |
| 2. | अनुमानित लंबाई (मीटर) | 6.00 कि०मी० |
| 3. | कार्य समाप्ति की अवधि | 45 दिन |
| 4. | वेबसाईट पर निविदा प्रकाशित होने की तिथि एवं समय | 15.01.2025, 05.00 बजे अपराह्न |
| 5. | निविदा जमा करने की अंतिम तिथि एवं समय | 21.01.2025, 12.00 बजे अपराह्न तक |
| 6. | निविदा खोलने की तिथि एवं समय | 22.01.2025, 12.30 बजे अपराह्न |
| 7. | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, क्षेत्र सर्वेक्षण प्रमण्डल अग्रिम योजना, पथ निर्माण विभाग, दुमका। |
| 8. | प्रोक्योरमेंट पदाधिकारी का संपर्क नं0 | 8292901787 |
| 9. | ई–प्रोक्योरमेंट सेल को हेल्पलाईन नं0 | 0651–2401010 |

अतिरिक्त जानकारी के लिए वेबसाईट पर देखें :–http://jharkhandtenders. gov. in

कार्यपालक अभियंता,
क्षेत्र सर्वेक्षण प्रमण्डल, अग्रिम योजना,
पथ निर्माण विभाग, दुमका।

PR.NO.344155 Road(24-25):D

## ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, ସମ୍ବଲପୁର, ଦୁର୍ଗାପାଲି, ସମ୍ବଲପୁର - 768005

❊ ସୂଚନା ❊

ଏତତ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଦେହେରିପାଲି ହାଉସିଂ ସ୍କିମ୍, ବୁଢାରଜା, ସମ୍ବଲପୁରରେ ଘର ନମ୍ବର MIG–II–07ଟିକୁ ସ୍ୱର୍ଗତ ଗିରିଶ ମୋହନ ମିଶ୍ର, ପିତା – ସ୍ୱର୍ଗତ ବିଦ୍ୟାଧର ମିଶ୍ର, ନିବାସୀ – ଗୋଶାଳା ନିକଟ, ଝାରସୁଗୁଡ଼ା, ଜିଲ୍ଲା – ଝାରସୁଗୁଡ଼ାଙ୍କୁ ଆବଣ୍ଟନ କରାଯାଇଥିଲା କିନ୍ତୁ ଆବଣ୍ଟନ ଗ୍ରାହୀ ଶ୍ରୀ ମିଶ୍ର ତା.୦୧.୦୬.୧୯୯୬ରେ ମୃତ୍ୟୁବରଣ କରିଛନ୍ତି। ଆବଣ୍ଟନ ଗ୍ରାହୀଙ୍କ ଉତ୍ତରାଧିକାରୀ ଯଥା ସ୍ତ୍ରୀ ଶ୍ରୀମତୀ ସ୍ୱର୍ଣ୍ଣ ସୂତା ମିଶ୍ର, ପୁତ୍ର – ଶ୍ରୀ ଶ୍ରୀକାନ୍ତ କୁମାର ମିଶ୍ର ଓ ପୁତ୍ର ଶ୍ରୀ ପ୍ରଶାନ୍ତ କୁମାର ମିଶ୍ର ଉକ୍ତ ଘର ଟିକୁ ନିଜର ରକ୍ତସମ୍ପର୍କ ଭାଇ ଶ୍ରୀ ଅସିତ କୁମାର ମିଶ୍ର, ପିତା – ସ୍ୱର୍ଗତ ଗିରିଶ ମୋହନ ମିଶ୍ର, ନିବାସୀ – ଗୋଶାଳା, ଝାରସୁଗୁଡ଼ା, ଜିଲ୍ଲା – ଝାରସୁଗୁଡ଼ାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ଘରଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହାହେଲେ ଏହି ନୋଟିସ ପ୍ରକାଶନର (୧୫) ପନ୍ଦର ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବରେ ଅଭିଯୋଗ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସ୍ୱା./- ଆବଣ୍ଟନ ଅଧିକାରୀ, ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, ସମ୍ବଲପୁର

## ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. 47-KUR-TRD-OT-2024-25

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନସ୍ଥ ହାଓଡ଼ା–ବିଶାଖାପାଟଣା ମେନ୍ (Main) ଲାଇନ୍‌ରେ ଧାନମଣ୍ଡଳ–ବଇରୀ ଷ୍ଟେସନ ମଧ୍ୟସ୍ଥ କି.ମି. 383/15-17 ଠାରେ ଲେଭେଲ କ୍ରସିଙ୍ଗ୍ ନଂ. 169 ପରିବର୍ତ୍ତେ ପ୍ରସ୍ତାବିତ ରୋଡ଼ ଓଭର ବ୍ରିଜ୍ (ROB)ର ନିର୍ମାଣ ସମ୍ବନ୍ଧୀୟ OHE ରୂପାନ୍ତରଣ କାର୍ଯ୍ୟର ସମ୍ପାଦନ।

**ବିଜ୍ଞାପିତ ମୂଲ୍ୟ (₹) :** 9,03,720.75, EMD (₹) : 18,100.00, ଶେଷ ହେବା ଅବଧି : 180 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.14.01.2025 ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.28.01.2025 ରିଖ 1300 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD)/ ଖୋର୍ଦ୍ଧା ରୋଡ଼

PR-874/P/24-25

## ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ମଣ୍ଡଳ ରେଳ ପ୍ରବନ୍ଧକ/ଇଏନ୍‌ଜିଜି., ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ହେବନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ କାର୍ଯ୍ୟର ନାମ** ନିମ୍ନ ଅନୁଯାୟୀ ଅଟେ: **୧. ସିକେପି-ସେଣ୍ଟ୍ରାଲ-୨୪-୨୫-୪୨।** ଏସ୍‌ଏସ୍‌ଇ/ୱାର୍କସ୍/ଡିଏମ୍‌ଏଫ୍, ଜେଇ/ୱାର୍କସ୍/ବିଏକ୍ସଏଫ୍, ଏସ୍‌ଏସ୍‌ଇ/ ପି.ୱେ/ ବିୟୁଏଫ୍ ଏବଂ ଏସ୍‌ଏସ୍‌ଇ/ପି.ୱେ/ଡିଏମ୍‌ଏଫ୍‌ଙ୍କ ବ୍ୟବହାର ପାଇଁ ପ୍ରତ୍ୟେକ ତିନିବର୍ଷ ଲାଗି ଭଡ଼ା ସୂତ୍ରରେ ଇନ୍ଧନ ଓ ଡ୍ରାଇଭର ସହିତ ଚବିଶ ଘଣ୍ଟା ଅଣ–ଏସି ୧ ଟନ୍ ଟ୍ରକ୍ ସଡ଼କ ବାହନ (ଚାରିଚକିଆ)। **ଟେଣ୍ଡର ମୂଲ୍ୟ:** ₹୬୬,୨୪,୦୦୦। **ଇଏମ୍‌ଡି:** ₹୧,୩୨,୫୦୦/-। **୨. ସିକେପି-ସେଣ୍ଟ୍ରାଲ-୨୪-୨୫-୪୫।** ଏଡିଇଏନ୍/ପଶ୍ଚିମ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ବାଲାଷ୍ଟ ପ୍ରୋଫାଇଲିଂର ସ୍ୱଚ୍ଛତା ଓ ପରିଚ୍ଛନ୍ନତା। **ଟେଣ୍ଡର ମୂଲ୍ୟ:** ₹୨,୭୧,୭୯,୧୨୪.୮୨। **ଇଏମ୍‌ଡି:** ₹୨,୮୫,୯୦୦/-। **୩. ସିକେପି-ସେଣ୍ଟ୍ରାଲ-୨୪-୨୫-୪୬।** ଏଡିଇଏନ୍/ଏସ୍‌ଇଟିଟି/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍‌ର ସ୍ୱଚ୍ଛତା ଓ ପରିଚ୍ଛନ୍ନତା। **ଟେଣ୍ଡର ମୂଲ୍ୟ:** ₹୧,୬୪,୨୦,୨୭୩.୬୯। **ଇଏମ୍‌ଡି:** ₹୨,୩୨,୧୦୦/-। **୪. ସିକେପି-ସେଣ୍ଟ୍ରାଲ-୨୪-୨୫-୪୭।** ଏଡିଇଏନ୍/ବଣ୍ଡମୁଣ୍ଡାଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍‌ର ସ୍ୱଚ୍ଛତା ଓ ପରିଚ୍ଛନ୍ନତା। **ଟେଣ୍ଡର ମୂଲ୍ୟ:** ₹୨,୩୮,୯୦,୮୨୯.୨୦। **ଇଏମ୍‌ଡି:** ₹୨,୬୯,୫୦୦/-। **ଟେଣ୍ଡର ଫର୍ମ ମୂଲ୍ୟ:** ପ୍ରତ୍ୟେକ ପାଇଁ ₹୦। **ଖୋଲାଯିବା ତାରିଖ:** କ୍ର.ସଂ ୧ ଓ ୨ ପାଇଁ ପ୍ରତ୍ୟେକ ତା୨୯।୦୧।୨୦୨୫ରିଖ ଏବଂ କ୍ର.ସଂ. ୩ ଓ ୪ ପାଇଁ ପ୍ରତ୍ୟେକ ତା୦୪।୦୨।୨୦୨୫ରିଖ। ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍–III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ। **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ–ଟେଣ୍ଡର ଫର୍ମ ଜାରି କରାଯିବ (କର୍ତ୍ତୃପକ୍ଷ– ରେଲ୍‌ୱେ ବୋର୍ଡର ପତ୍ର ସଂ. ୨୦୨୦/ସିଇ–I/ସିଟି/୩ଇ/ଜିସିସି/ପଲିସି, ତାରିଖ: ୧୬।୦୭।୨୦୨୦)। (PR-1003)

## GOVERNMENT OF JHARKHAND
## WATER RESOURCES DEPARTMENT
### OFFICE OF THE EXECUTIVE ENGINEER
### MINOR DISTRIBUTION DIVISION NUMBER-08, JAMSHEDPUR

Email-eemdd8.chandil@gmail.com

Expression of Interest (EoI)
Very short e-Tender inviting Notice no.- WRD/MDD8/JSR - 04/2024-25
Date- 11/01/25

| | | |
|---|---|---|
| 1. | Name of Work | Annual Maintenance Work for Cleaning, Sweeping, Sanitation work (Cleaning of Main Long Drain, Small Drains, inspection Chamber), Plumbing work including pipe line and Water Tank, Repair of Electrical appliances and Electrical wire and Servicing and Refilling work of Transformer at Officers Colony C.H. Area , Jamshedpur for 1 (one) year under Executive Engineer ,Minor Distribution Division No08,JAMSHEDPUR Under Water Resources Department, Jharkhand. |
| 2. | Cost of bid document (Rs) | 10,000.00/-(Ten thousand only) Non refundable Online mode |
| 3. | Earnest Money Deposit (Rs) | 1,00,000.00/- (Rupees one lakhs only) Online mode |
| 4. | Tender Category | Services |
| 5. | Mode of Submission of Tender | Online through http://jharkhandtenders.gov.in |
| 6. | Pre-Bid meeting | Date- 24/01/25 - 03:00 PM Office of the Chief Engineer , Chandil Complex ,Adityapur.Water Resources Department, |
| 7. | Date of publication of tender on website | Date- 16/01/25 Time- 02:00 PM |
| 8. | Last date/time for Submission of tender on Website | Date- 27/01/25 Time- 03:00 PM |
| 9. | Technical Bid Opening Date | Date- 28/01/25 Time- 04:00PM |
| 10. | Officer Inviting Bids | Office of the EXECUTIVE ENGINEER,MINOR DISTRIBUTION DIVISION NO-08, JAMSHEDPUR, Minor Distribution Division Number -08,Jamshedpur. |
| 11. | Contact No. of Procurement Officer | 7903042327, 9431366084 |

Note:-
1. The bidder should be fully acquainted with site before the tender.
2. Authority reserves the right to reject any or all the tender(s) received or to allot the work to one or more contractor(s) without assigning any reason thereof.
3. Tender Fee and Earnest Money should be deposited through online mode only as per WRD, Jharkhand letter no-907 dated-04.10.2023 and I.T. & e-Governance Dept. Jharkhand Letter no-120 dated- 03.10.2023

PR 344221 Water Resource (24-25)_D

Sd/- Executive Engineer
Minor Distribution Division Number -08, Jsr.

## ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି

**ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୫-୦୧ ତାରିଖ: ୧୩।୦୧।୨୦୨୫**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖଡ଼ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ–ନିଲାମ ଆହ୍ୱାନ କରୁଛନ୍ତି, ଯାହା **https://www.ireps.gov.in/** ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି। **କ୍ର.ସଂ.: ୧, ବର୍ଗ: ପାର୍ସଲ, କାଟାଲଗ୍ ନଂ.: ଲିଜ୍-କେଜିପି-୨୫-୦୧, ଇ-ନିଲାମ ତାରିଖ: ୧୮।୦୧।୨୦୨୫। ନିଲାମ ଆରମ୍ଭ ସମୟ: ୧୨.୦୦ ଘଟିକା। ନିଲାମ ସମାପ୍ତି ସମୟ: ୧୨.୫୦ ଘଟିକା।** ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ–ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

(PR-1010) ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

## OFFICE OF THE PRINCIPAL, GOVT. COLLEGE OF PHYSICAL EDUCATION
### ODISHA, TAMANDO, BHUBANESWAR - 28

No. 62(3)/DT.13.01.2025

**TENDER CALL NOTICE**

Sealed tenders are invited from Manufacturer/Authorized dealers to supply the Sports Goods/ Sports Equipments for the use of the staff and students of Govt. College of Physical Education, Bhubaneswar for the financial year 2024-25.

**Term and Conditions**

1. The tender must have GST & PAN.
2. Must attach a self attested photocopy of GST Registration Certificate and PAN Card along with the sealed tender.
3. The tender papers are available in the office of the undersigned on payment of Rs. 250/- each in shape of cash.
4. The tender paper will be sold from Dt.16.01.2025 to Dt.18.01.2025 between 11:00 A.M. to 4:00 P.M. on the working days & last date for submission of tender documents is Dt.20.01.2025 at 4:00 P.M.
5. The sealed tender will be opened on Dt.24.01.2025 at 11:30 A.M. in the presence of the proprietors on through their authorized representatives.
6. The tender paper received after due date and time shall be out rightly rejected.
7. The rate of items must include all the taxes & delivery charges if any.
8. The tenderers must submit the sample of the items at the time of opening of tender papers.
9. The undersigned reserves the right to accept or reject full or part of the tender without assigning any reason thereof.

Sd./- Principal

ଫ୍ୟାଶନ

# ଶୀତଦିନେ ଦେଖାଯିବେ ଫ୍ୟାଶନେବୁଲ



ଶୀତଦିନ ସମସ୍ତଙ୍କୁ ଭଲ ଲାଗେ। ଖାସ୍‌କରି ମହିଳାମାନେ ନିଜ ଆଉଟ୍‌ଫିଟ୍ ପାଇଁ ବହୁ ଚିନ୍ତିତଥାନ୍ତି। ସେମାନଙ୍କ ମନରେ ପ୍ରଶ୍ନ ଆସେ, ଆମେ ଏମିତି କ'ଣ ପିନ୍ଧିଲେ ଶୀତ ଦାଉରୁ ରକ୍ଷାପାଇବା ସହ ଷ୍ଟାଇଲିଶ୍ ମଧ ଦେଖାଯିବୁ। ଏଠାରେ କିଛି ଆଉଟ୍‌ଫିଟ୍ ଆଇଡିଆ ଦେଉଛୁ ଯାହା ଆପଣଙ୍କ ୱିଣ୍ଟରକୁ ଅଧିକ ଷ୍ଟାଇଲିଂ କରିପାରିବ। ଜାଣନ୍ତୁ ଏ ସମ୍ପର୍କରେ କେତୋଟି ଟିପ୍ସ...

**ଷ୍ଟେଟ୍‌ମେଣ୍ଟ କୋଟ୍**

ଶୀତଦିନେ ଆପଣ ଲଙ୍ଗ୍ ଷ୍ଟେଟ୍‌ମେଣ୍ଟ କୋଟ୍ ପିନ୍ଧିପାରିବେ। ଏହା ଷ୍ଟାଇଲିଶ୍ ଦେଖାଯିବା ସହ ଆପଣଙ୍କୁ ଭଲ ମାନିବ। ଏହାକୁ ପିନ୍ଧିଲେ ଆପଣ ଥଣ୍ଡା ଦାଉରୁ ରକ୍ଷାପାଇପାରିବେ। ଏମିତିରେ ଆପଣ ଏହିପରି ଲଙ୍ଗ୍ କୋଟ୍ ପିନ୍ଧିବା ସହ ୱାର୍ଡରୋବ୍‌ରେ ରଖି ପାରିବେ। ଆପଣ ଟର୍ଟଲ ନେକ୍ ସ୍ୱେଟର ଏବଂ ଥର୍ମାଲ ଲେଗିଂ ସହ ଷ୍ଟେଟ୍‌ମେଣ୍ଟ କୋଟ୍ ପିନ୍ଧିପାରିବେ। ଏହା ସହ ନିଜ ଲୁକ୍ କମ୍ପ୍ଲିଟ୍ କରିବାକୁ ହେଲେ ଏଥିରେ ବୁଟ୍ ପିନ୍ଧିପାରିବେ।

**ଫକ୍ସ ଫର୍ କୋଟ୍**

ଫକ୍ସ ଫର୍ କୋଟ୍ ସବୁବେଳେ ୱିଣ୍ଟର ଫ୍ୟାଶନର ଏକ ଭାଗ। ଏମିତିରେ ଆପଣ ଏହି ପରି କୋଟ୍‌କୁ ୱାର୍ଡରୋବ୍‌ରେ ରଖିପାରିବେ। ଆପଣ ଲଙ୍ଗ୍ ଏବଂ ଶର୍ଟ ୨ ଫକ୍ସ ଫର୍ କୋଟ୍‌କୁ କରିପାରିବେ। ଏହିପରି କୋଟ୍‌କୁ ଆପଣ ଡେନିମ୍ ପ୍ୟାଣ୍ଟ ସହ ପେୟାରକରି ପିନ୍ଧିପାରିବେ। ଏହା ସହିତ ଫୁଟ୍‌ୱେର ପାଇଁ ଆପଣ ବୁଟ୍‌କୁ ଚୟନ କରିପାରିବେ।

**ନିଟ୍ ୱେଷ୍ଟ ସ୍ୱେଟର**

ଏହିପରି ନିଟ୍ ୱେଷ୍ଟ ସ୍ୱେଟର ଭଲ ଷ୍ଟାଇଲିଶ୍ ଦେଖାଯାନ୍ତି। ଆପଣ ଟର୍ଟଲ ନେକ୍ ଥର୍ମାଲ କିମ୍ବା କ୍ଲାସିକ୍ ଧଳା ଶର୍ଟ ସହ ଏହିପରି ଗ୍ରେ, ବ୍ଲାକ୍,ଗ୍ରୀନ୍ ଏବଂ ବ୍ରାଉନ୍ କିମ୍ବା ଅନ୍ୟ କଲରର ନିଟ୍ ସ୍ୱେଟର ପିନ୍ଧିପାରିବେ।



**ସ୍କର୍ଟ**

ଶୀତଦିନରେ ରଖିବା ସହ ନିଜକୁ ଷ୍ଟାଇଲିଶ୍ ଦେଖାଯିବାକୁ ହେଲେ ଆପଣ ଲଙ୍ଗ କୋଟ୍, ନି ବୁଟ୍ସ ଏବଂ ପ୍ଲିସ୍ ପ୍ୟାଣ୍ଟ ପିନ୍ଧିପାରିବେ। ଏହି ଆଉଟ୍‌ଫିଟ୍ ବହୁତ ଷ୍ଟାଇଲିଶ୍ ଦେଖାଯାଇଥାଏ।

**କାର୍ଡିଗନ୍ ଏବଂ ବ୍ଲେଜର**

କାର୍ଡିଗନ୍ ଏବଂ ବ୍ଲେଜରକୁ ଆପଣ ପିନ୍ଧିପାରିବେ। ଏହା ମଧ ଆପଣଙ୍କୁ ଷ୍ଟାଇଲିଶ୍ ଏବଂ କ୍ଲାସିକ୍ ଲୁକ୍ ଦେଇଥାଏ। ଏହା ଆପଣଙ୍କୁ ଥଣ୍ଡା ଦାଉରୁ ରକ୍ଷା କରିଥାଏ।

# ଗୃହିଣୀଙ୍କ ପାଇଁ

ଶୀତଦିନରେ ସାଧାରଣତଃ ଗ୍ରୀନ୍ ମଟର ଅଧିକ ମିଳିଥାଏ। ଏହାକୁ ଅଧିକ ମାତ୍ରାରେ ଷ୍ଟୋରକରି ବର୍ଷ ସାରା ବ୍ୟବହାର କରିବା ଲାଗି କେତୋଟି ଟିପ୍ସ ...

- ମଟରକୁ ବର୍ଷ ସାରା ସତେଜ ଏବଂ ସ୍ୱାଦିଷ୍ଟ ରଖିବା ପାଇଁ ଆପଣ କିଛି ସହଜ ଉପାୟ ଆପଣାଇପାରିବେ।
- ମଟର ଷ୍ଟୋର କରିବାକୁ ହେଲେ ପ୍ରଥମେ ମଟରକୁ ଫୁଟୁଥିବା ପାଣିରେ ପକାନ୍ତୁ, ପରେ ଏହାକୁ ଥଣ୍ଡା ପାଣିରେ ପକାନ୍ତୁ। ଏବେ ମଟରକୁ ପାଣିରୁ ଛାଣି ଭଲଭାବେ ଖରାରେ ଶୁଖାଇଦିଅନ୍ତୁ। ଏବେ ପ୍ୟାକେଟରେ ଭରି ରଖନ୍ତୁ। ଏହାକୁ ଛୋଟ ଛୋଟ ସିଲ୍ କରି ପ୍ୟାକେଟ୍‌ରେ ଭରି ରଖନ୍ତୁ। ଏହାକୁ ପରେ ନିଜ ଆବଶ୍ୟକତା ଅନୁସାରେ କାଢ଼ି ବ୍ୟବହାର କରିପାରିବେ। ଏହି ପ୍ୟାକେଟ୍‌କୁ ଫ୍ରିଜରରେ ରଖିଦିଅନ୍ତୁ।
- ସୋରିଷ ତେଲ ମଟରକୁ ଫ୍ରିଜ୍‌ରେ ଜମିବାକୁ ଦିଏ ନାହିଁ ଏବଂ ଏହା ଅଧିକ ସମୟ ପର୍ଯ୍ୟନ୍ତ ତାଜା ରଖିଥାଏ। ପ୍ରଥମେ ମଟରରୁ ଚୋପା ଛଡ଼ାଇ ତାକୁ ଭଲଭାବେ ଧୋଇଦିଅନ୍ତୁ। ଏବେ ଏହାକୁ ଶୁଖାଇଦିଅନ୍ତୁ। ମଟରକୁ ସଫା କପଡ଼ାରେ ଖେଳାଇ ଶୁଖାଇ ଦିଅନ୍ତୁ। ମଟର ଏବଂ ଅଳ୍ପ ସୋରିଷ ତେଲ ଭଲ ଭାବେ ମିଶାଇ ରଖନ୍ତୁ। ଏହାକୁ ଏୟାର ଟାଇଟ୍ କଣ୍ଟେନର ଭରି ଫ୍ରିଜରରେ ରଖନ୍ତୁ।
- ୧ ଲିଟର ପାଣିରେ ୨ ବଡ଼ ଚାମଚ ଲୁଣ ପକାଇ ଗୋଳାଇ ମଟରକୁ ପକାଇ ତାକୁ ଫୁଟିବାକୁ ଦିଅନ୍ତୁ। ଏବେ ମଟରକୁ ଥଣ୍ଡା ପାଣିରେ ପକାଇ ଥଣ୍ଡାକରି ଦିଅନ୍ତୁ। ଏହି ଫୁଟିଥିବା ମଟରକୁ କାଲିରେ ଛାଣି ତାକୁ ଭଲଭାବେ ଶୁଖାଇ ଦିଅନ୍ତୁ। ଏବେ ଏୟାରଟାଇଟ୍ କଣ୍ଟେନରରେ ଭରି ଫ୍ରିଜରରେ ରଖିଦିଅନ୍ତୁ।

# ପିଲାଙ୍କ ନଖ କାମୁଡ଼ା ସମସ୍ୟା

ବିଶେଷଭାବରେ କେତେଜଣ ପିଲାଙ୍କଠାରେ ନଖ କାମୁଡ଼ା ସମସ୍ୟା ଦେଖିବାକୁ ମିଳିଥାଏ। ବେଳେବେଳେ ବୟସ ବଢ଼ିବା ସାଙ୍ଗକୁ ଏହି ଅଭ୍ୟାସ ସହ ସେମାନେ ଜଡ଼ିତ ହୋଇଥାଆନ୍ତି ତେଣୁ ଏପରି ଅଭ୍ୟାସଠାରୁ ସେମାନେ କିପରି ଦୂରେଇ ରହିବେ ଜାଣନ୍ତୁ ସେ ସମ୍ପର୍କରେ...



ଯଦି ଘରେ ଛୋଟ ପିଲା ଥାନ୍ତି ତେବେ ତାଙ୍କ ସ୍ୱାସ୍ଥ୍ୟର ଧ୍ୟାନ ରଖିବା ବହୁତ ଜରୁରୀ। ତା' ସହ ସେମାନେ କିପରି ସଫାସୁତର ରହିବେ ସେଥିପ୍ରତି ବିଶେଷ ଧ୍ୟାନଦେବା ଆବଶ୍ୟକ। ମାତାପିତା ବ୍ୟସ୍ତ ରହୁଥିବା କାରଣରୁ ପିଲାଙ୍କ ନଖ ବଢ଼ିଯାଇଥାଏ ଏବଂ ଏଥିରେ ମଇଳା ପଶିଯାଇଥାଏ। ଯଦି ନଖ ବଡ଼ ରୁହେ ତେବେ ଧୂଳି ମାଟି ରହିବା ସହ ରୋଗ ଜୀବାଣୁ ନଖ ମଧ୍ୟରେ ପଶି ତାଙ୍କ ଶରୀର ମଧ୍ୟକୁ ଚାଲିଯାନ୍ତି। ଏହାଦ୍ୱାରା ପିଲା ବାରମ୍ବାର ଅସୁସ୍ଥ ହୋଇଥାଏ। ନଖକୁ ଠିକ୍ ସମୟରେ ନ କାଟିବା ଦ୍ୱାରା ପିଲାଙ୍କୁ ଅନେକ ପ୍ରକାର ସମସ୍ୟା ଭୋଗିବାକୁ ପଡ଼ିପାରେ। ଏଥିପାଇଁ ନିୟମିତ ସମୟ ବ୍ୟବଧାନରେ ସେମାନଙ୍କର ଉଭୟ ହାତ ଏବଂ ଗୋଡର ନଖ କାଟିବା ଜରୁରୀ।

**ଇନ୍‌ଫେକ୍‌ଶନର ଭୟ:** ପିଲା ବାରମ୍ବାର ପାଟିରେ ହାତ ଦେବାକୁ ଚେଷ୍ଟା କରିଥାନ୍ତି। ଯଦି ଛୋଟ ପିଲାଙ୍କ ନଖ ଠିକ୍ ସମୟରେ ନ କଟାଯାଏ ତେବେ ନଖରେ ଥିବା ଫଙ୍ଗସ୍ ଏବଂ ବ୍ୟାକ୍ଟେରିଆ ଜମି ରହିଯାନ୍ତି। ସେମାନେ ହାତକୁ ମୁହଁରେ ମାରିବା ଦ୍ୱାରା ସେମାନଙ୍କ ପେଟରେ ଜର୍ମ ଇନ୍‌ଫେକ୍‌ଶନର ଭୟ ରହିଥାଏ।

**ପେଟରେ ଯନ୍ତ୍ରଣା:** ନଖକୁ ଠିକ୍ ସମୟରେ ନ କାଟିବା ଦ୍ୱାରା ପିଲାଙ୍କ ପେଟରେ ଯନ୍ତ୍ରଣା ଅନୁଭୂତ ହୋଇଥାଏ। ପିଲା ବିଭିନ୍ନ ପ୍ରକାର ଜିନିଷରେ ହାତ ମାରିଥାନ୍ତି। ପରେ ସେମାନେ ହାତ ଧୋଇ ନ ଥାନ୍ତି। ଏହି କାରଣରୁ ନଖରେ ବ୍ୟାକ୍ଟେରିଆ ଲାଗିଯାନ୍ତି।

**ଡାଇରିଆ:** ପିଲାଙ୍କ ହାତ ନଖ ବଡ଼ ହୋଇଯିବା କାରଣରୁ ଏଥିରେ ବ୍ୟାକ୍ଟେରିଆ ପାଟି ମାଧ୍ୟମରେ ପେଟକୁ ଯାଇଥାନ୍ତି। ଏମାନେ ପେଟରେ ଇନ୍‌ଫେକ୍‌ଶନ ହେବା ଆଶଙ୍କା ରହିଛି। ଏହି କାରଣରୁ ପିଲାଙ୍କୁ ଡାଇରିଆ ହେବାର ଦେଖାଯାଏ। ବାନ୍ତିହେବା ଏବଂ ପେଟ ଯନ୍ତ୍ରଣା ଭଳି କେତେକ ସମସ୍ୟା ଦେଖାଯାଏ।

**ରୋଗ ପ୍ରତିରୋଧକ ଶକ୍ତି କମିଯାଏ:** ଯଦି ଆପଣ ପିଲାଙ୍କ ନଖକୁ ସମୟ ସମୟରେ ନ କାଟନ୍ତି ତେବେ ପିଲାଙ୍କ ରୋଗ ପ୍ରତିରୋଧକ ଶକ୍ତି କମିଯାଇଥାଏ। ଏହାଦ୍ୱାରା ପିଲା ବାରମ୍ବାର ଅସୁସ୍ଥ ହୋଇଥାଏ। ଏଥିପାଇଁ ନଖକୁ ସଫାସୁତୁରା ରଖିବାକୁ ଦୃଷ୍ଟିଦେବା।

**ଟାଇଫଏଡ୍:** ପିଲାଙ୍କ ନଖ ବଡ଼ ରହିବା କାରଣରୁ ଶରୀରରେ ଟାଇଫଏଡ୍ ଏବଂ ଅନ୍ୟ ସଂକ୍ରମଣ ହେବା ଆଶଙ୍କା ଥାଏ। ଥରେ ଟାଇଫଏଡ୍ ହେବା ଦ୍ୱାରା ପିଲାକୁ ଠିକ୍ ହେବା ଲାଗି ଅଧିକ ସମୟ ଲାଗିଥାଏ।

**ଖଣ୍ଡିଅ ଖାବରା ହେବା ରହିଛି ଭୟ:** ପିଲାଙ୍କ ନଖ ବଡ଼ ହୋଇଗଲେ ଏହା ସାହାଯ୍ୟରେ ପିଲା ଆହତ ହେବା ସହିତ ଅନ୍ୟମାନେ ମଧ ଆହତ ହେବାର ଆଶଙ୍କା ରହିଛି। ଯଦି ଆପଣ ପିଲାର ସ୍ୱାସ୍ଥ୍ୟକୁ ନେଇ ଗଭୀର ଭାବେ ଚିନ୍ତିତ, ତେବେ ମଝିରେ ମଝିରେ ନଖ କାଟନ୍ତୁ। ଏହାଦ୍ୱାରା ପିଲା ହାଇଜିନ୍ ରହିବ ଏବଂ ସେମାନେ ବିଭିନ୍ନ ପ୍ରକାର ରୋଗଠାରୁ ଦୂରେଇ ରହିପାରିବେ।

**ପିଲାଙ୍କ ନଖ କିପରି କାଟିବେ :** ପିଲାଙ୍କ ନଖ ବହୁ ଜଲ୍‌ଦି ବଢ଼ିଥାଏ। ଏହାକୁ ସମୟ ସମୟରେ ନ କାଟିବା ଦ୍ୱାରା କେତେକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇଥାଏ। ନଖ କାଟିବାକୁ ହେଲେ ଠିକ୍ ସମୟ ନିର୍ଦ୍ଧାରଣ କରନ୍ତୁ। ପିଲାଙ୍କ ସେତେବେଳେ କାଟିବା ଆବଶ୍ୟକ ସେମାନେ ଯେତେବେଳେ ଶାନ୍ତ ଥିବେ। ପିଲା ଶୋଇବା ସମୟରେ ନଖ କାଟିପାରିବେ କିମ୍ବା ପିଲା ମା'କ୍ଷୀର ଖାଉଥିବା ସମୟରେ ନଖ କାଟିପାରିବେ। କାହିଁକି ନା ଏହି ସମୟରେ ପିଲା ଆରାମରେ ଥାଏ ହଲିବା ସମ୍ଭାବନା କମ୍ ହୋଇଥାଏ। ଫଳରେ ନଖକୁ ଆରାମରେ କାଟିପାରିବେ।

**ଠିକ୍ ଉପକରଣ:** ଠିକ୍ ଉପକରଣ ବ୍ୟବହାରକରି ନଖ କାଟିପାରିବେ। ଯେମିତିକି ପିଲାଙ୍କ ନଖ କାଟିବା ସମୟରେ ବିଶେଷ ରୂପରେ ଡିଜାଇନ୍ କରାଯାଇଥିବା ନେଲ୍ କ୍ଲିପର କିମ୍ବା ଛୋଟ କଇଁଚି ମଧ ବ୍ୟବହାର କରିପାରିବେ। ପିଲାଙ୍କ ନଖ ବହୁତ କୋମଳ ହୋଇଥାଏ। ଏଥିପାଇଁ ବଡ଼ କିମ୍ବା ସାଧାରଣ ନେଲ୍ କ୍ଲିପର ସାହାଯ୍ୟରେ ନଖ କାଟିବା କଷ୍ଟକର ହୋଇଥାଏ। ପିଲାଙ୍କ ନଖ କାଟିବା ସମୟରେ ଧୀରେ ଧୀରେ ସାବଧାନତା ସହକାରେ କାଟନ୍ତୁ। ସର୍ବପ୍ରଥମେ ନଖର ଲମ୍ବ ଉପରେ ଧ୍ୟାନ ରଖି କାଟନ୍ତୁ। ଏହାକୁ ପୂରା ମୂଳରୁ କାଟନ୍ତୁ ନାହିଁ। ଏହାଦ୍ୱାରା ପିଲାର ଚର୍ମ କଟିଯିବାର ଆଶଙ୍କା ରହିଛି। ଏଥିପାଇଁ ପିଲା ନଖ କାଟିବା ସମୟରେ ସତର୍କତାର ସହ କାଟନ୍ତୁ।

**କାହାର ସାହାଯ୍ୟ ନେଇପାରିବେ :** ଯଦି ପିଲା ନଖ କାଟିବା ସମୟରେ ହଲୁଥାଏ ତେବେ ଅନ୍ୟ କାହାର ସାହାଯ୍ୟ ନେଇପାରିବେ। ଜଣେ ବ୍ୟକ୍ତି ପିଲାକୁ ଧରିଲେ ଆପଣ ଆରାମରେ ନଖ କାଟିପାରିବେ।

**ନଖ କାଟିବା ଭୟ:** ଯଦି ଆପଣଙ୍କ ପିଲା ନଖ କାଟିବାକୁ ଡରୁଥାଏ ତେବେ ଧୀରେ ଧୀରେ ଏହି କାଟିବା ପ୍ରକ୍ରିୟାରେ ପରିଚିତ କରାନ୍ତୁ। ନଖ କାଟିବା ସମୟରେ ତା' ସହ ମଝିରେ ମଝିରେ କଥା ହୁଅନ୍ତୁ। ଏହାଦ୍ୱାରା ପିଲା ଟିକେ ଅନ୍ୟମନସ୍କ ରହିବ ଏବଂ ତା'ର ନଖ ବହୁତ ଆରାମରେ କାଟିପାରିବେ।

## ନଖ କାମୁଡ଼ିବା ଏକ ମନସ୍ତାତ୍ତ୍ୱିକ ସମସ୍ୟା

ସାଧାରଣତଃ କେତେଜଣ ପିଲା ନଖ କାମୁଡୁଥିବା ଦେଖିବାକୁ ମିଳେ। ଏହା ମଧ ଅନେକଙ୍କର ଏକ ଅଭ୍ୟାସରେ ପରିଣତ ହୋଇଯାଇଥାଏ। ତାହାକୁ ଦେଖି କେତେଜଣ ମାତାପିତାଙ୍କ ମନରେ ଭିନ୍ନ ଭିନ୍ନ ପ୍ରଶ୍ନାବଳୀ ଉଦ୍ରେକ ହେବା ସ୍ୱାଭାବିକ। ହେଲେ ଏହାକୁ ନେଇ ଶଙ୍କା-ଆଶଙ୍କା ଭିତରେ ରହିବା ଆଦୌ ଠିକ୍ ନୁହେଁ। ଏହା ପିଲାମାନଙ୍କ ଏକ ମନସ୍ତାତ୍ତ୍ୱିକ ସମସ୍ୟା ଭାବରେ ନିଆଯାଇଥାଏ। ଯେତେବେଳେ କୌଣସି ପିଲାଠାରେ ଏଭଳି ସମସ୍ୟା ଆରମ୍ଭ ହୁଏ କେତେଜଣ ମାତାପିତା ଏହାକୁ ପ୍ରାରମ୍ଭରୁ ଅଣଦେଖା କରିଥାଆନ୍ତି। ଯଦି ମା'ବାପା କର୍ମଜୀବୀ ଆଉ ପିଲାଟି ଅଧିକାଂଶ ସମୟ ଏକୁଟିଆ ରହୁଥାଏ ତେବେ ଏଭଳି ଅଭ୍ୟାସ ତା'ଠାରେ ଦେଖାଦେବାର ଆଶଙ୍କା ରହିଛି। ପିଲାଟିକୁ ଯଦି ଖେଳିବାକୁ ସାଙ୍ଗସାଥୀ ମିଳୁନାହାନ୍ତି ତେବେ ସେ ନଖ କାମୁଡ଼ିପାରେ। ମା' ବାପା ଯଦି ପ୍ରାୟ କଳି କରନ୍ତି ତେବେ ଏହାର ପ୍ରଭାବ ପିଲାଟିଠାରେ ଏଭଳି ସମସ୍ୟା ଦେଖାଯିବା ଆଶଙ୍କା ରହିଛି। ପିଲାଠାରେ ଆଇରନ୍ ଭାଗ କମିବା ମଧ ଏହାର ଅନ୍ୟ ଏକ କାରଣ। ତେଣୁ ପିଲାଟିକୁ ଏପରି ଅଭ୍ୟାସରୁ ଆରମ୍ଭରୁ ବାରଣ କଲେ ସେ ସେଥିରୁ ଭବିଷ୍ୟତରେ ନିବୃତ୍ତ ରହିପାରିବ।

*-ଡା. ନୀଳମାଧବ ଜେନା, ପୂର୍ବତନ ସଭାପତି, ଭାରତୀୟ ଶିଶୁ ଚିକିତ୍ସକ ସଂଘ*







ସୌନ୍ଦର୍ଯ୍ୟ

# ଶୀତଦିନ ଓ ମଶ୍ଚରାଇଜର

ସାଧାରଣତଃ ଶୀତଦିନେ ଅନେକେ ସ୍କିନ୍ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି କିନ୍ତୁ ଏହି ଋତୁରେ ସ୍କିନ୍‌କୁ ମୁଲାୟମ ରଖିବାର କେତୋଟି ସହଜ ଓ ସରଳ ଉପାୟ ରହିଛି। ଏହାକୁ ଆପଣେଇ ପାରିଲେ ଆପଣଙ୍କର ସ୍କିନ୍‌ରେ ଚମକ୍ ଆସିବ। ଜାଣନ୍ତୁ ଏ ସମ୍ପର୍କରେ...




- ନର୍ମାଲ ସ୍କିନ୍ ଥିବା ମହିଳାଙ୍କୁ ଏକ ବାଲାନ୍ସ ମଶ୍ଚରାଇଜର ଲଗାଇବା ଆବଶ୍ୟକ। ଏହି ମଶ୍ଚରାଇଜର ଲୋଶନ ଲଗାଇବା ଦ୍ୱାରା ତ୍ୱଚା ଏତେ ତେଲିଆ ହୋଇ ନ ଥାଏ।
- ଅଏଲି ସ୍କିନ୍ ଥିବା ମହିଳାଙ୍କୁ ଅତ୍ୟଧିକ ମଶ୍ଚରାଇଜରର ଆବଶ୍ୟକତା ରହିଥାଏ। କାରଣ ସ୍କିନ୍‌ରେ ପର୍ଯ୍ୟାପ୍ତ ପାଣିର ବାଲାନ୍ସ ରଖିବାକୁ ହେଲେ ଅତ୍ୟଧିକ ତେଲିଆଯୁକ୍ତ ମଶ୍ଚରାଇଜର ବ୍ୟବହାର କରିବାଠୁ ନିଜକୁ ରକ୍ଷାକରିବା ଆବଶ୍ୟକ।
- ଶୀତଦିନରେ ଶୁଷ୍କତା ବଢ଼ିଯାଇଥାଏ। ଡ୍ରାଏ ସ୍କିନ୍ ଥିବା ବ୍ୟକ୍ତିଙ୍କୁ ତ୍ୱଚାକୁ ନମନୀୟ ରଖିବାକୁ ହେଲେ ଗ୍ଲିସେରିନ୍ ଭଳି ଇନ୍‌ଗ୍ରେଡିଏଣ୍ଟ ଥିବା ମଶ୍ଚରାଇଜର ବ୍ୟବହାର କରିବା ଆବଶ୍ୟକ।
- କମ୍ବିନେଶନ ସ୍କିନ୍ କହିବାକୁ ଗଲେ ଯେଉଁଠି କେତେବେଳେ ଡ୍ରାଏ ଥିବା ବେଳେ ଆଉ କେଉଁଠି ଅଏଲି ସ୍କିନ୍ ଦେଖାଯାଇଥାଏ। ଶରୀରର ଅଏଲି ସ୍ଥାନରେ ଲାଇଟ୍ ମଶ୍ଚରାଇଜର ଲଗାନ୍ତୁ ଏବଂ ଡ୍ରାଏ ସ୍ଥାନରେ ତିପ୍ ମଶ୍ଚରାଇଜର ବ୍ୟବହାର କରନ୍ତୁ।
- ସେନ୍‌ସିଟିଭ୍ ସ୍କିନ୍‌ର ଯତ୍ନ ଅଧିକ ନେବାକୁ ପଡ଼ିଥାଏ। ସ୍କିନ୍ ସମ୍ବନ୍ଧିତ ସମସ୍ୟାରୁ ରକ୍ଷାପାଇବାକୁ ହେଲେ ବିନା ସୁଗନ୍ଧିତ ମଶ୍ଚରାଇଜର ବ୍ୟବହାର କରିବା ଆବଶ୍ୟକ।




ଖାଦ୍ୟରୁଚି / ଆଳୁ ପକୋଡ଼ା

**ଆବଶ୍ୟକ ସାମଗ୍ରୀ:** ଆଳୁ ୨-୩ଟି କଦୁକଶ ହୋଇଥିବା, ବେସନ ୧ କପ, କଞ୍ଚାଲଙ୍କା ୨/୩ଟି ଛୋଟ ଆକାରରେ କଟାହୋଇଥିବା, ଧନିଆଁପତ୍ର ଅଧା କପ, ଗରମ ମସଲା, ଅଦା ରସୁଣ ପେଷ୍ଟ ୧ ଛୋଟ ଚାମଚ, ହେଙ୍ଗୁ ଚିମୁଟାଏ, ନାଲି ଲଙ୍କାଗୁଣ୍ଡ ଅଧା ଛୋଟ ଚାମଚ, ହଳଦୀ ପାଉଡର ଏକ ଚତୁର୍ଥାଂଶ, ସ୍ୱାଦ ଅନୁସାରେ ଲୁଣ, ଛାଣିବା ଲାଗି ତେଲ, ଆବଶ୍ୟକତା ଅନୁଯାୟୀ ପାଣି।



**ପ୍ରସ୍ତୁତ ପ୍ରଣାଳୀ**

ଆଳୁକୁ ପ୍ରଥମେ ଚୋପା ଛଡ଼ାଇ କଦୁକଶ କରିଦିଅନ୍ତୁ। ଏଥିରୁ ଅତିରିକ୍ତ ପାଣି କାଢ଼ି ଦିଅନ୍ତୁ। ଏବେ ବେସନ ଘୋଳ ପ୍ରସ୍ତୁତ କରନ୍ତୁ। ଏକ ବଡ଼ ପାତ୍ର ନିଅନ୍ତୁ ସେଥିରେ କିଛି ବେସନ ନିଅନ୍ତୁ। ଏଥିରେ କଞ୍ଚାଲଙ୍କା, ହଳଦୀ ପାଉଡର, ଧନିଆଁ ପତ୍ର, ଅଦା ରସୁଣ ପେଷ୍ଟ, ହେଙ୍ଗୁ, ନାଲି ଲଙ୍କା ପାଉଡର, ଗରମ ମସଲା ଏବଂ ଲୁଣ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ଏହି ମିଶ୍ରଣରେ ଧୀରେ ଧୀରେ ପାଣି ପକାଇ ଗୋଳାଇ ପ୍ରସ୍ତୁତ କରନ୍ତୁ। ଧ୍ୟାନରଖନ୍ତୁ, ଏହି ଘୋଳ ଯେପରି ବହୁତ ମୋଟା କିମ୍ବା ପତଳା ନ ହେବ। ଏବେ ସେଥିରେ କଦୁକଶ ହୋଇଥିବା ଆଳୁ ମିଶାନ୍ତୁ। ଏବେ ଏକ କଡ଼େଇ ନିଅନ୍ତୁ, ସେଥିରେ ତେଲ ପକାଇ ଗରମ କରନ୍ତୁ। ଏବେ ଗରମ ତେଲରେ ଏହି ମିଶ୍ରଣକୁ ପକାଇ ଛାଣନ୍ତୁ। ଏହା ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ଛାଣନ୍ତୁ। ଏବେ ଟିସୁ ପେପର ପକାଇ ଛଣା ହୋଇଥିବା ଆଳୁ ପକୋଡ଼ା ରଖନ୍ତୁ। ଏହାଦ୍ୱାରା ଅତିରିକ୍ତ ତେଲ ବାହାରିଯିବ। ଏହି ପକୋଡ଼ାକୁ ଟମାଟୋ ସସ୍ ଏବଂ ଗ୍ରୀନ୍ ଚଟଣି ସହ ଖାଇପାରିବେ।

## ସଂକ୍ଷେପରେ

### ମହିଳାଙ୍କ ମୃତଦେହ ଜବତ ମାମଲା: ପୁରୁଷବନ୍ଧୁ ଗିରଫ

**ରାଉରକେଲା,୧୩।୧(ସଙ୍ଗୀତା ଜେନା):** ବିଶ୍ରା ଥାନା ମାରୱାଡ଼ିମହଲାରେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ ମାମଲାରେ ସୋମବାର ମୃତା ମହିଳାଙ୍କ ପୁରୁଷବନ୍ଧୁଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଶେଖ୍ ସାହିଲ(୨୨)। ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ଏକ ହତ୍ୟା ମାମଲା (ନଂ.୯/୨୫) ରୁଜୁ ହୋଇଛି। ସୂଚନାଯୋଗ୍ୟ, ରାଉରକେଲା ମହତାବ ରୋଡ୍ ଧୋବିବସ୍ତିର ମଧୁକୁମାରୀ ବଡ଼ାଇକ(୨୦) ସୋଶିଆଲ ମିଡ଼ିଆରେ ବନ୍ଧୁତା ସ୍ଥାପନ କରିଥିବା ଶେଖ୍ ସାହିଲଙ୍କ ସହ ପ୍ରାୟ ୨୦ ଦିନ ତଳେ ନିଜ ଘର ଛାଡି ବିଶ୍ରାରେ ଏକାଠି ରହୁଥିଲେ। ଶୁକ୍ରବାର ରାତିରେ ମଧୁଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଥିଲା। ମୃତାଙ୍କ ପିତା ସଞ୍ଜୟ ଥାନାରେ ତାଙ୍କ ଝିଅକୁ ଶେଖ୍ ସାହିଲ ଏବଂ ତାଙ୍କ ପରିବାରବର୍ଗ ମିଶି ହତ୍ୟା କରିଥିବା ଅଭିଯୋଗ କରିଥିଲେ।

### ପାମରା ପଞ୍ଚାୟତରେ ଜନଶୁଣାଣି

**ବଡ଼ଗାଁ,୧୩।୧(ଅଶୋକ ଷଡ଼ଙ୍ଗୀ) :** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ପାମରା ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତ ସ୍ତରୀୟ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଜନ ଶୁଣାଣିରେ ବ୍ଲକ ଅଧକ୍ଷା ଦୁଲାରୀ ସୋରେଙ୍ଗ, ତହସିଲଦାର ଝରଣା ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉଷାବତି ଗରଡିଆ, ସିଡିପିଓ ସୁଜାତା ବେଗ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଏହି ଜନ ଶୁଣାଣି କାର୍ଯ୍ୟକ୍ରମକୁ ସ୍ଥାନୀୟ ସରପଞ୍ଚ ଏମାନେଲି ଡୁଙ୍ଗଡୁଙ୍ଗ, ନାଏବ ସରପଞ୍ଚ ଲଳିତ ରାଉତ, କାର୍ଯ୍ୟନିର୍ବାହୀ ଅଧିକାରୀ କୁରେସୁ ପଣ୍ଡା ପରିଚାଳନା କରିଥିଲେ। ଜନ ଶୁଣାଣିରେ ବିଭିନ୍ନ ଗ୍ରାମର ଗ୍ରାମବାସୀମାନେ ଅଂଶଗ୍ରହଣ କରି ସେମାନଙ୍କର ସମସ୍ୟ ଜଣାଇଥିଲେ। ମୁଖ୍ୟତଃ ଗ୍ରାମ ରାସ୍ତା ଜବରଦଖଲ ଉଚ୍ଛେଦ, ପାନୀୟ ଜଳ ସମସ୍ୟା ଦୂରୀକରଣ, ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣ ଦାବି ହୋଇଥିଲା।

### ନୀଳକଣ୍ଠେଶ୍ୱର ମନ୍ଦିରରେ ବାର୍ଷିକୋତ୍ସବ

**ରାଉରକେଲା,୧୩।୧(ଦିନେଶ ମିଶ୍ର):** ହମିରପୁର କଷ୍ଟ୍ରାକ୍ଟର କଲୋନୀସ୍ଥିତ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିରରେ ପ୍ରଥମ ବାର୍ଷିକୋତ୍ସବ ରବିବାର ପାଳିତ ହୋଇଯାଇଛି। ମନ୍ଦିର କମିଟି ସଭାପତି ପ୍ରଭାତ କୁମାର ପରିଡାଙ୍କ ଅଧ୍ୟକ୍ଷତା ଓ ସାଧାରଣ ସମ୍ପାଦକ ନିରଞ୍ଜନ ସାମନ୍ତରାୟଙ୍କ ଆବାହକତ୍ୱରେ ନୀଳକଣ୍ଠେଶ୍ୱର ବାବାଙ୍କ ରୁଦ୍ରାଭିଷେକ କରାଯାଇଥିଲା। ପଣ୍ଡିତ ଉପେନ୍ଦ୍ର ନନ୍ଦ, ଚିତ୍ତରଞ୍ଜନ ରଥ, ସୁକାନ୍ତ ପଣ୍ଡା ପ୍ରମୁଖ ପୂଜାକାର୍ଯ୍ୟ ତୁଲାଇଥିଲେ। ସୁରେଶ ବେହେରା ଓ ପଦ୍ମାବତୀ ବେହେରା କର୍ତ୍ତାକର୍ତ୍ତ୍ରୀ ଥିଲେ। ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜ୍ୟୋତ୍ସ୍ନାରାଣୀ ରାଉତ, ଏସ୍. ରାଜୁ, କୈଳାସ ଚନ୍ଦ୍ର ପାତ୍ର, ବସନ୍ତ କୁମାର ଦେଓ, ଅଶୋକ କୁମାର ସାହୁ, ଶ୍ରୀକାନ୍ତ ସାହୁ, ଗଙ୍ଗାଧର ଦାଶ, ସୁବାସ ଗୁପ୍ତା, ଶରତ ଚନ୍ଦ୍ର ପଣ୍ଡା, ବିବେକାନନ୍ଦ ସାହୁ, ଦେବପ୍ରକାଶ ଶର୍ମା ପ୍ରମୁଖ ସହଯୋଗ କରିଥିଲେ।

### କ୍ରିକେଟ୍: ସେମିରେ ଜିମ୍‌ଖାନା

**ରାଉରକେଲା,୧୩।୧(ଦିନେଶ ମିଶ୍ର):** ରାଉରକେଲା ବାସନ୍ତୀ କଲୋନୀସ୍ଥିତ ଡିଏଭି ଖେଳ ପଡିଆରେ ୟୁଥ୍ କ୍ରିକେଟ୍ କ୍ଲବ ପକ୍ଷରୁ ଚାଲିଥିବା ୧୮ତମ ପ୍ରକାଶ ସ୍ମାରକୀ ଅଲ ଓଡିଶା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ସୋମବାର ଶେଷ ହୋଇଛି। ଏହି ମ୍ୟାଚ ରାଉରକେଲା ଜିମ୍‌ଖାନା ଓ କଟକ ବିଡାନାସୀ କ୍ରିକେଟ କ୍ଲବ ମଧ୍ୟରେ ଖେଳାଯାଇଥିଲା। ଏଥିରେ କଟକ ବିଡାନାସୀ କ୍ରିକେଟ୍ କ୍ଲବ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ୨୭ ଓଭରରେ ସମସ୍ତ ଉଇକେଟ ହରାଇ ୧୩୭ ରନ୍ କରିଥିଲା। ଦଳ ପକ୍ଷରୁ ଉଦୟ ଏସ୍. ଜାତା ମାତ୍ର ୩୧ ବଲ ଖେଳି ସର୍ବାଧିକ ୪୦ ରନ ସଂଗ୍ରହ କରିଥିଲେ । ଜବାବରେ ରାଉରକେଲା ଜିମ୍‌ଖାନା ଦଳ ୪ ଉଇକେଟ୍ ହରାଇ ୧୪୧ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସତୀଶ କଂସାରୀ ୬୩ ବଲ ଖେଳି ସର୍ବାଧିକ ୫୦ ରନ କରିଥିବାବେଳେ ହେମନ୍ତ ନାୟକ ୪୨ ରନ କରିଥିଲେ। ଏହି ମ୍ୟାଚ୍‌ରେ ଅମନ ସାଗର ୭ ଓଭର ବୋଲିଂ କରି ୪୬ ରନ ଦେଇ ସର୍ବାଧିକ ୩ ଉଇକେଟ୍ ନେଇଥିବାରୁ ତାଙ୍କୁ ମ୍ୟାନ୍‌ଅଫ୍‌ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଅମ୍ପାୟାର ସରୋଜ ପରିଡା ଓ ଯଶୋବନ୍ତ ଚନ୍ଦରା ମ୍ୟାଚ୍ ପରିଚାଳନା କରିଥିଲେ। ମଙ୍ଗଳବାର ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଜିମ୍‌ଖାନା ଓ ୱାଇସିସି-ଏ ଦଳ ମଧ୍ୟରେ ଖେଳାଯିବ ବୋଲି ଟ୍ରଷ୍ଟି ଶୁଭେନ୍ଦୁ ଧଳ ସୂଚନା ଦେଇଛନ୍ତି।

# ଗଳାବାଟରେ ଖସିଯାଉଛନ୍ତି ଅଭିଯୁକ୍ତ

**ଷ୍ଟିଲ ସିଟିରେ ବଢୁଛି ଆପରାଧିକ କାର୍ଯ୍ୟ**

**ରାଉରକେଲା,୧୩।୧(ସଙ୍ଗୀତା ଜେନା)**

ଓଡ଼ିଶା ସୀମାବର୍ତ୍ତୀ ଅଞ୍ଚଳ ରାଉରକେଲାରେ ଦିନକୁ ଦିନ ଆପରାଧିକ କାର୍ଯ୍ୟ ବୃଦ୍ଧି ପାଉଛି। ଗତ ୬ ମାସ ମଧ୍ୟରେ ସହରରେ ବଢ଼ଉଥିବା ଡକାୟତି, ନିଶା କାରବାର, ମାଓବାଦୀ କାରବାର ତଥା ବିଭିନ୍ନ ଆପରାଧିକ କାଣ୍ଡ ଘଟିଛି। ଏଥିରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ମଧ୍ୟ ସେପରି ଆଖିଦୃଶିଆ ସଫଳତା ପାଉନାହିଁ। ରାଉରକେଲା ସହରରେ ଘଟୁଥିବା ଆପରାଧିକ କାର୍ଯ୍ୟକଳାପରେ ଗଢ଼ିଉଠିଥିବା ବସ୍ତିଗୁଡ଼ିକର ଭୂମିକା ରହୁଛି। ଉକ୍ତ ବସ୍ତିରେ ସୀମାବର୍ତ୍ତୀ ରାଜ୍ୟରୁ ଅପରାଧୀମାନେ ଆସି ରହୁଛନ୍ତି ଏବଂ ଏଠାରେ ଆପରାଧିକ କାର୍ଯ୍ୟ କରି ଗିରଫ ହେବା ପୂର୍ବରୁ ଅନ୍ୟ ରାଜ୍ୟକୁ ଅନାୟାସରେ ଫେରାର ହୋଇଯାଉଛନ୍ତି। ଆନ୍ତଃରାଜ୍ୟ ଯାଞ୍ଚ ହେଉ ନ ଥିବା ଯୋଗୁ ଏପରି ଘଟଣା ବଢ଼ୁଥିବା ଅଭିଯୋଗ ହୋଇଛି। ବସ୍ତିଗୁଡ଼ିକରେ ବିଭିନ୍ନ ସମୟରେ ଯାଞ୍ଚ ମଧ୍ୟ କରାଯାଉନାହିଁ। ଫଳରେ ଅପରାଧ ନିୟନ୍ତ୍ରଣରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ବ୍ରାହ୍ମଣୀତରଙ୍ଗ ଥାନା ଅଞ୍ଚଳରେ ଗତ ୬ ମାସରେ ଘଟିଥିବା ଏକାଧିକ ଡକାୟତି ମାମଲାର ସୁରାକ ପୋଲିସ ପାଇପାରିନାହିଁ। ଚର୍ଚ୍ଚରେ ଦୁଇ ଧର୍ମପ୍ରଚାରକଙ୍କୁ ବାନ୍ଧି ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟ୍ ସହ ସେହିବର୍ଷ ରାଜଗାଙ୍ଗପୁର, କୁଆଁରମୁଣ୍ଡା ସମେତ ବିଭିନ୍ନ ସ୍ଥାନରେ ଡକାୟତି ଉଦ୍ୟମ ହୋଇଥିଲା। ସେଥିରେ ଏପର୍ଯ୍ୟନ୍ତ କେହି ଗିରଫ ହୋଇନାହାନ୍ତି। ସେହିପରି ଚଳିତ ମାସରେ ବେଦବ୍ୟାସ, ବେଲଡିହିରେ ଥିବା କାର୍ ଶୋରୁମରେ ଡକାୟତି ମାମଲାରେ ଏପର୍ଯ୍ୟନ୍ତ ପୋଲିସ ହାତ ଖାଲି ରହିଛି। ରାଉରକେଲା ଏସ୍‌ପିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଏଥିପାଇଁ ଗଠନ କରାଯାଇଥିଲେ ମଧ୍ୟ ସେଭଳି ସୁଫଳ ମିଳିନାହିଁ। ସେହିପରି ବିଶ୍ରା ଥାନା ଅଞ୍ଚଳର ଜଣେ ପରିବା ବେପାରୀ ଗାଡ଼ିସହ ନିଖୋଜ ହୋଇଯାଇଥିଲେ। ପରେ ଉକ୍ତ ବେପାରୀଙ୍କ ମୃତଦେହ ଜରଇକେଲା ଅଞ୍ଚଳରୁ ମିଳିଥିଲା। ଘଟଣାକୁ ଏକ ବର୍ଷରୁ ଉର୍ଦ୍ଧ୍ୱ ହୋଇଯାଇଥିଲେ ମଧ୍ୟ ପୋଲିସ ବର୍ତ୍ତମାନ ସୁଦ୍ଧା କାହାକୁ ଗିରଫ କରିପାରିନାହିଁ। ଅନୁରୂପ ଭାବେ ସେକ୍ଟର-୩ ଅଞ୍ଚଳରେ ଦେଶୀବନ୍ଧୁକ ଓ ଗୁଳି ଧରାପଡ଼ିଥିଲା। ଏଥିରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ଅବୈଧ ହତିଆର ବେପାରୀ କୁଆଡେ ଖସିଯାଇଥିବା ଆଲୋଚନା ହେଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଝାଡ଼ଖଣ୍ଡ ଓ ଅନ୍ୟ ରାଜ୍ୟର କିଛି ଆପରାଧିକ ଗୋଷ୍ଠୀ ଏପରି କାଣ୍ଡ ଘଟାଇ ଫେରାର ହୋଇଯାଉଛନ୍ତି। ଏମାନଙ୍କୁ ନିୟନ୍ତ୍ରଣ କରିବା ପୋଲିସ ପକ୍ଷେ କାଠିକର ପାଠ ହେଉଛି। କ୍ରମବର୍ଦ୍ଧିଷ୍ଣୁ ଅପରାଧ ନିୟନ୍ତ୍ରଣ ପାଇଁ ପୋଲିସ ଜିଲା ପକ୍ଷରୁ ବ୍ୟାପକ ତଲାସୀ କରାଯାଉଛି। ଏହାବ୍ୟତୀତ ପେଶାଦାର ଓ ଦୁର୍ଦ୍ଧର୍ଷ ଅପରାଧୀମାନେ ପୋଲିସକୁ ଚକ୍‌ମା ଦେଇ ଖସିଯିବାରେ ସଫଳ ହେଉଛନ୍ତି। ଏହି ସମସ୍ୟାର ମୁକାବିଲା ପାଇଁ ଅପରେଶନ ସୁରକ୍ଷା ନାମରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଏପର୍ଯ୍ୟନ୍ତ ମାତ୍ର ୧୩୪୦ ଜଣ ଅଭ୍ୟାସଗତ ଅପରାଧୀଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ୬୦ଜଣଙ୍କ ଡିଜିଟାଲ ପ୍ରୋଫାଇଲ ତିଆରି କରାଯାଇଛି। ଯାହାକି ଆନ୍ତଃରାଜ୍ୟ ଅପରାଧ ନିୟନ୍ତ୍ରଣ ପାଇଁ ପର୍ଯ୍ୟାପ୍ତ ନୁହେଁ ବୋଲି କୁହାଯାଉଛି। ଏ ସମ୍ପର୍କରେ ସୀମାବର୍ତ୍ତୀ ବିଶ୍ରା ଓ ଟାଙ୍ଗରପାଲି ଆଦି ଥାନାର ଦାୟିତ୍ୱରେ ଥିବା ଡିଏସ୍‌ପି ନିର୍ମଳ ଚନ୍ଦ୍ର ମହାପାତ୍ରଙ୍କୁ ପଚରାଯିବାରୁ ସେ କହିଲେ, ଆନ୍ତଃରାଜ୍ୟ ଅପରାଧ ଠାବ କରିବା ପାଇଁ ଝାଡ଼ଖଣ୍ଡ ପୋଲିସର ବିଶେଷ ସହଯୋଗ ମିଳୁଛି। ଅପରାଧ ପରେ ଶୀଘ୍ର କ୍ରିୟା ବିଳମ୍ବରେ ଅପରାଧୀମାନେ ଧରାପଡୁଛନ୍ତି। ନିକଟରେ ଝାଡ଼ଖଣ୍ଡରୁ ଚୋରି ସୁନା ଗ୍ୟାଙ୍ଗ ଧରାଯାଇଥିଲେ। ସେହିପରି ଛତିଶଗଡ଼ କୋରବା ଅଞ୍ଚଳରେ ମଧ୍ୟ ଚୋରି ସୁନା ସହ ଅଭିଯୁକ୍ତ ଧରାପଡ଼ିଥିଲେ। ଆନ୍ତଃରାଜ୍ୟ ଧରପଗଡ଼ ହେଉନାହିଁ। ଫଳରେ ଅପରାଧୀମାନେ ଉଭୟ ରାଜ୍ୟ ମଧ୍ୟରେ ଥିବା ଗଳାବାଟ ଦେଇ ଫେରାର ହୋଇଯାଉଛନ୍ତି ବୋଲି ଡିଏସ୍‌ପି ମହାପାତ୍ର କହିଥିଲେ।

## ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ



କାର୍ଯ୍ୟକ୍ରମରେ ଉପସ୍ଥିତ ମଞ୍ଚର କର୍ମକର୍ତ୍ତାଗଣ।

**ରାଉରକେଲା,୧୩।୧(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସେକ୍ଟର-୩ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଥିବା ଖଡ୍ଡ ଭବନରେ ସଚେତନ ନାଗରିକ ମଞ୍ଚର ଆଗାମୀ ବାର୍ଷିକୋତ୍ସବ ପ୍ରସ୍ତୁତି ଓ ସ୍ୱାମୀ ବିବେକାନନ୍ଦଙ୍କ ୧୬୨ତମ ଜୟନ୍ତୀ ପାଳନ କରାଯାଇଛି। ମଞ୍ଚର ସଭାପତି ଇଂ. ବିମଳ କୁମାର ବିଶିଙ୍କ ସଭାପତିତ୍ୱ ଓ ସାଧାରଣ ସମ୍ପାଦକ ପି. ପି. ରାୟଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଦସ୍ୟମାନେ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ସମସ୍ତଙ୍କ ମଧ୍ୟରେ ମାନବୀୟ ମୂଲ୍ୟବୋଧ, ଭାଇଚାରା ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରି ଦେଶକୁ ଆଗେଇ ନେବାରେ ବ୍ରତୀ ରହିଲେ ଏକ ସୁସ୍ଥ ସୁନ୍ଦର ସମାଜ ଗଠନ ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା। ପରେ ଆଗାମୀ ଫେବୃଆରି ୯ ତାରିଖରେ ହେବାକୁ ଥିବା ମଞ୍ଚର ୧୧ତମ ବାର୍ଷିକୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କାର୍ଯ୍ୟକାରୀ ସଭାପତି ଜଗବନ୍ଧୁ ଜେନା, ଉପେନ୍ଦ୍ର କୁମାର ନାୟକ, ବୈଦ୍ୟନାଥ ଦାସ, ଶଶଧର ପାତ୍ର, ଜଗଦୀଶ ମାଝୀ, ବିଜୟ ଚନ୍ଦ୍ର ଆଚାର୍ଯ୍ୟ, ସସ୍ମିତା ପ୍ରଧାନ, ଡା. ବସନ୍ତ କୁମାର ଦାସ, ସୁବ୍ରତ ମଲ୍ଲିକ, ଜଗନ୍ନାଥ ରାଉତ, ରମେଶ ଚନ୍ଦ୍ର ସେଠୀ, କୁଞ୍ଜବିହାରୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ରାଷ୍ଟ୍ରଭାଷା ପ୍ରଚାରକୁ ତ୍ୱରାନ୍ୱିତ ପାଇଁ ପଦକ୍ଷେପ



କାର୍ଯ୍ୟକ୍ରମରେ ଉପସ୍ଥିତ କାର୍ଯ୍ୟକର୍ତ୍ତାଗଣ।

**ରାଉରକେଲା,୧୩।୧(ବିପ୍ଳବ ରଞ୍ଜନ ଦାଶ)**

**ରାଷ୍ଟ୍ରଭାଷା ପ୍ରଚାର ଓ ବିକାଶ ସଂସ୍ଥାନର କାର୍ଯ୍ୟକାରିଣୀ ବୈଠକ**

ରାଷ୍ଟ୍ରଭାଷା ପ୍ରଚାର ଓ ବିକାଶ ସଂସ୍ଥାନ ରାଉରକେଲାର କାର୍ଯ୍ୟକାରିଣୀ ବୈଠକ ସେକ୍ଟର-୬ ସ୍ଥିତ ସଂସ୍ଥାନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟ ପରାମର୍ଶଦାତା ଓ ସେବାନିବୃତ୍ତ ମହାପ୍ରବନ୍ଧକ ଭାରପ୍ରାପ୍ତ ପି.କେ. ବିନ୍ଧାଣୀ ନବନିର୍ବାଚିତ ସଭାପତି ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଶିଳ୍ପପତି କମଲ ଅଗ୍ରୱାଲ ଓ ରାଉରକେଲା ଚାମ୍ବର ଅଫ୍ କମର୍ସର ପୂର୍ବତନ ସଭାପତି ସୁନିଲ୍ କାୟଲ ଟ୍ରଷ୍ଟି ତଥା ପୃଷ୍ଠପୋଷକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ରାଷ୍ଟ୍ରଭାଷା ପ୍ରଚାର ଓ ପ୍ରସାରକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଆଗାମୀ ହିନ୍ଦୀ ଦିବସ ପୂର୍ବରୁ ସବ୍ ଜୁନିୟର, ଜୁନିୟର ଓ ସିନିୟର ଗ୍ରୁପ୍ କରି ବିଭିନ୍ନ ପ୍ରତିଯୋଗିତା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସଭାପତି, ଟ୍ରଷ୍ଟି ରାଷ୍ଟ୍ରଭାଷା ପ୍ରଚାର ପ୍ରସାରକୁ ତ୍ୱରାନ୍ୱିତ କରିବା ପାଇଁ ମତାମତ ରଖିଥିଲେ। ପ୍ରାରମ୍ଭରେ ସଂସ୍ଥାନର ମ୍ୟାନେଜିଙ୍ଗ ଟ୍ରଷ୍ଟି ତଥା ସମ୍ପାଦକ ଡ. ଜଗନ୍ନାଥ ଦାଶ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଉପ ସଭାପତି ପ୍ରଭାତ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ବିନୀତା ବିନ୍ଧାଣୀ, ରଶ୍ମି ଦାଶ, ଶରତ ଚନ୍ଦ୍ର ପଣ୍ଡା, ସୁଦର୍ଶନ ପ୍ରସାଦ, ମଙ୍ଗଳ ସିଙ୍ଗ, ସୁଶ୍ରୀ ସୁସ୍ମିତା ପାଲ୍, ପ୍ରବୀର କୁମାର ଦୁବେ ପ୍ରମୁଖ ଯୋଗଦାନ କରିଥିଲେ।

## ମଧୁବୈଶ୍ୟ ସମାଜର ବୈଠକ

**ରାଉରକେଲା,୧୩।୧(ଦିନେଶ ମିଶ୍ର):** ଶକ୍ତିନଗର ସ୍ଥିତ ମଧୁବୈଶ୍ୟ ସମାଜ କାର୍ଯ୍ୟାଳୟ ପରିସରରେ ସଭାପତି ନକୁଳ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମଧୁବୈଶ୍ୟ ସମାଜର କର୍ମକର୍ତ୍ତା ଉପସ୍ଥିତ ରହି ମାର୍ଚ୍ଚ ୯ରେ ହେବାକୁ ଥିବା ବାର୍ଷିକୋତ୍ସବ ପ୍ରସ୍ତୁତିକୁ ନେଇ ଆଲୋଚନା କରିଥିଲେ। ଏହି ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଆସନ୍ତା ଫେବୃଆରୀ ୯ ତାରିଖରେ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବାର୍ଷିକ ଉତ୍ସବ ପରିଚାଳନା କରିବା ପାଇଁ ଅନ୍ତର୍ଯାମୀ ସାହୁ, କାଶିନାଥ ସାହୁ, ଚନ୍ଦ୍ରକାନ୍ତ ସାହୁ, ତ୍ରିଲୋଚନ ପୃଷ୍ଟି, ପ୍ରଦୀପ୍ତ କୁମାର ସାହୁ, ଦ୍ୱୀତିକୃଷ୍ଣ ସାହୁ, ଅଶୋକ କୁମାର ସାହୁ, ନରେନ୍ଦ୍ର କୁମାର ସାହୁ, ଅମରେନ୍ଦ୍ର ସାହୁ, ବିପିନି ବିହାରୀ ସାହୁଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି।

## ଗୀତା ଭାଗବତ ସତ୍‌ସଙ୍ଗ ଉଦ୍‌ଯାପିତ

**ରାଉରକେଲା,୧୩।୧(ଦିନେଶ ମିଶ୍ର):** ରାଉରକେଲାସ୍ଥିତ ଡୁମରନ୍ ବସ୍ତିରେ ମଙ୍ଗଳବାର ଗୀତା ଭାଗବତ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସନ୍ଥଶ୍ରୀ ଆଶାରାମଜୀ ବାପୁଙ୍କ ଶିଷ୍ୟା ସ୍ୱାଧ୍ୱୀ ଅମୂଲ୍ୟ ଉଡଣୀଙ୍କ ତତ୍ତ୍ୱାବଧାନରେ ଶ୍ରୀଯୋଗ ବେଦାନ୍ତ ସେବା ସମିତି ରାଉରକେଲା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କ ସହ ପୂଜ୍ୟଶ୍ରୀଙ୍କ ସାଧିକା ସାଧକମାନେ ଯୋଗଦାନ କରିଥିଲେ। ସମୀର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଗ୍ରାମବାସୀଙ୍କୁ କମ୍ବଳ ବିତରଣ କରାଯାଇଥିଲା। ଶ୍ରୀଯୋଗ ବେଦାନ୍ତ ସମିତିର ବରିଷ୍ଠ ସଦସ୍ୟ ରାମେଶ୍ୱର ଦାଶ, ବିଶ୍ୱଜିତ ସରକାର, ସରସ୍ୱତୀ ଜେନା, ବନାରସି ପ୍ରସାଦ, ପ୍ରୀତି ବିଶ୍ୱକର୍ମା, ପର୍ଶୁରାମ ବଡାଇକ, ମଦିରା ମିଶ୍ର, ସୁରେନ୍ଦ୍ର ଅଗ୍ରୱାଲ, ସରୋଜ ଷଡଙ୍ଗୀ, ଗୋବିନ୍ଦ ମାଝୀ ପ୍ରମୁଖ ସହଯୋଗ କରିଥିଲେ।

## ବିଦ୍ୟୁତ୍ କଲୋନୀ ସ୍କୁଲରେ ୨୫ ଲକ୍ଷ ଟଙ୍କାରେ ନିର୍ମାଣ ହେବ ଶ୍ରେଣୀଗୃହ





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

**ରାଉରକେଲା,୧୩।୧(ବିପ୍ଳବ ରଞ୍ଜନ ଦାଶ)**

ସେବା ଭିତ୍ତିକ ସଙ୍ଗଠନ ରାଉଣ୍ଡ ଟେବୁଲ ଇଣ୍ଡିଆ ପକ୍ଷରୁ ରାଉରକେଲା ବିଦ୍ୟୁତ୍ କଲୋନୀ ବିଦ୍ୟାଳୟରେ ପିଲାମାନଙ୍କ ସୁବିଧା ପାଇଁ ଏକ ଚାରି କୋଠରୀ ବିଶିଷ୍ଟ ଶ୍ରେଣୀଗୃହ ନିର୍ମାଣ କରାଯିବ। ଏଥିପାଇଁ ସଙ୍ଗଠନର ଜାତୀୟ ସଭାପତି ଚୈତନ୍ୟ ଦେବ ସିଂ ସୋମବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହାର ନିର୍ମାଣ ପାଇଁ ୨୫ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏହି ବିଦ୍ୟାଳୟକୁ ରାଉଣ୍ଡ ଟେବୁଲ୍, ଲେଡିଜ୍ ସର୍କଲ୍ ଦ୍ୱାରା ପୋଷ୍ୟ ଭାବେ ଗ୍ରହଣ କରାଯାଇଛି। ଏହି ଅବସରରେ ସ୍କୁଲ ପିଲାମାନଙ୍କୁ ବ୍ୟାଡମିଣ୍ଟନ, ଭଲିବଲ, କ୍ୟାରମ୍ ବୋର୍ଡ ସମେତ ଅନ୍ୟାନ୍ୟ କ୍ରୀଡା ସାମଗ୍ରୀ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସିଂ କହିଥିଲେ, ଫ୍ରିଡମ୍ ଥ୍ରୋ ଶିକ୍ଷା କାର୍ଯ୍ୟକ୍ରମ ଅଧୀନରେ ସଙ୍ଗଠନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଏହା ଅଧୀନରେ ବିଦ୍ୟାଳୟଗୁଡ଼ିକରେ ୬ଟି କୋଠରୀ, ୨ଟି ସ୍ମାର୍ଟ କ୍ଲାସ୍ ରୁମ୍ ନିର୍ମାଣ କରାଯାଇଛି। ରାଉଣ୍ଡ ଟେବୁଲ୍ ସମଗ୍ର ଦେଶର ୩୬୦୦ଟି ବିଦ୍ୟାଳୟରେ ୯୨୦୦ ଶ୍ରେଣୀଗୃହ ତିଆରି କରିଛି। ଚଳିତ ବର୍ଷ ଏହାକୁ ୧୦ହଜାରକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ୧୩୮ଟି ସହରରେ ୩୩୬ ଅଧ୍ୟାୟରେ ଏହି କାର୍ଯ୍ୟ କରାଯାଉଛି। ରାଉରକେଲାରୁ ଭୁବନେଶ୍ୱର ଏବଂ ଝାରସୁଗୁଡା ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ ମାଗଣା ବିମାନ ଯାତ୍ରା ଯୋଗାଇ ଦିଆଯାଉଛି। ଗରିବ ମହିଳାଙ୍କୁ ରୋଜଗାର ଯୋଗାଇବା ପାଇଁ ସିଲେଇ ମେଶିନ, ଛାତ୍ରମାନଙ୍କ ପାଇଁ କ୍ରୀଡ଼ା ସାମଗ୍ରୀ ସମେତ ବିଭିନ୍ନ ପ୍ରକାରର ସହାୟତା ଯୋଗାଇ ଦିଆଯାଉଛି। ଲେଡିଜ୍ ସର୍କଲ୍ ଅଫ୍ ଇଣ୍ଡିଆର ସଭାପତି ମନୀଷା ତୁଲସିଆନ୍, ଜାତୀୟ ପ୍ରକଳ୍ପ ଅଧକ୍ଷ ଆଶୁଶି ଲେଙ୍କା, ରାଉରକେଲା ଅଧ୍ୟାୟ ସଭାପତି ରୋହିତ ଖଣ୍ଡେଲୱାଲ, ରାଉଣ୍ଡ ଟେବୁଲ ଏରିଆ-୧୬ର କାଶୀଶ ବ୍ୟାସ, ରାଉଣ୍ଡ ଟେବୁଲ ୧୯୪ର ଚେୟାରମ୍ୟାନ୍ ରୋହିତ ବନସାଲଙ୍କ ସମେତ ଅନ୍ୟ ସଦସ୍ୟ ଏଥିରେ ସାମିଲ ହୋଇଥିଲେ।

# ୨୨ରେ ସହର ପରିକ୍ରମା କରିବ ସର୍ବବୃହତ୍ ଲଡୁ

**ରାଉରକେଲା,୧୩।୧(ଦିନେଶ ମିଶ୍ର)**

ରାଉରକେଲା ମେଫେୟାର ହକି ଭିଲେଜ୍ ପରିସରରେ ସ୍ମାଇଲ ଫର ଏଭର ଓ ସନାତନ ଜାଗରଣ ମଞ୍ଚ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ରବିବାର ଟ୍ରଷ୍ଟି ହରିହର ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ମାଇଲ ଫର ଏଭରର ସଭାପତି ସନ୍ତୋଷ କୁମାର ବିଶ୍ୱାଳ ଯୋଗଦେଇ କହିଥିଲେ, ଆସନ୍ତା ୨୨ ତାରିଖରେ ଅଯୋଧ୍ୟା ରାମ ମନ୍ଦିରର ପ୍ରତିଷ୍ଠା ଦିବସ ପାଳନ ଅବସରରେ ସନାତନ ଜାଗରଣ ମଞ୍ଚ ପକ୍ଷରୁ ବିଶ୍ୱର ସର୍ବବୃହତ୍ ଲଡୁ ନିର୍ମାଣ କରାଯାଇ ମେଫେୟାର ହକି ଭିଲେଜରୁ ବାହାରି ହନୁମାନ ବାଟିକା ପର୍ଯ୍ୟନ୍ତ ଯିବ। ସେଠାରେ ପୂଜାର୍ଚ୍ଚନା ପରେ ପୁଣି ଲୁଡୁଟି ସହର ପରିକ୍ରମା କରି ସେକ୍ଟର-୮ ସ୍ଥିତ ସାଇ ମନ୍ଦିରରେ ପହଞ୍ଚିବ। ଏହି ଲଡୁ ୨୨ ହଜାର କେଜିରୁ ଊର୍ଦ୍ଧ୍ୱ ହେବ ବୋଲି ବିଶ୍ୱାଳ କହିଥିଲେ। ଏଥିପାଇଁ ସ୍ୱତନ୍ତ୍ର କଣ୍ଟେନର ବ୍ୟବସ୍ଥା କରାଯାଇଛି। ପରେ ବିଭିନ୍ନ ସ୍କୁଲ ଓ ଅଙ୍ଗନୱାଡି କର୍ମୀଙ୍କ ସହ ସହରବାସୀଙ୍କୁ ଉକ୍ତ ଲଡୁକୁ ପ୍ରସାଦ ରୂପେ ବିତରଣ କରାଯିବ। ଏହି ଲଡୁକୁ କାରିଗର ମୁରଲିଧର ମିଶ୍ରଙ୍କ ସମେତ ୨୭ ଜଣ ମିଠା କାରିଗର ନିର୍ମାଣ କାର୍ଯ୍ୟରେ ଲାଗିଛନ୍ତି। ଆସନ୍ତା ୨୧ ତାରିଖ ସନ୍ଧ୍ୟା ସୁଦ୍ଧା ଏହି ବିଶାଳ ଲଡୁ ନିର୍ମାଣ ଶେଷ ହେବ ବୋଲି ସୂଚନା ଦିଆଯାଇଥିଲା। ଖବରଦାତା ସମ୍ମିଳନୀରେ ମୋନାଲିସା ଲାକ୍ରା, ମୁରଲୀଧର ମିଶ୍ର, ଅଜୟ ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରେନ୍‌ରେ କଟି କର୍ମଚାରୀ ମୃତ

**ରାଉରକେଲା,୧୩।୧(ସଙ୍ଗୀତା ଜେନା)**

ରାଉରକେଲା ଜିଆର୍‌ପି ଥାନା ଅନ୍ତର୍ଗତ ବୁରୁଟୋଲା ନିକଟରେ ରବିବାର ରାତିରେ ଏକ ଅଜଣା ଟ୍ରେନ ଧକ୍କାରେ ଜଣେ ସ୍ପଞ୍ଜ କାରଖାନା କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗିତସିଂହ ଚୌହାନ(୨୩)। ସେ ବଜରଙ୍ଗ ଷ୍ଟିଲରେ କାମ କରୁଥିଲେ। ସେ ଘରକୁ ଫେରୁଥିବା ବେଳେ ଏପରି ଅଘଟଣ ହୋଇଥିଲା। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୬/୨୫) ରୁଜୁ କରି ବ୍ୟବଚ୍ଛେଦ ପରେ ସୋମବାର ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରିଛି।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ରାଉରକେଲା,୧୩।୧(ଦିନେଶ ମିଶ୍ର)**

ରାଉରକେଲା ଜଗଦାସ୍ଥିତ ନୀଳଶୈଳ ମହାବିଦ୍ୟାଳୟ ପରିସରରେ ଆତ୍ମରକ୍ଷା ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଶ୍ରୀକାନ୍ତ କୁମାର ଷଡଙ୍ଗୀ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। କିଭଳି ଛାତ୍ରୀମାନେ ସ୍ୱୟଂ ସୁରକ୍ଷିତ ରହିବେ ତାର ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯିବ ବୋଲି ଅତିଥି ଷଡଙ୍ଗୀ ସୂଚନା ଦେଇଥିଲେ। ଦୀର୍ଘ ୮ ଦିନ ଧରି ଏହି ଶିବିରରେ ମହାବିଦ୍ୟାଳୟର ୨୦୫ ଜଣ ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉକ୍ତ ଛାତ୍ରୀମାନଙ୍କୁ ୬ଟି ଦଳରେ ବିଭକ୍ତ କରାଯାଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି ଶିବିରରେ ମାଷ୍ଟର ଟ୍ରେନର ନିକି କୁସ୍ୱାହା, ଜୟା ସିଂ, ଦୁଲାରୀ ମୁଣ୍ଡାରୀ ଯୋଗଦେଇ ଛାତ୍ରୀମାନଙ୍କୁ ବିଭିନ୍ନ ଆତ୍ମରକ୍ଷା କୌଶଳ ଶିଖାଇଥିଲେ। ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସୁଶାନ୍ତ କୁମାର ଶତପଥୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଡ. ସୁନମକ ସାହୁ, ଅର୍ଚ୍ଚନା ଭୋଇ, ମନୀଷା ଦାଶ ପ୍ରମୁଖ ସହଯୋଗ କରିଥିଲେ।



ଶିବିରରେ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତାଲିମ ପ୍ରଦାନ କରାଯାଉଛି।

# ସବୁଜ ସୁନ୍ଦର ରାଉରକେଲା ଗଠନ ପାଇଁ ଆହ୍ୱାନ

**ରାଉରକେଲା,୧୩।୧(ବିପ୍ଳବ ରଞ୍ଜନ ଦାଶ)**



ବାର୍ଷିକୋତ୍ସବ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ୟୁଥ୍ ହଷ୍ଟେଲର ୫୬ତମ ବାର୍ଷିକୋତ୍ସବ**

ସ୍ୱାମୀ ବିବେକାନନ୍ଦଙ୍କ ୧୬୨ତମ ଜୟନ୍ତୀ ଅବସରରେ ୟୁଥ୍ ହଷ୍ଟେଲ ଅଫ୍ ଇଣ୍ଡିଆ ରାଉରକେଲାର ୪୬ତମ ବାର୍ଷିକୋତ୍ସବ ତଥା ଅନୁଷ୍ଠାନର ସର୍ବଭାରତୀୟ ସ୍ତରରେ ୭୫ତମ ବାର୍ଷିକୋତ୍ସବ ସ୍ଥାନୀୟ ସିଭିକ ସେଣ୍ଟର୍‌ରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପ୍ରତାପ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ମୁଖ୍ୟ ଅତିଥି, ଆରଏସ୍‌ପିର ପ୍ରୋଜେକ୍ଟ ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ଅନୁଷ୍ଠାନର ରାଜ୍ୟ ଅଧକ୍ଷ ପଦ୍ମନାଭ ଡାଭେ, ରାଉରକେଲା ୟୁନିଟ୍ ଅଧକ୍ଷ ବୁଦ୍ଧଦେବ ବାସୁ, ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ରାଓ କହିଥିଲେ, ପ୍ରଦୂଷଣ ରୋକିବା ସହ ଏକ ସୁସ୍ଥ ସୁନ୍ଦର ସବୁଜ ରାଉରକେଲା ଗଠନ ପାଇଁ ଯୁବ ସମାଜ ଆଗେଇ ଆସିବା ଉଚିତ। ଯେହେତୁ ୟୁଥ୍ ହଷ୍ଟେଲ ଯୁବ ସମାଜ ପାଇଁ ପ୍ରେରଣାର ଉତ୍ସ ପାଲଟିଛି ସେଥିପାଇଁ ଆବଶ୍ୟକ ହେଲେ ୟୁଥ୍ ହଷ୍ଟେଲର ଯୁବ ସଦସ୍ୟମାନେ ଏକ ସଚେତନତା ରାଲି କରିବା ଆବଶ୍ୟକ ବୋଲି ମତ ରଖିଥିଲେ। ଅନ୍ୟ ଅତିଥିମାନେ ଅନୁଷ୍ଠାନର କର୍ମ ପ୍ରତିବଦ୍ଧତା, କାର୍ଯ୍ୟକ୍ରମ, ସମାଜସେବା ଅନ୍ୟମାନଙ୍କ ପାଇଁ ଉଦାହରଣ ଓ ପ୍ରେରଣାଦାୟୀ ବୋଲିମତ ରଖିଥିଲେ। ଏହି ଅବସରରେ ଆଇନଜୀବୀ ପାଠ୍ୟକ୍ରମରେ ସର୍ବଭାରତୀୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସୁଶ୍ରୀ ଅରୁଣିମା ଠାକୁର, ବୟସ୍କା ଦୌଡ଼ ପ୍ରତିଯୋଗୀ ଉର୍ମିଳା ଦାସ ଓ ରକ୍ତଦାତା ନରେନ୍ଦ୍ର ସିଂ କଲ୍ଲାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସାଧାରଣ ସମ୍ପାଦକ ନିରଞ୍ଜନ ବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅନିଲ ମଲ୍ଲିକ ସଂଯୋଜନା କରିଥିଲେ। ଉପସଭାପତି ଅମିତାଭ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ସ୍ମରଣିକା ଉନ୍ମୋଚିତ ହୋଇଥିଲା। ସେହିପରି ଗଣେଶ ବନ୍ଦନା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ପ୍ରାକ୍ତନ ସଭାପତି ଭାରତ ଭୂଷଣ ମହାନ୍ତି, ଇଂ. ବିମଳ କୁମାର ବିଶି, କାର୍ଯ୍ୟକାରୀ ସମ୍ପାଦକ ସରୋଜ କୁମାର ପଟ୍ଟନାୟକ, ନୀଳମଣି ମହାପାତ୍ର, ଦେବାଶିଷ ମହାନ୍ତି, ମଣ୍ଟୁ ସାଓ, ଏସ୍. ଏନ୍. ଲେଙ୍କା, ପି. ସି. ମିଶ୍ର, ସମରକାନ୍ତ ମଲ୍ଲିକ, ଉପେନ୍ଦ୍ର ସ୍ୱାଇଁ, ପ୍ରଦୀପ ମହାନ୍ତି, କାପ୍ରା ହାଁସଦା, କାମିନୀ ମହନ୍ତ, ଶ୍ରଦ୍ଧାଶ୍ରୀ ପଟ୍ଟନାୟକ, ସୁପ୍ରିୟା ସମାସୀ, ଲୁସି ଦାଶ, ଇନ୍ଦିରା ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ରେଳଷ୍ଟେଶନରୁ ଗଞ୍ଜେଇ ଜବତ, ୨ ଗିରଫ

ଟିଟିଲାଗଡ଼,୧୩।୧ (ଶରତ ମିଶ୍ର)

ଟିଟିଲାଗଡ଼ ରେଳ ଜଙ୍କସନର ପ୍ଲାଟଫର୍ମ ନମ୍ବର- ୨ରୁ ରବିବାର ୧୭ କିଲୋ ୩୪୦ଗ୍ରାମ ଗଞ୍ଜେଇ ଜବତ ହେବା ସହ ୨ ଜଣ ଗିରଫ ହୋଇଛନ୍ତି । ଟିଟିଲାଗଡ଼ ଆରପିଏଫ ଅଧିକାରୀ ଭଗବାନ ପୁନିଆ, ଅବକାରୀ ଅଧିକାରୀ ଆଶିଷ ବେହେରା, ଏଏସଆଇ ଭୃଗୁପତି ଦିଆଲ, କୁମୁଦିନୀ ମଲ୍ଲିକ ପ୍ରମୁଖଙ୍କୁ ନେଇ ଏକ ମିଳିତ ଦଳ ଚଢ଼ାଉ କରିଥିଲା । ଏହି ଗଞ୍ଜେଇ ଏକ ଟ୍ରଲି ବ୍ୟାଗରେ ଭର୍ତ୍ତି ହୋଇଥିଲା । କଳାହାଣ୍ଡି ଜିଲା ନର୍ଲା ଅଞ୍ଚଳରୁ ଅଣାଯାଇଥିବା ଗଞ୍ଜେଇ ୨୭ଟି ପ୍ୟାକେଟରେ ଥିଲା । ପୁରୀ ଦୁର୍ଗ ଇଣ୍ଟରସିଟି ଏକ୍ସପ୍ରେସ ଯୋଗେ ଏହାକୁ ଛତିଶଗଡର ରାୟପୁରକୁ ଚାଲାଣ ପାଇଁ ଯୋଜନା ରହିଥିବା ଅବକାରୀ ଅଧିକାରୀ କହିଛନ୍ତି । ଏନେଇ ମଧ୍ୟପ୍ରଦେଶର ମଉଗଞ୍ଜ ଥାନା ଅଞ୍ଚଳ ପଦର ଗ୍ରାମର ଅଭିନୟ ସାକେତ ଏବଂ ବିଜୟ ପଟେଲଙ୍କୁ ଗିରଫ କରିବା ସହ ଅବକାରୀ ବିଭାଗ କୋର୍ଟ ଚାଲାଣ କରିଛି ।

### ଖପ୍ରାଖୋଲ ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପିତ



ଖପ୍ରାଖୋଲ,୧୩।୧ (ଅଭୟ ତ୍ରିପାଠୀ)

ସ୍ଥାନୀୟ ଯାତ୍ରା ପଡ଼ିଆରେ ଆୟୋଜିତ ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ଶେଷ ରଜନୀରେ ବିଭିନ୍ନ କଥା ବସ୍ତୁ ଉପରେ ନାଟକ ମଞ୍ଚସ୍ଥ ହୋଇଥିଲା । ଶେଷ ଦିନରେ ରାଜଅତିଥି ତଥା ମୁଖ୍ୟ ଅତିଥି ଭାବେ ପାଟଣାଗଡ଼ ଉପ ଜିଲାପାଳ ସୁନୀଲ କୁମାର ମେହେର, ସମ୍ମାନିତ ଅତିଥି ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଥାନା ଅଧିକାରୀ ନରେନ୍ଦ୍ର ଛତର, ଆୟୋଜକ କମିଟି ସଭାପତି ବୁଲୁ ପଣ୍ଡା ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କୁବୁଜା ଉଦ୍ଧାର, ଚାଣୁର ମୁଷ୍ଟିକ ବଧ ଓ କଂସ ବଧ ସହିତ ଧନୁଯାତ୍ରା ଉଦ୍‌ଯାପିତ ହୋଇଥିଲା । ବରିଷ୍ଠ କଳାକାର ଆର୍ତ୍ତତ୍ରାଣ ସୁନାନି କଂସ ଭୂମିକାରେ ଅଭିନୟ କରିଥିଲେ । ଆୟୋଜକ କମିଟି ତରଫରୁ ରଞ୍ଜନ ସାହୁ, ବିନୋଦ ସାହୁ, ବାଦଲ ଦଣ୍ଡସେନା, ମୋହନ ଦଣ୍ଡସେନା, ଡୋଲାମଣି ସାଣ୍ଡ , ସୁରୁକୁନୁ ସାହୁ, ପୁରନ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

### ୱାଡି ଯୋଜନାରେ ଚାଷ ଉପକରଣ ବଣ୍ଟନ

କଣ୍ଟାବାଞ୍ଜି,୧୩।୧ (ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିସ୍ଥିତ ସଂଯୋଗ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ଚାଷୀମାନଙ୍କୁ ବିଭିନ୍ନ ଚାଷ ଉପକରଣ ବଣ୍ଟନ କରାଯାଇଛି । ରବିବାର ଦିନ ଜାତୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ ଦ୍ୱାରା ପରିଚାଳିତ ୱାଡି ଯୋଜନାରେ ବେଲପଡା ବ୍ଲକର ବେହେରାମୁଣ୍ଡା ଓ ଘାଗୁର୍ଲି ପଞ୍ଚାୟତର ୨୦ଟି ଉଦ୍ୟାନ ବିକାଶ ସମିତିକୁ ୨୦ଟି ସ୍ପ୍ରେଏର ସ୍ଥାନୀୟ ସରପଞ୍ଚ, ଜିଲା ପରିଷଦ ସଭ୍ୟ ଓ ନାବାର୍ଡର ଜିଲା ପ୍ରବନ୍ଧକଙ୍କ ଉପସ୍ଥିତିରେ ବଣ୍ଟନ କରାଯାଇଥିଲା । ଏଥିରେ ୪୦ରୁ ଉର୍ଦ୍ଧ୍ୱ ୱାଡି ଚାଷୀ ଅଂଶଗ୍ରହଣ କରି ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ । ପ୍ରକାଶ ଥାଉକି ନାବାର୍ଡ ଦ୍ୱାରା ଏହି ୱାଡି ଯୋଜନା ୨୦୧୯ ମସିହା ଠାରୁ ୪୦୦ ଆଦିବାସୀ ଚାଷୀ ପରିବାରକୁ ନେଇ କାର୍ଯ୍ୟକାରୀ କରାଯାଇଛି ।

# ସୁକ୍‌ତେଲ ନଦୀରୁ ଉଦ୍ଧାର ପଥର ଉପରେ ହେବ ଗବେଷଣା: ସଂସ୍କୃତି ମନ୍ତ୍ରୀ





ଲୋକ ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ଅତିଥି । ପୂର୍ବରୁ ସୁକତେଲ ନଦୀଗର୍ଭରୁ ଉଦ୍ଧାର ହୋଇଥିବା ପଥର ।

## ଲୋଇସିଂହା ମହୋତ୍ସବ

ଲୋଇସିଂହା,୧୩।୧ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଦୁର୍ଗାମଣ୍ଡପଠାରେ ଦୁଇଦିନ ଧରି ଲୋଇସିଂହା ମହୋତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି । ୨୦୨୦ ମସିହାରେ ଲୋଇସିଂହା ଥାନା ଗୋପାଳପୁର -ଛେଲବାହାଲ ନିକଟରେ ଯାଇଥିବା ସୁକତେଲ ନଦୀ ବାଲିମୁହାଣରୁ କାରୁକାର୍ଯ୍ୟ ପୂର୍ଣ୍ଣ କେତେକ ଶିଳାଖଣ୍ଡ (ପ୍ରସ୍ତର) ଆବିଷ୍କୃତ ହୋଇଥିଲା । ତାହା ମାଙ୍କଡା ପଥର ହୋଇଥିବା ବେଳେ ଏହାର ଗବେଷଣା ଆବଶ୍ୟକ ରହିଛି । ଏହାବାଦ ମହୋତ୍ସବ ମାଧ୍ୟମରେ ଶିକ୍ଷା, ସ୍ୱାସ୍ଥ୍ୟ ଓ କ୍ରୀଡାଠାରୁ ଆରମ୍ଭ କରି ଅଞ୍ଚଳର ବିକାଶ ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ଉଦ୍‌ଘାଟନୀ ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଆହ୍ୱାନ କରିଛନ୍ତି । ମହୋତ୍ସବ କମିଟି ସଭାପତି ବି. ନାଏକ ସଭାରେ ଅଧ୍ୟକ୍ଷତା କରିଥିଲେ । ଏଥିରେ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି, କ୍ରୀଡା, ସଂସ୍କୃତି ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ, ବଡସାହି ବିଧାୟକ ସନାତନ ବିଜୁଳି ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ମୁଖ୍ୟଅତିଥି ମହାଲିଙ୍ଗ ତାଙ୍କ ବକ୍ତବ୍ୟରେ ଅଞ୍ଚଳର ବିକାଶ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ସମ୍ମାନିତ ଅତିଥି ମନ୍ତ୍ରୀ ସୂର୍ଯ୍ୟବଂଶୀ ଆହୁରି କହିଥିଲେ, ଲୋଇସିଂହା ଓ ପୁଇଁତଲା ବ୍ଲକ ମଝିରେ ସୁକତେଲ ନଦୀ ବହିଯାଇଛି । ଏହି ନଦୀଗର୍ଭରୁ ଉଦ୍ଧାର ହୋଇଥିବା ପଥର ମାଙ୍କଡା ପଥର । ଏହି ଅଞ୍ଚଳରେ ସାଧାରଣତଃ ମାଙ୍କଡା ପଥରର ପ୍ରଚଳନ ନାହିଁ । ଖୋର୍ଦ୍ଧା, ନୟାଗଡ, ପୁରୀ, ଗଞ୍ଜାମରେ ମାଙ୍କଡା ପଥର ପ୍ରଚଳନ ଅଛି । ୨୦୨୦ରେ ସୁକତେଲ ନଦୀଗର୍ଭରୁ ଉଦ୍ଧାର ହୋଇଥିବା ଶିଳାଖଣ୍ଡ କେମିତି ଏହି ଅଞ୍ଚଳକୁ ଆସିଲା,ତାହା କେତେ ଶତାବ୍ଦୀର ଏସବୁ ସମ୍ପର୍କରେ ବିଶେଷ ଗବେଷଣାର ଆବଶ୍ୟକ ରହିଛି । ଏହାବାଦ ମହୋତ୍ସବରେ ବଲିଉଡ, ଓଲିଉଡ ଷ୍ଟାରଙ୍କୁ ନ ଡାକି ଏଠାକାର ଲୋକ ସଂସ୍କୃତି,ଲୋକଗୀତକୁ ସୁରକ୍ଷା ଦେବା ପାଇଁ ପ୍ରୟାସ କରାଯାଇଥିବାରୁ ପ୍ରଶଂସା କରିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହିତ କବାଡି, ଝୋଟି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରକାଶଥାଉ କି ସୁକତେଲ ନଦୀଶଯ୍ୟାରେ ବିରଳ ଶିଳାଖଣ୍ଡ ଆବିଷ୍କୃତ ସମ୍ପର୍କରେ ୨୦୨୦ ନଭେମ୍ବର ୧୦ରେ ଦୈନିକ ଧରିତ୍ରୀରେ ପ୍ରଥମେ ଖବର ପ୍ରକାଶ ପାଇବା ପରେ ଏହା ଲୋକଲୋଚନକୁ ଆସିଥିଲା ।

# ୨୬ତମ ରାମଜୀ କ୍ରିକେଟ ଟୁର୍ନାମେଣ୍ଟ: ଖାରୀ ଚାମ୍ପିୟନ



ଫାଇନାଲ ଖେଳ ଅବସରରେ ଅତିଥିଙ୍କ ଗହଣରେ ଖେଳାଳି ବୃନ୍ଦ ।

ଦେଓଗାଁ,୧୩।୧ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକ ଅନ୍ତର୍ଗତ ମୁଣ୍ଡପଲା ଛକ ନିକଟରେ ଚାଲିଥିବା ୨୬ତମ ରାମଜୀ କ୍ରିକେଟ ଟୁର୍ନାମେଣ୍ଟ ମୁଣ୍ଡପଲା କପ୍ ଉଦ୍‌ଯାପିତ ହୋଇଯାଇଛି । ସୋନପୁର ଜିଲା ଖାରୀ ଦଳ ଓ କେଉଁଟିପାଲି ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ଖାରୀ ଦଳ ୪୯ ରନରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲେ । ଏଥିରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ । ସେନାପତି ରଣା , ସୂର୍ଯମଣୀ ରଣା, କୈଳାସ ରଣା, ବାଳକୃଷ୍ଣ ସାହୁ ଖେଳ ପରିଚାଳନା କରିଥିଲେ । ସଭାପତି ସୁଶାନ୍ତ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ , ସମ୍ମାନିତ ଅତିଥି ଭାବେ କନ୍ଧମାଳର ପୂର୍ବତନ ବିଧାୟକ ମହୀଧର ରଣା, ଦେଓଗାଁ ପାକ୍ସ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ନୀଳାଞ୍ଚଳ ଭୂଏ, ଶମ୍ଭୁନାଥ ନାଗ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର ଅପ୍ ଦଳକୁ ପୁରସ୍କୃତ କରିଥିଲେ ।

# ନିଖିଳ ଓଡ଼ିଶା ଆଶା କର୍ମୀ ସଂଘ ଚତୁର୍ଥ ରାଜ୍ୟ ସମ୍ମିଳନୀ



ନିଖିଳ ଓଡିଶା ଆଶା କର୍ମୀ ସଂଘର ଦୁଇଦିନିଆ ରାଜ୍ୟ ସମ୍ମିଳନୀ ଅବସରରେ ରବିବାର ବଲାଙ୍ଗୀରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀ ।

ବଲାଙ୍ଗୀର,୧୩।୧ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର କଲେଜ ଛକସ୍ଥିତ କଲ୍ୟାଣମଣ୍ଡପଠାରେ ନିଖିଳ ଓଡିଶା ଆଶା କର୍ମୀ ସଂଘର ଦୁଇଦିନିଆ ରାଜ୍ୟ ସମ୍ମିଳନୀ ଅବସରରେ ରବିବାର ବିଭିନ୍ନ ଦାବି, ପ୍ରସ୍ତାବ ଅନୁମୋଦନ ସହ ରାଜ୍ୟ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଛି । ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ତଥା ନିଖିଳ ଓଡିଶା ଆଶା କର୍ମୀ ସଂଘ ସଭାପତି ବିଜୟ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଧିବେଶନରେ ନିଖିଳ ଓଡିଶା ଆଶାକର୍ମୀ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ନମିତା ସାହୁ ଗତ ତିନିବର୍ଷର ସାଙ୍ଗଠନିକ ଓ ବିଭିନ୍ନ ଆନ୍ଦୋଳନାତ୍ମକ କାର୍ଯ୍ୟ ବିବରଣୀ ଉପସ୍ଥାପନ କରିଥିଲେ । ଆଗାମୀ ବିଧାନସଭା ବଜେଟ ଅଧିବେଶନ ବେଳେ ଆଶା କର୍ମୀଙ୍କ ୱାର୍କର ମାନ୍ୟତା, ସର୍ବନିମ୍ନ ମଜୁରି ମାସିକ ୨୬ ହଜାର ଟଙ୍କା ପ୍ରଦାନ, କାର୍ଯ୍ୟକାଳ ୬୫ ବର୍ଷ ବୟସକୁ ବୃଦ୍ଧି, ଅବସର ବେଳେ ୫ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ, ଅବସର ପରେ ମାସିକ ପେନସନ ଦାବିରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ବିଧାନସଭା ଘେରାଉ ପାଇଁ ଆହ୍ୱାନ ଦିଆଯାଇଥିଲା । ଆଗାମୀ ଦିନରେ ୩୦ଟି

## ଦାବି ପ୍ରସ୍ତାବ ଅନୁମୋଦିତ

ଜିଲାରେ ନିଖିଳ ଓଡିଶା ଆଶା କର୍ମୀ ସଂଘକୁ ସୁଦୃଢ଼ କରିବା ପାଇଁ ନିଷ୍ପତ୍ତି ନିଆଯାଇ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଆଗାମୀ ତିନି ବର୍ଷ ପାଇଁ ରାଜ୍ୟ ସଭାପତି ଭାବେ ବିଜୟ ଜେନା, ଉପସଭାପତି ଭାବେ ତୀର୍ଥ ପଧାନ, ମାରିଆନା ମିଞ୍ଜ, ପଞ୍ଚାନନ ମହାକୁର, ଲିଲିବାଲା ସାବନ, ଇସମାଇଲ ମାଲି, ବସନ୍ତ ସେଠୀ, ସାଧାରଣ ସମ୍ପାଦିକା ଭାବେ ନମିତା ସାହୁ, ଉପସାଧାରଣ ସମ୍ପାଦିକା ଭାବେ ମାତିଲଦା କୁଲ୍ଲୁ, ଓମି ଗୁପ୍ତା, ବାସନ୍ତୀ ପଧାନ, ସମ୍ପାଦିକା ଭାବେ ସୁରେଖା ନାଗ, ମମତା କଚ୍ଛପ, ସନ୍ତୋଷିନୀ ପଟ୍ଟନାୟକ, ଗୀତାଞ୍ଜଳୀ ପ୍ରଧାନ, ଶ୍ୟାମଳୀ ମଣ୍ଡଳ, ଅନିଲତା ପାତ୍ର, ମମତା ରାଉତ, କୋଷାଧ୍ୟକ୍ଷ ଭାବେ ଗୀତାଞ୍ଜଳୀ ପ୍ରଧାନଙ୍କ ସମେତ ୧୭ ଜଣ ନିର୍ବାଚିତ ହୋଇଥିବା ଜଣାପଡିଛି । ଅପରାହ୍ଣରେ ଖବରଦାତା ସମ୍ମିଳନୀ କରାଯାଇ ସଭାପତି ବିଜୟ ଜେନା, ନମିତା ସାହୁ ଓ ଅନ୍ୟମାନେ ଆଶାକର୍ମୀଙ୍କ ବିଭିନ୍ନ ଦାବି ରଖିଥିଲେ । ଶେଷରେ ଦେବାଶିଷ ବାବୁ ଓ ପୁରୁଷୋତ୍ତମ କର୍ମୀ ଧନ୍ୟବାଦ ଦେଇଥିଲେ ।

# ପାଟଣା କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ପାଟଣା କପ୍ ଟୁର୍ନାମେଣ୍ଟକୁ ଉପଜିଲାପାଳ ଉଦ୍‌ଘାଟନ କରୁଛନ୍ତି ।

ପାଟଣାଗଡ,୧୩।୧ (ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ ଏନଏସିସ୍ଥିତ ରମାଇ ହାଇସ୍କୁଲ ଖେଳପଡିଆଠାରେ ସୋମବାର ୨୦ତମ ସର୍ବଭାରତୀୟ ପାଟଣା କପ୍‌କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ପାଟଣାଗଡ ଉପ ଜିଲାପାଳ ସୁନୀଲ ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଥାନା ଅଧିକାରୀ ହରିବନ୍ଧୁ ଗଡତ୍ୟା ଯୋଗ ଦେଇଥିଲେ । ଏହି ଟୁର୍ନାମେଣ୍ଟରେ ରାଜ୍ୟ ତଥା ରାଜ୍ୟ ବାହାରର ୮ ଗୋଟି ଦଳ ଅଂଶଗ୍ରହଣ କରିଛନ୍ତି । ପ୍ରତ୍ୟେକ ଦଳରେ ରଣଜୀ ଟ୍ରଫି ଖେଳାଳିମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଉଦ୍‌ଘାଟନୀ ମ୍ୟାଚରେ ପୁଲ୍ 'ଏ'ରେ ବିଲାସପୁର ଏବଂ ୱେଷ୍ଟ ବେଙ୍ଗଲ(ଆସାନଶୋଲ )ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ବିଲାସପୁର ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ବିଲାସପୁର ଦଳ ୨୫ ଓଭରରେ ୯ ଉଇକେଟ ହରାଇ ୧୬୮ ରନ ସଂଗ୍ରହ କରି ଆସାନଶୋଲ ଦଳକୁ ୧୬୯ ରନ ଟାର୍ଗେଟ ଦେଇଥିଲା । ଆସାନଶୋଲ ଦଳ ୧୬୮ ରନକୁ ପିଛା କରି ୧୮.୫ ଓଭରରେ ୨ ଉଇକେଟ ହରାଇ ୧୬୯ ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ଆଜିର ମ୍ୟାଚକୁ ଓସିଏ ଅମ୍ପାୟର ଭାବେ ପୃଥ୍ୱିରାଜ ମିଶ୍ର ଓ ସତ୍ୟ ରଥ ପରିଚାଳନା କରିଥିଲେ । ଏହି ଟୁର୍ନାମେଣ୍ଟ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର

### ୨୬ଟି ଅଭିଯୋଗରେ ସୀମିତ ରହିଲା

ଗୁଡଭେଲା,୧୩।୧ (ମନୋଜ କୁମାର ଜୈନ)

ସୋମବାର ଗୁଡଭେଲା ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଗୌରବ ଶିୱାଜୀ ଇସଲୱାର ଓ ଏସ୍‌ପି ଋଷିକେଶ ଖିଲାରିଙ୍କ ଏହି ଶିବିର ମାତ୍ର ୨୬ଟି ଅଭିଯୋଗରେ ସୀମିତ ରହିଥିଲା । ୧୯ଟି ବ୍ୟକ୍ତିଗତ ଓ ୭ଟି ସାମୁହିକ ଅଭିଯୋଗ ପତ୍ର ଆସିଥିଲା । ଗୁଡଭେଲା ବ୍ଲକର ରାଜକେଲ ଗ୍ରାମରେ ପ୍ରାୟ ଦୁଇ ମାସ ହେଲା ପାଇପ ଜଳ ଯୋଗାଣ ବନ୍ଦ ରହିଥିବାରୁ ଲୋକେ ଦୁଇ କିଲୋମିଟର ଦୂର ଯାଇ ପାନୀୟଜଳ ସଂଗ୍ରହ କରୁଥିବା ଅଭିଯୋଗ ହୋଇଥିଲା । ତୁରେକେଲା ବ୍ଲକ ଅନ୍ତର୍ଗତ ହଲନଭଟା ଗ୍ରାମ ପଞ୍ଚାୟତ ଅଧୀନ ଖର୍ଲୀ ଗ୍ରାମର ବସନ୍ତ ମେହେର ଅଭିଯୋଗ କରିଥିଲେ, ଧନୀ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯାଉଥିବା ବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ ଆଶାକାନ୍ତି ମେହେରଙ୍କୁ ଆବାସ ଯୋଜନା ବାବଦ ପ୍ରଥମ କିସ୍ତି ଟଙ୍କା ମିଳିନାହିଁ । ଏହାର ତଦନ୍ତ କରା ନ ଗଲେ ଆସନ୍ତା ୨୮ତାରିଖ ଠାରୁ ତୁରେକେଲା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅମରଣ ଅନଶନ କରାଯିବ ବୋଲି ଜଣାଇଛନ୍ତି । ଜନଶୁଣାଣି ସମୟରେ ଜିଲାର ବିଭିନ୍ନ ବିଭାଗର ଅଧିକାରୀ, ବ୍ଲକ କର୍ମଚାରୀ, ପଞ୍ଚାୟତ କର୍ମଚାରୀଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ ।

## ସାମାଜିକ କର୍ମୀଙ୍କ ପରଲୋକ

ଖପ୍ରାଖୋଲ,୧୩।୧ (ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଓଡ଼ିଆପାଲି ପଞ୍ଚାୟତ ବୁଢିବାହାଲ ଗାଁର ସାମାଜିକ କର୍ମୀ ଓ ଆଗୁଆ ଚାଷୀ ଚତୁର୍ଭୁଜ ସାହୁ (୭୪)ଙ୍କ ଶନିବାର ବିଳମ୍ବିତ ରାତିରେ ବଲାଙ୍ଗୀରର ଏକ ଘରୋଇ ଡ଼ାକ୍ତରଖାନାରେ ପରଲୋକ ହୋଇଯାଇଛି । ରବିବାର ସକାଳେ ମୃତଦେହ ଗାଁରେ ପହଞ୍ଚିଲା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ସ୍ୱର୍ଗତ ସାହୁ ଗାଁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ଓ ଗାଁର ଜଗନ୍ନାଥ ମନ୍ଦିର ନିର୍ମାଣ ଦିଗରେ ପ୍ରମୁଖ ଭୂମିକା ନେଇଥିଲେ । ସେହିପରି ବିଦ୍ୟାଳୟ କମିଟି ସହିତ ବିଭିନ୍ନ କମିଟି ଓ ସଙ୍ଗଠନର ସଦସ୍ୟ ରହିଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ

ଲୋଇସିଂହା,୧୩।୧ (ସୁଶାନ୍ତ ବାରିକ)



ବାର୍ଷିକ ଉତ୍ସବ ଅବସରରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର ।

ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ ଶିକ୍ଷାନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଧାନ ଆଚାର୍ଯ୍ୟ ଶିବ ପ୍ରସାଦ ବାରିକ ଅଧ୍ୟକ୍ଷତା କରିଥିଲେ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି, ଶିକ୍ଷାବିତ୍ କେଶବ ପଟେଲ ମୁଖ୍ୟବକ୍ତା, ଅନୁଷ୍ଠାନର ସଭାପତି ବି .ହୋତା, ସମ୍ପାଦକ ବି .ଷଡଙ୍ଗୀ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ମୁଖ୍ୟଅତିଥି ମନ୍ତ୍ରୀ ମହାଲିଙ୍ଗ ମାଟ୍ରିକ ବୋର୍ଡ ପରୀକ୍ଷାରେ ରାଜ୍ୟରେ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ର ଟପ୍ ୨୦ରେ ରହି ଆସୁଥିବାରୁ ପ୍ରଶଂସା କରିଥିଲେ । ଏକଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶିକ୍ଷକ ଥିବା ମୋହନ ମାଝୀ ମୁଖ୍ୟମନ୍ତ୍ରୀ ହୋଇଥିବାରୁ ଶିଶୁ ବିଦ୍ୟାମନ୍ଦିର ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ମନ୍ତ୍ରୀମଣ୍ଡଳ ସହଯୋଗୀଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ମନ୍ତ୍ରୀ ମହାଲିଙ୍ଗ ତାଙ୍କ ବକ୍ତବ୍ୟରେ କହିଥିଲେ । ଏହାବ୍ୟତୀତ ୨୦୨୫-୨୬ରେ ଦେଶରେ କାର୍ଯ୍ୟକାରୀ ହେବାକୁ ଯାଉଥିବା ନୂତନ ଶିକ୍ଷାନୀତି ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ପଟେଲ ତାଙ୍କ ବକ୍ତବ୍ୟରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶିକ୍ଷା ଫଳରେ ସଂସ୍କୃତିର ପୁନରୁଦ୍ଧାର ହେଉଥିବା କହିଥିଲେ । ଉକ୍ତ ଶିକ୍ଷାନୁଷ୍ଠାନରେ ପ୍ରାୟ ୮ ଶହ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ଗତ ମାଟ୍ରିକ ପରୀକ୍ଷାରେ ୩ ଜଣ ଛାତ୍ରୀଛାତ୍ର କୃତିତ୍ୱ ଲାଭ କରିଥିବା ପ୍ରଧାନ ଆଚାର୍ଯ୍ୟ ବାରିକ ତାଙ୍କ ବାର୍ଷିକ ବିବରଣୀ ପାଠ ବେଳେ କହିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ । ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# ଅର୍ଜୁନି ନଦୀରେ ବ୍ରିଜ ନିର୍ମାଣ ଦାବି

ମୁରିବାହାଲ,୧୩।୧ ( ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ କପିଲାଭଟା ସାପ୍ତାହିକ ବଜାରଠାରେ ସାମାଜିକ କର୍ମୀ ଦୁର୍ଦ୍ଧକ୍ଷ ହଂସଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କପିଳାଭଟା ପଞ୍ଚାୟତ ଅନ୍ତର୍ଗତ ଅଶୁର୍ଲା ଗ୍ରାମରୁ ନୂଆପଡା ଜିଲା ଖଡ଼ିଆଳ ବ୍ଲକ ତୁକୁଲା ପଞ୍ଚାୟତର ଖଇରଭାକୁ ସଂଯୋଗ କରିଥିବା ଅର୍ଜୁନି ନଦୀରେ ବ୍ରିଜ ନିର୍ମାଣ ପାଇଁ ବୈଠକରେ ଦାବି କରାଯାଇଥିଲା । ପୂର୍ବରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବ୍ରିଜ ନିର୍ମାଣ ପାଇଁ ମାଟି ପରୀକ୍ଷା କରାଯାଇଥିଲା । ହେଲେ ୨ ବର୍ଷ ବିତିଯାଇଥିଲେ ମଧ୍ୟ ନିର୍ମାଣ କାମ ଆରମ୍ଭ ହୋଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ବିଭିନ୍ନ ସମୟରେ ବିଧାୟକ, ଏମ୍‌ପି, ମନ୍ତ୍ରୀ ଓ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲେ ସୁଦ୍ଧା କୌଣସି

## ଆନ୍ଦୋଳନ ପାଇଁ ଅଞ୍ଚଳବାସୀଙ୍କ ସଜବାଜ

ସୁଫଳ ମିଳିପାରିନାହିଁ । ଅଶୁର୍ଲା-ଖଇରଭା ଅର୍ଜୁନି ନଦୀରେ ବ୍ରିଜ ନିର୍ମାଣ ପାଇଁ ସରପଞ୍ଚଙ୍କ ପ୍ରତିନିଧି ତେଜରାଜ ଭୋଇ, ସମିତି ସଭ୍ୟ କେଦାର ଭୋଇ,ବେଦାନ୍ତ ସାହୁ, ଧର୍ମେନ୍ଦ୍ର ଦାସ, କୁଞ୍ଜବିହାରୀ ବେହେରା, ମା' ସାହାଜି ଯୁବକ ସଂଘର ସମ୍ପାଦକ ହୁଲେଶ୍ୱର ହଂସ, ଜୟନ୍ତୀଲାଲ ହଂସ, ପ୍ରଶାନ୍ତ ଦାସ, ପରମାନନ୍ଦ ପୁଟେଲ,ଝସକେତନ ମହାନନ୍ଦଙ୍କ ସହ ଅଞ୍ଚଳବାସୀ ଉପସ୍ଥିତ ରହି ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ପରବର୍ତ୍ତୀ ବୈଠକରେ କ୍ରିୟାନୁଷ୍ଠାନ କମିଟି ଗଠନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ଏହି ବୈଠକରେ କପିଲାଭଟା, ଗନ୍ଧରାବନ୍ଧ, ଚୁଲିଫୁଙ୍କା, ବଲଧା, ତୁକୁଲା ପଞ୍ଚାୟତର ନେତୃବୃନ୍ଦ ସାମିଲ ହୋଇଥିଲେ ।

# ମା', ମାଟି ଓ ମାତୃଭାଷାକୁ ସର୍ବଦା ସମ୍ମାନ ଦେବାକୁ ପରାମର୍ଶ

ସଇଁତଲା,୧୩।୧ (ରାଖାଲ ପ୍ରସାଦ ଶତପଥୀ)

- ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ
- ଛାତ୍ରୀଙ୍କ ସହ ଆଲୋଚନା କରିଲେ

ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା, ଯୁବ ବ୍ୟାପାର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୋମବାର ପୂର୍ବାହ୍ନ ୧୧ଟା ସମୟରେ ସଇଁତଲାସ୍ଥିତ ସରକାରୀ ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି । ଏହି ଅବସରରେ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ହୋତାଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ,ସମ୍ମାନିତ ଅତିଥି ଭାବରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ଜିଲା ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳ, ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି, ବରିଷ୍ଠ ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉପେନ୍ଦ୍ର ମାଝୀ, ଅତିରିକ୍ତ ଶିକ୍ଷା ଅଧିକାରୀ ନାରାୟଣ ଭୋଇ, ସଇଁତଲା ସରପଞ୍ଚ ଯୋଗ ଦେଇଥିଲେ । ବିଦ୍ୟାଳୟରେ ପ୍ରାୟ ୬୦୦ ଜଣ ଅନ୍ତେବାସିନୀ ରହି ଅଧ୍ୟୟନ କରୁଥିବା ବେଳେ ସେମାନଙ୍କ ପାଇଁ ଖେଳପଡ଼ିଆ, ଆବଶ୍ୟକ ଶୌଚାଳୟ ନ ଥିବାରୁ ତୁରନ୍ତ ଏ ଦିଗରେ ଧ୍ୟାନ ଦେଇ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ମନ୍ତ୍ରୀ ସ୍ଥାନୀୟ ବିଧାୟକଙ୍କୁ କହିଥିଲେ । ସେହିପରି ବିଦ୍ୟାଳୟର ଛାତ୍ରୀମାନଙ୍କ ପିଇବା ପାଇଁ ପାଣିର ବ୍ୟବସ୍ଥା ନ ଥିବାରୁ ଯଥାଶୀଘ୍ର ଏହାର ପ୍ରତିକାର କରାଯିବ ବୋଲି ମନ୍ତ୍ରୀ ଆଶ୍ୱାସନା ଦେଇଥିଲେ । ମନ୍ତ୍ରୀ ନିଜ ଅଭିଭାଷଣ ରଖିବା ସମୟରେ ମଞ୍ଚରୁ ଓହ୍ଲାଇ ସିଧା ଛାତ୍ରୀମାନଙ୍କ ନିକଟକୁ ଯାଇ କଥା ହେବା ସହ ସେମାନଙ୍କୁ ଶୃଙ୍ଖଳା ରକ୍ଷା କରିବା ଏବଂ ମା', ମାଟି ଓ ମାତୃଭାଷାକୁ ସର୍ବଦା ସମ୍ମାନ ଦେବା ପାଇଁ କହିଥିଲେ । ଏହି ଅବସରରେ ଜାତୀୟ ଖେଳାଳି ପାର୍ବତୀ ଭୋଇ, ଅମ୍ବିକା ଭୋଇ ଓ ଗତବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ବିଦ୍ୟାଳୟକୁ ଗୌରବାନ୍ୱିତ କରିଥିବା ଛାତ୍ରୀ ସସ୍ମିତା ଭୋଇଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ । ସଭାକୁ ବିଦ୍ୟୁତଲତା ଦେଇ ପରିଚାଳନା କରିଥିଲେ । ଶେଷରେ ଶିକ୍ଷୟିତ୍ରୀ ଶ୍ରୀଲତା ମିଶ୍ର ଧନ୍ୟବାଦ ଦେଇଥିଲେ ।

# ଶୁଳିଆପୀଠର ବିକାଶ ନେଇ ସଂସ୍କୃତି ମନ୍ତ୍ରୀଙ୍କୁ ଦାବି ଜଣାଇଲେ

ଦେଓଗାଁ,୧୩।୧ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)



ବଲାଙ୍ଗୀର ସର୍କିଟ ହାଉସଠାରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ କୁମୁରିଆ ଆଞ୍ଚଳିକ ଲୋକ ମହୋତ୍ସବ କମିଟିର ସଦସ୍ୟ ସାକ୍ଷାତ କରୁଛନ୍ତି ।

ଦେଓଗାଁ ବ୍ଲକ ଅନ୍ତର୍ଗତ କୁଲୁତାପଡା ପଞ୍ଚାୟତ ଅଧୀନ ଖଇରଗୁରା ବଡଖଲା ଓ କୁମୁରିଆ ସାନଖଲା ଶୁଳିଆପୀଠର ସାମଗ୍ରିକ ବିକାଶ ପାଇଁ କୁମୁରିଆ ଆଞ୍ଚଳିକ ଲୋକ ମହୋତ୍ସବ କମିଟି ଦାବି କରିଛି । କମିଟିର ସଭାପତି ଲକ୍ଷ୍ମଣ କୁମାର ମେହେର ଓ ସଂଯୋଜକ ରୁପାଧର ପୁଟାଙ୍କ ସମେତ ୨୦ଜଣ ସଦସ୍ୟ ବଲାଙ୍ଗୀର ସର୍କିଟ ହାଉସଠାରେ ରାଜ୍ୟ ଭାଷା ସାହତ୍ୟ, ସଂସ୍କୃତି, ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ସାକ୍ଷାତ କରି ଏହି ପୀଠର ବିକାଶ କରାଗଲେ ଅଞ୍ଚଳର ମଧ୍ୟ ଉନ୍ନତି ଘଟିବ ବୋଲି ଦାବି ଜଣାଇଛନ୍ତି । ଉକ୍ତ କମିଟି ଦାବି କରିଛି ଯେ, ଆଦିବାସୀମାନଙ୍କ ଧର୍ମୀୟ ଭାବନା ସହିତ ଜଡିତ ଉଭୟ ଖଇରଗୁରା ଓ କୁମୁରିଆ ଶୁଳିଆପୀଠ ବିକାଶର ନିତାନ୍ତ ଆବଶ୍ୟକତା ରହିଛି । ଶୁଳିଆଯାତ୍ରା ସମୟରେ ଉଭୟ ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେଉଛି । ଏଣୁ ଉକ୍ତ ପୀଠକୁ ଲାଗି ରହିଥିବା ଜଳାଶୟର ଉନ୍ନତୀକରଣ କରିବା ପାଇଁ ପ୍ରାୟ ୩୦କୋଟି ଟଙ୍କା ଅନୁଦାନ ଦେବାକୁ କମିଟି ଦାବି ରଖିଛି । ଏହାସହ ପର୍ଯ୍ୟଟନସ୍ଥଳୀ ଭୀମପାହାଡ ଠାରେ ସ୍ୱାଧୀନତା ସଂଗ୍ରାମୀ ଧରମସିଂ ମାଝୀ ମାନଧାତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ କମିଟି କର୍ମକର୍ତ୍ତା ଦୃଷ୍ଟି ଆକର୍ଷଣ କରିଥିଲେ । ଜରାସିଂହା ମିନି ଷ୍ଟାଡିୟମର ଉନ୍ନତି ପାଇଁ ପ୍ରସ୍ତାବିତ ୪ କୋଟି ୭୫ଲକ୍ଷ ଟଙ୍କା ମଞ୍ଜୁର କରିବା ଓ ଦେଓଗାଁ ଷ୍ଟାଡିୟମ ଉନ୍ନତୀକରଣ ପାଇଁ ଅନୁଦାନ ଯୋଗାଇ ଦେବାକୁ କମିଟି ପକ୍ଷରୁ ଦାବି କରାଯାଇଛି । ଏହି ସମୟରେ ଟଙ୍କଧର ରଣା, ଜୟ ରଣା, ହେମନ୍ତ କୁମାର ମାଝୀ, ଲୋକନାଥ ନନ୍ଦ, ପୀତବାସ ନାଏକ, ନିରୋଦ ଛତ୍ରିଆ, ପ୍ରମୋଦ ସାହୁ, ଅମରଜିତ ପଟେଲଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ମେଶିନରେ ଚାପି ହୋଇ ଶ୍ରମିକ ମୃତ

ତରଭା, ୧୩।୧(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ପାଣିମୁରାସ୍ଥିତ ଇଥାନଲ କାରଖାନାରେ ମେଶିନରେ ଚାପି ହୋଇ ରବିବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅରଖପଦର ଗାଁର ଅଜୁ ମହାକୁର(୨୬)। ଏହାକୁ ନେଇ ସୋମବାର କାରଖାନା ସମ୍ମୁଖରେ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା। ସୋନପୁର ଏସଡିପିଓ ପ୍ରତାପଚନ୍ଦ୍ର ତ୍ରିପାଠୀ, ତରଭା ଥାନା ଆଇଆଇସି ଅନିତା କିଡୋ, ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଭୁଏ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଅଜୁ ଇଥାନଲ କାରଖାନାରେ ଜଣେ ଠିକାଦାରଙ୍କ ଅଧୀନରେ ଗତ ଦୁଇ ବର୍ଷ ହେଲା କାମ କରୁଥିଲେ। ରବିବାର ସନ୍ଧ୍ୟାରେ କାମ କରୁଥିବାବେଳେ ମେଶିନରେ ପଡିଯିବାରୁ ତାଙ୍କ ଶରୀର ଖଣ୍ଡ ଖଣ୍ଡ ହୋଇଯାଇଥିଲା। ସୋମବାର ପୋଲିସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଡ୍ରାଇ ମେଶିନରୁ ଖଣ୍ଡ ବିଖଣ୍ଡିତ ଶରୀର କଢ଼ାଯାଇ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ମୃତକଙ୍କ ପରିବାର ଓ ଗ୍ରାମବାସୀ ଆନ୍ଦୋଳନାତ୍ମକପନ୍ଥା ଅବଲମ୍ବନ କରିବା ପାଇଁ ଧମକ ଦେବା ପରେ କମ୍ପାନୀ ତରଫରୁ ଅନୁକମ୍ପାମୂଳକ ସହାୟତା ରାଶି ୨୫ଲକ୍ଷ ଟଙ୍କା ଦେବାକୁ ତରଭା ବିଡ଼ିଓ ଗଙ୍ଗାରାମ ବୁଡ଼େକ, ତହସିଲଦାର ତୁଳା ମୁଦୁଲି ଓ ଶ୍ରମ ନିୟୋଜନ ଅଧିକାରୀଙ୍କ ଉପସ୍ଥିତି ରେ ଇଥାନଲ କମ୍ପାନୀ ମ୍ୟାନେଜର ଯୋଗେନ୍ଦ୍ର ତୋମାର ଲିଖିତ ପ୍ରତିଶ୍ରୁତି ଦେବା ପରେ ପରିବାର ବର୍ଗ ଓ ଜନସାଧାରଣ ଆନ୍ଦୋଳନରୁ ଓହରିଥିଲେ। ଏ ସମ୍ବନ୍ଧେ ତରଭା ଥାନାରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ଅନିତା କିଡୋ ସୂଚନା ଦେଇଛନ୍ତି ।

### ଚଳନ୍ତା ବସରୁ ଖସି ପଡ଼ି କଣ୍ଡକ୍ଟରଙ୍କ ମୃତ୍ୟୁ

ବାଉଁଶୁଣୀ, ୧୩।୧(ଦେବାଶିଷ ନେପାକ)

ରବିବାର ରାତିରେ ୫୭ ନଂ ଜାତୀୟ ରାଜପଥ ର ବାଉଁଶୁଣୀ ଥାନା ତାଲସରଡା ଗ୍ରାମ ନିକଟରେ ଏକ ଚଳନ୍ତା ଯାତ୍ରୀବାହୀ ବସରୁ ଖସି ପଡି କଣ୍ଡକ୍ଟରଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ପ୍ରମୋଦ କୁମାର ଦାଶ। ମିଳିଥିବା ସୂଚନା ଅନୁଯାୟୀ, କଟକରୁ ଛତିଶଗଡ ରାଜ୍ୟର ରାୟପୁର ଅଭିମୁଖେ ଯାଉଥିବା ଗ୍ରାଣ୍ଡ ନାମକ ଏକ ଘରୋଇ ଯାତ୍ରୀବାହୀ ବସ( ନଂ ଓଡି ୦୫ଏଇ ୮୫୨୨)ରୁ କଣ୍ଡକ୍ଟର ପ୍ରମୋଦ କୁମାର କୌଣସି କାରଣରୁ ଖସି ପଡିଥିଲେ । ଫଳରେ ତାଙ୍କ ଉପରେ ବସର ପଛ ଚକ ଚଢି ଯାଇଥିଲା। ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବାଉଁଶୁଣୀ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ମୃତ କଣ୍ଡକ୍ଟରଙ୍କ ଘର କଟକ ବୋଲି ସୂଚନା ମିଳିଛି। ବାଉଁଶୁଣୀ ପୋଲିସ ମୃତଦେହ ଜବତ କରି ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି । ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି।

# ଏଫସିଆଇ ନେଇନି ୪.୨୩ ଲକ୍ଷ କୁଇଣ୍ଟାଲ ସିଏମ୍ଆର

- ୭ ଦିନ ବିତିଲା ସିଏମ୍ଆର ସଂଗ୍ରହ ବନ୍ଦ
- ମନ୍ଥର ଗତିରେ ଚାଲିଛି ଧାନକିଣା

ସୋନପୁର, ୧୩।୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାରେ ଖରିଫ୍ ଧାନ କିଣାକୁ ୧ ମାସ ବିତିଲାଣି। ଚାଷୀଙ୍କ ନିକଟରୁ ପ୍ରାୟ ୨୦ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ହେଲାଣି। କିନ୍ତୁ ଚଳିତବର୍ଷ ଧାନ ସଂଗ୍ରହ ଗତବର୍ଷ ତୁଳନାରେ ମନ୍ଥରଗତିରେ ଚାଲିଥିବା ଅଭିଯୋଗ ହେଉଛି। ଜିଲାର ବିନିକା ବ୍ଲକରେ ଧାନ କିଣା ତ୍ୱରାନ୍ୱିତ ହୋଇଥିବା ବେଳେ ଡୁଙ୍ଗୁରିପାଲି, ତରଭା, ସୋନପୁର, ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକରେ ମଣ୍ଡିରୁ ଧାନ ଉଠାଣରେ ବିଳମ୍ବ ହେଉଥିବା ଚାଷୀ ଅଭିଯୋଗ କରିଛନ୍ତି। ତେବେ ମିଲର୍ସଙ୍କ ନିକଟରୁ କଷ୍ଟମ୍ ମିଲିଂ ଚାଉଳ(ସିଏମ୍ଆର) ସଂଗ୍ରହ ବନ୍ଦ ଥିବାରୁ ଏହାର ପ୍ରଭାବ ଜିଲାର ଧାନକିଣା କ୍ଷେତ୍ରରେ ପଡିଛି। ରାଜ୍ୟର ଅଧିକ ଧାନ ଅମଳ ହେଉଥିବା ଜିଲା ମଧ୍ୟରେ ସୁବର୍ଣ୍ଣପୁର ଅନ୍ୟତମ। ତେଣୁ ଏହି ଜିଲାରେ ଧାନ ସଂଗ୍ରହକୁ ତ୍ୱରାନ୍ୱିତ କରିବାକୁ ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି।

ଗତ ରବିରେ ଏହି ଜିଲାରୁ ସୁବର୍ଣ୍ଣପୁର ଜିଲାର ୫୦ ମିଲର୍ସ ୨୦ଲକ୍ଷ ୩୨ହଜାର ୩୪୯କୁଇଣ୍ଟାଲ ଧାନ ସଂଗ୍ରହ କରିଥିଲେ। ନିୟମ ଅନୁଯାୟୀ ମିଲର୍ସମାନେ ୧୩ଲକ୍ଷ ୮୧ହଜାର ୯୯୭କୁଇଣ୍ଟାଲ କଷ୍ଟମ ମିଲିଂ ଚାଉଳ ସରକାରଙ୍କୁ ଦେବା କଥା। କିନ୍ତୁ ଜାନୁୟାରୀ ୧୩ ତାରିଖ ସୁଦ୍ଧା ମିଲର୍ସମାନେ ୯ଲକ୍ଷ ୬୮ହଜାର ୫୩୨କୁଇଣ୍ଟାଲ ଚାଉଳ ସରକାରଙ୍କୁ ଦେଇଛନ୍ତି। ଆହୁରି ୪ଲକ୍ଷରୁ ଉର୍ଦ୍ଧ କୁଇଣ୍ଟାଲ ଚାଉଳ ଦେବାକୁ ବାକି ଅଛି। ରାଜ୍ୟ ସରକାରଙ୍କ ଯୋଗାଣ ନିଗମର ଚାଉଳ ସଂଗ୍ରହ କେନ୍ଦ୍ର(ଆରଆରସି) ଗୁଡିକ ସ୍ୱଳ୍ପ ପରିମାଣର ଚାଉଳ ଗଚ୍ଛିତ ରଖୁଛନ୍ତି। ଜିଲାରେ ମାତ୍ର ୩୦ହଜାର କୁଇଣ୍ଟାଲ ଚାଉଳ ପିଡିଏସ୍‌ରେ ହିତାଧିକାରୀଙ୍କୁ ବଣ୍ଟନ ହେଉଛି। ପୂର୍ବରୁ ଏହି ଜିଲାର ଆରଆରସି ଗୁଡିକରୁ ବଳକା ଚାଉଳ କନ୍ଧମାଳ, ପୁରୀ, କେନ୍ଦ୍ରାପଡା, କେନ୍ଦୁଝର ଓ ମୟୁରଭଞ୍ଜ ଭଳି ଜିଲାକୁ ପିଡିଏସ୍ ପାଇଁ ପଠାଯାଉଥିଲା। ଗତ ୨ ବର୍ଷ ହେବ ବାହାର ଜିଲାକୁ ଚାଉଳ ଯୋଗାଣ ବନ୍ଦ ରହିଛି। ଏଭଳି ସ୍ଥିତିରେ ଜିଲାର ସିଏମ୍ଆର ସଂଗ୍ରହ କେନ୍ଦ୍ର ସରକାରଙ୍କ ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ) ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭର କରୁଛି। ଜିଲାର ଡୁଙ୍ଗୁରିପାଲି ସ୍ଥିତ ଏଫ୍‌ସିଆଇର ଖାଦ୍ୟ ସଂରକ୍ଷଣ ଭଣ୍ଡାର ସମ୍ମୁଖରେ ଶ୍ରମିକ ଅଶାନ୍ତି ଯୋଗୁ କିଛି ମାସ ଜିଲାରୁ ଚାଉଳ ସଂଗ୍ରହ ଓ ବାହାର ରାଜ୍ୟକୁ ଚାଉଳ ପଠାଇବା ବନ୍ଦ ରହିଥିଲା। ଫଳରେ ଅବଧି ସରିଥିଲେ ମଧ୍ୟ ମିଲର୍ସମାନେ ସରକାରଙ୍କୁ ସିଏମ୍ଆର ଦେଇ ପାରିନାହାନ୍ତି। ଗତ ୬ ତାରିଖରେ ଏଫ୍‌ସିଆଇର ଚାଉଳ ସଂଗ୍ରହ ଅବଧି ସରିଛି। ଏପର୍ଯ୍ୟନ୍ତ ଏଫ୍‌ସିଆଇ ଓଡିଶାରୁ ଚାଉଳ ସଂଗ୍ରହ ଅବଧିକୁ ଆଉ ବଢାଇ ନାହିଁ। ଜିଲାର ମିଲର୍ସଙ୍କ ନିକଟରୁ ୪ଲକ୍ଷ ୨୩ହଜାର କୁଇଣ୍ଟାଲ ଚାଉଳ ଏଫସିଆଇ ଏପର୍ଯ୍ୟନ୍ତ ନେଇନାହିଁ। ମିଲର୍ସଙ୍କ ଗୋଦାମରେ ଗତ ରବିର ପ୍ରାୟ ୯ଲକ୍ଷ କୁଇଣ୍ଟାଲ ଧାନ ଗଚ୍ଛିତ ହୋଇ ରହିଛି। ତେଣୁ ଚାଷୀଙ୍କ ନିକଟରୁ ସଂଗୃହୀତ ହେବାକୁ ଥିବା ଖରିଫ ଧାନ ସେମାନେ କେଉଁଠି ରଖିବେ ଚିନ୍ତାରେ ଅଛନ୍ତି। ଏଫସିଆଇ ଚାଉଳ ନେଉ ନଥିବାରୁ ଜିଲାର କିଛି ମିଲର୍ସ ଖରିଫରେ ଚାଷୀଙ୍କ ନିକଟରୁ ଚାଉଳ ସଂଗ୍ରହ କରିବାକୁ ସେତେଟା ଆଗ୍ରହ ପ୍ରକାଶ କରୁନାହାନ୍ତି। କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ଦରରେ ଧାନ ବିକ୍ରି କରିବା ପରେ ଚାଷୀ ଉତ୍ସାହିତ ଥିବା ବେଳେ ମିଲର୍ସଙ୍କ ଅନାଗ୍ରହ ମଣ୍ଡିରୁ ଧାନ ସଂଗ୍ରହ କ୍ଷେତ୍ରରେ ବାଧା ସୃଷ୍ଟି କରିଛି।

ଖରିଫ୍‌ରେ ଧାନ ବିକ୍ରି ପାଇଁ ପ୍ରାୟ ୬୮ ହଜାର ୫୦୦ ଚାଷୀ ପାକ୍ସ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନିକଟରେ ପଞ୍ଜୀକରଣ କରିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଜିଲାର ପ୍ରାୟ ୩୮ହଜାର ୬୫୦ ଚାଷୀ ସରକାରଙ୍କୁ ଧାନ ବିକ୍ରି କରି ୫୭୩ କୋଟି ଟଙ୍କା ପାଇ ସାରିଲେଣି। ବାକି ଚାଷୀ କିଭଳି ସହଜରେ ଧାନ ବିକ୍ରି କରିବେ ସେଥିପାଇଁ ବାହାର ଜିଲାର ମିଲର୍ସଙ୍କୁ ଧାନ କିଣାରେ ସାମିଲ କରିବା ନଚେତ୍ ଏଫସିଆଇ ସିଏମ୍ଆର ସଂଗ୍ରହ ଅବଧି ବଢାଇବାକୁ ଦାବି ହେଉଛି। ଏ ସମ୍ପର୍କରେ ଭାରପ୍ରାପ୍ତ ଜିଲା ଯୋଗାଣ ଅଧିକାରୀ ଯୋଗେଶ୍ୱର ସାଏ କୁହନ୍ତି, ଗତ ଖରିଫରେ ଜିଲାରୁ ୩୫ଲକ୍ଷ ୫୦ହଜାର କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିଲା। ଚଳିତ ଥର ଏହି ପରିମାଣ ବଢିବା ନେଇ ଆଶା ରହିଛି। ଏଫ୍‌ସିଆଇର ସିଏମ୍ଆର ସଂଗ୍ରହ ଅବଧି ବୃଦ୍ଧି ନଚେତ ବାହାର ଜିଲାର ମିଲର୍ସ ଜିଲାର ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହେଲେ ଧାନକିଣା ତ୍ୱରାନ୍ୱିତ ହେବ। ସରକାରଙ୍କୁ ଏ ବିଷୟରେ ଅବଗତ କରାଯାଇଥିବା ସାଏ କହିଛନ୍ତି।

## ସୁବର୍ଣ୍ଣପୁର ସନ୍ତରଣକାରୀଙ୍କ ସଫଳତା



ସଫଳତା ପାଇଥିବା ୩ ସନ୍ତରଣକାରୀ ।

ସୋନପୁର, ୧୩।୧(ମୃତ୍ୟୁଞ୍ଜୟ ଶତପଥୀ)

ପ୍ରବାସୀ ଭାରତୀୟ ଦିବସ ପାଳନ ଅବସରରେ ଗତ ୮ ରୁ ୧୦ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମରେ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥଲା । ଏଥିରେ ସୁବର୍ଣ୍ଣପୁର ଜିଲାର ସନ୍ତରଣକାରୀମାନେ ସଫଳତା ପାଇଛନ୍ତି। ୫୦ମିଟର ବ୍ୟାକଷ୍ଟ୍ରୋକ, ୫୦ ମିଟର ବଟର ଫ୍ଲାଏ, ୧୦୦ ମିଟର ଫ୍ରି ଷ୍ଟାଇଲ ଏବଂ ୫୦ ମିଟର ଫ୍ରି ଷ୍ଟାଇଲରେ ଆଦ୍ୟାଶମାନ ମେଣ୍ଡେଲୀ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ରାଧାରାଣୀ ରାଜେଶ୍ୱରୀ ସେଠୀ ୧୦୦ ମିଟର ଏବଂ ୫୦ ମିଟର ଫ୍ରି ଷ୍ଟାଇଲରେ ସ୍ୱର୍ଣ୍ଣ, ୫୦ ମିଟର ବ୍ରେଷ୍ଟ ଷ୍ଟ୍ରୋକରେ ରୌପ୍ୟ ଏବଂ ୫୦ ମିଟର ବ୍ୟାକ ଷ୍ଟ୍ରୋକରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ସିଦ୍ଧେଶ୍ୱର ବାଘ ୫୦ ମିଟର ବଟର ଫ୍ଲାଏରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଜୁନିୟର ବର୍ଗ ସନ୍ତରଣକାରୀଙ୍କ ଏହି କୃତିତ୍ୱ ପାଇଁ ସୁବର୍ଣ୍ଣପୁର ଜିଲା ସନ୍ତରଣ ସଂଘ ସମେତ ବିଭିନ୍ନ ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## ଭାରତୀୟ ସଂସ୍କୃତି, ପରମ୍ପରା ସବୁଠୁ ମହାନ


ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ପରିବେଶିତ ସାଂସ୍କୃତିକ କାର୍ଯ୍ୟକ୍ରମ।

### ଖଡ଼ଙ୍ଗ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

ଖୁଣ୍ଟିଗୋରା, ୧୩।୧(ମକରନ୍ଦ ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ଅନ୍ତର୍ଗତ ବନ୍ଧଗୋରା ଖଡଙ୍ଗ ନଦୀ କୂଳରେ ଆୟୋଜିତ ଷଷ୍ଠ ଖଡ଼ଙ୍ଗ ଲୋକ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଏକ ସଭା ମନୋଜ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଆମ୍ବଗାଁସରପଞ୍ଚ ପ୍ରତିମା ରଣା, କୁଲୁତାଜୋର ସରପଞ୍ଚ ରୁମକି ଭୋଇ, ସୁନୀତା ମାଝୀ, ବରଗୋଚ୍ଛା ସମିତି ସଭ୍ୟା ଶ୍ରଦ୍ଧାଞ୍ଜଳି ବାରିକ, ବିଙ୍ଗ ହ୍ୟୁମାନ ଫାଉଣ୍ଡେଶନ ପ୍ରତିଷ୍ଠାତା ସୋମନାଥ ମିଶ୍ର, ଦାମୋଦର ମିଶ୍ର, ଆଇନଜୀବୀ ରାଧାବଲ୍ଲଭ ପ୍ରଧାନ, ରମାକାନ୍ତ ଖଟୁଆ, ନିବାସ ମହାକୁଡ଼, ଗନ୍ଧରାଡ଼ି ମହୋତ୍ସବ ସମ୍ପାଦକ ଶମ୍ଭୁ ଗିରି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ବିବିଧତା ଭିତରେ ଭାରତୀୟ ସଂସ୍କୃତି ଓ ପରମ୍ପରା ସବୁଠୁ ମହାନ ବୋଲି ମତ ଦେଇଥିଲେ । ପ୍ରଶାନ୍ତ ରଣା ମଞ୍ଚ ପରିଚାଳନା କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାହାଣ୍ଡିର ଘୁଡୁକା ନାଚ ଓ ଟେଲି ଅଭିନେତ୍ରୀ ଆଦ୍ୟାଶା ବିଶ୍ୱାଳଙ୍କ ସଂଳାପ ଓ ନୃତ୍ୟ ଦର୍ଶକଙ୍କୁ ଭରପୁର ମନୋରଞ୍ଜନ ଯୋଗାଇଥିଲା । ଅନୁଷ୍ଠିତ କଂସ ଦରବାରରେ ଷଡ଼ ମଲ୍ଲ ନିଧନରେ କଂସ ବିଚଳିତ, ନାରଦ ରାଜ ଦରବାରରେ ପ୍ରବେଶ, ରଙ୍ଗ ସଭା ,ଅକ୍ରୁର ଗମନ ଆଦି ମଞ୍ଚସ୍ଥ ହୋଇଥିଲା। ପଶ୍ଚିମ ଓଡ଼ିଶାର ଚର୍ଚ୍ଚିତ ମଞ୍ଚ କଳାକାର ସୁଶିଲ କୁମାର ମେହେରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କ ମନମୋହିଥିଲା । ମହୋତ୍ସବ କମିଟି ଆବାହକ ଧିରୋଜ ଭୋଇ, ସଭାପତି ମନୋଜ ଦାଶ, ସମ୍ପାଦକ ଭକ୍ତ ସାହୁ, ସାଂସ୍କୃତିକ ପ୍ରଭାରୀ ଲମ୍ବୋଦର ବେହେରା, କମିଟି ସଦସ୍ୟ, ସ୍ୱେଚ୍ଛାସେବୀ ଓ ଗଣମାଧ୍ୟମ ପ୍ରତିନିଧି ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

## ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା

ଅମରପାଲି, ୧୩।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ନୂଆଗଡ ଗ୍ରାମରେ ଅଷ୍ଟ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ମହାନଦୀରୁ ମହିଳା ଓ ପୁରୁଷମାନେ ଏକ ଶୋଭାଯାତ୍ରାରେ ପୂର୍ଣ୍ଣ ଜଳ କଳସ ଆଣି ନାମଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ମଙ୍ଗଳବାର ନାମଯଜ୍ଞ ଆରମ୍ଭ ହେବ। ବୁଧବାର ନାମଯଜ୍ଞ ପୂର୍ଣ୍ଣାହୁତି ସହିତ ନଗର ପରିକ୍ରମା ଓ ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମ ଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ବାଗବର ହନୁମାନ ଛକ ଠାରେ ହନୁମାନ ମନ୍ଦିର କମିଟି ପକ୍ଷରୁ ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା ହୋଇଛି। ବୁଧବାର ପୂର୍ଣ୍ଣାହୁତି ଓ ନଗର କୀର୍ତ୍ତନ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ତରଭା, ୧୩।୧(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛ। ଜିଲାପାଳ ଅନ୍ୟା ଦାସ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବୀରେନ୍ଦ୍ର କୁମାର ନାୟକ ଶିବିରରେ ଯୋଗଦେଇ ଜନସାଧାରଣ ୪୭ ପଞ୍ଜୀକୃତ ଅଭିଯୋଗ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୩୩ଟି ବ୍ୟକ୍ତିଗତ ଓ ୧୪ ଗୋଟି ସାମୂହିକ ଥିଲା। ୫ ଅଭିଯୋଗର ତତ୍କାଳ ଫଏସଲା ହୋଇଥିଲା। ଅବଶିଷ୍ଟ ଅଭିଯୋଗଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଡିଓ ଗଙ୍ଗାରାମ ବୁଡେକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ସୁବର୍ଣ୍ଣପୁର ଅଶ୍ୱିନୀ କୁମାର ମେହେର, ଉପଜିଲାପାଳ ସୋନପୁର ସୌମ୍ୟାରୂପା ରଥ, ଜିଲା ମୁଖ୍ୟ ଜନ ସ୍ୱାସ୍ଥ୍ୟ ଅଧିକାରୀ ପ୍ରଦୀପ କୁମାର ଗୁରୁ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଅବକାରୀ ଅଧୀକ୍ଷକ ପ୍ରବୀର କୁମାର ସାମଲ, ଜିଲା ମଙ୍ଗଳ ଅଧିକାରୀ ଅଚ୍ୟୁତନନ୍ଦ ସିଂ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ, ଉପପ୍ରାନ୍ତୀୟ ଶ୍ରମ ଆୟୁକ୍ତ ଡିଲେଶ୍ୱର ଖାକା, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜ୍ଜୁନ ଚରଣ ମାଝୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ତରଭା ଏନଏସି ଇଓ ଲକ୍ଷ୍ମୀକାନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଫକୀରମୋହନ ସେନାପତିଙ୍କ ଜୟନ୍ତୀ ପାଳିତ

ହରଭଙ୍ଗା, ୧୩।୧(ନରେନ୍ଦ୍ର କୁମାର ସାହୁ)



ଜୟନ୍ତୀ ଉତ୍ସବରେ ଅତିଥିମାନେ।

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଭୈରବୀ ସ୍ନାତକ ମହବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପିକା ଶୁଭ୍ରମଲ୍ଲିକା ପ୍ରଧାନଙ୍କ ଅଧ୍ୟକ୍ଷତାରେ ବ୍ୟାସକବି ଫକୀରମୋହନଙ୍କ ଜୟନ୍ତୀ ସୋମବାର ଦିନ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼.ରମେଶ ଚନ୍ଦ୍ର ତାରେଣିଆ ଓ ଇଂରାଜୀ ବିଭାଗର ମୁଖ୍ୟ ଡ଼. ପ୍ରମୋଦ କୁମାର ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ କାଳଜୟୀ ଉପନ୍ୟାସ‘ ଛ ମାଣ ଆଠଗୁଣ୍ଠ’ ଓ ରେବତୀ ଗଳ୍ପ ଉପରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଆ ସମ୍ମାନ ବିଭାଗର ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଓଡ଼ିଆ ବିଭାଗର ଛାତ୍ରୀ ସ୍ୱର୍ଣ୍ଣପ୍ରଭା ଦନ୍ତ ପରିଚାଳନା କରିଥିବା ବେଳେ। ଓଡ଼ିଆ ବିଭାଗର ଅଧ୍ୟାପିକା ଦମୟନ୍ତୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

## କଲେଜ ଫାଟକରେ ତାଲା ପକାଇ ଧାରଣା

ବୌଦ୍ଧ, ୧୩।୧(ଅଜିତ କୁମାର ବାରିକ)

ବୌଦ୍ଧ ସହରରେ ଥିବା ସର୍ବପୁରାତନ ପଞ୍ଚାୟତ ମହାବଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ଛାତ୍ରୀଛାତ୍ରମାନେ କଲେଜ ଫାଟକରେ ସୋମବାର ତାଲା ପକାଇ ଧାରଣାରେ ବସିବା ସହ ଆନ୍ଦୋଳନ କରିଥିଲେ। କଲେଜ କର୍ତ୍ତୃପକ୍ଷ ଓ ପୋଲିସ ଆନ୍ଦୋଳନକାରୀ ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ମହାବିଦ୍ୟାଳୟ ଭିତରକୁ ଅଣଛାତ୍ର ପ୍ରବେଶ କରୁଥିବା ଯୋଗୁ ଶିକ୍ଷାକ୍ଷେତ୍ରରେ ବାଧା ଉପୁଜୁଛି। ପାଚେରି ନ ଥିବାରୁ ଅଣଛାତ୍ରମାନେ ମହାବିଦ୍ୟାଳୟରେ ପ୍ରବେଶ କରୁଛନ୍ତି। ପାଚେରି ନିର୍ମାଣ ଓ ଅନ୍ୟ ଦାବି ପୂରଣ ନେଇ ଧାରଣାରେ ବସିଥିଲେ । ଆନ୍ଦୋଳନରେ କଲେଜର ବହୁ ଛାତ୍ରୀଛାତ୍ର ସାମିଲ ଥିଲେ।

## ଜୁଲୁଣ୍ଡା ହାଇସ୍କୁଲରେ ସମ୍ବର୍ଦ୍ଧନା ସଭା


ଦୁଇ କୃତୀ କ୍ରୀଡାବିତ୍‌ଙ୍କୁ ସ୍କୁଲ ପରିସରରେ ସମ୍ବର୍ଦ୍ଧିତ କରାଯାଉଛି।

ବିନିକା, ୧୩।୧(ରାମଗୋପାଳ ବାଗ)

ମହାରାଷ୍ଟ୍ର ଶିବାଜି କମ୍ପ୍ଲେକ୍ସ ଜଲଗାଁଓଠାରେ ଜାତୀୟସ୍ତରରେ ଆୟୋଜିତ ୧୭ ବର୍ଷରୁ କମ୍ ସଫ୍ଟବଲ ପ୍ରତିଯୋଗିତାରେ ଓଡ଼ିଶା ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ଦଳରେ ବିନିକା ବ୍ଲକ ଯୁଲୁଣ୍ଡା ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ପ୍ରୀତି ମହାକୁର, ଛାତ୍ର ବାଦଲ ତାଣ୍ଡି ସାମିଲ ଥିଲେ। ଗ୍ରାମରେ ପହଞ୍ଚିବା ପରେ ସୋମବାର ଏହି ୨ କ୍ରୀଡାବିତ୍‌ଙ୍କୁ ସ୍କୁଲରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ପଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ଖେଳ ଶିକ୍ଷକ ମନୋଜ ପାତ୍ରଙ୍କ ପରିଚାଳନାରେ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥିଭାବେ ପରିଚାଳନା କମିଟି ସଭାପତି ଜୟନ୍ତ କୁମାର ବେହେରା ଯୋଗଦେଇ ବାଦଲ ଓ ପ୍ରୀତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ଦୟାସାଗର ପାଣ୍ଡିଆ, ଲିଙ୍ଗରାଜ ପଧାନ, ସରୋଜ କୁମାର ଭୁକ୍ତା, ଗଙ୍ଗାଧର ସାହୁ ଉପସ୍ଥିତ ଥିଲେ।

## ଜଗନ୍ନାଥ କ୍ରିକେଟ: କେନ୍ଦୁପାଲି ଚାମ୍ପିୟନ

ଅମରପାଲି, ୧୩।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତ ବିଶାଳପାଲି ସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ୧୧ତମ ଜୟ ଜଗନ୍ନାଥ କ୍ରିକେଟ ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଛି କେନ୍ଦୁପାଲି। ଦୁଇଟି ଫର୍ମାଟରେ ହୋଇଥିବା ଫାଇନାଲ ମ୍ୟାଚରେ କେନ୍ଦୁପାଲି ବ୍ରାହ୍ମଣୀପାଲିକୁ ହରାଇ ଟାଇଟଲ ହାତେଇଛି।

ଟସ୍ ଜିଣି ପ୍ରଥମ ଫର୍ମାଟରେ ବ୍ରାହ୍ମଣୀପାଲି ଦଳ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୪ ଉଇକେଟ ହାରାଇ ୮୩ ରନ କରିଥିଲା। ଜବାବରେ କେନ୍ଦୁପାଲି ଦଳ ଆବଶ୍ୟକ ୮୪ ରନକୁ ୬.୧ଓଭର ରେ ୪ ଉଇକେଟ ହରାଇ ସଂଗ୍ରହ କରିଥିଲା। ଦ୍ୱିତୀୟ ଫର୍ମାଟରେ ବ୍ରାହ୍ମଣୀପାଲି ଦଳ ନିର୍ଦ୍ଧାରିତ ୪ ଓଭରରେ ୪ ଉଇକେଟ ହରାଇ ୩୪ ରନ କରିଥିଲେ। ଜବାବରେ କେନ୍ଦୁପାଲି ଦଳ ଆବଶ୍ୟକ ରନକୁ ୩.୫ ଓଭରରେ ୫ ଉଇକେଟ ହରାଇ ସଂଗ୍ରହ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ କେନ୍ଦୁପାଲି ଦଳ ଚାମ୍ପିୟନ ହୋଇଥିଲା। ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ଓ ବହଳପଦର ସେବା ସମବାୟ ସମିତି ସମ୍ପାଦକ ପ୍ରଫୁଲ୍ଲ ଦନ୍ତ ଅତିଥିଭାବେ ଯୋଗଦେଇ ଫାଇନାଲ ଖେଳକୁ ଉଦ୍‌ଘାଟନ କରିଥିଲେ। ପ୍ରାଣବନ୍ଧୁ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଜିଲା ପରିଷଦ ସଭ୍ୟ ଲବ କୁମାର ସହୁ ମୁଖ୍ୟ ଅତିଥି, ବଡ଼କିରାସିରା କେନ୍ଦୁପାତ୍ର ରେଞ୍ଜ ଅଧିକାରୀ ଦୀପ୍ତି ରଞ୍ଜନ ବିଶ୍ୱାଳ, ସ୍ଥାନୀୟ ସମିତି ସଭ୍ୟା ସୁଗନ୍ଧା ଘିବିଲା, ସରପଞ୍ଚ ପ୍ରତିନିଧି ଗୋପାଳ ସେଠୀ, କ୍ରୀଡାବିତ ଏକଲବ୍ୟ ବେହେରା, ପ୍ରଭାସ ପଣ୍ଡା ଓ ଅଶୋକ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦୁପାଲିର ଅରବିନ୍ଦ ଝଙ୍କାରଙ୍କୁ ମ୍ୟାନ ଅଫ ଫାଇନାଲ, ସିରିଜ ଓ ଶ୍ରେଷ୍ଠ ସିକ୍ସର, ବ୍ରାହ୍ମଣୀପାଲିର ଲିପୁ ପ୍ରଧାନଙ୍କୁ ଶ୍ରେଷ୍ଠ ବ୍ୟାଟର, ଭିକିଙ୍କୁ ଶ୍ରେଷ୍ଠ ବୋଲର ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଦଳକୁ ୧୯ ହଜାର ଟଙ୍କା ସହିତ ଟ୍ରଫି ଏବଂ ଉପ ବିଜେତା ଦଳକୁ ୧୩ ହଜାର ଟଙ୍କା ସହିତ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା।



ଅତିଥିଙ୍କ ସହିତ ଚାମ୍ପିୟନ ଦଳର ଖେଳାଳିମାନେ।

## ଉଦ୍ୟମୀ ସର୍ବଦା ସଫଳତା ପାଇଥାଏ

### ବାଗବର ୟୁପି ସ୍କୁଲର ବାର୍ଷିକ ଉତ୍ସବ

ଅମରପାଲି, ୧୩।୧(ପୀତାମ୍ବର ସାହୁ)



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ପରିଶ୍ରମ ନ କଲେ ସୁପ୍ତ ସିଂହର ମୁଖରେ ଆହାର ପଡ଼ି ନ ଥାଏ। ପିମ୍ପୁଡ଼ି ପରିଶ୍ରମ କରି ନିଜ ପାଇଁ ଯୋଗାଡ କରି ନିଜ ଖାଦ୍ୟ ଭଣ୍ଡାର ସମ୍ପୂର୍ଣ୍ଣ କରିଥାଏ। ସେହିପରି ଭାବେ ପରିଶ୍ରମ ନ କଲେ ଛାତ୍ରୀଛାତ୍ରମାନେ ବିଫଳତାର ସମ୍ମୁଖୀନ ହୋଇଥାନ୍ତି। ଅନବରତ ଉଦ୍ୟମୀ ଛାତ୍ରୀଛାତ୍ରମାନେ ସର୍ବଦା ସଫଳତା ହାସଲ କରିଥାନ୍ତି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ବାଗବର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥିମାନେ ଉପରୋକ୍ତ ମତ ରଖିଛନ୍ତି। ସୋମବାର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ସଭାରେ ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ମୁଖ୍ୟ ଅତିଥି, ମୁର୍ଷୁଣ୍ଡୀ ସରପଞ୍ଚ ମନୋଜ କୁମାର ସାହୁ ମୁଖ୍ୟବକ୍ତା ଏବଂ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମାର୍କଣ୍ଡେଶ୍ୱର ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅକ୍ଷୟ କୁମାର ଦାଶ, ମନୋରଞ୍ଜନ ଭୋଇ, ସପ୍ତଦୀପା ସାହିତ୍ୟ ସଂସଦ ସଭାପତି ଡ.ଦ୍ୱିତୀକୃଷ୍ଣ ପଣ୍ଡା, ସ୍ୱେଚ୍ଛାସେବୀ କିଶୋର ହୋତା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶିକ୍ଷୟିତ୍ରୀ ମିନାକ୍ଷୀ ପଧାନ ବିଦ୍ୟାଳୟର ବିବରଣୀ ପାଠ କରିଥିଲେ। ଏହିକ୍ରମରେ ବିଦ୍ୟାଳୟରେ ୧୫୫ ଜଣ ଶିକ୍ଷାର୍ଥୀ ଥିବାବେଳେ ଶ୍ରେଣୀ କୋଠରୀର ଅଭାବ, ଶାରିରୀକ ଶିକ୍ଷା ଶିକ୍ଷକଙ୍କ ଆବଶ୍ୟକତା, ସ୍ମାର୍ଟ କ୍ଲାସରୁମ ଆଦି ବିଇଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଅନୁଷ୍ଠାନର ଛାତ୍ର ବଳରାମ ଦଣ୍ଡସେନାଙ୍କୁ ଶ୍ରେଷ୍ଠ ଛାତ୍ର, ମହାବୀର ସେଠୀ ଓ ରୀୟା ମହାକୁରଙ୍କୁ ଶ୍ରେଷ୍ଠ ଶୃଙ୍ଖଳିତ ଛାତ୍ରୀ ଓ ଛାତ୍ର, ସ୍ନେହାସିନୀ ସେଠୀଙ୍କୁ ପୋଷଣ ପୁରସ୍କାର, ଅସ୍ମିତା ଭୋଇଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ପୁରସ୍କୃତ କରାଯାଇଥିଲା। କମିଟି ସଦସ୍ୟ, ସଦସ୍ୟା ଗୋପାଳ ଦାଶ, ଧନମାଳୀ ସାହୁ, ମମତା ମହାକୁର, ପଙ୍କଜିନୀ ଘିବେଲା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ପ୍ରତି ଶ୍ରେଣୀର ଗତ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ର ଏବଂ ପ୍ରତି ଶ୍ରେଣୀରେ ସର୍ବାଧିକ ଉପସ୍ଥାନ ଥିବା ଛାତ୍ରୀଛାତ୍ରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ପ୍ରଭୁଦତ୍ତ ବେଦୋକ୍ତା ସଭା ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ଗୌରୀ କୁମୁରା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ସୁରେନ୍ଦ୍ର କୁମାର ଓତା, ଶିକ୍ଷୟିତ୍ରୀ ମୌସୁମୀ ଭୋଇ ପ୍ରମୁଖ ସହଯୋଗ କରିଥିଲେ। ସଭା ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସଂକ୍ଷେପରେ

### ହାତୁଡିରେ ପିଟି ସ୍ତ୍ରୀଙ୍କୁ ହତ୍ୟା କଲେ ସ୍ୱାମୀ

କୁଚିଣ୍ଡା,୧୩।୧(ବିରଞ୍ଚି ଦର୍ଚ୍ଚା)

ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ଜୁରାପାଲି ମୁଙ୍ଗାପଡାର ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଫିଲମନ ଡୁଙ୍ଗଡୁଙ୍ଗ ହାତୁଡିରେ ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତା ହେଲେ ହିରମିନା ଡୁଙ୍ଗଡୁଙ୍ଗ (୪୦)। ଫିଲମନଙ୍କ ଭାଇବୋହୂ ପ୍ରମିଳାଙ୍କ ରିପୋର୍ଟ କ୍ରମେ ଥାନାରେ ଦଫା ୧୦୩(୧) (ନଂ.୪/୨୫)ରେ ଏକ ମାମଲା ରୁଜୁ କରି ପୋଲିସ ଫିଲମନଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି। ପୋଲିସ ହତ୍ୟାରେ ବ୍ୟବହୃତ ହାତୁଡି ଜବତ କରିଛି। ରବିବାର ସନ୍ଧ୍ୟା ପ୍ରାୟ ୭ଟାରେ ଫିଲମନ କୌଣସି କାରଣକୁ ନେଇ ହିରମିନାଙ୍କ ମୁଣ୍ଡକୁ ଏକ ହାତୁଡିରେ ପିଟି ହତ୍ୟା କରିଥିଲେ। ଗୋବିନ୍ଦପୁର ପୋଲିସ ସାଇଣ୍ଟିଫିକ ଟିମସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଗୋବିନ୍ଦପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି।

### ସିଦ୍ଧେଶ୍ୱର ବେର୍ଣ୍ଣା ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

ସମ୍ବଲପୁର,୧୩।୧(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ସିଦ୍ଧେଶ୍ୱର ବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୩ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟ ଅତିଥି, ଡ଼. ପୁରୁଷୋତ୍ତମ ଅଗ୍ରୱାଲ ମୁଖ୍ୟବକ୍ତା, ପ୍ରମୋଦ ପାଢୀ ଏବଂ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଡ.ସଚ୍ଚିଦାନନ୍ଦ ବକ୍ସି ସମ୍ମାନିତ ଅତିଥ୍ୟ ଭାବେ ମଞ୍ଚାସୀନ ଥିଲେ। ପରିଚାଳନା ସମିତି ସମ୍ପାଦକ ଅଖେଳ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ ଶିଶୁ ମନ୍ଦିରର ସଂସ୍କାର ଓ ପରମ୍ପରା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଉତ୍ତମ ଛାତ୍ରର ଗୁଣାବଳୀ ତଥା ଭାରତର ଆଦର୍ଶ, ସଂସ୍କାର ଓ ଐତିହ ଉପରେ ମାର୍ଗଦର୍ଶନ କରିଥିଲେ। ଗତ ଶିକ୍ଷାବର୍ଷରେ ଦଶମ ବୋର୍ଡ ପରୀକ୍ଷାରେ ସର୍ବୋଚ୍ଚ ଅଙ୍କ ରଖିଥିବା ଆୟୁଷ ପଟ୍ଟନାୟକ ଏବଂ ବିଭିନ୍ନ ପ୍ରତିଯୋଗିତରେ କୃତ ୪୭ ଜଣ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନାଟକ ପ୍ରଦର୍ଶିତ ହୋଇଥିଲା।

### ଅଶାଳୀନ ମନ୍ତବ୍ୟ ପାଇଁ ଏସ୍‌ପିଙ୍କୁ ଫେରାଦ

ସମ୍ବଲପୁର,୧୩।୧(ପ୍ରମୋଦ ବହିଦାର)

ସମ୍ବିଧାନ ପ୍ରଣେତା ବାବା ସାହେବ ଭୀମରାଓ ଅମ୍ବେଡ଼କରଙ୍କ ପ୍ରତି ସମ୍ବଲପୁରର ଜଣେ ବ୍ୟକ୍ତି ଅଶାଳୀନ ମନ୍ତବ୍ୟ ଦେଇଥିବା ନେଇ ୧୦ରୁ ଅଧିକ ଦଳିତ ସଙ୍ଗଠନ ପ୍ରତିନିଧି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକାରୀଙ୍କ ପକ୍ଷରୁ କୁହାଯାଇଛି ଯେ, ବିଭିନ୍ନ ସଭା ସମିତିରେ ସମ୍ପୃକ୍ତ ବ୍ୟକ୍ତି ବାବା ସାହେବଙ୍କ ପ୍ରତି ଯୋଜନାବଦ୍ଧ ଭାବେ ଅସାମ୍ବିଧାନିକ ଭାଷା ପ୍ରୟୋଗ କରିଛନ୍ତି। ଏହା ବାବା ସାହେବଙ୍କ ସମ୍ମାନକୁ କ୍ଷୁର୍ଣ୍ଣ କରିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ମହେଶ୍ୱ ଷଣ୍ଢ, ପୁରନ୍ଦର ସୁନା, ନୀଳାଚଳ ସୁନା, ଆକୁଳ ମହାନନ୍ଦ, ହେମନ୍ତ୍ର ଗର୍ଡିଆ, ବାବୁଲୁ ଛୁରିଆ, ସରୋଜିନୀ ବେହେରା ପ୍ରମୁଖ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କୁ ସାକ୍ଷାତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

# ବନ୍ୟା ନିୟନ୍ତ୍ରଣରେ ହୀରାକୁଦ ବନ୍ଧ ଫେଲ୍: ଜୟନାରାୟଣ

ସମ୍ବଲପୁର,୧୩।୧(ଭବାନୀ ଶଙ୍କର ଭୋଇ)


ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଏବଂ ହୀରାକୁଦ ବନ୍ଧ କର୍ତ୍ତୃପକ୍ଷ ଶହୀଦ ସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।

ହୀରକୁଦ ବନ୍ଧ ନିର୍ମାଣ ସୋମବାର ୬୯ବର୍ଷରେ ପଦାର୍ପଣ କରିଛି। ହୀରାକୁଦ ବନ୍ଧ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଡାହଣପାର୍ଶ୍ୱରେ ହୀରାକୁଦ ବନ୍ଧର ୬୯ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥିଭାବେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଯୋଗଦାନ କରି ପ୍ରତିଷ୍ଠା ଦିବସ ଉପଲକ୍ଷେ ଥିବା ସ୍ୱତନ୍ତ୍ର କେକ କାଟିଥିଲେ। ଏହି ଅବସରରେ ବିଧାୟକ ମିଶ୍ର କହିଥିଲେ, ହୀରାକୁଦ ଜଳଭଣ୍ଡାର ପାଇଁ ଲୋକ କେତେ ଉପକୃତ ହୋଇଛନ୍ତି ତାହା ସମୀକ୍ଷା କରିବାର ଆବଶ୍ୟକତା ରହିଛି । ହୀରାକୁଦ ଜଳଭଣ୍ଡାର ବିସ୍ଥାପିତ ହେଉଛନ୍ତି ପୃଥିବୀର ସବୁଠାରୁ ବଡ଼ ବିସ୍ଥାପନ । ଲୋକଙ୍କୁ ବନ୍ଧୁକ ମୁନରେ ରାତି ଅଧରେ ବିସ୍ଥାପିତ କରାଯାଇଥିବା ସେ କହିଛନ୍ତି । ପୁଣି ବନ୍ୟା ନିୟନ୍ତ୍ରଣରେ ହୀରାକୁଦ ବନ୍ଧ ଫେଲ ମାରିଛି । ତା ସହ ବନ୍ଧ ଯୋଗୁ ସମ୍ବଲପୁରରେ ବନ୍ୟା ହେଉଛି । ପୁଣି ବନ୍ଧ ନିର୍ମାଣ ପାଇଁ ଅଯୋଧ୍ୟାନାଥ ଖୋସଲାଙ୍କ ରିପୋର୍ଟକୁ ଚପେଇ ଦିଆଯାଇଥିଲା । ତାଙ୍କ ରିପୋର୍ଟ ଆଧାରରେ ବନ୍ଧ ନିର୍ମାଣ କରାଯାଇଥିଲେ ଏତେ ମାତ୍ରାରେ ବିସ୍ଥାପନ ହୋଇ ନ ଥାନ୍ତା ବୋଲି ସେ ଅଭିଯୋଗ କରିଛନ୍ତି । ଅତି କମ୍ ଦରରେ ସରକାରୀ ଭାବେ ବିସ୍ଥାପିତମାନଙ୍କୁ କ୍ଷତିପୂରଣ ଦିଆଯାଇଥିଲା। ମୋର ପୂର୍ବଜ ମଧ୍ୟ ବିସ୍ଥାପିତ ଅଟନ୍ତି ବୋଲି ଜୟନାରାୟଣ କହିଛନ୍ତି। ସେମାନେ ବନ୍ଧ ନିର୍ମାଣକୁ ବିରୋଧ କରୁଥିଲେ। ବନ୍ଧ ଯୋଗୁ ଅନେକ ଲୋକ ବିସ୍ଥାପିତ ହେବାପରେ ଓଡ଼ିଶା ଛାଡି ଛତିଶଗଡର ସ୍ଥାୟୀ ବାସିନ୍ଦା ହେଲେ। ପୁଣି ବିଦ୍ୟୁତ, ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ ପାଇଁ ହୀରାକୁଦ ଜଳଭଣ୍ଡାର କେତେକ ଲାଭ ଦେଲା ଓ ଆଉ କେତେ ଲାଭ ଦେଇ ପାରିଥାନ୍ତା ସେନେଇ ନିଶ୍ଚିତ ସମୀକ୍ଷା କରିବା କରିବାର ସମୟ ଆସିଛି। ହୀରାକୁଦ ବନ୍ଧରେ ସ୍ଥାନୀୟ ଲୋକଙ୍କ ପାଇଁ ଏକ ଘା' ହୋଇ ରହିଛି । ବିସ୍ଥାପିତ ମାନଙ୍କୁ ଆଜି ପର୍ଯ୍ୟନ୍ତ ନ୍ୟାୟ ଦିଆଯାଇ ପାରିନାହିଁ । ସମ୍ବଲପୁରରେ ଆଗରୁ କେବେ ବନ୍ୟା ହେଉ ନ ଥିଲା। ହୀରାକୁଦ ବନ୍ଧ ପାଇଁ ଏବେ ସମ୍ବଲପୁରରେ ବନ୍ୟା ହେଉଥିବା ନେଇ ଜୟନାରାୟଣ ଅଭିଯୋଗ କରିଛନ୍ତି ।

### ପ୍ରତିଷ୍ଠା ଦିବସରେ ବଳିଦାନ ଦେଇଥିବା ଲୋକଙ୍କୁ ଶ୍ରଦ୍ଧାଞ୍ଜଳି

ତେବେ ପ୍ରତିଷ୍ଠା ଦିବସରେ ହୀରାକୁଦ ଜଳଭଣ୍ଡାର ନିର୍ମାଣ ସମୟରେ ୧୨୮ ଜଣ ସହୀଦ ହୋଇଥିବା ଲୋକଙ୍କ ସ୍ମୃତିରେ ନିର୍ମିତ ସହୀଦ ସ୍ତମ୍ଭରେ ପ୍ରଦୀପ ପ୍ରଜ୍ୱଳନ ସହ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାର ପାଇଁ ୧ ଲକ୍ଷ ୫୯ହଜାର ଜମିରେ ଜଳସେଚନ କରାଯାଇ ପାରୁଥିବା ବେଳେ ଶିଳ୍ପ ତଥା ପିଇବା ପାଣି ଯୋଗାଣ, ବିଦ୍ୟୁତ୍ ଉତ୍ପାଦନ ଓ ଇକୋ ଟୁରିଜମ ବିକାଶ, ମତ୍ସ୍ୟଚାଷ କ୍ଷେତ୍ରରେ ମଧ୍ୟ ହୀରାକୁଦ ଜଳଭଣ୍ଡାର ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା ନେଇ ମୁଖ୍ୟଯନ୍ତ୍ରୀ ଆନନ୍ଦ କୁମାର ସାହୁ କହିଛନ୍ତି।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି


ଜନଶୁଣାଣି କାର୍ଯ୍ୟକ୍ରମରେ ଅଧିକାରୀମାନେ।

ଜମନକିରା,୧୩।୧(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳ, ଏସ୍‌ପିଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ମୁକେଶ କୁମାର ଭାମୁଙ୍କ ଶିବିରରେ ଯୋଗଦେଇ ସାମୂହିକ ୨୮ ଓ ୨୫ବ୍ୟକ୍ତିଗତ ଅଭିଯୋଗର ଶୁଣାଣି କରିଥିଲେ। ଏହି ଶିବିରକୁ ଭୋଜପୁର ଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ବଡରମା ବୈଷ୍ଣୋଦେବୀ ମହିଳା ସ୍ୱୟଂ ଗୋଷ୍ଠୀ, ଜମନକିରା ପାର୍ବତୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମା'ମାନେ ସ୍ୱପ୍ରସ୍ତୁତ ଖାଦ୍ୟ ସାମଗ୍ରୀକୁ ପ୍ରଦର୍ଶିତ କରିଥିଲେ। ଆଜିର ଶୁଣାଣିରେ ମୁଖ୍ୟତଃ ଜାତୀୟ ରାଜପଥ ବାଇପାସ ଉଭୟ ସଂଯୋଗ ସ୍ଥାନରେ ଗୋଲେଇ ଛକ ସହ ହାଇମାଷ୍ଟ ଲାଇଟ ଏବଂ ଗ୍ଲୋ ବୋର୍ଡ ଲଗାଇବା ପାଇଁ ଲୋକେ ଦାବି କରିଥିଲେ। ଫାଶିମାଲ ପଞ୍ଚାୟତରେ ଦୁଇଟି କାମ ପାଇଁ ଆବଣ୍ଟିତ ୧୦ଲକ୍ଷ ଟଙ୍କା ଶୀଘ୍ର ବିନିଯୋଗ କରିବା ପାଇଁ ଜିଲାପାଳ ଜମନକିରା ବ୍ଲକରେ କାର୍ଯ୍ୟରତ ସହକାରୀ ନିର୍ବାହୀ ଯନ୍ତ୍ରୀ ଏବଂ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ ପାତ୍ର, ବିଡ଼ିଓ ରବୀନ୍ଦ୍ର କୁମାର ସେଠୀ, ତହସିଲଦାର ହରେକୃଷ୍ଣ ବାରିହା, ଆଇଆଇସି ପଦ୍ମାଳୟା ସାହୁଙ୍କ ସମେତ ବିଭିନ୍ନ ଲାଇନ ବିଭାଗର ଜିଲା ଓ ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# କୃଷିଭିତ୍ତିକ ଗଣପର୍ବ ପୁଷପୁନି ଭେଟ୍‌ଘାଟ

ସମ୍ବଲପୁର,୧୩।୧ (ବି.ଶଙ୍କର)


ପୁଷପୁନି ଭେଟ୍‌ଘାଟରେ ପିଠାପଣା ପ୍ରତିଯୋଗିତାରେ ମହିଳାମାନେ।

ସମ୍ବଲପୁରୀ ଭାଷା ସଂସ୍କୃତିକ ପରିଷଦ ପକ୍ଷରୁ କୃଷିଭିତ୍ତିକ ଗଣପର୍ବ ପୁଷପୁନି ଭେଟ୍‌ଘାଟ ସୋମବାର ସମ୍ବଲପୁର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡ଼ିଶାର ପାରମ୍ପରିକ ପିଠାମଡାକୁ ନେଇ ପ୍ରତିଯୋଗିତା ହୋଇଥିଲା। ମହିଳା ପ୍ରତିଯୋଗୀଙ୍କ ପ୍ରସ୍ତୁତି ବିଭିନ୍ନ ପ୍ରକାର ପାରମ୍ପରିକ ପିଡାମଡାରେ ଉତ୍ସବସ୍ଥଳି ମହକି ଉଠିଥିଲା। ପ୍ରତିଯୋଗୀମାନେ ସୁସଜ୍ଜିତ ପାତ୍ରରେ ପିଠା ରଖି ପ୍ରତିଯୋଗୀତାରେ ଭାଗ ନେଇଥିଲେ। ମୁଖ୍ୟତଃ ଲକ୍ଷ୍ମୀ ଭୋଗ, କୁଦୋ ପୋଡ ପିଠା, ତିନି ପୁରିଆ ମାଣ୍ଡିଆ କାକରା, ରାବିଡି ମାଲ ପୁଆ, ଦୁଦୁରା ପିଠା, ଖିର ଗାଣ୍ଡିଆ, ଗାଜରୀ ପୁଆ, ଦଶପୁର ମଣ୍ଡା, ଗୋକୁଳ ପିଠା, କାକାରା ପ୍ରଭୃତି ପିଠା ପ୍ରଦର୍ଶିତ ହୋଇଥିଲା। ପ୍ରତିଯୋଗିତାରେ ୨୪ ବର୍ଷ ବୟସ୍କା ଯୁବତୀଙ୍କଠାରୁ ଆରମ୍ଭ କରି ୮୬ ବର୍ଷ ବୟସ୍କା ବୃଦ୍ଧା ଭାଗ ନେଇଥିଲେ । ଭାସ୍ୱତୀ ଦାଶ, ଜ୍ୟୋସ୍ନାମୟୀ ପଣ୍ଡା ଏବଂ ଅନୀତା ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏଥିସହ ନିରୂପମା ପ୍ରଧାନ ଓ ପଙ୍କଜିନୀ ମେହେରଙ୍କୁ ପ୍ରୋତ୍ସାହନ ପୁରସ୍କାର ଦିଆଯାଇଛି। ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ଉପସଭାପତି ଦୀପକ କୁମାର ପଣ୍ଡାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା । ସଭାରେ ଇଂ.ସୁଶାନ୍ତ କୁମାର ଗୁରୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆମର ପାରମ୍ପରିକ ଖାଦ୍ୟପେୟ ଆମ ସମ୍ବଲପୁରୀ ସଂସ୍କୃତିର ପ୍ରମୁଖ ଅଙ୍ଗ । ପୁଷପୁନି ପର୍ବର ବିଶେଷତ୍ୱ ଓ ଆମ ଖାଦ୍ୟପେୟ ବାବଦରେ ଅଧିକ ଲେଖା ଉପରେ ମୁଖ୍ୟ ଅତିଥି ଗୁରୁତ୍ୱ ଦେଇଥିଲେ । ଡ. ସତ୍ୟ ନାରାୟଣ ଠାକୁର ମୁଖ୍ୟବକ୍ତାଭାବେ ଯୋଗଦେଇ ସମ୍ବଲପୁରୀ ସଂସ୍କୃତିରେ ମହନୀୟତା ଓ ପୁଷପୁନିର ମହତ୍ତ୍ୱ ବାବଦରେ ଆଲୋଚନା କରିଥିଲେ। ପ୍ରଶାନ୍ତ କୁମାର ପାଢଯୋଷୀ ସ୍ୱାଗତ ଭାଷଣ ଦେଇ ଗତ ୧୨ ବର୍ଷ ଧରି ଏହି ପିଠାପଣା ପ୍ରତିଯୋଗିତା ଆୟୋଜିତ ହୋଇଆସୁଥିବା କହିଥିଲେ। ବୋଧରାମ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

### ପାରମ୍ପରିକ ପିଠାରେ ମହକିଲା ଅଞ୍ଚଳ

# ଆଇଆଇଏମ୍ ଦିଲ୍ଲୀ କ୍ୟାମ୍ପସରେ ବିଜନେସ୍ ଆନାଲାଟିକ୍‌ସ ପାଠ୍ୟକ୍ରମ

ସମ୍ବଲପୁର,୧୩।୧(ପ୍ରମୋଦ ବହିଦାର)

ଆଇଆଇଏମ୍ ସମ୍ବଲପୁରର ଦିଲ୍ଲୀ କ୍ୟାମ୍ପସରେ ଆରମ୍ଭ ହୋଇଛି ବିଜନେସ୍ ଆନାଲିଟିକ୍‌ସର ପ୍ରଥମ ପୂର୍ଣ୍ଣକାଳୀନ ଏମବିଏ ପାଠ୍ୟକ୍ରମ। ବୈଧ କମନ୍ ଏଣ୍ଟ୍ରାନ୍ସ ଟେଷ୍ଟ(ସିଏଟି)ରେ ଉତ୍ତମ ପ୍ରତିଶତ ସହିତ ବୈଷୟିକ, ପ୍ରଯୁକ୍ତି ବିଜ୍ଞାନ ଓ ଗଣିତ କ୍ଷେତ୍ରରେ ଅତିକମ୍‌ରେ ଏକ ବର୍ଷର ଅଭିଜ୍ଞତା ଥିବା ପ୍ରାର୍ଥୀ ଏହି ପାଠ୍ୟକ୍ରମ ପାଇଁ ଆବେଦନ କରିପାରିବେ। ସେହିପରି ଥାଇଲାଣ୍ଡର ଏସିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଏଆଇଟି) ସହିତ ଏହି ଅନୁଷ୍ଠାନ ଏକ ଡୁଆଲ୍ ଡିଗ୍ରୀ ପାଠ୍ୟକ୍ରମ ପାଇଁ ଏକ ଚୁକ୍ତିପତ୍ର ସ୍ୱାକ୍ଷର କରିଛି। ଏହାଦ୍ୱାରା ଅନୁଷ୍ଠାନର ଛାତ୍ରୀଛାତ୍ର ଏକ ବିଶ୍ୱସ୍ତରୀୟ, ଆନ୍ତଃବିଭାଗୀୟ ଶିକ୍ଷା ପ୍ରଦାନ କରିବା ସହ ଏହା ଏମବିଏ ଓ ବିଜିନେସ୍ ଆନାଲିଟିକ୍‌ସ ପାଠ୍ୟକ୍ରମକୁ ମିଳିତ ଭାବେ ସୁଦୃଢ଼ କରିବ। ଏଆଇଟିରେ ଏମ୍‌ବିଏ କାର୍ଯ୍ୟକ୍ରମ ଥାଇଲାଣ୍ଡର ଶ୍ରେଷ୍ଠ ଏମ୍‌ବିଏ ପାଠ୍ୟକ୍ରମ ମଧ୍ୟରେ ସ୍ଥାନ ପାଇ ଆସିଛି। ଏହିପାଠ୍ୟକ୍ରମ ଅତ୍ୟାଧୁନିକ ବିଶ୍ଳେଷଣାତ୍ମକ ଏବଂ ବୈଷୟିକ ଦକ୍ଷତା ସହିତ ଶିକ୍ଷାକ୍ଷେତ୍ରରେ ବିଜନେସ୍ ଆନାଲିଟିକ୍‌ସ ସହ ଜଡ଼ିତ ଯେ କୌଣସି ସମସ୍ୟାର ସମାଧାନ ଓ ଆହ୍ୱାନର ମୁକାବିଲା ପାଇଁ ପରିପକ୍ୱ ପେଶାଦାର ପ୍ରସ୍ତୁତ କରିବାରେ ସକ୍ଷମ ହେବ। ଏହି କାର୍ଯ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରୀଛାତ୍ର ଦ୍ୱିତୀୟ ବର୍ଷ ଏହି ପାଠ୍ୟକ୍ରମର ସହଯୋଗୀ ଏଆଇଟି ଥାଇଲାଣ୍ଡ ଯିବାର ସୁଯୋଗ ପାଇବେ। ଦିଲ୍ଲୀ କ୍ୟାମ୍ପସ୍‌ରେ ଏମ୍‌ବିଏ ଡୁଆଲ ଡିଗ୍ରୀ ପାଠ୍ୟକ୍ରମ ଆରମ୍ଭକୁ ନେଇ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ କହିଛନ୍ତି, ଏହି କାର୍ଯ୍ୟକ୍ରମ ବିଶ୍ଳେଷଣ ଓ ପ୍ରଯୁକ୍ତି ବିଦ୍ୟାର ହବ୍ ଭାବେ ଭାରତକୁ କେବଳ ବିଶ୍ୱସ୍ତରୀୟ ପରିଚିତ କରିବନି ବରଂ ଆମର ଛାତ୍ରୀଛାତ୍ର ପରସ୍ପର ସହଭାଗିତାରେ ଡାଟା ପରିଚାଳିତ ବିଶ୍ୱରେ ଉତ୍କର୍ଷତା ହାସଲରେ ସହାୟକ ହେବ।

# ସମ୍ବଲପୁର କଳା ଏକାଡେମୀର ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ଓ ସମ୍ବର୍ଦ୍ଧିତ ପ୍ରତିଭାମାନେ।

ସମ୍ବଲପୁର,୧୩।୧(ବି.ଶଙ୍କର)

ସମ୍ବଲପୁର କଳା ଏକାଡେମୀର ୩୧ତମ ବାର୍ଷିକ ଉତ୍ସବ ସ୍ଥାନୀୟ ଓଡ଼ିଶା ସାଂସ୍କୃତିକ ସମାଜ ଭବନରେ ପାଳିତ ହୋଇଯାଇଛି । ଅନୁଷ୍ଠାନ ସଭାପତି ସଞ୍ଜୟ ମିଶ୍ରଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା । ସଭାରେ ବରିଷ୍ଠ ଚିତ୍ରଶିଳ୍ପୀ ଭୋଳାନାଥ ନାୟକ ଓ ନାଟ୍ୟକାର ତଥା ସଙ୍ଗୀତ ନିର୍ଦ୍ଦେଶକ ବ୍ରଜେନ୍ଦ୍ର ନାୟକ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଝରଣା ସାହୁ ଓ ରୋଶନୀରାଣି ଖମାରୀଙ୍କୁ ଏକାଡେମୀ ସମ୍ମାନ ଏବଂ ବିଶିଷ୍ଟ ଚିତ୍ରଶିଳ୍ପୀ ଲୀନା ମେହେରଙ୍କୁ କଳା ଏକାଡେମୀ ସମ୍ମାନ ପ୍ରଦାନ କରାଯାଇଥିଲା । ସ୍ମୃତି ମିଶ୍ର, ଅଦ୍ୱୈତା ମିଶ୍ର ଓ ଆକାଂକ୍ଷା ମହାପାତ୍ର ସଂଗୀତ ପରିବେଷଣ କରିଥିଲେ। ସଭାକୁ ଜ୍ୟୋତିରାଦିତ୍ୟ ମହାନ୍ତି ସଂଯୋଜନା କରିଥିବା ବେଳେ କରୁଣାକର ଶତପଥୀ ମାନପତ୍ର ପାଠ କରିଥିଲେ । ସୁବ୍ରତ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଆକୃତି ଦାସ ଧନ୍ୟବାଦ ଦେଇଥିଲେ । ଉତ୍ସବ ସକାଶେ ପୂର୍ବରୁ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାର ୮୦ଜଣ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରଶାନ୍ତ ମାଝୀ, ଗୌରିଦାସ ପଣ୍ଡା, ରଞ୍ଜିତ ରଥ, ବଳରାମ ହୋତା, ଆୟୁଷ୍ମାନ ଦାସ, କୁଳଦୀପ ବର୍ମା, ଦେବେନ୍ଦ୍ର ସାହୁ, ନିବେଦିତା ଦାଶ, ସହଯୋଗ କରିଥିଲେ।

# ଜାତୀୟ ଶାସନ ଟୁରରେ ଭିସୁଟ୍ ଛାତ୍ର

ସମ୍ବଲପୁର,୧୩।୧(ପ୍ରମୋଦ ବହିଦାର)


ରାହୁଲ କୃଷ୍ଣ ନନ୍ଦ

ଛାତ୍ର ସଂସଦ ଭାରତ ପକ୍ଷରୁ ଆୟୋଜିତ ଜାତୀୟ ଶାସନ(ଗଭର୍ଣ୍ଣାନ୍ସ) ଟୁରରେ ଓଡ଼ିଶାର ଏକମାତ୍ର ପ୍ରତିନିଧିଭାବେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)ର ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗ ଶେଷ ବର୍ଷ ଛାତ୍ର ରାହୁଲକୃଷ୍ଣ ନନ୍ଦ ସାମିଲ ହୋଇଥିଲେ। ଏହି ଟୁର୍‌ରେ ବିଭିନ୍ନ ଆଇଆଇଟି, ଆଇଆଇଏମ୍, ଏନଏଲୟୁ ଆଦି ପ୍ରତିଷ୍ଠାନରୁ ୭୭ଜଣ ଛାତ୍ରୀଛାତ୍ରଙ୍କୁ ଚୟନ ହୋଇଥିଲେ। ସେମାନେ ଏହି ଟୁର୍ ମାଧ୍ୟମରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନର ଶୀର୍ଷ ଅଧିକାରୀ, ପ୍ରଭାବଶାଳୀ ଓ ରାଜନୈତିକ ବ୍ୟକ୍ତିତ୍ୱଙ୍କ ସହିତ ସାକ୍ଷାତ କରି ସେମାନଙ୍କ ଅଭିଜ୍ଞତା ଆହରଣ କରିଥିଲେ। ଏହି ଟୁର ଗତ ଜାନୁଆରୀ ୫ ରୁ ୧୨ତାରିଖ ପର୍ଯ୍ୟନ୍ତ ମୁମ୍ବାଇ ଓ ଗୋଆର ବିଭିନ୍ନ ସ୍ଥାନରେ ଆୟୋଜିତ ହୋଇଥିଲା। ଏହି ଟୁରରୁ ଫେରିଲା ପରେ ଓଡ଼ିଶା ପାଇଁ ନୂତନ ନୀତି ନିର୍ଦ୍ଧାରଣ ଉପରେ ଏକ ରିପୋର୍ଟ ପ୍ରସ୍ତୁତ କରି ନୀତି ଆୟୋଗରେ ଉପସ୍ଥାପନ କରିବେ ବୋଲି କହିଛନ୍ତି ରାହୁଲ।

# ହୀରାକୁଦ ଏନଏସିର ପ୍ରଥମ ଅଧ୍ୟକ୍ଷ ଶିବପ୍ରସାଦ ମିଶ୍ରଙ୍କ ପରଲୋକ

ସମ୍ବଲପୁର,୧୩।୧(ବି.ଶଙ୍କର)



ସମ୍ପ୍ରତି ସମ୍ବଲପୁର ମହାନଗର ନିଗମରେ ବିଲୀନ ହୋଇଥିବା ହୀରାକୁଦ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି )ର ପ୍ରଥମ ନିର୍ବାଚିତ ଅଧ୍ୟକ୍ଷ ଶିବପ୍ରସାଦ ମିଶ୍ରଙ୍କ ପରଲୋକ ହୋଇଯାଇଛି। ରବିବାର ମଧ୍ୟରାତ୍ରିରେ ସମ୍ବଲପୁର ଭାଲୁପାଲିସ୍ଥିତ ତାଙ୍କ ବାସଭବନରେ ହୃଦଘାତ ଯୋଗୁ ପରଲୋକ ଘଟିଥିବା ପରିବାର ଲୋକେ କହିଛନ୍ତି। ମୃତ୍ୟୁବେଳକୁ ତାଙ୍କୁ ୮୯ ବର୍ଷ ହୋଇଥିଲା । ଅନ୍ତିମ ଶଯ୍ୟାରେ ପତ୍ନୀ ଶାନ୍ତିଲତା, ପୁଅ ଜଗଦୀଶ ଓ ଦେବଦତ୍ତ, ବୋହୂ ଶୈଳବାଳା ଓ ଇନ୍ଦ୍ରାଣୀ, ଝିଅ ଆରତୀ ଓ ଜ୍ୱାଇଁ ରବୀନ୍ଦ୍ର ଓ ପରିବାର ଲୋକେ ଉପସ୍ଥିତ ଥିଲେ। ସୋମବାରମଧ୍ୟାହ୍ନରେ ମନ୍ଦଲିଆସ୍ଥିତ ରାଜଘାଟରେ ଆତ୍ମୀୟ ସ୍ୱଜନ ଏବଂ ବନ୍ଧୁ ପରିଜନଙ୍କ ଉପସ୍ଥିତିରେ ତାଙ୍କର ଶେଷକୃତ୍ୟ କରାଯାଇଥିଲା । ବଡ଼ପୁଅ ହିଣ୍ଡାଲକୋର ଅବସରପ୍ରାପ୍ତ ଅଧିକାରୀ ଜଗଦୀଶ ମିଶ୍ର ମୁଖାଗ୍ନି ଦେଇଥିଲେ । ସମ୍ବଲପୁର ନିକଟସ୍ଥ ଶାସନ ଗ୍ରାମର ମୂଳବାସିନ୍ଦା ସ୍ୱର୍ଗତ ମିଶ୍ର ଶାସନ ବିଦ୍ୟାଳୟ ଓ ଧମା ଉଚ୍ଚ ବିଦ୍ୟାଳୟ ଏବଂ ଗଙ୍ଗାଧର ମେହେର ମବିଦ୍ୟାଳୟରୁ ଶିକ୍ଷା ଲାଭ କରିଥିଲେ। ୧୯୫୭ ମସିହାରେ ହୀରାକୁଦ ଆଲୁମିନିୟମ କାରଖାନା ଇଣ୍ଡଲ(ବର୍ତ୍ତମାନର ହିଣ୍ଡାଲକୋ)ରେ କର୍ମଚାରୀ ଭାବେ ଯୋଗଦେଇ ୧୯୯୫ ମସିହାରେ ଅବସର ଗ୍ରହଣ କରିଥିଲେ। ୧୯୭୫ରୁ ୧୯୭୯ ମସିହା ଯାଏ ସେ ହୀରାକୁଦ ଏନ୍ଏସିର ପ୍ରଥମ ନିର୍ବାଚିତ ଅଧ୍ୟକ୍ଷଭାବେ କାର୍ଯ୍ୟ କରିଥିଲେ।

# ଜମିପଟ୍ଟା, ଶ୍ରମିକ ପରିଚୟପତ୍ର ବଣ୍ଟନ

କୁଚିଣ୍ଡା,୧୩।୧(ବିରଞ୍ଚି ଦର୍ଚ୍ଚା)

ସମ୍ବଲପୁର ଜିଲା କୁଚିଣ୍ଡା ଟାଉନ ହଲରେ ସୋମବାର ଭୂମିହୀନଙ୍କୁ ଜମିପଟ୍ଟା ଓ ନୂତନ ହିତାଧିକାରୀଙ୍କୁ ନିର୍ମାଣ ଶ୍ରମିକ ପରିଚୟପତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ଉପଜିଲାପାଳ ଗୌରବମୟ ପ୍ରଧାନଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ଭୂମିହୀନ ପରିବାରଙ୍କ ଜମିପଟ୍ଟା ନଥିବାରୁ ଘର କରି ପାରୁନାହାନ୍ତି। ତେଣୁ ସରକାର ବସୁନ୍ଧରା ଯୋଜନାରେ ସେହି ପରିବାରଙ୍କୁ ୪ଡେସିମିଲ ଲେଖାଏ ଜମିପଟ୍ଟା ଦେବା ବ୍ୟବସ୍ଥା କରିଛନ୍ତି। ସେହିପରି ନିର୍ମାଣ ଶ୍ରମିକ ପରିବାରର ପିଲାଙ୍କ ପାଇଁ ଶିକ୍ଷାବୃତ୍ତି ଯୋଜନା, ଝିଅ ବାହାଘର, ମହିଳାଙ୍କ ପ୍ରସୂତୀକାଳୀନ, ମୃତ୍ୟୁକାଳୀନ ଓ ଶୁଦ୍ଧିକ୍ରିୟାରେ ସହାୟତା ଆଦି ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ରହିଥିବା ବିଭିନ୍ନ ସରକାରୀ ଯୋଜନାର ଲାଭ ନେବା ପାଇଁ ସେ ଶ୍ରମିକମାନଙ୍କୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ଏମ୍‌ପି ପ୍ରତିନିଧି ରୁଦ୍ର ପ୍ରତାପ ଦେଓ, ସମ୍ବଲପୁର ଜିଲା ଶ୍ରମ ଅଧିକାରୀ ଦିବ୍ୟଶଙ୍କର ଧୂରୁଆ, କୁଚିଣ୍ଡା ବିଡ଼ିଓ ଜୟନ୍ତ ସାହୁ, ବାମରା ବିଡ଼ିଓ ପୁଷ୍ପକ ପ୍ରଧାନ, କୁଚିଣ୍ଡା ତହସିଲଦାର ମିତାଲି ମଧୁମିତା ଦଳେଇ, ବାମରା ତହସିଲଦାର ଦିଲୀପ ପ୍ରଧାନ, ଜମନକିରା ଅତିରିକ୍ତ ତହସିଲଦାର ସୌରଭ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ନାଏକ ବାମରା ବ୍ଲକର ୩୭, କୁଚିଣ୍ଡା ବ୍ଲକର ୨୪ ଓ ଜମନକିରା ବ୍ଲକର ୮୦ଜଣ ଏଭଳି ମୋଟ ୧୪୧ଜଣ ଭୂମିହୀନଙ୍କୁ ବସୁନ୍ଧରା ଯୋଜନାରେ ୪ଡେସିମିଲ ଲେଖାଏ ଜମିପଟ୍ଟା ବଣ୍ଟନ କରିଥିଲେ। ଏହାଛଡା ବାମରା ବ୍ଲକର ୩୮, କୁଚିଣ୍ଡା ବ୍ଲକର ୧୦୦ ଓ ଜମନକିରା ବ୍ଲକର ୧୪୭ଜଣ ଏଭଳି ମୋଟ ୨୮୨ଜଣ ନୂତନ ହିତାଧିକାରୀଙ୍କୁ ନିର୍ମାଣ ଶ୍ରମିକ ପରିଚୟପତ୍ର ବଣ୍ଟନ କରିଥିଲେ। ଡେପୁଟି କଲେକ୍ଟର ପ୍ରବୀଣା ବିଲୁଙ୍ଗ, ଆସିଷ୍ଟାଣ୍ଟ କଲେକ୍ଟର ଲୋଚନ ଶବର, ଜିଲା ଅତିରିକ୍ତ ଶ୍ରମ ଅଧିକାରୀ ବ୍ରିଜେଶ କୁମାର ହୋତା, ଡୋଲେଶ୍ୱରୀ ନାଗ ଓ ମୀନକେତନ ସୁନାନି, ଡାଟା ଏଣ୍ଟ୍ରି ଅପରେଟର ତ୍ରିଲୋଚନ ବାରିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆସିଷ୍ଟାଣ୍ଟ କଲେକ୍ଟର ଭାସ୍କର ଚନ୍ଦ୍ର ବେହେରା ସଭା ପରିଚାଳନା କରିଥିଲେ।


ମନ୍ତ୍ରୀ ରବିନାରାୟଣ ନାଏକ ଭୂମିହୀନଙ୍କୁ ଜମିପଟ୍ଟା ବଣ୍ଟନ କରୁଛନ୍ତି।

# ଅବଧି ମଧ୍ୟରେ ପ୍ରକଳ୍ପ କାମ ସାର


ମନ୍ତ୍ରୀ ରବିନାରାୟଣ ନାଏକ ବିଭିନ୍ନ ବିଭାଗ ଉପରେ ଅଧିକାରୀଙ୍କ ସହ ସମୀକ୍ଷା କରୁଛନ୍ତି।

କୁଚିଣ୍ଡା,୧୩।୧(ବିରଞ୍ଚି ଦର୍ଚ୍ଚା)

କୁଚିଣ୍ଡା ଆଇଟିଡିଏ ସମ୍ମିଳନୀ କକ୍ଷରେ ସୋମବାର ସମ୍ବଲପୁର ଜିଲାସ୍ତରୀୟ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ଏଥିରେ ଅଧ୍ୟକ୍ଷତା କରିଥିଲେ। ରାଜ୍ୟରେ ପରିଚାଳିତ ହେଉଥିବା ଲୋକସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡ଼ିକୁ ପ୍ରତ୍ୟେକ ଲୋକଙ୍କ ପାଖରେ କିଭଳି ପହଞ୍ଚିବ ସେନେଇ ମନ୍ତ୍ରୀ ନାଏକ ବ୍ଲକ ଓ ଲାଇନ ଡିପାର୍ଟମେଣ୍ଟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସମ୍ବଲପୁର ଜିଲାର କୁଚିଣ୍ଡା, ବାମରା, ଜମନକିରା, ରେଙ୍ଗାଲି, ଧନକଉଡା, ମାନେଶ୍ୱର, ଯୁଯୁମୁରା, ରେଢାଖୋଲ ଓ ନାକଟିଦେଉଳ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସ୍ଥିତି ଏବଂ ଏହାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି ଏହାକୁ ତ୍ୱରାନିତ କରିବାକୁ ବିଡିଓମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାଛଡା ସୁଭଦ୍ରା ଯୋଜନାରୁ ବଞ୍ଚିତ ହିତାଧିକାରୀଙ୍କ ସହ ପ୍ରଧାନମନ୍ତ୍ରୀ ଆବାସ ଗୃହରୁ ଯେମିତି ଯୋଗ୍ୟ ହିତାଧିକାରୀ ବଞ୍ଚିତ ନ ହେବେ ସେଥିପ୍ରତି ଦୃଷ୍ଟି ଦେବାକୁ ଗୁରୁତ୍ୱାରୋପ କରିଥିଲେ। ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ପାନୀୟ ଜଳ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରି ମନ୍ଥରଗତିରେ ଚାଲିଥିବା ପ୍ରକଳ୍ପଗୁଡ଼ିକୁ ଅବଧି ମଧ୍ୟରେ ସମାପ୍ତ କରିବାକୁ ତାଗିଦ କରିଥିଲେ। ଏହି ସମୀକ୍ଷା ବୈଠକରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, କୁଚିଣ୍ଡା ଉପଜିଲାପାଳ ଗୌରବମୟ ପ୍ରଧାନ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ, ଗ୍ରାମ୍ୟ ଉନ୍ନୟନ ଓ ପାନୀୟ ଜଳ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ମାନେ ଆଲୋଚନାରେ ସାମିଲ ହୋଇଥିଲେ।

### ଜିଲାସ୍ତରୀୟ ସମୀକ୍ଷା ବୈଠକରେ ମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଜନ୍ମଦିନର ଶୁଭେଚ୍ଛା**
ନାମ: ....................................
ବୟସ:....................................
ଜନ୍ମ ତାରିଖ: ................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ନିବେଶକ ହରାଇଲେ ୧୩ ଲକ୍ଷ କୋଟି

- ୪ଦିନରେ ୨୫ ଲକ୍ଷ କୋଟି କ୍ଷତି
- ୧୦୪୯ ପଏଣ୍ଟ କମିଲା ସେନସେକ୍ସ
- ୨୩,୦୦୦ ଉପରେ ନିଫ୍ଟି

**ନୂଆଦିଲ୍ଲୀ,୧୩।୧ (ଅଭୟ ଦାଶ)**



ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୂ-ରାଜନୈତିକ ଘଟଣାବଳୀ ସାଙ୍ଗକୁ ଭାରତୀୟ ଟଙ୍କା ମୂଲ୍ୟ ହ୍ରାସର ପ୍ରଭାବ ଭାରତୀୟ ଷ୍ଟକ ମାର୍କେଟ (ପୁଞ୍ଜି ବଜାର) ଉପରେ ସିଧାସଳଖ ପଡୁଥିବା ଘରୋଇ ଶେୟାର ବଜାରର କାରବାର ଫଳାଫଳରୁ ସ୍ପଷ୍ଟ ବାରି ହେଉଛି। ଏପରିକି ଗତ ସପ୍ତାହର କାରବାର ଓ ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଶେଷ ସୁଦ୍ଧା ପୁଞ୍ଜି ବଜାରର ନିବେଶକମାନେ ପ୍ରାୟ ୧୩ ଲକ୍ଷ କୋଟି ଟଙ୍କାର ନିବେଶ ହରାଇଥିଲାବେଳେ ଗତ ୪ଟି କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ନିବେଶକ ମୋଟ ୨୫ ଲକ୍ଷ କୋଟି ଟଙ୍କାର ନିବେଶ ହରାଇଛନ୍ତି। ଗତ ସପ୍ତାହର ଶେଷ କାରବାର ଫଳାଫଳ ସୁଦ୍ଧା ପୁଞ୍ଜି ବଜାରର ବଜାର ପୁଞ୍ଜି ୪୩୦ ଲକ୍ଷ କୋଟି ଥିଲାବେଳେ ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ (ସୋମବାର)ର ଫଳାଫଳ ଶେଷ ସୁଦ୍ଧା ଶେୟାର ବଜାରର ନିବେଶକମାନେ ପ୍ରାୟ ୧୩ ଲକ୍ଷ କୋଟି ଟଙ୍କାର ନିବେଶ ହରାଇଛନ୍ତି। ଫଳରେ ପୁଞ୍ଜି ବଜାରର ବଜାର ପୁଞ୍ଜି ୧୩ ଲକ୍ଷ କୋଟି ହ୍ରାସ ପାଇ ୪୧୭ ଲକ୍ଷ କୋଟିରେ ପହଞ୍ଚିଛି।

ଉଲ୍ଲେଖଯୋଗ୍ୟ, ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର କାରବାର ସୋମବାର ବେଶ ପ୍ରଭାବିତ ହୋଇଛି। ଏପରିକି ବିଏସଇ ସେନସେକ୍ସର କାରବାର ପ୍ରାୟ ୧୦୪୯ ପଏଣ୍ଟ ହ୍ରାସ ଘଟି୭୬,୩୩୦.୦୧ ଅଙ୍କରେ କାରବାର ବନ୍ଦ ହୋଇଥିଲାବେଳେ ନିଫ୍ଟି ୧.୪୭% ହ୍ରାସ ଘଟି ୨୩,୦୮୫.୯୫ ଅଙ୍କରେ କାରବାର ବନ୍ଦ ରହିଥିଲା। ଅପରପକ୍ଷରେ ୩୦ ଶେୟାର ବିଶିଷ୍ଟ ବିଏସଇ ମିଡକ୍ୟାପ ଏବଂ ସ୍ମଲକ୍ୟାପର କାରବାର ୪% ଲେଖାଏ ହ୍ରାସ ଘଟିଛି। ଏପରିକି ନିଫ୍ଟି ମିଡକ୍ୟାପର କାରବାର ୪.୦୨% ହ୍ରାସ ଖଟି ୫୨,୩୯୦.୪୦ ଅଙ୍କରେ ବନ୍ଦ ହୋଇଥିଲାବେଳେ ସ୍ମଲକ୍ୟାପର କାରବାର ୩.୮୦% କମି ୮୦୬୮.୨୦ ଅଙ୍କରେ ଶେଷ ହୋଇଥିଲା। ସେହିପରି ନିଫ୍ଟି ବ୍ୟାଙ୍କର କାରବାର ୮୯୨.୯୦ ପଏଣ୍ଟ ହ୍ରାସ ଘଟି ୪୮,୦୪୧.୨୫ଅଙ୍କରେ ବନ୍ଦ ହୋଇଥିଲା। ଏପରିକି ସେକ୍ଟୋରାଲ କାରବାରରେ ପିଏସୟୁ ବ୍ୟାଙ୍କ, ଅଟୋ, ମେଟାଲ ଏବଂ ମିଡିଆ ଭଳି ପ୍ରମୁଖ ନିବେଶକମାନେ ପ୍ରାୟ ୩ରୁ ୫% ନିବେଶ ହରାଇଛନ୍ତି।

## ଶେୟାର ବଜାର କାରବାରରେ ହ୍ରାସ

କ୍ରମାଗତ ଚତୁର୍ଥ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ର ସେନସେକ୍ସ ୧୦୪୯ (୧୦୪୮.୯୦) ପଏଣ୍ଟ କମି ୭୬,୩୩୦(୭୬,୩୩୦.୦୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୩୪୬ (୩୪୫.୫୫) ପଏଣ୍ଟ ହ୍ରାସ ଘଟି ୨୩,୦୮୬(୨୩,୦୮୫.୯୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍ଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ସେଣ୍ଟ ଜାଭିୟର୍ସ ହାଇସ୍କୁଲକୁ ୫ଷ୍ଟାର ର୍ୟାଙ୍କିଙ୍ଗ୍



**ଭୁବନେଶ୍ୱର,୧୩।୧(ଅନୁରାଧା ମହାରଣା)**

ଦ୍ୱାରକାରେ ଆୟୋଜିତ ଏକ ସମାବେଶରେ ସିଇଡି ଫାଉଣ୍ଡେଶନ ଦ୍ୱାରା କଟକ ବାରବାଟି ଷ୍ଟାଡିୟମସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲ କ୍ରମାଗତ ଭାବେ ଷ୍ଟାର ର୍ୟାଙ୍କିଙ୍ଗରେ ୫ ଷ୍ଟାର ପ୍ରାପ୍ତ କରିପାରିଛି। ଏ++ ଗାର୍ଡ ସହିତ ପରୀକ୍ଷଣାତ୍ମକ ଶିକ୍ଷା ପ୍ରଦାନ କରାଯାଉଥିବା ବିଦ୍ୟାଳୟ ଭାବରେ ଏହି ବିଦ୍ୟାଳୟ ସ୍ୱୀକୃତିପ୍ରାପ୍ତ ହୋଇଥିବାବେଳେ ବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରିୟଦର୍ଶୀ ନାୟକଙ୍କ ଦୂରଦୃଷ୍ଟି ଓ ବଳିଷ୍ଠ ନେତୃତ୍ୱରେ ବିଦ୍ୟାଳୟ ଏହି ସଫଳତା ହାସଲ କରିପାରିଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. ଶ୍ରୀଧର ଶ୍ରୀବାସ୍ତବ, ମୁଖ୍ୟ ବକ୍ତା ଭାବେ ପ୍ରଫେସର ଦିନେଶ ସିଂହ ଯୋଗଦେଇଥିବାବେଳେ ଡ. ପ୍ରିୟଦର୍ଶୀ ନାୟକ, ଡ. ଏ କେ ଶର୍ମା, ଅନୁଭୂତି ମେହେଟା, ଡ. ଶୁନିଲ ତ୍ରିପାଠି ପ୍ରମୁଖ ଦେଇଥିଲେ । ସେହିପରି କଟକର ସେଣ୍ଟ ଜାଭିୟର ହାଇସ୍କୁଲ ବାରବାଟୀ କ୍ୟାମ୍ପସରୁ ଯୋଗେଶ ବର୍ମା ପିଜିଟି ବାଣିଜ୍ୟ ଭାରତ ଆଇକନିକ ଏଡୁକେଟର୍ ଭାବେ ପୁରସ୍କୃତ ହୋଇଛନ୍ତି। ସୂଚନାଥାଉକି, ଷ୍ଟାର ରାଙ୍କି ପାଇଁ ମୋଟ ୨୩ ଟି ରାଜ୍ୟ ରୁ ୧୪୫୬ ଟି ବିଦ୍ୟାଳୟ ର ଆବେଦନ ପତ୍ର ଗ୍ରହଣ କରାଯାଇ ଥିଲା । ଏଥିରୁ ୧୦୩ଟି ବିଦ୍ୟାଳୟ ନିର୍ବାଚିତ ହୋଇଥିଲେ । ଏ ସମସ୍ତ ବିଦ୍ୟାଳୟ ମଧ୍ୟରେ କଟକ ବାରବାଟି ଷ୍ଟାଡିୟମସ୍ଥିତ ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟ ୫ ଷ୍ଟାର ର୍ୟାଙ୍କିଙ୍ଗ ପାଇବାର ଗୌରବ ଅର୍ଜନ କରିଛି ।

# ଆର୍‌ସିଇଏମ୍‌କୁ ନାକ୍ ବି++ ମାନ୍ୟତା

**ଭୁବନେଶ୍ୱର,୧୩।୧(ଅନୁରାଧା ମହାରଣା)**

ରାଜଧାନୀ କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ମ୍ୟାନେଜମେଣ୍ଟ (ଆର୍‌ସିଇଏମ୍)କୁ ନାକ୍ ବି++ ମାନ୍ୟତା ମିଳିଛି। ନିକଟରେ ଦୁଇଦିନ ଧରି ନାକ୍ ପିୟର ଟିମ୍‌ର ତିନିଜଣିଆ ସଦସ୍ୟ ଆର୍‌ସିଇଏମ୍ କ୍ୟାମ୍ପସ ପରିଦର୍ଶନ କରିଥିଲେ। ମହାବିଦ୍ୟାଳୟର ପରିଚାଳନା, ପରିସର, ଶିକ୍ଷାବ୍ୟବସ୍ଥା ଓ ଛାତ୍ରଛାତ୍ରୀଙ୍କ ସନ୍ତୁଷ୍ଟିକରଣ ଉପରେ ସେମାନେ ଖୁସିବ୍ୟକ୍ତ କରିଥିଲେ। ତେବେ ଏହି ମାନ୍ୟତା ନେଇ ମହାବିଦ୍ୟାଳୟର ସମ୍ପାଦକ ସୁରେଶ କୁମାର ସାମଲ, ପରିଚାଳନା ସଦସ୍ୟ ଅଧ୍ୟକ୍ଷ, ଡିନ ଡ. ମାନସ ରଞ୍ଜନ ମଲ୍ଲିକଙ୍କ ସମେତ ଛାତ୍ରୀଛାତ୍ର, ଅଭିଭାବକ, ଅଧ୍ୟାପକ ଓ ଅଣଶିକ୍ଷକ ସଦସ୍ୟ ତଥା ପୂର୍ବତନ ଛାତ୍ରୀଛାତ୍ର ନାକ ପିୟର ଟିମ୍‌ର ସଦସ୍ୟଙ୍କୁ କୃତଜ୍ଞତା ଜଣାଇଛନ୍ତି।

# 'ନୂଆ ଓଡ଼ିଶା ନିର୍ମାଣର ପ୍ରୟୋଗଶାଳା ହେଉ ଡ୍ରିମ୍ସ'



**କଟକ(କାର୍ତ୍ତିକ ସାହୁ)/ମଙ୍ଗୁଳି ଜଗତପୁର(ମାନସ ସାମଲ),୧୩।୧**

## ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ଉତ୍ସବ

ଆମ ଓଡ଼ିଶାକୁ କେହି ପଛରେ ପକେଇପାରିବେ ନାହିଁ। ଇଂଲିଶ ଭାଷା ଜରିଆରେ ବ୍ରିଟିଶମାନେ ଭାରତୀୟଙ୍କୁ କଳା ବ୍ରିଟିଶ କରି ଦେଇଗଲେ। ଓଡ଼ିଆ ଭାଷାରେ କଥା ହେବା ଉଚିତ୍। ଏଥିରୁ କେହି ପଛଘୁଞ୍ଚା ଦେବା କଥା ନୁହେଁ। ଇଂଲିଶ ଭାଷା ନ ଜାଣି ପଠାଣି ସାମନ୍ତ ବାଉଁଶ ନଳିରୁ ତାରା ନକ୍ଷତ୍ର ଗଣିଥିଲେ। ଜାତୀୟ ଶିକ୍ଷାନୀତି ଅନୁଯାୟୀ ସ୍ଥାନୀୟ ଭାଷାରେ ପାଠ ପଢ଼ାଇବା ଉଚିତ୍। ଆଗାମୀ ଦିନରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଡାକ୍ତର ଓ ଇଞ୍ଜିନିୟର ଓଡ଼ିଆ ଭାଷାରେ ତିଆରି କରୁ। ନୂଆ ଓଡ଼ିଶା ନିର୍ମାଣର ପ୍ରୟୋଗଶାଳା ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ହେଉ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

କଟକ ଜିଲା ଟାଙ୍ଗୀଠାରେ ଅବସ୍ଥିତ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଯୋଗଦେଇ କହିଛନ୍ତି, ଓଡ଼ିଆ ଜାତିକୁ ଆଗକୁ ନେବାରେ ଏହି ବିଶ୍ୱବିଦ୍ୟାଳୟ ସହାୟକ ହେବ। ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ଜଣେ ଓଡ଼ିଆ ଛାତ୍ରୀ ବ୍ରିଟିଶ ପେଟ୍ରୋଲିୟମରେ କାର୍ଯ୍ୟ କରୁଛନ୍ତି। ବିଶ୍ୱସ୍ତରର ଛାତ୍ରୀଛାତ୍ର ସୃଷ୍ଟି କରିବାର ସାମର୍ଥ୍ୟ ରଖୁଛି ଡ୍ରିମ୍ସ ବିଶ୍ୱବିଦ୍ୟାଳୟ।

ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବିଶ୍ୱବିଦ୍ୟାଳୟର ସହ ଅଧ୍ୟକ୍ଷ ଇଂ. ଦୁର୍ଗାପ୍ରସାଦ ରଥ, କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ଡେପୁଟି ରେଜିଷ୍ଟ୍ରାର ଇଂ. ଶିଶିର କୁମାର ସାହୁ, ବୋର୍ଡ ଅଫ୍ ଗଭର୍ନର ସଦସ୍ୟ ବିଧାୟକ ଛବି ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।

ଏହି ଅବସରରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ପରିବାରର ଦାୟାଦ, ବିଶିଷ୍ଟ ଗାନ୍ଧିବାଦୀ, ସମାଜସେବା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ନିମନ୍ତେ କୃଷ୍ଣା ମହାନ୍ତିଙ୍କୁ ସମ୍ମାନସୂଚକ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଏଥିସହିତ ୫୦୦ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରମାଣପତ୍ର ଏବଂ ୧୦ ଜଣ ଟପ୍ପର ବିଦ୍ୟାର୍ଥୀଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା।

# ଆଇଡିବିଆଇ ବ୍ୟାଙ୍କର ନୂତନ ଯୋଜନା

IDBI BANK

**ନୂଆଦିଲ୍ଲୀ,୧୩।୧**

## ଆଇଡିବିଆଇ ଚିରଞ୍ଜୀବୀ-ସୁପର ସିନିୟର ସିଟିଜେନ ଏଫ୍‌ଡି ପ୍ଲାନର ଶୁଭାରମ୍ଭ

ଆଇଡିବିଆଇ ବ୍ୟାଙ୍କର ନୂତନ ଯୋଜନା 'ଆଇଡିବିଆଇ ଚିରଞ୍ଜୀବୀ-ସୁପର ସିନିୟର ସିଟିଜେନ ଫିକ୍ସଡ ଡିପୋଜିଟ/ଏଫଡି' ପ୍ଲାନର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ୮୦ ବର୍ଷରୁ ଅଧିକ ବୟସର ବ୍ୟକ୍ତିଙ୍କ ଆର୍ଥିକ ଆବଶ୍ୟକତାକୁ ପୂରଣ କରିବା ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ଏଫଡି ଉତ୍ପାଦର ଶୁଭାରମ୍ଭ ସର୍ବଭାରତୀୟସ୍ତରରେ ହୋଇଛି। ସେହିଭଳି ଏହି ପଦକ୍ଷେପ ବ୍ୟାଙ୍କର ଷ୍ଟାଣ୍ଡାର୍ଡ ଫିକ୍ସଡ ଡିପୋଜିଟ ରେଟ ଉପରେ ଅତିରିକ୍ତ ୬୫ ବେସିସ ପଏଣ୍ଟ (ବିପିଏସ୍) ଏବଂ ବରିଷ୍ଠ ନାଗରିକ ହାର ଉପରେ ୧୫ ବିପିଏସ ପ୍ରଦାନ କରୁଛି। ଏପରିକି ଏହି ଅଫରର ମୁଖ୍ୟ ଆକର୍ଷଣଗୁଡିକ ମଧ୍ୟରେ ୫୫୫ ଦିନର କାର୍ଯ୍ୟକାଳ ପାଇଁ ବାର୍ଷିକ ୮.୦୫% ର ସର୍ବୋଚ୍ଚ ସୁଧ ହାର ସାମିଲ ରହିଛି। ସେହିପରି ବ୍ୟାଙ୍କ ୩୭୫ ଦିନ ପାଇଁ ବାର୍ଷିକ ୭.୯୦%, ୪୪୪ ଦିନ ପାଇଁ ବାର୍ଷିକ ୮% ଏବଂ ୭୦୦ ଦିନ ପାଇଁ ବାର୍ଷିକ ୭.୮୫% ସୁଧ ହାର ପ୍ରଦାନ କରୁଛି।

ଏ ସମ୍ପର୍କରେ ଆଇଡିବିଆଇ ବ୍ୟାଙ୍କର ଉପପରିଚାଳନା ନିର୍ଦ୍ଦେଶକ ସୁମିତ ଫକ୍କା କହିଛନ୍ତି, ବରିଷ୍ଠ ନାଗରିକଙ୍କ ସ୍ୱତନ୍ତ୍ର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଥିବା 'ଆଇଡିବିଆଇ ଚିରଞ୍ଜୀବୀ-ସୁପର ସିନିୟର ସିଟିଜେନ ଏଫ୍‌ଡି'କୁ ନିକଟରେ ଉପସ୍ଥାପନ କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ବ୍ୟାଙ୍କର ଏହି ଅଫର ସମ୍ମାନଜନକ ପିଢ଼ିକୁ ଏକ ସୁରକ୍ଷିତ ଏବଂ ନିରାପଦ ନିବେଶ ବିକଳ୍ପ ପ୍ରଦାନ କରିଥାଏ,ଯାହା ସେମାନଙ୍କ ଆର୍ଥିକ ନିରାପତ୍ତା ଏବଂ ମାନସିକ ଶାନ୍ତିର ଗ୍ୟାରେଣ୍ଟି ହୋଇଥାଏ।

Classified Everyday
0674-2580101, 9692975378


REAL ESTATE
SALE

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437192512, 9937846404. D-2563

4BHK Luxurious flat for sale at Unit-3 Kharavelanagar back side of Ram Mandir handover within 2months. Please contact- 9438362399. D-2494

ଫୁଲନଖରା ନିକଟସ୍ଥ Sum hospital-2 ଓ Grand Bazar ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି ପ୍ଲଟ୍ କିଣନ୍ତୁ। 8249310759. D-76230

Ready to move 2 BHK flat for sale @ 22 lakh near Gudiapokhari, Bhubaneswar. Call-9437631769. D-2373




Newly open Jyoti Spa Positively Health benefits (Expert Therapist). 8458067955 D-76184

Newly open Spa Health benefits relax refresh good therapist. 9040286886 D-76185

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-2564

Newly open health benefits spa by experience lady therapist. 7750040475 D-76188

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT

By virtue of an Affidavit sworn before Executive Magistrate, Jagatsinghpur, Dated-06.01.2025, I Bishwanath Bhoi, Address: Village-Purusottampur, P.O.-Kortal, P.S./Dist.-Jagatsinghpur, Odisha -754109 declare that I have changed my daughter's name from Lipsa Priyadarshini Bhoi to Lisa Priyadarshini Bhoi. Henceforth, She shall be known as Lisa Priyadarshini Bhoi for all purposes.(Bishwanath Bhoi) D-2560

By virtue of an Affidavit before Notary Public 13 Jan 2025 Gitanjali Behera, D/o- Bishnu Charan Behera, At-Nayapalli, Khordha, Odisha- 751012 my son's name changed from Anslu Sahoo to Dibyansu Sahoo for all purposes. D-2562

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an Affidavit sworn before the Executive Magistrate, Puri, Dated-23.12.2024, I Pravas Kumar Jena, aged about 53 years, S/o- Late Shyama Sundar Jena, R/o Vill- Rendua, P.O.-Biraharekrushnapur, P.S.- Puri Sadar, Dist.-Puri, declare that in my R.O.R. (Patta) under Mz: Gopinathpur @ Rautarapur, Khata No.-165/506, Plot No.-29/1220, my Father's name recorded as Ghanashyam Jena instead of Shyama Sundar Jena which I further declare that Shyama Sundar Jena and Ghanashyam Jena are one and the same person. Henceforth, my deceased Father,s name will be known as Shyama Sundar Jena for all purposes. D-2561

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ଓଏମ୍‌ସି ଉଦ୍ୟାନ କୃଷି ଟିମ୍ ଚାମ୍ପିୟନ

**ଭୁବନେଶ୍ୱର,୧୩।୧(ଅନୁରାଧା ମହାରଣା)**



ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀ ଉତ୍ସବରେ ଓଡ଼ିଶା ଖଣି ନିଗମ(ଓଏମ୍‌ସି)ର ଉଦ୍ୟାନ କୃଷି ଟିମ୍ କ୍ରମାଗତ ଦ୍ୱିତୀୟଥର ଚମ୍ପିଅନ ଟ୍ରଫି ଜିତିଛି। ଓଏମ୍‌ସିର କ୍ୟାମ୍ପସ -୧ ମଧ୍ୟମ ବର୍ଗ ଉଦ୍ୟାନ ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ଜିତିଥିବା ବେଳେ କ୍ୟାମ୍ପସ-୨ ବୃହତ୍ ବର୍ଗ ଉଦ୍ୟାନ ପ୍ରତିଯୋଗିତାରେ ତୃତୀୟ ପୁରସ୍କାର ହାସଲ କରିଛି। ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର ପକ୍ଷରୁ ପ୍ଲାଣ୍ଟ ଲଭର୍ସ ଆସୋସିଏଶନ ସହଯୋଗରେ ଏକାମ୍ର କାନନ ବଟାନିକାଲ ଗାର୍ଡେନରେ ଏହି ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀ ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ, ଅତିରିକ୍ତ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ ପ୍ରମୁଖ ଯୋଗଦେଇ ବିଜେତାଙ୍କୁ ପୁରସ୍କୃତ କରିଥିଲେ। ସୂଚନାଥାଉକି, ଓଡ଼ିଶା ଖଣି ନିଗମ ବାର୍ଷିକ ପୁଷ୍ପ ପ୍ରତିଯୋଗିତାରେ ବିଭିନ୍ନ ବର୍ଗରେ ମୋଟ ୩୭ଟି ପୁରସ୍କାର ଜିତିବାର ଗୌରବ ଅର୍ଜନ କରିଛି। ଏଥି ମଧ୍ୟରେ ରାଜ୍ୟସ୍ତରୀୟ ଟ୍ରଫି ସହ ସରସ୍ୱତୀ ଦେବୀ ମେମୋରିଆଲ ଟ୍ରଫି, ଦୁଇଟି ପ୍ଲାଣ୍ଟ ଲଭର୍ସ ଆସୋସିଏଶନ ଟ୍ରଫି ଏବଂ ବିଶ୍ୱରଞ୍ଜନ ଦାସ ମେମୋରିଆଲ ଟ୍ରଫି ଆଦି ରହିଛି।


# ୫ ବର୍ଷରେ ୫୦,୦୦୦ କୋଟିର ପୁଞ୍ଜି ନିବେଶ

**ନୂଆଦିଲ୍ଲୀ,୧୩।୧**

ଦେଶର ଜଳପଥଗୁଡ଼ିକୁ ବିକଶିତ କରିବା ପାଇଁ ସରକାର ଆଗଭର ହୋଇଛନ୍ତି। ଏପରିକି ଆଭ୍ୟନ୍ତରୀଣ ଜଳପଥ ବିକାଶ ପରିଷଦ (ଇନ୍‌ଲାଣ୍ଡ ୱାଟରୱେଜେସ ଡେଭଲପମେଣ୍ଟ କାଉନସିଲ ବା ଆଇଡବ୍ଲ୍ୟୁଡିସି)ର ଦ୍ୱିତୀୟ ଶୀର୍ଷ ବୈଠକ ନିକଟରେ କାଜିରଙ୍ଗାର କୋହୋରାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଦେଶର ଆଭ୍ୟନ୍ତରୀଣ ଜଳପଥ ଭିତ୍ତିଭୂମି ବିକାଶ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ଅଧୀନରେ ଥିବା ଭାରତୀୟ ଆଭ୍ୟନ୍ତରୀଣ ଜଳପଥ ପ୍ରାଧିକରଣ (ଆଇଡବ୍ଲ୍ୟୁଏଆଇ) ଦ୍ୱାରା ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ସରକାର ଆସନ୍ତା ୫ ବର୍ଷ ମଧ୍ୟରେ ୫୦,୦୦୦ କୋଟି ଟଙ୍କାରୁ ଅଧିକ ପୁଞ୍ଜି ନିବେଶ ବିଷୟରେ ଘୋଷଣା ସହିତ ୨୧ଟି ଆଭ୍ୟନ୍ତରୀଣ ଜଳପଥ ରାଜ୍ୟର ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ୧,୪୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା।

ସେହିଭଳି କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଆସାମ ମୁଖ୍ୟମନ୍ତ୍ରୀ ଡ. ହେମନ୍ତ ବିଶ୍ୱଶର୍ମାଙ୍କ ସମେତ ବିଭିନ୍ନ ରାଜ୍ୟର ମନ୍ତ୍ରୀ ଯୋଗ ଦେଇଥିଲେ। ଏପରିକି ଉପକୂଳବର୍ତ୍ତୀ ସମୁଦାୟର ଉନ୍ନତି ପାଇଁ ରିଭରାଇନ୍ କମ୍ୟୁନିଟି ଡେଭଲପମେଣ୍ଟ ସ୍କିମ୍‌ର ଶୁଭାରମ୍ଭ ଏବଂ ଆଭ୍ୟନ୍ତରୀଣ ଜଳପଥର ଦକ୍ଷତା ଏବଂ ସ୍ଥାୟିତ୍ୱ ବୃଦ୍ଧି ଉଦ୍ଦେଶ୍ୟରେ ଅନେକ ପ୍ରକଳ୍ପର ଉନ୍ମୋଚନ ଆଦି ପ୍ରମୁଖ କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଥିଲା।ଏ ନେଇ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ, ସଡ଼କ ଏବଂ ରେଳପଥ କ୍ଷେତ୍ରରେ ଭିଡ଼ ହ୍ରାସ କରିବା ଲକ୍ଷ୍ୟରେ ଆଭ୍ୟନ୍ତରୀଣ ଜଳପଥର ଭୂମିକା ଉପରେ ଗୁରୁତ୍ୱାରୋପ କରିବା ସହିତ ଯାତ୍ରୀ ଏବଂ କାର୍ଗୋ ପାଇଁ ଏକ ଦକ୍ଷ ଏବଂ ପରିବେଶ ଅନୁକୂଳ ପରିବହନ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିଥିଲେ। ଏହି ରଣନୈତିକ ପଦକ୍ଷେପର ଏକ ଅଂଶ ଭାବେ କେନ୍ଦ୍ରମନ୍ତ୍ରୀ ଜାହାଜଗୁଡ଼ିକର ନିରବଚ୍ଛିନ୍ନ ପରିବହନ ସୁନିଶ୍ଚିତ କରିବା ପାଇଁ ଜାତୀୟ ନଦୀ ଟ୍ରାଫିକ୍ ଏବଂ ନେଭିଗେଶନ୍ ସିଷ୍ଟମ୍ (ଏନ୍‌ଆର୍‌ଟି ଏବଂ ଏନ୍‌ଏସ୍) ଆରମ୍ଭ କରିଥିଲେ ଏବଂ ଜାତୀୟ ଜଳପଥରେ ମାଲ ପରିବହନକୁ ପ୍ରୋତ୍ସାହିତ କରିବା ପାଇଁ 'ଜଳବାହକ' ଯୋଜନାର ଶୁଭାରମ୍ଭ ଉପରେ ଆଲୋକପାତ କରିଥିଲେ। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗତିଶୀଳ ନେତୃତ୍ୱରେ ଆମେ ଆଭ୍ୟନ୍ତରୀଣ ଜଳପଥର ସମର୍ଥନ ବ୍ୟବସ୍ଥାକୁ ପୁନରୁଦ୍ଧାର କରିବାକୁ ପ୍ରୟାସ କରୁଛୁ ବୋଲି ସୋନୱାଲ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ଆଇଡବ୍ଲ୍ୟୁଡିସିରେ ଆମେ ଅର୍ଥନୈତିକ ବିକାଶର ସୁଯୋଗ ଉନ୍ମୋଚନ ପାଇଁ ଆହ୍ୱାନର ମୁକାବିଲା କରିବା ସହ ସମାଧାନର ବାଟ ବାହାର କରିଛୁ। ଏହି ପରିପ୍ରେକ୍ଷୀରେ ଆମେ ୧୦ ଗ୍ରୀନ୍ ଜାହାଜ ଉତ୍କ୍ଷେପଣ କରିବାକୁ ଲକ୍ଷ୍ୟ ରଖିଛୁ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଆପ୍ ନେତା ମନୀଷ ସିସୋଦିଆଙ୍କ ସହ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀ ଏକ ରାଲିରେ ସୋମବାର ନାମାଙ୍କନ ପତ୍ର ଦାଖଲ କରିବାକୁ ଯାଉଛନ୍ତି।

# ଭଦ୍ରକ ଜିଲା ଭାଜପା ସଭାପତି ପଦ ପାଇଁ ଛକାପଞ୍ଝା

ଭଦ୍ରକ,୧୩।୧(ସନାତନ ରାଉତ)

## ଯୁବ, ବରିଷ୍ଠଙ୍କୁ ମିଶାଇ ୫ରୁ ଊର୍ଦ୍ଧ୍ୱ ଆଶାୟୀ

ଓଡ଼ିଶାରେ ଭାଜପା ଏକାକୀ ପ୍ରଥମଥର ପାଇଁ ସରକାର ଗଠନ କରିବା ପରେ ଏବେ ସାଙ୍ଗଠନିକ ପଦପଦବୀ ଚୟନ ଚାଲିଛି। ଭଦ୍ରକ ଜିଲାରେ ସଭାପତି ପଦ ହାତେଇବାକୁ ଛକାପଞ୍ଝା ଚାଲିଥିବା ଦେଖିବାକୁ ମିଳିଛି। ଜିଲାର ଯୁବନେତୃତ୍ୱ ଓ ବରିଷ୍ଠଙ୍କୁ ମିଶାଇ ୫ରୁ ଊର୍ଦ୍ଧ୍ୱ ଆଶାୟୀ ଥିବା ଚର୍ଚ୍ଚା ହେଉଛି। ନିକଟରେ ବାଲେଶ୍ୱରରେ ଉତ୍ତର ଓଡ଼ିଶାର କିଛି ଜିଲାକୁ ନେଇ ସଭାପତି ପଦ ପାଇଁ ବିଚାର ବିମର୍ଷ କରାଯାଇଛି। ପ୍ରଭାରୀ ଦାୟିତ୍ୱରେ ଥିବା ବିଜୟ ପାଲ ସିଂ ତୋମାର ପ୍ରତ୍ୟେକ ଜିଲାରୁ ଯାଇଥିବା ନେତୃବୃନ୍ଦଙ୍କ ସହ ପୃଥକ୍ ଭାବେ ଆଲୋଚନା କରିଛନ୍ତି। ପୂର୍ବତନ ସଭାପତି, ବିଭିନ୍ନ ମୋର୍ଚ୍ଚା ଦାୟିତ୍ୱରେ ଥିବା ନେତୃତ୍ୱ ଓ ମଣ୍ଡଳ ସଭାପତିମାନଙ୍କ ମତାମତ ନେଇଥିବା ଆଲୋଚନା ହେଉଛି।

ଜିଲା ସାଧାରଣ ସମ୍ପାଦକ ଦାୟିତ୍ୱରେ ଥିବା ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀର ମନୋରଞ୍ଜନ ମଲ୍ଲିକ ସଭାପତି ଦୌଡ଼ରେ ରହିଥିବା ବେଳେ ଗତ ସଦସ୍ୟତା ସଂଗ୍ରହ ଅଭିଯାନରେ ଜିଲା ସଂଯୋଜକ ଦାୟିତ୍ୱରେ ମଧ୍ୟ ଥିଲେ। ଧାମନଗରର ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ନିକଟତର ହୋଇଥିବାରୁ ତାଙ୍କୁ ଏହି ପଦ ମିଳିପାରେ ବୋଲି ଆଲୋଚନା ହେଉଛି। ସେହିପରି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ଦାସଙ୍କ ନାମ ଚର୍ଚ୍ଚାରେ ରହିଛି। ପୂର୍ବରୁ ଯୁବମୋର୍ଚ୍ଚାର ରାଜ୍ୟ ଉପସଭାପତି ଦାୟିତ୍ୱରେ ରହିଥିବା ବେଳେ ଜଣେ ଜଣାଶୁଣା ଯୁବ ଚେହେରା ଭାବେ ସେ ପରିଚିତ। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହ ତାଙ୍କର ସମ୍ପର୍କ ବହୁ ନିକଟତର ହୋଇଥିବାରୁ ତାଙ୍କୁ ମଧ୍ୟ ସଭାପତି ପଦ ମିଳିପାରେ ବୋଲି ଦଳ ଭିତରେ ଟୁପୁରଟାପୁର ଚାଲିଛି। ସେହିପରି ଜିଲା ସାଧାରଣ ସମ୍ପାଦକ ଭଗବାନ ପଣ୍ଡାଙ୍କ ନାଁ ଚର୍ଚ୍ଚାରେ ରହିଛି। ବହୁଦିନରୁ ସେ ଦଳୀୟ ସଙ୍ଗଠନରେ ରହିଥିବା ବେଳେ ଭଦ୍ରକ ଏମ୍‌ପିଙ୍କ ନିକଟତର। ଆଉ ଜଣେ ଯୁବ ଚେହେରା କ୍ଷୀତିଶ ସାମନ୍ତ ବେହେରା ମଧ୍ୟ ରେସ୍‌ରେ ଅଛନ୍ତି। ଦଳୀୟ ସଙ୍ଗଠନ ସହ ସେ ଦୀର୍ଘଦିନ ଧରି ରହିଛନ୍ତି। ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିବା ବେଳେ ସାଙ୍ଗଠନିକ ଦକ୍ଷତାକୁ ନେଇ ସେ ବି ଦୌଡ଼ରେ ଅଛନ୍ତି। ସେହିପରି ପୂର୍ବତନ ଜିଲା ସଭାପତି ଅକ୍ଷୟ ସାହୁଙ୍କ ନାଁ ଚର୍ଚ୍ଚାରେ ରହିଛି। ପୂର୍ବରୁ ଭଦ୍ରକ ଜିଲା ସଭାପତି ଭାବେ ସେ ଦୁଇ ଦୁଇଥର ଦାୟିତ୍ୱ ନେଇଛନ୍ତି। ଜଣେ ଅଭିଜ୍ଞ ଭାବେ ସେ ପରିଚିତ ଥିବାରୁ ତାଙ୍କ ନାଁକୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି। ଏହାବ୍ୟତୀତ ଏକାଧିକବାର ଭଦ୍ରକ ପୌରପାଳିକାର କାଉନସିଲର ଥିବା ଶରତ ପଢ଼ିଆରୀଙ୍କ ନାମ ମଧ୍ୟ ଆସୁଛି। ଦୀର୍ଘଦିନର କର୍ମକର୍ତ୍ତା ଭାବେ ଦଳ ସଙ୍ଗଠନ ସହ ସେ ଜଡ଼ିତ ଅଛନ୍ତି। ଏମାନଙ୍କ ବ୍ୟତୀତ ଏବେକାର ସଭାପତି ଦାୟିତ୍ୱରେ ଥିବା ହେମନ୍ତ ପାଢ଼ୀ, ପୂର୍ବତନ ସଭାପତି ବଦ୍ରିନାରାୟଣ ଧଳଙ୍କ ସମେତ କିଛି ଯୁବ ନେତୃତ୍ୱଙ୍କ ନାମ ଚର୍ଚ୍ଚାରେ ରହିଛି। ତେବେ ଏମାନଙ୍କ ମଧ୍ୟରୁ ସଭାପତି ପଦ କାହାକୁ ମିଳିବ କିମ୍ବା ସମ୍ପୂର୍ଣ୍ଣ ନୂଆ ନେତୃତ୍ୱଙ୍କୁ ଜିଲା ଭାଜପା ଦାୟିତ୍ୱ ଅର୍ପଣ କରାଯିବ ତାହା ସମୟ ଆସିଲେ ଜଣାପଡ଼ିବ।

ଜିଲା ସଭାପତି ପଦ ପାଇଁ ଭାଜପାର କେତେକ ମାନଦଣ୍ଡ ନିର୍ଦ୍ଧାରଣ କରାଯାଇଥିବା ଚର୍ଚ୍ଚା ହେଉଛି। ୪୫ରୁ ୬୦ ବର୍ଷ ବୟସସୀମା ରହିଥିବା ବେଳେ ଦଳ ଓ ସଙ୍ଗଠନ ସହ ଜଡ଼ିତ ଥିବେ। ପୂର୍ବରୁ ବିଭିନ୍ନ ସାଙ୍ଗଠନିକ ପଦପଦବୀରେ ରହି ଦଳୀୟ ଶୃଙ୍ଖଳା ଭିତରେ ଦାୟିତ୍ୱ ନିର୍ବାହ କରିଥିବେ। ତେବେ ପ୍ରଭାରୀ ତୋମାର ବିଭିନ୍ନ ନେତୃତ୍ୱଙ୍କ ସହ ଆଲୋଚନା କରିଥିବା ବେଳେ ଆଶାୟୀମାନଙ୍କ ନାମ ତାଲିକାଭୁକ୍ତ କରିଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି। ଏହାକୁ ନେଇ ସମସ୍ତଙ୍କ ମଧ୍ୟରେ ଉତ୍ସୁକତା ପ୍ରକାଶ ପାଇଛି। ପୂର୍ବରୁ ସଭାପତି ପଦ ପାଇଁ ଏତେ ସଂଖ୍ୟାରେ ଆଶାୟୀ ରହୁ ନ ଥିବା ବେଳେ ଦଳ ସରକାରକୁ ଆସିଥିବାରୁ ସଂଖ୍ୟା ବୃଦ୍ଧି ପାଉଥିବା ଚର୍ଚ୍ଚା ହେଉଛି। ଜିଲାରେ ଭାଜପା ୨ଟି ବିଧାନସଭା ଆସନରେ ବିଜୟୀ ହୋଇଥିବା ବେଳେ ବ୍ଲକ ଓ ପଞ୍ଚାୟତ ସ୍ତରରେ ସଙ୍ଗଠନ ସ୍ଥିତି ସେତେ ସୁଦୃଢ଼ ହୋଇନାହିଁ। ଆଗକୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଆସୁଥିବାରୁ ଜଣେ ଦକ୍ଷ ଓ ସଙ୍ଗଠନ ନେତୃତ୍ୱ ନେଇପାରୁଥିବା ବ୍ୟକ୍ତିଙ୍କୁ ସଭାପତି ପଦ ମିଳିବ ବୋଲି ଭାଜପା କର୍ମୀମାନେ ଆଶାୟୀ ଅଛନ୍ତି।

# ଅର୍ଚ୍ଚନାଙ୍କ ପରେ ହଂସିତା

ଭୁବନେଶ୍ୱର,୧୩।୧
(ଜିତେନ୍ଦ୍ର କୁମାର ନାୟକ)



ଅର୍ଚ୍ଚନା ନାଗ



ହଂସିତା ଅଭୀଲିପ୍ସା

ଦୁଇ ବର୍ଷ ତଳେ ଅର୍ଚ୍ଚନା ନାଗଙ୍କ କାରନାମା ନେଇ ରାଜ୍ୟ ହୁଲ୍‌ସ୍ଥୁଲ୍ ହୋଇଥିଲା। କଳାହାଣ୍ଡିରୁ ଆସିଥିବା ଅର୍ଚ୍ଚନା ୨୦୧୫ରେ ଭୁବନେଶ୍ୱର ଆସି ଘରୋଇ ସିକ୍ୟୁରିଟି ସଂସ୍ଥାରେ ଚାକିରି କରିଥିଲେ। ପରବର୍ତ୍ତୀ ସମୟରେ ବାଲେଶ୍ୱରର ଜଗବନ୍ଧୁ ଚାନ୍ଦଙ୍କୁ ବିବାହ କରି ସେ ବଡ଼ ବଡ଼ ଲୋକଙ୍କୁ ହନି ଟ୍ରପ୍ କରି ତାଙ୍କ ସାମ୍ରାଜ୍ୟ ବିସ୍ତାର କରିଥିଲେ। ରାଜନେତା, ବ୍ୟବସାୟୀ, ଫିଲ୍ମ ଜଗତର ପ୍ରଭାବଶାଳୀ ଲୋକଙ୍କୁ ଫସେଇ ସେ ଅର୍ଥ ରୋଜଗାର କରୁଥିଲେ ବୋଲି ଅଭିଯୋଗ ଆସିଥିଲା। ଖୁବ୍ କମ୍ ସମୟ ମଧ୍ୟରେ ସେ ଅନେକ କୋଟି ଟଙ୍କାର ମାଲିକାଣୀ ପାଲଟି ଯାଇଥିଲେ। ସେତେବେଳେ ରାଜ୍ୟରେ ବିଜୁ ଜନତା ଦଳ (ବିଜେଡି) ସରକାର ଚାଲୁଥିଲା। ସରକାରୀ ଦଳର ଏକାଧିକ ନେତାଙ୍କ ନାମ ଅର୍ଚ୍ଚନାଙ୍କ ସହ ସମ୍ପୃକ୍ତି ଥିବା ନେଇ ବିରୋଧୀ ଭାଜପା ସେତେବେଳେ ଅଭିଯୋଗ କରିଥିଲା। ଘଟଣାକ୍ରମେ ଅର୍ଚ୍ଚନା ଗିରଫ ହୋଇଥିଲେ ଓ ପରବର୍ତ୍ତୀ ସମୟରେ ସେ ଜାମିନ ପାଇଥିଲେ। ଜେଲରୁ ବାହାରିବା ପରେ ସେ ସମସ୍ତଙ୍କ ମୁଖା ଖୋଲିବେ ବୋଲି ଗଣମାଧ୍ୟମକୁ କହିଥିଲେ। ହେଲେ ଏ ଯାବତ ସେ ମୁହଁ ଖୋଲିପାରି ନ ଥିବାରୁ ସେହି ଘଟଣା ଶିଥିଳ ହେବା ସହ ତାହା ଜନମାନସରୁ ଦୂରେଇ ଯାଇଛି।

ନିକଟରେ ଆଉ ଜଣେ ହାଇପ୍ରୋଫାଇଲ ମହିଳା ହଂସିତା ଅଭୀଲିପ୍ସାଙ୍କ ଠକେଇ ପଦାକୁ ଆସିବା ପରେ ରାଜ୍ୟ ରାଜନୀତି ଚଳଚଞ୍ଚଳ ହୋଇଛି। କନ୍ଧମାଳରୁ ଆସିଥିବା ଏହି ମହିଳା ଖୁବ୍ କମ୍ ସମୟରେ ଭୁବନେଶ୍ୱରରେ ନିଜ କାୟା ବିସ୍ତାର କରିଥିଲେ। ସେ ବିବାହିତ ହୋଇ ମଧ୍ୟ ଠିକଣା ବଦଳାଇ ଅନିଲ ମହାନ୍ତିଙ୍କ ସହ ମିଶି ସ୍ୱାମୀ-ସ୍ତ୍ରୀର ପରିଚୟ ଦେଇ ଠକେଇ ମାଧ୍ୟମରେ ପର୍ଯ୍ୟାପ୍ତ ଅର୍ଥ ଉପାର୍ଜନ କରିଥିବା ଖବର ପଦାକୁ ଆସିଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ, ହଂସିତା ନିଜକୁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କ ଝିଅ ଓ ଅନିଲଙ୍କୁ ଜ୍ୱାଇଁ ପରିଚୟ ଦେଇ ଅନେକ ହାଇପ୍ରୋଫାଇଲ ବ୍ୟକ୍ତିଙ୍କୁ ଠକି ଚାଲିଥିଲେ। ଗତ ମାସ ଶେଷ ଆଡ଼କୁ ସେମାନଙ୍କ କଳାକାରନାମା ଆସିବା ପରେ ବହୁ ଗୁମୁର କଥା ପଦାକୁ ଆସୁଛି। ଏବେ ରାଜ୍ୟରେ ଭାଜପା ସରକାର ଚାଲିଛି। କେତେକ ଭାଜପା ନେତା କହୁଛନ୍ତି ହଂସିତା-ଅନିଲ ଯୋଡ଼ିଙ୍କ ସହ ବିଜେଡି ନେତାଙ୍କ ସମ୍ପୃକ୍ତି ରହିଛି। ବର୍ତ୍ତମାନ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଓ ଭିଜିଲାନ୍ସ ବିଭାଗ ଏହି ଘଟଣାର ତଦନ୍ତ କରୁଛି। ଭାଜପା ୭ ମାସ ହେବ ଶାସନକୁ ଆସିଲାଣି। ତେଣୁ ପ୍ରତି କଥାରେ ଏବକାର ଅପରାଧ କିମ୍ବା ଠକେଇ ସକାଶେ ପୂର୍ବ ସରକାରଙ୍କୁ ଦାୟୀ କରାଯିବା ସାଧାରଣରେ ଗ୍ରହଣୀୟ ହେଉନାହିଁ। କାରଣ ଅପରାଧ କରିଥିବା ବ୍ୟକ୍ତିଙ୍କ ବିରୋଧରେ ସରକାର ଚାହିଁଲେ କାର୍ଯ୍ୟାନୁଷ୍ଠାନ ନେଇପାରିବେ। କିନ୍ତୁ ପରସ୍ପରକୁ ଦୋଷ ଦିଆନିଆ ଚାଲିଲେ ନିଷ୍କର୍ଷରେ ପହଞ୍ଚିବା କଷ୍ଟକର ହୋଇପଡ଼ିବ।

କେତେକେ କହିଲେଣି ଯେ ଏଭଳି ହାଇପ୍ରୋଫାଇଲ ଠକେଇ ଘଟଣା ଜଣାପଡ଼ିଲେ କିଛି ଦିନ ତାହା ଉପରେ ଜୋରଦାର ଚର୍ଚ୍ଚା ହୋଇଥାଏ। ପରେ ସେସବୁ ଧୀରେ ଧୀରେ ଲୋକଲୋଚନରୁ ଦୂରେଇ ଯାଇଥାଏ। ଆଗରୁ ଅର୍ଚ୍ଚନା, ଏବେ ହଂସିତା ଓ ପରେ ଆଉ କିଏ ଆସିପାରନ୍ତି।

# ବିଧାୟକ ଟଙ୍କଧରଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ

କଟକ,୧୩।୧(କାର୍ତ୍ତିକ ସାହୁ)

## ଝାରସୁଗୁଡ଼ା ନିର୍ବାଚନ ଅନିୟମିତତା ମାମଲା

ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମାମଲାରେ ବିଜୟୀ ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପକ୍ଷରୁ ହାଇକୋର୍ଟରେ ସୋମବାର ଯୁକ୍ତି ଉପସ୍ଥାପନ କରାଯାଇଛି। ଏହି ମାମଲାରେ ଆବେଦନକାରୀ ଦୀପାଳି ଦାସଙ୍କ ନିର୍ବାଚନୀ ଆବେଦନକୁ ଶୁଣାଣି ନ କରି ତାହାକୁ ପ୍ରାଥମିକ ପର୍ଯ୍ୟାୟରୁ ହିଁ ଖାରଜ କରିବାକୁ ବିଧାୟକ ପ୍ରାର୍ଥନା କରିଛନ୍ତି। ଏହି ମାମଲାରେ ଟଙ୍କଧର ତଥ୍ୟ ଦାଖଲ କରିବାକୁ ପୂର୍ବରୁ ମହଲତ ନେଇଥିଲେ। ଆସନ୍ତା ୧୭ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ନିମନ୍ତେ ଧାର୍ଯ୍ୟ ହୋଇଛି। ଗତ ନଭେମ୍ବର ମାସର ମାମଲାରେ ଶୁଣାଣି କରି ହାଇକୋର୍ଟ ବିଧାୟକଙ୍କୁ ନିଜ ପକ୍ଷ ଉପସ୍ଥାପନ ପାଇଁ ଶେଷ ସୁଯୋଗ ଦେଇଥିଲେ।

ସୂଚନାଯୋଗ୍ୟ, ଝାରସୁଗୁଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜୁ ଜନତା ଦଳର ପରାଜିତ ପ୍ରାର୍ଥୀ ଦୀପାଳି ଦାସ ଟଙ୍କଧରଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ଟଙ୍କଧର ନାମାଙ୍କନପତ୍ର ଦାଖଲ ବେଳେ ତ୍ରୁଟିପୂର୍ଣ୍ଣ ସତ୍ୟପାଠ ଦେଇଛନ୍ତି ବୋଲି ଦୀପାଳି ଆବେଦନରେ ଦର୍ଶାଇଥିଲେ।

# ଦିଲ୍ଲୀରେ ଭାଜପାର କୋର୍ କମିଟି ବୈଠକ

ଭୁବନେଶ୍ୱର, ୧୩।୧(ସୁନିତ୍ ମିଶ୍ର)

ଭାଜପାର ଏକ କୋର୍ କମିଟି ବୈଠକ ସୋମବାର ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଛି। ସାଙ୍ଗଠନିକ ନିର୍ବାଚନ ସମ୍ପର୍କିତ ବିଷୟ ନେଇ ଏଥିରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ଏବେ ଜିଲା ସଭାପତିମାନଙ୍କ ନାଁ ଘୋଷଣା ଲାଗି ଦଳ ପକ୍ଷରୁ କସରତ ଆରମ୍ଭ ହୋଇଛି। ଏଥିରେ ଦଳର ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ସଙ୍ଗଠନ ସମ୍ପାଦକ ମାନସ ମହାନ୍ତି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ ଓ ଜୁଏଲ ଓରାମ ଉପସ୍ଥିତ ଥିବା ଜଣାପଡ଼ିଛି।


# ଶଙ୍ଖ ଭବନକୁ ନେଇ ଭାଜପା-ବିଜେଡି ରାଜନୀତି

ଭୁବନେଶ୍ୱର, ୧୩।୧(ସୁନିତ୍ ମିଶ୍ର)

ଶଙ୍ଖ ଭବନକୁ ନେଇ ବିଜେଡି-ଭାଜପା ଭିତରେ ରାଜନୀତି ଜୋର୍ ଧରିଛି। ଏହି ପ୍ରସଙ୍ଗରେ ଭାଜପା ଓ ବିଜେଡି ନେତା ତର୍କକୁ ଓହ୍ଲାଇ ଆସିଛନ୍ତି। ଭାଜପା ନେତା ଜଗନ୍ନାଥ ପ୍ରଧାନ କହିଛନ୍ତି, ୨୦୨୧ରେ ନୂତନ କାର୍ଯ୍ୟାଳୟ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ଠାରୁ ବିଜେଡି ଅନୁମତି ପାଇଥିଲା। ସେହି ଜମି ମଧ୍ୟ ବିଜେଡି କାର୍ଯ୍ୟାଳୟ ପାଇଁ ଉଦ୍ଦିଷ୍ଟ ଅଛି। ୨୦୨୪ ନିର୍ବାଚନ ପୂର୍ବରୁ କାର୍ଯ୍ୟାଳୟ ଉଦ୍‌ଘାଟନ କରାଯାଇଥିଲା। ହେଲେ ଏବେ ଜଣାପଡ଼ିଛି, ବିଜେଡି କାର୍ଯ୍ୟାଳୟ ହୋଟେଲରେ ପରିଣତ ହୋଇଛି। ଏଭଳି ଘଟଣା ରାଜ୍ୟ ରାଜନୀତିରେ କେବେ ଦେଖିବାକୁ ମିଳିନି। କୌଣସି ସ୍ଥାନରେ କେବେ ରାଜନୈତିକ ଦଳର କାର୍ଯ୍ୟାଳୟକୁ ହୋଟେଲ କରାଯାଇ ନ ଥିଲା। ସତରେ କ'ଣ ବିଜେଡି ନିଶ୍ଚିହ୍ନ ହେବାକୁ ଯାଉଛି ଏବଂ ଲୋକେ ଆଉ ସେଠାକୁ ଆସୁନାହାନ୍ତି କି ବୋଲି ଜଗନ୍ନାଥ ପ୍ରଶ୍ନ କରିଛନ୍ତି।

ଭାଜପା ନେତା ଜଗନ୍ନାଥ ପ୍ରଧାନଙ୍କ ହୋଟେଲ ମନ୍ତବ୍ୟର ଜବାବ ରଖି ବିଜେଡି ନେତା ତଥା ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ କହିଛନ୍ତି, ରେଳୱେର କ୍ୟାଣ୍ଟିନ୍ ଅଛି। ସଂସଦରେ ମଧ୍ୟ କ୍ୟାଣ୍ଟିନ୍ ରହିଛି। ଅବଶ୍ୟ ଖାଇବା ଲୋଭ କାହାର ଅଛି, ତାହା ଗଣମାଧ୍ୟମରେ ଦେଖାଯାଉଛି। ଭାଜପା ନେତାଙ୍କୁ ନିମନ୍ତ୍ରଣ କରୁଛି, ତାଙ୍କର ଯେତେବେଳେ ଖାଇବାକୁ ଇଚ୍ଛା ହଉଛି ସେତେବେଳେ ଶଙ୍ଖ ଭବନ କ୍ୟାଣ୍ଟିନକୁ ଆସି ଶୁଦ୍ଧ ଶାକାହାରୀ ଖାଦ୍ୟ ଖାଆନ୍ତୁ। ଭାଜପାର କିଛି କାମ ନାହିଁ ବୋଧହୁଏ। ଶଙ୍ଖ ଭବନ ଯେଉଁଦିନ ତିଆରି ହୋଇଥିଲା, ସେଦିନ କୁହାଯାଇଥିଲା ଏହା ଲୋକଙ୍କ ଅଫିସ। ପ୍ରତିଦିନ ବୈଠକ ବସୁଛି। କର୍ମୀଙ୍କ ସହିତ ନେତା ଓ ସାଧାରଣ ଲୋକ ଆସି ଖାଉଛନ୍ତି। କ୍ୟାଣ୍ଟିନ୍‌ରେ ଖାଇବା କ'ଣ ଖରାପ ବୋଲି ଅରୁଣ ପ୍ରଶ୍ନ କରିଛନ୍ତି।












Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୧୪/୨୦୨୫ Bhubaneswar, Tuesday, January 14/ 2025

# ହକି ଇଣ୍ଡିଆ ଲିଗ୍: ଡ୍ରାଗନ୍ସର ପଞ୍ଚମ ବିଜୟ

**ଭୁବନେଶ୍ୱର, ୧୩।୧ (ତପନ ସ୍ୱାଇଁ)**

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ପୁରୁଷ ହକି ଇଣ୍ଡିଆ ଲିଗ୍‌ରେ ସୋମବାର ତାମିଲନାଡୁ ଡ୍ରାଗନ୍ସ ୩-୨ ଗୋଲରେ ଦିଲ୍ଲୀ ଏସ୍‌ଜି ପାଇପର୍ସଙ୍କୁ ପରାସ୍ତ କରିଛି। ଅମିତ ରୋହିଦାସଙ୍କ ନେତୃତ୍ୱାଧୀନ ତାମିଲନାଡୁ ଡ୍ରାଗନ୍ସ ୬ ମ୍ୟାଚରୁ ୫ମ ବିଜୟ ସହ ୧୫ ପଏଣ୍ଟରେ ପହଞ୍ଚି ଟେବୁଲରେ ନିଜର ଶୀର୍ଷସ୍ଥାନକୁ ସୁଦୃଢ଼ କରିଛି। ଅନ୍ୟପକ୍ଷରେ ଦିଲ୍ଲୀ ଦଳ ୬ ମ୍ୟାଚରୁ ପଞ୍ଚମ ପରାଜୟ ବରଣ କରିଛି। ଏହି ମ୍ୟାଚରେ ଦିଲ୍ଲୀ ପକ୍ଷରୁ ଟୋମାସ ଡୋମେନେ ୨ୟ ମିନିଟରେ ପେନାଲ୍ଟି କର୍ନରରୁ ଏବଂ ୩୭ତମ ମିନିଟରେ ପେନାଲ୍ଟି ଷ୍ଟ୍ରୋକ୍ ମାଧ୍ୟମରେ ଗୋଲ ୨ଟି ଦେଇଥିଲେ। ଅନ୍ୟପକ୍ଷରେ ଡ୍ରାଗନ୍ସ ଦଳର ଜିପ୍ ଜାନସେନ ୬ଷ୍ଠ ମିନିଟରେ ପେନାଲ୍ଟି କର୍ନରରୁ ଏବଂ ନାଥନ ଇଫ୍ରାଉମ୍ସ ୧୯ତମ ଓ ୨୧ତମ ମିନିଟରେ ବ୍ଲେକ ଗୋଭର୍ସ ଏକ ଫିଲ୍ଡ ଗୋଲ ସ୍କୋର କରିଥିଲେ। ୫୬ତମ ମିନିଟରେ ଡ୍ରାଗନ୍ସ ଦଳର ମାଜି ଗନେଶ ୟେଲୋ କାର୍ଡ ପାଇଥିଲେ।



ବିଜୟରେ ଉଲ୍ଲସିତ ତାମିଲନାଡୁ ଡ୍ରାଗନ୍ସ ଦଳର ଖେଳାଳିମାନେ।






# ଖୋ ଖୋ ବିଶ୍ୱକପ୍ ଉଦ୍‌ଘାଟିତ

**ନୂଆଦିଲ୍ଲୀ, ୧୩।୧ (ପି.ଟି.):** ଖୋ ଖୋ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ଏଠାରେ ସୋମବାରଠାରୁ ଆରମ୍ଭ ହୋଇଛି। ଏକ ଚିତ୍ତାକର୍ଷକ ଉତ୍ସବରେ ଉପରାଷ୍ଟ୍ରପତି ଜଗଦୀପ ଧନକର ପ୍ରଦୀପ ପ୍ରଜ୍ୱଳନ ସହ ଏହି ଇଭେଣ୍ଟର ବିଧିବଦ୍ଧ ଶୁଭାରମ୍ଭ କରିଥିଲେ। ଇନ୍ଦିରାଗାନ୍ଧୀ ଷ୍ଟାଡିୟମରେ ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଓ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସଭାପତି ପି.ଟି. ଉଷାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସମୂହ ଏବଂ ହଜାର ହଜାର ସଂଖ୍ୟାରେ ଖେଳପ୍ରେମୀ ଉପସ୍ଥିତ ଥିଲେ। ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଟୁର୍ନାମେଣ୍ଟର ଉଦ୍‌ଘାଟନ ହୋଇଥିଲା। ବିଶ୍ୱକପ୍‌ରେ ଯୋଗଦେଇଥିବା ବିଭିନ୍ନ ଦେଶର ଖେଳାଳିଙ୍କର ଏକ ମାର୍ଚ୍ଚପାଷ୍ଟ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ରକ୍ଷା ଖଡ୍‌ସେ, ଦିଲ୍ଲୀର ଲ୍ୟୁଟ୍‌ନାଣ୍ଟ ଗଭର୍ନର ଭିନାଇ କୁମାର ସାକ୍‌ସେନା, ଜମ୍ମୁ କଶ୍ମୀର ଲ୍ୟୁଟ୍‌ନାଣ୍ଟ ଗଭର୍ନର ମନୋଜ ସିହ୍ନା, ରାଜ୍ୟ ସଭା ସଦସ୍ୟ ରାଜୀବ ଶୁକ୍ଲା ଏବଂ ଇଣ୍ଟରନ୍ୟାଶନାଲ ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ (କେକେଏଫ୍‌ଆଇ) ସଭାପତି ସୁଧାଂଶୁ ମିତ୍ତଲ ଅନ୍ୟତମ ଥିଲେ। ଉପରାଷ୍ଟ୍ରପତି ଧନକର ତାଙ୍କର ଅଭିଭାଷଣରେ ପ୍ରତିଯୋଗିତାରେ ଭାଗ ନେଇଥିବା ୨୩ଟି ଦେଶର ଉଭୟ ପୁରୁଷ ଓ ମହିଳା ପ୍ରତିଯୋଗୀଙ୍କୁ ସ୍ୱାଗତ କରିଥିଲେ। ସମଗ୍ର ବିଶ୍ୱ ଖୋ ଖୋ ଉତ୍ସବର ପାଳନ କରୁଥିବା ମନେହେଉଛି ବୋଲି କହିଥିଲେ। ଏହି ସ୍ୱଦେଶୀ ଖେଳ ଦିନେ ନା ଦିନେ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚିବ। କ୍ରୀଡ଼ାମନ୍ତ୍ରୀ ମାଣ୍ଡବ୍ୟ କହିଥିଲେ, ଭବିଷ୍ୟତରେ ଖୋ ଖୋକୁ ଏସିଆନ ଗେମ୍ସରେ ସାମିଲ କରିବା ଲାଗି ସେ ଅଲିମ୍ପିକ କାଉନ୍‌ସିଲ ଅଫ୍ ଏସିଆକୁ ଚିଠି ଲେଖିଛନ୍ତି। ଭାରତ ଏହି ଚମତ୍କାର ଟୁର୍ନାମେଣ୍ଟର ଆୟୋଜନ କରୁଥିବାରୁ ମୁଁ ଗୌରବାନ୍ୱିତ ମନେ କରୁଛି। ଭାରତରେ ଜନ୍ମ ନେଇଥିବା ଖୋ ଖୋ ବର୍ତ୍ତମାନ ବିଶ୍ୱର ୫୦ରୁ ଊର୍ଦ୍ଧ୍ୱ ଦେଶରେ ଖେଳାଯାଉଛି। ଖୋ ଖୋ ଖୁବ୍‌ଶୀଘ୍ର ଏସିଆନ ଗେମ୍ସ ଓ ଅଲିମ୍ପିକ୍ସରେ ସ୍ଥାନ ପାଇବ ବୋଲି ମୁଁ ଆଶା କରୁଛି।


Hero

ବୁଝାମଣା ନାହିଁ
କେବଳ ନୂଆ HF-Deluxe



HF Deluxe
ସେଲ୍ଫ
₹67,400* ରୁ ଆରମ୍ଭ

ଜବରଦସ୍ତ ମାଇଲେଜ୍ XSENS FI | ଅଦ୍ଭୁତ ମଜବୁତ କର୍ବ ୱେଟ୍ 112 କିଲୋ | ଜବରଦସ୍ତ ପାୱାର 5.9 kW | USB ଚାର୍ଜର# | କମ ମେଣ୍ଟେନାନ୍ସ ଖର୍ଚ୍ଚ | କମ ଡାଉନ ପେମେଣ୍ଟ ₹7999^

INDIA'S FIRST 5 YEAR WARRANTY* *Conditions apply

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ^Finance offer is at the sole discretion of the Financier, subject to its respective T&Cs. Available at select dealerships. #USB charger is available as an accessory. *Ex showroom price of HF Deluxe Self in Bhubaneswar, Odisha.

ଟୋଲ ଫ୍ରି 1800 266 0018

**Authorized Dealers:** **Bhubaneswar:** Rohan Hero - 9289922474, Bharat Hero - 9289922180, DD Hero - 0674-2747448 / 9439650824, Arundhati Hero - 9289923183, **Cuttack:** JMG Hero - 9289922178, Sunny Hero - 9289922697, Essen Hero - 9289923078, **Angul:** Parbati Hero - 9289922902, **Balasore:** Neelam Hero - 9289922519, **Baripada:** Aditya Hero - 7799766370, **Bhadrak:** Sanjib Hero - 9289922608, **Chandikhol:** S. K. Hero - 9289922900, **Jajpur Road:** Soumik Hero - 9289922611, **Jaleswar:** Sai Hero - 9289922844, **Jatni:** Vishal Hero - 9289922984, **Keonjhar:** Supreme Hero - 9289922182, **Nayagarh:** Bhagabati Hero - 9289922687, **Puri:** Sanjib Hero - 9289923107, **Behrampur:** Lakshmi Motors, Dharma Nagar - 9289922184, Lakshmi Automotives, Gajapati Nagar - 9289923187, **Jeypore:** Supreme Hero - 9289922183, **Phulbani:** Narayani Hero - 9289922991, **Raygada:** Ajit Hero - 9289922819, **Bargarh:** Aakash Hero - 9289922181, **Bhawanipatna:** Arundhati Hero - 9289922837, **Bolangir:** Arundhati Hero - 9289923033, **Jharsuguda:** Vijaylaxmi Hero - 9289922595, **Rourkela:** Dua Hero - 9289922179, **Sambalpur:** Sri Shyam Hero - 9289922484, **Sonepur:** Jai Jawan Hero - 9289922800, **Sundergarh:** Robotech Hero - 9289923063, **Dhenkanal:** Som Hero - 9289922614, **Talcher:** Tarini Hero- 9289922736, **Jagatsinghpur:** Sunny Autobikes - 8455004731, **Authorized Hero Sure Dealers:** **Bhubaneshwar:** Arundhati Motobikes - 7682841658, **Rourkela:** Dua Motors - 6372753989, **Jeypore:** Supreme Sales - 8144822656, **Associate Dealers:** **Rahama:** Sarala Automobiles - 9937018532, **Nimapara:** Basudev Automobiles - 9861020724, **Pipili:** Shri Ram Motors - 9437110789, **Khamakhyanagar:** Reliance Automobiles - 9938435743, **Chendipada:** Tara Motors - 8018339414, **Balugaon:** Mahamayee Motors - 9437004624, **Khurdha:** Dinesh Trading Co. - 9778097876, **Sakhigopal:** Sai Motors - 9439765820, **Begunia:** Rashmi Automobiles - 9178316145, **Laxmipur:** Tarini Motors - 7205862853, **Rajgangpur:** Kedia & Kedia - 9437152881, **Brajrajnagar:** Bina Motors - 9861078290, **Belpahar:** Varsha Motors - 9437058417, **Deogarh:** Jindal Motors - 9437056659, **Bamra:** Choudhury Motors - 9938274720, **Baliapal:** Baba Motors - 8093603116, **Soro:** Twinkle Motors - 9861594852, **Kendrapara:** Baishnabi Motors - 9437089454/9853471301, **Barbil:** Wheels Motors - 9776931870, **Pattamundai:** Mishra Auto - 9853843713, **Basta:** Shivam Motors - 7735958754, **Rairangpur:** Maa Sakambari Motors - 7008581719, **Khuakia:** Binayak Automobiles - 9090444379, **Jajpur Town:** Ayush Automobiles - 9556189870, **Mayurbhanj:** Jk Motors - 9040909925, **Semiliguda:** K P Enterprises - 9437233464, **Parlakhemundi:** Preetam Enterprises - 9438685535, **Nabarangpur:** Arun Sales & Service - 9437174795, **Bhanjanagar:** Rebati Motors - 9438279794/9937015509, **Narsinghpur:** Ambika Motocorp - 9861811411, **Gunpur:** M/s Sai Sharan Automobiles - 9437234012, **Malkangiri:** Kanishka Automobiles - 9437181980, **Kotpad:** Shai Automobiles - 7205593156, **Umerkote:** Bharat Sales - 9937455659/9777765563, **Junagarh:** Shree Bimala, Motors - 9668287479, **Rajakhariar:** Jagdamba Auto Combines - 9937002262, **Boudh:** Bansal Auto - 9437062948, **Nuapada:** Maruti Auto - 9178014999, **Padampur:** Debesh Motors - 9437253970, **Barpalli:** Durga Motors - 9861265979, **Titlagarh:** Sneha Motors - 9853925879, **Mayurbhanj:** Mahaveer Motors - 7326872255/9853290346, **Baliguda:** Sai Automobiles - 9827843657, **Patrapur:** Ronak Motors - 9030985084, **Balipatna:** M/S Jagannath Motors - 7064309702, **Kalimela:** Laxminiyati Motors - 9861002055, **Chandpur:** Apsara -9861418161, **Subdega:** JDJ Automobiles - 8018714096, **Bissam cuttack:** Patnaik Motors - 7008615208, **Basudevpur:** Bidyalalita Automobile - 9827487072, **Telkoi:** Panchamukhi Motors - 9717004926, **Tikabali:** M/S Maa Rudrakali Automobiles - 7846961367, **Kamrda:** Siddhivinayak Motors - 7208675074, **Jagdalpur:** Kiran Sales - 9827654949, **Kesinga:** Annapurna Automobile - 7978787287, **M.Rampur:** Aruna Automobiles - 8114331356.

VML.5794.2025 ORI



DSPL-320

national health authority



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଆୟୁଷ୍ମାନ ଭାରତ
ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା
ଓ
ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର
ସମନ୍ୱିତ କାର୍ଯ୍ୟାନ୍ୱୟନ ନିମନ୍ତେ ୧୩ ଜାନୁଆରୀ ୨୦୨୫, ନୂଆଦିଲ୍ଲୀ ଠାରେ
ବୁଝାମଣା ପତ୍ର ସ୍ୱାକ୍ଷରିତ

ଗରିମାମୟ ଉପସ୍ଥିତି

ଶ୍ରୀ ଜେ. ପି. ନଡ୍ଡା
କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ରସାୟନ ଓ ସାର ମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ
କେନ୍ଦ୍ର ଶିକ୍ଷା ମନ୍ତ୍ରୀ

ଶ୍ରୀ ଜୁଏଲ୍ ଓରାମ
କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ

ଶ୍ରୀ ଅଶ୍ୱିନୀ ବୈଷ୍ଣବ
କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ ତଥା ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ

ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଡ଼. ମୁକେଶ ମହାଲିଙ୍ଗ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR-10001/13/0024/2425